


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 62 | ଭାଗ ୩୪ | ସଂଖ୍ୟା ୬୨ | Bhubaneswar | Sunday 25 May 2025 | Page 8 Rs. 4.00 | ● ଭୁବନେଶ୍ୱର ରବିବାର ୨୫ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ରାଜଧାନୀରେ ଗଡ଼ିବ ହାଇଡ୍ରୋଜେନ ବସ୍



● ଟ୍ରାଫିକ୍ ଭିଡ଼ ଏଡ଼ାଇବାକୁ ନିର୍ମାଣ ହେବ ଓଭରବ୍ରିଜ
● ସୂଚନା ଦେଲେ ନଗର ଉନ୍ନୟନ ମନ୍ତ୍ରୀ

**ଭୁବନେଶ୍ୱର,୨୪।୫(ସଂଚାର ବ୍ୟୁରୋ):** ଆଗାମୀ ଦିନରେ ରାଜଧାନୀ ଭୁବନେଶ୍ୱରରେ ହାଇଡ୍ରୋଜେନ ବସ୍ ଚଳାଚଳ କରିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ଯାତ୍ରୀଙ୍କ ପରିବହନ କାର୍ଯ୍ୟରେ ୩ଟି ହାଇଡ୍ରୋଜେନ୍ ବସ୍ ବ୍ୟବହୃତ ହେବ ବୋଲି କହିଛନ୍ତି ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର। ତାଙ୍କ କହିବାନୁସାରେ, ରାଜ୍ୟରେ ବ୍ୟାଟେରୀଚାଳିତ ଗାଡ଼ିର ବ୍ୟାପକ ପ୍ରସାର ଉଦ୍ଦେଶ୍ୟରେ ଏହି ବସ୍ ଚଳାଚଳ ଆରମ୍ଭ କରିବା। ଏ ସଂକ୍ରାନ୍ତରେ ଚୁକ୍ତିନାମା ମଧ୍ୟ ସ୍ୱାକ୍ଷରିତ ହୋଇସାରିଛି। ବୋଲି ମନ୍ତ୍ରୀ କହିଛନ୍ତି।

ଏହି ବସ୍ ଚଳାଚଳରେ ଟ୍ରାଫିକ୍ ଭିଡ଼ କୌଣସି ପ୍ରକାର ଅନ୍ତରାୟ ସୃଷ୍ଟି କରିବାର ଆଶଙ୍କା ଥିବାରୁ ଏହାକୁ ଏଡ଼ାଇବା ସକାଶେ ରାଜଧାନୀର ଜନଗହଳିପୂର୍ଣ୍ଣ ସ୍ଥାନରେ ଓଭର ବ୍ରିଜ୍ ନିର୍ମାଣ ହେବ। ଏନେଇ ପୂର୍ତ୍ତ ବିଭାଗ ସହ ଆଲୋଚନା ମଧ୍ୟ ହୋଇଛି। ପୂର୍ବରୁ ମୁଖ୍ୟମନ୍ତ୍ରୀ ଏନେଇ ବୈଠକ କରିଛନ୍ତି। ପ୍ରାରମ୍ଭିକ ଭାବେ ନନ୍ଦନକାନନ ରୋଡ ଓ କଳ୍ପନା ରୋଡରେ ଓଭରବ୍ରିଜ ନିର୍ମାଣ ହେବ। ଡିପିଆର ପ୍ରସ୍ତୁତ କରିବା ସକାଶେ ବିଭାଗ ପକ୍ଷରୁ ମଧ୍ୟ ପଦକ୍ଷେପ ଆରମ୍ଭ ହୋଇଥିବା ମନ୍ତ୍ରୀ ଡ. ମହାପାତ୍ର କହିଛନ୍ତି।



ସୂଚନାଯୋଗ୍ୟ ଯେ ଗତ ବର୍ଷ ମନ୍ତ୍ରୀ ଡ. ମହାପାତ୍ର କହିଥିଲେ ➪ପୃଷ୍ଠା-୬

### ନୀତି ଆୟୋଗ ଗଭର୍ଣ୍ଣିଂ କାଉନ୍‌ସିଲ୍ ବୈଠକରେ ମୋଦି ମନ୍ତ୍ର

## ଲକ୍ଷ୍ୟ ପୂରଣ ପାଇଁ ଟିମ୍ ଇଣ୍ଡିଆ ଭଳି କାମ କର



● 'ଗୋଟିଏ ରାଜ୍ୟ, ଗୋଟିଏ ବିଶ୍ୱସ୍ତରୀୟ ଲକ୍ଷ୍ୟ'କୁ ଗୁରୁତ୍ୱ
● ପରିବର୍ତ୍ତନ ଜନଆନ୍ଦୋଳନରେ ପରିଣତ ହେବା ଉଚିତ
● ଦୂରେଇ ରହିଲେ ମମତା ଓ ନୀତୀଶ

**ନୂଆଦିଲ୍ଲୀ,୨୪।୫:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର 'ବିକଶିତ ଭାରତ ପାଇଁ ବିକଶିତ ରାଜ୍ୟ ୨୦୪୭' ବିଷୟବସ୍ତୁ ଉପରେ ଦଶମ ନୀତି ଆୟୋଗ ଗଭର୍ଣ୍ଣିଂ କାଉନସିଲ ବୈଠକର ଅଧକ୍ଷତା କରିବା ସହ ଏଥିରେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ପ୍ରତ୍ୟେକ ରାଜ୍ୟ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳ ବିକଶିତ କରିବା ଉଚିତ ଓ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ଉପରେ ଧ୍ୟାନ ଦେବା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଛନ୍ତି।

ସେ କହିଛନ୍ତି ଯେ ଭାରତରେ ସହରୀକରଣ ବେଶ୍ ଦ୍ରୁତ ଗତିରେ ବଢ଼ିଚାଲିଛି। ତେଣୁ ଆମେ ଭବିଷ୍ୟତ ପାଇଁ ସହରଗୁଡ଼ିକୁ ପ୍ରସ୍ତୁତ କରିବା ଦିଗରେ କାମ କରିବା ଉଚିତ। ବିକାଶ, ନବସୃଜନ ଏବଂ ସ୍ଥିରତା ଆମ ସହରଗୁଡ଼ିକର ଅଭିବୃଦ୍ଧିର ଇଞ୍ଜିନ ହେବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିବା ସହ 'ଗୋଟିଏ ରାଜ୍ୟ, ଗୋଟିଏ ବିଶ୍ୱସ୍ତରୀୟ ଲକ୍ଷ୍ୟ' ସମ୍ପର୍କରେ ଆଲୋଚନା କରିଛନ୍ତି।

ଦଶମ ଗଭର୍ଣ୍ଣିଂ କାଉନସିଲ ବୈଠକରେ ପ୍ରଧାନମନ୍ତ୍ରୀ ମୋଦି ଆହୁରି କହିଛନ୍ତି ଯେ ଆମକୁ ଏପରି କାମ କରିବାକୁ ପଡ଼ିବ ଯେ ଆମର ନୀତିଗୁଡ଼ିକର କାର୍ଯ୍ୟାନ୍ୱୟନ ସାଧାରଣ ନାଗରିକଙ୍କ ଜୀବନରେ ପ୍ରକୃତ ପରିବର୍ତ୍ତନ ଆଣିପାରିବ। ଯେତେବେଳେ ଲୋକେ ସେହି ପରିବର୍ତ୍ତନକୁ ଅନୁଭବ କରିବେ, ସେତେବେଳେ ହିଁ ଉକ୍ତ ପରିବର୍ତ୍ତନ ଶକ୍ତିଶାଳୀ ହୋଇ ଏକ ଜନଆନ୍ଦୋଳନରେ ପରିଣତ ହେବ। ୧୪୦ କୋଟି ଦେଶବାସୀଙ୍କ ଆକାଂକ୍ଷା ପୂରଣ କରିବା ପାଇଁ ଆମ ପାଖରେ ଏକ ଦଳ ଭାବେ ମହାନ ସୁଯୋଗ ରହିଛି। ଟିମ୍ ଇଣ୍ଡିଆ ଭଳି କାର୍ଯ୍ୟ କଲେ ଆମର ସବୁ ଲକ୍ଷ୍ୟ ସମ୍ଭବପର ହୋଇପାରିବ। ଯଦି କେନ୍ଦ୍ର ଓ ସମସ୍ତ ରାଜ୍ୟ ଏକାଠି ହୋଇ ଟିମ୍ ଇଣ୍ଡିଆ ପରି କାମ କରନ୍ତି, ତା'ହେଲେ ଆଗାମୀ ଦିନରେ କୌଣସି ଲକ୍ଷ୍ୟ ଆଦୌ ଅସମ୍ଭବ ଲାଗିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଭୂମିକା ବୃଦ୍ଧି ପ୍ରସଙ୍ଗରେ ମଧ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଆମକୁ ଆମର କର୍ମକ୍ଷେତ୍ରରେ ମହିଳାମାନଙ୍କୁ ସାମିଲ ➪ପୃଷ୍ଠା-୬

## ଓଡ଼ିଶା ହେବ ଭାରତର ବିକାଶ ଇଞ୍ଜିନ

### ବିକାଶର ନୀଳନକ୍ସା ଦେଲେ ମୁଖ୍ୟମନ୍ତ୍ରୀ
### ଲକ୍ଷପତି ଦିଦି ସୃଷ୍ଟିରେ ରାଜ୍ୟର ରେକର୍ଡ



**ଭୁବନେଶ୍ୱର,୨୪।୫(ସଂଚାର ବ୍ୟୁରୋ):** ଏକାଠି ହୋଇ କାମ କରିବେ କେନ୍ଦ୍ର ଓ ରାଜ୍ୟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ହଁ ଭରିଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏଥିସହିତ ନୀତି ଆୟୋଗଙ୍କ ପରିଚାଳନା କାଉନସିଲ ବୈଠକରେ ଓଡ଼ିଶା ବିକାଶର ନୀଳନକ୍ସା ରଖିଛନ୍ତି। ଡବଲ ଇଞ୍ଜିନ ସରକାରରେ ସମୃଦ୍ଧ ଓଡ଼ିଶା-୨୦୩୬ ଲକ୍ଷ୍ୟ ହାସଲ ପାଇଁ କେନ୍ଦ୍ରର ସହଯୋଗ ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ । ନୀତି ଆୟୋଗ ବୈଠକରେ ଯୋଗ ଦେଇ ସମୃଦ୍ଧ ଓଡ଼ିଶା-୨୦୩୬ର ବ୍ଲୁ-ପ୍ରିଣ୍ଟ ରଖିଛନ୍ତି ମୁଖ୍ୟମନ୍ତ୍ରୀ। ଓଡ଼ିଶାବାସୀଙ୍କ ପାଇଁ ୨୦୩୬ ସୁଦ୍ଧା ୫୦୦ ବିଲିୟନ ଓ ୨୦୪୭ ସୁଦ୍ଧା ୧.୫ ଟ୍ରିଲିୟନ ଅର୍ଥନୀତିର ସ୍ୱପ୍ନ ଦେଖିଛନ୍ତି ମୁଖ୍ୟମନ୍ତ୍ରୀ। ୧୧ ମାସର ଶାସନରେ ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ବିକାଶର ଅନେକ ପାହାଚ ଚଢ଼ିଛି। ସଫଳତାର ଫର୍ଦ୍ଦ ଓଲଟାଇ ମୋହନ କହିଛନ୍ତି ଯେ ୧ କୋଟି ମହିଳାଙ୍କ ସଶକ୍ତିକରଣର ବଡ଼ ମାଧ୍ୟମ ସାଜିଛି ସୁଭଦ୍ରା। ୧୬ ଲକ୍ଷ ➪ପୃଷ୍ଠା-୬

### 'ସକ୍ଷମ-୨୦୨୫'ରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## ସମ୍ବଲପୁର ହେବ ଷ୍ଟାର୍ଟଅପ୍ ହବ୍

● ଏଫପିଓ, ଉଠା ବ୍ୟବସାୟୀ ଏବଂ ଲକ୍ଷପତି ଦିଦି ସହ ଯୋଡ଼ି ହୁଅନ୍ତୁ ସିଏ
● ଆଇଆଇଏମ ସମ୍ବଲପୁରକୁ ସବୁଜ ବନାଞ୍ଚଳ କରାଯାଉ



**ସମ୍ବଲପୁର,୨୪।୫(ସଂଚାର ବ୍ୟୁରୋ):** ଦେଶରେ ଚାଟାର୍ଡ ଆକାଉଣ୍ଟାଣ୍ଟ୍ (ସିଏ) ସମୁଦାୟ ବୃଦ୍ଧି ପାଇଲେ ବ୍ୟବସାୟ ବୃଦ୍ଧି ପାଇବ। ଏହି କମ୍ୟୁନିଟିର ବନ୍ଧୁମାନେ କୃଷି ଉତ୍ପାଦ ସଂଗଠନ ତଥା ଏଫପିଓ, ଉଠା ବ୍ୟବସାୟୀ ଓ ଲକ୍ଷପତି ଦିଦି ଭଳି ବିଷୟ ସହ ଯୋଡ଼ିହେବା ଦରକାର। ସେମାନଙ୍କ ଆର୍ଥିକ ବ୍ୟବସ୍ଥା ବଢ଼ିଲେ ହିଁ ଆମର ବ୍ୟବସାୟରେ ଅଭିବୃଦ୍ଧି ଘଟିବ। ଆଗାମୀ ଦିନରେ ସମ୍ବଲପୁରକୁ ଷ୍ଟାର୍ଟଅପ୍ ହବ୍ ଭାବେ ପ୍ରତିଷ୍ଠା କରିବା ଲକ୍ଷ୍ୟ ରହିଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆଜି ଶ୍ରୀ ପ୍ରଧାନ ଆଇଆଇଏମ ସମ୍ବଲପୁରରେ ଇନଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆ (ଆଇସିଏଆଇ)ର ଉପ-ଆଞ୍ଚଳିକ ସମ୍ମିଳନୀ 'ସକ୍ଷମ-୨୦୨୫'ର ଉଦଘାଟନୀ ଅଧିବେଶନରେ ଯୋଗଦେଇ ସିଏ ସମୁଦାୟକୁ ଉପରୋକ୍ତ ପରାମର୍ଶ ଦେଇଛନ୍ତି। ଏହି ନିଆରା କର୍ମଶାଳାରେ ସାରା ଦେଶରୁ ଯୋଗଦେଇଥିବା ଚାଟାର୍ଡ ଆକାଉଣ୍ଟାଣ୍ଟ ଓ ଅତିଥିମାନଙ୍କୁ ସ୍ୱାଗତ କରିବା ସହ ଶ୍ରୀ ପ୍ରଧାନ 'ସକ୍ଷମ୍-ବୃତ୍ତିଗତଙ୍କୁ ସଶକ୍ତ କରିବା, ପ୍ରଗତିକୁ ସକ୍ଷମ କରିବା' କଥାବସ୍ତୁ ଉପରେ ଆୟୋଜିତ ସମ୍ମିଳନୀକୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି ଯେ ଦେଶର ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସିଏମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହି କ୍ଷେତ୍ରର ଅଭିଜ୍ଞ ବ୍ୟକ୍ତିମାନଙ୍କ ଯୋଗଦାନ ଦେଶକୁ ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ କରିପାରିଛି। ଆଗାମୀ ଦିନରେ ଏହି କ୍ଷେତ୍ରରେ ଭାରତର ସ୍ଥାନ ତୃତୀୟ ହେବ। ବିଶ୍ୱରେ ଭାରତର ପରିଚୟ ଆହୁରି ସମୃଦ୍ଧ ହେବ। ନରେନ୍ଦ୍ର ମୋଦି ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଯିଏକି ଦେଶର ୱେଲ୍‌ଥ କ୍ରିଏଟରଙ୍କୁ ସଠିକ୍ ସମ୍ମାନ ଦେଇଛନ୍ତି। ଆମେ ୨୦୩୬ ସୁଦ୍ଧା ଓଡ଼ିଶାରେ ୧୦୦ କ୍ୟୁବର ଲକ୍ଷ୍ୟ ରଖିଛୁ, ଯେଉଁଥିରେ ପ୍ରତ୍ୟେକ ଷ୍ଟାର୍ଟଅପର ଆନୁମାନିକ ମୂଲ୍ୟ ୧୦୦ କୋଟି ଟଙ୍କା ହେବାର ଯୋଜନା ରହିଛି। ଏଥିପାଇଁ ଏକ ସକ୍ଷମ ଇକୋସିଷ୍ଟମ ➪ପୃଷ୍ଠା-୬

## କେରଳ ଛୁଇଁଲା ମୌସୁମୀ




**ନୂଆଦିଲ୍ଲୀ, ୨୪।୫:** ପାଣିପାଗକୁ ନେଇ ସବୁଠୁ ବଡ଼ ଖବର । ଆଜି ଆଗୁଆ କେରଳ ଛୁଇଁଛି ମୌସୁମୀ। ଆକଳନର ୮ ଦିନ ପୂର୍ବରୁ କେରଳ ଛୁଇଁଛି ପଶ୍ଚିମ ମୌସୁମୀ ବାୟୁ । ଜୁନ୍ ୧ରେ ମୌସୁମୀ କେରଳ ଛୁଇଁବା ନେଇ ହୋଇଥିଲା ଆକଳନ। ହେଲେ ସପ୍ତାହେ ପୂର୍ବରୁ ଆସିବା ସହ ୧୬ ବର୍ଷ ପରେ ସଅଳ ଛୁଇଁଛି ମୌସୁମୀ । ଆଗାମୀ ୨୪ ଘଣ୍ଟାରେ ଭିତରେ କେରଳ ଛୁଇଁବା ନେଇ ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଥିଲା । ତେବେ ମୌସୁମୀ ଛୁଇଁବା ପୂର୍ବରୁ କେରଳରେ ପାଗ ବଦଳିଛି । ଦୁଇ ଦିନ ହେବ କେରଳର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି। ବିଭିନ୍ନ ସ୍ଥାନରେ ବର୍ଷା ପବନରେ ଗଛ ଭାଙ୍ଗି ପଡିଛି ଏବଂ ଆଇଏମଡି ପକ୍ଷରୁ କସାରାଗୋଡ ଏବଂ କନ୍ନୁର ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। କୋଜିକୋଡେ, ୱାୟନାଡ, ମାଲାପୁରାମ, ଥ୍ରୀସୁର, ପାଲକକଡ, ଏର୍ନାକୁଲମ, ଇଡୁକି, କୋଟାୟାମ ଏବଂ ଆଲାପୁଜା ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ➪ପୃଷ୍ଠା-୬

## ଖଣି ଦୁର୍ନୀତିର ଖୋଳତାଡ଼ ପାଇଁ ୮ ଜଣିଆ ଏସଆଇଟି

**ଭୁବନେଶ୍ୱର, ୨୪।୫ (ସଂଚାର ବ୍ୟୁରୋ) :** ଖଣି ଦୁର୍ନୀତି ବିରୋଧରେ ମୁଖ୍ୟମନ୍ତ୍ରୀ କଡ଼ା ଆଭିମୁଖ୍ୟ। ସୁନ୍ଦରଗଡ଼ ଜିଲ୍ଲାର ହେମଗିରି ଓ କୋଇଡ଼ା ତହସିଲରେ ହୋଇଥିବା ବ୍ୟାପକ ବେଆଇନ୍ ଖଣି ଉତ୍ତୋଳନ ଓ କାରବାରର ତଦନ୍ତ ଭିଜିଲାନ୍ସ ଦ୍ୱାରା



କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିନିମନ୍ତେ ଭିଜିଲାନ୍ସ ପକ୍ଷରୁ ୮ ଜଣିଆ ଏସ୍ଆଇଟି ଗଠନ କରାଯାଇଛି। ଭିଜିଲାନ୍ସ ଆଇଜି ସଞ୍ଜୟ କୌଶଲଙ୍କ ନେତୃତ୍ୱରେ ଏସଆଇଟି ଗଠନ ହୋଇଛି। ସୁନ୍ଦରଗଡ଼ ➪ପୃଷ୍ଠା-୬

### ନାଟ୍ୟମଣ୍ଡପରେ ଲାଗିବ ଏସି

## ଶ୍ରୀମନ୍ଦିର ସୁରକ୍ଷା ନେଇ ଆଲୋଚନା



**ପୁରୀ,୨୪।୫(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିରର ସୁରକ୍ଷା, ଏହାର ଐତିହ୍ୟ ଓ ସଂସ୍କୃତିର ପୁନରୁଦ୍ଧାର ନେଇ ଆଜି ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗର ମହାନିର୍ଦ୍ଦେଶକ ଡକ୍ଟର ଜଦୁବେନ୍ଦ୍ର ସିଂ ରାୱତଙ୍କ ସହ ଆଲୋଚନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। ରଥଯାତ୍ରା ସମୟରେ ଗର୍ଭଗୃହ ସାଙ୍ଗକୁ ଶ୍ରୀମନ୍ଦିରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ମନ୍ଦିରର ମରାମତି କିଭଳି କରାଯିବ, ସେନେଇ ଆଲୋଚନା ହୋଇଛି। ଏଥିସହ ରତ୍ନଭଣ୍ଡାରର ବଳକା ମରାମତି କାମ ସାରିବା ଉପରେ ମଧ ଗୁରୁତ୍ୱ ଦିଆଯାଇଛି। ବୟସ୍କ ଓ ଭିନ୍ନକ୍ଷମ ଶ୍ରଦ୍ଧାଳୁଙ୍କ ପାଇଁ ଉତ୍ତର ଦ୍ୱାରରେ ରାମ୍ପ ନିର୍ମାଣ କରାଯିବ। ଏହି କାମ ଶୀଘ୍ର ସାରିବାକୁ ମୁଖ୍ୟ ପ୍ରଶାସନ ଗୁରୁତ୍ୱ ଦେଇଛନ୍ତି। ସେହିଭଳି ନାଟ୍ୟମଣ୍ଡପରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ସାଙ୍ଗକୁ ଶ୍ରୀମନ୍ଦିର ➪ପୃଷ୍ଠା-୬

## ଉପରମୁହାଁ ହେଉଛି କରୋନା



**ନୂଆଦିଲ୍ଲୀ,୨୪।୫:** ସାରା ବିଶ୍ୱକୁ ଭୟଭୀତ କରିଥିବା କରୋନା ଭାଇରସ୍ ଏବେ ପୁଣି ଥରେ ବ୍ୟାପିବାରେ ଲାଗିଛି। ଏହି କାରଣରୁ କ୍ରମାଗତ ଭାବରେ ବଢ଼ୁଥିବା ମାମଲା ଏବେ ଚିନ୍ତାର ବିଷୟ ପାଲଟିଛି। ଭାରତ ସମେତ ବିଶ୍ୱର ଅନେକ ଦେଶରେ କରୋନାର ନୂଆ ଭାରିଆଣ୍ଟ ଜେଏନ-୧ର ମାମଲା ରିପୋର୍ଟ କରାଯାଉଛି। ମହାରାଷ୍ଟ୍ର, କେରଳ, ଦିଲ୍ଲୀ, ଗୁଜରାଟ, ହରିୟାଣା ଏବଂ କର୍ଣ୍ଣାଟକରୁ ନୂଆ ନୂଆ ମାମଲା ସାମ୍ନାକୁ ଆସୁଛି। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ଏକ ପରାମର୍ଶ ଜାରି କରିଛି ଏବଂ ହସ୍ପିଟାଲଗୁଡ଼ିକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ କେବଳ ମହାରାଷ୍ଟ୍ରରେ ୪୫ଟି ନୂଆ ମାମଲା ରିପୋର୍ଟ ହୋଇଛି। ➪ପୃଷ୍ଠା-୬



### କାନ ଡେରିଆ

ଇସ୍କନ ଯେ ଆମ ଧର୍ମକୁ ମାନୁନି
ଅଦିନରେ ଯାତ୍ରା କରୁଛି
ଜଗନ୍ନାଥଙ୍କର ରଥଯାତ୍ରାକୁ ସେ
ମନଇଚ୍ଛା ଟାଣି ଦେଉଛି
ଆଇନ ଅଭାବ ଭାବୁଛି...
ଜଗାପ୍ରେମୀ ଏବେ ପ୍ରବଳ
ଚିନ୍ତାରେ
ଜଗା କିନ୍ତୁ ସବୁ ଦେଖୁଛି।

■ ଦେବାଶିଷ

## 'ଆୟୁଷ୍ମାନ୍'କୁ ବାଟବଣା କରୁଛନ୍ତି ଘରୋଇ ଡାକ୍ତରଖାନା

● ବିନା କାରଣରେ ରୋଗୀଙ୍କୁ ଫେରାଉଛନ୍ତି
● ହେଲ୍ପ ଡେସ୍କ ନ ଥିବାରୁ ରୋଗୀ ଅନ୍ଧାରରେ

**ଭୁବନେଶ୍ୱର,୨୪।୫(ସଂଚାର ବ୍ୟୁରୋ):** ଆୟୁଷ୍ମାନ ଭାରତ ଯୋଜନାର ହିତାଧିକାରୀମାନଙ୍କୁ ଏବେ କିଛି ଘରୋଇ ଡାକ୍ତରଖାନା ଏବେ ବାଟବଣା କରୁଛନ୍ତି। ରୋଗୀଙ୍କ ମୁହଁରୁ ଆୟୁଷ୍ମାନ କାର୍ଡ କଥା ଶୁଣିଲା ମାତ୍ରେ ବଡ ବଡ ରୋଗର ଚିକିତ୍ସା ଏହି କାର୍ଡ ଜରିଆରେ ହୋଇପାରିବ ନାହିଁ ବୋଲି ରୋକଠୋକ୍ ଶୁଣାଇ ଦେଉଛନ୍ତି। ଏପରିକି ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ହିତାଧିକାରୀମାନଙ୍କୁ ମଧ ଆୟୁଷ୍ମାନ କାର୍ଡ ହିତାଧିକାରୀଙ୍କ ଭଳି ବ୍ୟବହାର ଦେଖାଉଛନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରୁ କେତେକ ଘରୋଇ ହସ୍ପିଟାଲର ଏଭଳି ବ୍ୟବହାର ନେଇ ଅଭିଯୋଗ ଆସୁଥିବା ବେଳେ ଏବେ ଏହାର ଉପଚାର ନିହାତି ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି।

ବିଜେଡି ସରକାର ଅମଳରେ କାର୍ଯ୍ୟକାରୀ ହୋଇଥିବା ବିଜୁ ସ୍ୱାସ୍ଥ୍ୟ ଯୋଜନା ପରବର୍ତ୍ତୀ ସମୟରେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ନାମରେ ନାମିତ ହୋଇଥିଲା। ରାଜ୍ୟ ସରକାର ଆୟୁଷ୍ମାନ ଯୋଜନା କାର୍ଯ୍ୟକାରୀ ନେଇ କେନ୍ଦ୍ର ସରକାରଙ୍କ ସହିତ ରାଜିନାମା କରିବା ପରେ ଏବେ ପର୍ଯ୍ୟାୟ କ୍ରମେ ସମସ୍ତ ହିତାଧିକାରୀ ଆୟୁଷ୍ମାନ ଯୋଜନାରେ ସାମିଲ ହେବେ। ତେବେ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାର ହିତାଧିକାରୀମାନେ ପୂର୍ବଭଳି ସ୍ୱାସ୍ଥ୍ୟସେବା ପାଇବେ ବୋଲି ରାଜ୍ୟ ସରକାର ସ୍ପଷ୍ଟ କରିଛନ୍ତି। କିନ୍ତୁ କେତେକ ଘରୋଇ ଡାକ୍ତରଖାନା ଏବେ ରୋଗୀମାନଙ୍କୁ ଅଣଦେଖା କରୁଥିବାର ନଜର ଆସିଛି।

ପୂର୍ବରୁ ଘରୋଇ ଡାକ୍ତରଖାନାରେ ଯେଉଁଭଳି ବିଜୁ ସ୍ୱାସ୍ଥ୍ୟ ସେବା ହେଲ୍ପ ଡେସ୍କ ଥିଲା ଏବେ ଅଧିକାଂଶ ଡାକ୍ତରଖାନାରେ ଆଉ ତାହା ଦେଖିବାକୁ ମିଳୁନାହିଁ। ରୋଗୀଟିଏ ଗଲେ କେଉଁ ରୋଗ ପାଇଁ କିଭଳି ଚିକିତ୍ସା ପାଇବ, ତାହା ଜାଣିପାରୁନାହିଁ। ବହୁ କଷ୍ଟରେ ଏନେଇ ଡାକ୍ତରଙ୍କ ସହ ଆଲୋଚନା କରିବାକୁ ପଡୁଛି। ତେବେ ଯଦି ➪ପୃଷ୍ଠା-୬

### ରାତି ଅଧରେ ତଡ଼ିଦେଲା ସନସାଇନ୍

❑ଅଟୋରେ ଲଦି ଆଣିଲେ ଦୁଇ ଝିଅ
❑ଟଙ୍କା ନେଲା ପରେ ବି ରିପୋର୍ଟ ଦେଲେନି

ରାଜଧାନୀର ଜଣେ ଗୁରୁତର ରୋଗୀଙ୍କୁ ସନସାଇନ୍ ହସ୍ପିଟାଲ୍ ରାତି ଅଧରେ ଜବରଦସ୍ତି ବିଦା କରିଦେଇଛି। ଗୁରୁତର ରୋଗୀଙ୍କୁ ଯନ୍ତ୍ରଣା ଉପଶମ ପାଇଁ ନିଶା ଇଞ୍ଜେକସନ ଦେବା ପରେ ତାଙ୍କୁ ତୁରନ୍ତ ନେଇଯିବାକୁ ବାଧ କରିବାରୁ ସମ୍ପୃକ୍ତ ରୋଗୀଙ୍କ ଦୁଇ ଝିଅ ରାତି ଅଧରେ ଅଟୋରେ ଅନ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ସହ ସେଠାରେ ଅପରେସନ କରାଇଥିବା ଜଣାପଡ଼ିଛି। ଏଭଳି ଏକ ଅମାନବୀୟ ଘଟଣାର ଶିକାର ହୋଇଛନ୍ତି ଛ' ନମ୍ବର ଅଞ୍ଚଳରେ ରହୁଥିବା ଅଶ୍ୱିନୀ କୁମାର ଦାଶ। ପେଟରେ ଅସହ୍ୟ ଯନ୍ତ୍ରଣା ହେବାରୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ସେ ଦେଖାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ରେଫର କରାଯାଇଥିଲା। ହେଲେ ତାଙ୍କର ଦୁଇ ଝିଅ ତୁରନ୍ତ ତାଙ୍କୁ ନେଇ ସନସାଇନ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଅଶ୍ୱିନୀଙ୍କୁ ଏମର୍ଜେନ୍ସିରେ ଭର୍ତ୍ତି କରାଯିବା ସହ ବିଭିନ୍ନ ପରୀକ୍ଷା ନିରୀକ୍ଷା ପାଇଁ ୧୦ ହଜାର ଟଙ୍କା ନିଆଯାଇଥିଲା। ହେଲେ ଯନ୍ତ୍ରଣା କମିବା ପରିବର୍ତ୍ତେ ବଢ଼ିଥିଲା। ଏହି ସମୟରେ ଡାକ୍ତରଖାନା ପକ୍ଷରୁ ଅଶ୍ୱିନୀଙ୍କୁ ଯନ୍ତ୍ରଣା ଉପଶମ ପାଇଁ ଇଞ୍ଜେକସନ ଦିଆଯାଇଥିଲା। କିନ୍ତୁ ଦୁଇ ➪ପୃଷ୍ଠା-୬



## ଧର୍ମପରାୟଣା ବୃଦ୍ଧାଙ୍କ ପରଲୋକ



ସାଲେପୁର,୨୪।୫ (ସଂଚାର ବ୍ୟୁରୋ): ଲୁଣାହାର ଗ୍ରାମର ସ୍ୱର୍ଗତ ସଚ୍ଚିଦାନନ୍ଦ ଭୂୟାଁଙ୍କ ପତ୍ନୀ ହେମଲତା ଭୂୟାଁଙ୍କର ୮୨ବର୍ଷ ବୟସରେ ପରଲୋକ ହୋଇଯାଇଛି। ସେ ଜଣେ ଧର୍ମପରାୟଣ, ପରୋପକାରୀ, ମେଳାପୀ ବୃଦ୍ଧା ଥିଲେ। ବାର୍ଦ୍ଧକ୍ୟ ଜନିତ କାରଣରୁ ସେ ଦୀର୍ଘ ଦିନ ଧରି ଅସୁସ୍ଥ ଥିଲେ। ଆଜି ଦିନ ପ୍ରାୟ ୧ଟା ସମୟରେ ତାଙ୍କ ବାସଭବନରେ ତାଙ୍କର ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ଗୋପବନ୍ଧୁ ଭୂୟାଁ, ବ୍ରଜବନ୍ଧୁ ଭୂୟାଁ, ପୁଷ୍ପଲତା ପରିଡ଼ା, ଅନ୍ନପୂର୍ଣ୍ଣାଭୂୟାଁ, ରାଜଲକ୍ଷ୍ମୀ ଭୂୟାଁ, ଜ୍ୟୋତିକାଦିତ୍ୟ ଭୂୟାଁ, ଅରୋମିରା ଭୂୟାଁ, ଅରୋଶ୍ରୀ ଭୂୟାଁ, ବିଲିସ୍ୱା ଭୂୟାଁ ଓ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ କନିଷ୍ଠ ପୁତ୍ର ବ୍ରଜବନ୍ଧୁ ଭୂୟାଁ ମୁଖାଗ୍ନିଦେଇଥିଲେ।

# ଅସହାୟ ବୃଦ୍ଧଙ୍କୁ ଭେଟିଲେ ଗଣେଶ୍ୱର ବେହେରା

କେନ୍ଦ୍ରାପଡା,୨୪।୫ (ସଂଚାର ବ୍ୟୁରୋ): ସରକାରୀ ଅବହେଳାର ଶିକାର ହୋଇଥିବା ଅକ୍ଷମ ତଥା ଅସହାୟ ୮୧ବର୍ଷ ବୟସ୍କ ବୃଦ୍ଧ ଶ୍ରୀଧର ସାହୁଙ୍କୁ ଆଜି ତାଙ୍କ କୋରୋ ବାସଭବନରେ ଭେଟିଛନ୍ତି ଗଣେଶ୍ୱର ବେହେରା । ତାଙ୍କ ଦୁଃସ୍ଥିତି ପ୍ରତି ସମ୍ବେଦନଶୀଳ ହୋଇ ଅସହାୟତାର ହାତ ବଢାଇଛନ୍ତି । ପିନ୍ଧାବସ୍ତ୍ର ତଥା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ଅତ୍ୟନ୍ତ ଅମାନବୀୟ ପରିବେଶରେ ଶ୍ରୀ ସାହୁଙ୍କୁ ଦେଖି ଶ୍ରୀ ବେହେରା ଉଦ୍‌ବେଗ ପ୍ରକାଶ କରିଛନ୍ତି । ସଂପ୍ରତି ରହୁଥିବା ଭଙ୍ଗା ଚାଳଘରଟିକୁ ଅତିଶୀଘ୍ର ସଜାଡି ବାସ ଉପଯୋଗୀ କରିଦେବାକୁ କୋରୋ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ରଣଜିତ୍ ଜେନାଙ୍କୁ ଦାୟିତ୍ୱ ଦିଆଯାଇଛି । ଏଥି ସାଙ୍ଗକୁ ଆଉ କେତୋଟି ଆବଶ୍ୟକୀୟ ଜିନିଷ ଯୋଗାଇ ଦେବାକୁ ମଧ ନିଷ୍ପି ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି ।

ଏ ସଂକ୍ରାନ୍ତରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ ସରକାରୀ ନିର୍ଦ୍ଦେଶନାମାର ଉଲଂଘନ ହେତୁ ଏପରି ଏକ ଦୁଃଖଦାୟକ ଘଟଣା ଘଟିଲା ଓ ସାରା ଓଡିଶାରେ କୋରୋ ଗାଁର ସୁନାମରେ ଆଞ୍ଚ ଆସିଲା । ଘରେ ଯଦି ପଂଚାୟତ ଅଧିକାରୀ ଭତ୍ତା ଟଙ୍କା ଦେଇ ଥାଆନ୍ତେ ତାହେଲେ ଅଭାବନୀୟ ଘଟଣା ଘଟି ନଥାନ୍ତା। କର୍ତ୍ତବ୍ୟ ଅବହେଳା



ପାଇଁ ପଂଚାୟତ ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ଶ୍ରୀଧର ସାହୁଙ୍କ ବୟସ ୮୧ ହୋଇଥିବାରୁ ତାଙ୍କୁ ମାସିକ ୩୫୦୦ ଭତ୍ତା ନିୟମିତ ଭାବରେ ତାଙ୍କ ଘରେ ପ୍ରଦାନ ଏବଂ ବାସହୀନ ହେତୁ ପ୍ରଧାନମନ୍ତ୍ରୀ ଅନ୍ତୋଦୟ ଗୃହ ଯୋଜନାରେ ଘର ଯୋଗାଇ ଦେବାକୁ ବିଧାୟକ ମୁଖ୍ୟମନ୍ତ୍ରୀ ଓ ଜିଲ୍ଲାପାଳଙ୍କୁ ଚିଠି ଲେଖି ଦାବି ଜଣାଇଛନ୍ତି । ସ୍ଥାନୀୟ ବହୁ ବିଜେଡି ନେତା ରଣଜିତ୍ ଜେନା, ହରିପଦ ବେହେରା, ବାବାଜୀ ମଲିକ, କୃଷ୍ଣଚନ୍ଦ୍ର ମଲିକ, ଦେବାଶିଷ ବରାଳ, ସମ୍ବିତ ଶ୍ରୀଚନ୍ଦନ, ବସନ୍ତ ମଲିକ, ବାବୁଲି ମଲିକ, ହରି ସିଂହ, ନାରାୟଣ ସାମଲ, ଗଗନ ସାମଲ, ଶରତ ଚନ୍ଦ୍ର ସାମଲ, ସୌରୀ ରାଉତ, ଉଦୟନାଥ ମଲିକ, ରାମଚନ୍ଦ୍ର ସାହୁ ପ୍ରମୁଖ ଗଣେଶ୍ୱର ବେହେରାଙ୍କ ସହ ଶ୍ରୀଧର ସାହୁଙ୍କୁ ଭେଟିଥିଲେ ।

## ମଙ୍ଗଳପୁରରେ ତ୍ରିରଙ୍ଗା ଯାତ୍ରା



ମହାକାଳପଡ଼ା,୨୪।୫ (ସଂଚାର ବ୍ୟୁରୋ): ଅପରେସନ ସିନ୍ଦୂର ର ସଫଳତା ନେଇ ମହାକାଳପଡ଼ା ବ୍ଲକ ମଙ୍ଗଳପୁର ଗ୍ରାମ ପଞ୍ଚାୟତ ଠାରେ ଶୁକ୍ରବାର ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆତଙ୍କବାଦ ବିରୋଧ ଲଢ଼େଇ "ଅପରେସନ ସିନ୍ଦୂର"ର ସଫଳତାରେ ଆମ ବୀର ଓ ସାହସୀ ଯବାନମାନଙ୍କର ଶୌର୍ଯ୍ୟ, ବୀରତ୍ୱ ଓ ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଛି ବୋଲି ସ୍ଥାନୀୟ ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ଏହି ତ୍ରିରଙ୍ଗା ଯାତ୍ରା ରେ ଯୋଗ ଦେଇ ଜନସାଧାରଣ ମାନଙ୍କୁ କହିଥିଲେ। ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ତରଫରୁ ମହାକାଳପଡା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ମଙ୍ଗଳପୁର ଠାରୁ ଆରମ୍ଭ ହୋଇଥିବା ଏହି "ପରାକ୍ରମ ଶୋଭାଯାତ୍ରା" ନାରାୟଣୀ ପୀଠ ରେ ଶେଷ ହୋଇଥିଲା । ଏହି ଯାତ୍ରା ରେ ବିଜେପିଦଳର ବହୁ କାର୍ଯ୍ୟକର୍ତ୍ତା ଏବଂ ସ୍ଥାନୀୟ ଜନସାଧାରଣଙ୍କ ସହ ମହାକାଳପଡ଼ା ବିଧାୟକ ସାମିଲ ହୋଇଥିଲେ । ଅପରେସନ ସିନ୍ଦୂର' ଜରିଆରେ ଭାରତର ପରାକ୍ରମକୁ ସାରା ବିଶ୍ୱ ଦେଖିଛି ,ଭାରତର ଯବାନମାନେ ନିଜର ପରାକାଷ୍ଠା ଦେଖାଇବା ସହ ନିପୁଣତା ସହକାରେ ଆତଙ୍କବାଦୀ ତଥା ସେମାନଙ୍କୁ ପ୍ରଶୟ ଦେଉଥିବା ପାକିସ୍ତାନୀ ତତ୍ତ୍ୱ ମାନଙ୍କୁ ଉଚିତ୍ ଜବାବ୍ ଦେଇଛନ୍ତି ବୋଲି ବିଧାୟକ ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମଙ୍ଗଳପୁର ପଞ୍ଚାୟତର ସମିତି ସଭ୍ୟ ରଞ୍ଜନ କୁମାର ଚୌଧୁରୀ, ସରୋଜକାନ୍ତ ସାହୁ,ପ୍ରଶାନ୍ତ ସେଠୀ, ପ୍ରତାପ ଚନ୍ଦ୍ର ଦାସ, ତ୍ରିଲୋଚନ ରାଉତ, ଅଭୟ ପରିଡ଼ା,ଅଲେଖ ଚନ୍ଦ୍ର ପ୍ରଧାନ, ସରୋଜ କାନ୍ତ ପରିଡ଼ା, ସରପଞ୍ଚ ମଞ୍ଜୁଲତା ସାମନ୍ତରାୟ, ତ୍ରୈଲୋକ୍ୟ ବେହେରା, କୁମର କାନ୍ତ ମହାନ୍ତି, କୃଷ୍ଣ ପଦ ମଣ୍ଡଳ, ରବୀନ୍ଦ୍ର ରକ୍ଷିତ, ପବିତ୍ର ଚୌଧୁରୀ,ଅକ୍ଷୟ ଡାଲୁଆ , ଶରତ ମହାନ୍ତି,ରଶ୍ମିରଞ୍ଜନ ସାମଲ, ଅଚିନ୍ତ ମାଇତି, ସବ୍ୟସାଚୀ ମହାମଲ୍ଲ, ମଞ୍ଜୁଲତା ସାମନ୍ତରାୟ,ବଷ୍ଟି ଦେବନାଥ, ଭୀଷ୍ମ ଲେଙ୍କା,କୈଳାସ ସ୍ୱାଇଁ, ବାଦଲ ସାମନ୍ତରାୟ, ଶିଶିର ରାଉତ, ହରିଶଚନ୍ଦ୍ର ଲେଙ୍କା, ବିଚିତ୍ର ସ୍ୱାଇଁ, ଜଗବନ୍ଧୁ ଦାସ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ ।

### ଜୈବ ବିବିଧତା ଚିତ୍ରକଳା ପ୍ରତିଯୋଗିତା

## ହଂସୁଆ କଳା ପ୍ରତିଷ୍ଠାନର ଛାତ୍ର ପ୍ରଥମ




ରାଜନଗର,୨୪।୫ (ସଂଚାର ବ୍ୟୁରୋ): ଜୈବ ବିବିଧତା ଦିବସ ଅବସରରେ ଆୟୋଜିତ ଚିତ୍ରକଳା ପ୍ରତିଯୋଗିତାରେ ରାଜନଗରର ହଂସୁଆ କଳା ପ୍ରତିଷ୍ଠାନର ଛାତ୍ର ରାଜ୍ୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ରାଜ୍ୟ ଜୈବ ବିବିଧତା ବୋର୍ଡ ଦ୍ୱାରା ପରିଚାଳିତ ଭିତରକନିକା ଆଦ୍ରଭୂମି ସଲଗ୍ନ ଉଚ୍ଚ ମାଧମିକ ବିଦ୍ୟାଳୟ, ବିଭିନ୍ନ କଳା ପ୍ରତିଷ୍ଠାନର ଛାତ୍ର ଛାତ୍ରୀଙ୍କ ମଧରେ ପକୃତି ସହ ସମନ୍ୱୟ ଓ ଏହାର ସ୍ଥାୟୀ ବିକାଶ ଉପରେ ଚିତ୍ରକଳା ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ରାଜନଗର ହଂସୁଆ କଳା ପ୍ରତିଷ୍ଠାନର ଛାତ୍ର ମାଧବ ସେଠୀ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଭୁବନେଶ୍ୱର ଲୋକସେବା ଭବନରେ ଆୟୋଜିତ ଆନ୍ତର୍ଜାତୀୟ ଜୈବ ବିବିଧତା ଦିବସ କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

## ଯୁକ୍ତ ଦୁଇ କଳା ବ୍ଲକ ଟପରଙ୍କୁ ସମ୍ବର୍ଦ୍ଧନା



ରାଜନଗର,୨୪।୫ (ସଂଚାର ବ୍ୟୁରୋ): ରାଜନଗର ବ୍ଲକ ବିଜୁ ଯୁବ ଜନତା ଦଳ ତରଫରୁ ଯୁକ୍ତ ଦୁଇ କଳା ବିଭାଗର ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ମେଧାବୀ ଛାତ୍ରୀ ତଥା ରାଜନଗର ବ୍ଲକରେ ଯୁକ୍ତ ଦୁଇ କଳା ବିଭାଗରେ ସର୍ବୋଚ୍ଚ ନମ୍ବର(୫୧୫) ରଖି ଟପ୍ପର ହୋଇଥିବା ନାଗା ନାରାୟଣ ଉଚ୍ଚ ମାଧମିକ ବିଦ୍ୟାଳୟର ଛାତ୍ରୀ ସୁଶ୍ରୀ ସବିତା ଜାନାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଯୁବ ଛାତ୍ର ନେତା ପ୍ରଭାତ ସୁନିଲ ରାଉଳ, ରବୀନ୍ଦ୍ର ସିଂ, ସଞ୍ଜୟ ରାଉଳ, ଅଲେଖ ପାତ୍ର, ଜିତ ଜୟପ୍ରକାଶ, ଜଗଦୀଶ ବେହେରା ପ୍ରମୁଖ ଛାତ୍ରୀଙ୍କ ଘରେ ପହଞ୍ଚି ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି।

## ସଡକ ଦୁର୍ଘଟଣାରେ ୧ ମୃତ, ୨ ଗୁରୁତର



କେନ୍ଦ୍ରାପଡା,୨୪।୫ (ସଂଚାର ବ୍ୟୁରୋ): ଶନିବାର ଦୁହୁରିଆ ଛକ ହାଡ଼ିପୋଖରୀ ପୋଲ ସନ୍ନିକଟ ବାଇପାସ ଚାରି ଛକି ନିକଟରେ ଏକ ବାଇକ ସହିତ ହାଇୱା ମୁହାଁ ମୁହିଁ ଧକ୍କା ହେବା ଫଳରେ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଦୁଇ ଜଣ ଯୁବକ ଗୁରୁତର ଆହତ ହୋଇ ପ୍ରଥମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରେ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ କଟକ ଏସିବି ମେଡିକାଲକୁ ସ୍ଥାନାନ୍ତରଣ କରାଯାଇ ଥିବା ବିଭାଗୀୟ ଡାକ୍ତର କହିଛନ୍ତି । ଖବର ନେବାରୁ ଜଣା ପଡିଛି ଯେ ଦିବା ୨ ଘଟିକା ୩୦ ମିନିଟ ସମୟରେ ଦୁହୁରିଆ ଛକ ସ୍ଥିତ ବିଦେଶୀ ମଦ କାଉଣ୍ଟର ନିକଟରୁ ଚକ୍ରଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ମାଗୁରଗଣ୍ଡପାଟଣା ଗ୍ରାମର ରତ୍ନାକର ମହାନ୍ତିଙ୍କ ପୁଅ ଦେବେନ୍ଦ୍ର ମହାନ୍ତିଙ୍କ(୪୫)ଙ୍କ ସହିତ ସେହି ଏକା ଗ୍ରାମର ସ୍ୱର୍ଗତ ବାସୁଦେବ ବେହେରାଙ୍କ ବଡ଼ ପୁଅ ମୃତକ ବାଇନ ବେହେରା(୩୦) ଏବଂ ସାନ ପୁଅ ନବୀନ କୁମାର ବେହେରା (୨୬) ନାମକ ୩ଜଣ ଯୁବକ ଏକାଠି ମଦ କିଣି ପିଇବା ପାଇଁ ଯାଇଥିବା ବେଳେ ମଦ କାଉଣ୍ଟର ସମ୍ମୁଖରେ ସେମାନଙ୍କୁ ସଦର ଥାନାର ପିସିଆର ଗାଡିରେ ଡ୍ୟୁଟି କରୁଥିବା କିଛି ପୋଲିସ ଅଧିକାରୀ ଦେଖି ଗୋଡ଼ାଇବାରୁ ଉକ୍ତ ୩ ଜଣ ଯୁବକ ଭୟରେ ଏକ ବାଇକ ଯୋଗେ ତରବରିଆ ଭାବେ ପାରାଦ୍ୱୀପ ଅଭିମୁଖେ ଖୁବ ଦ୍ରୁତ ବେଗରେ ଯିବା ସମୟରେ ଟ୍ରକ ସହିତ ପିଟି ହୋଇ ଦୃଘଟଣାର ଶିକାର ହୋଇଥିଲେ। ଖବର ପାଇ ସଦର ଥାନା ପୋଲିସ ତତକ୍ଷଣାତ ଘଟଣା ସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକ ମାନଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ। ହେଲେ ସ୍ଥାନୀୟ ଗ୍ରାମବାସୀମାନେ ନବୁଝିବାରୁ କିଛି ସମୟ ପରେ କେନ୍ଦ୍ରାପଡ଼ା ଏସଡ଼ିପିଓଙ୍କ ସମେତ ଡେରାବିଶର ଅତିରିକ୍ତ ତହସିଲଦାର ପହଞ୍ଚି ମୃତକଙ୍କ ପରିବାରକୁ ଶବ ବ୍ୟବଚ୍ଛେଦ ଓ ସତକାର ନିମନ୍ତେ ୨୦ ହଜାର ଟଙ୍କା ପ୍ରଦାନ କରିବାରୁ ରାସ୍ତା ଅବରୋଧ ହଟିଥିବା ସଦର ଥାନା ଅଧିକାରୀ ଶ୍ରୀ ସାହୁ ଗଣମାଧମକୁ ସୂଚନା ପ୍ରଦାନ କରି କହିଛନ୍ତି ।

# ଅସରାଏ ବର୍ଷାରେ କାଦୁଅ ପଚପଚ ଜାହାଙ୍ଗିରାବାଦ ପୋଲ ରାସ୍ତା

ସାଲେପୁର,୨୪।୫ (ସଂଚାର ବ୍ୟୁରୋ): ଅସରାଏ ବର୍ଷାରେ ଜାହାଙ୍ଗିରାବାଦ ପୋଲ ସଂଯୋଗୀକରଣ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ପୋଲ ନିର୍ମାଣ ପରେ ରାସ୍ତାରେ ମାଟି ପକାଯାଇଥିବାରୁ ତାହା ଉପରେ ନାଲିଗୋଡ଼ି କିମ୍ବା ଅନ୍ୟକୌଣସି ବ୍ୟବସ୍ଥା କରାଯାଇନଥିବାରୁ ସାମାନ୍ୟ ଅସରାଏ ବର୍ଷାରେ ଏହି ମାଟି ରାସ୍ତାଟି କାଦୁଅ ପରିପୂର୍ଣ୍ଣ ହୋଇପଡ଼ିଥିବାରୁ ଲୋକମାନେ ଯାତାୟତରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନ ଧରି ଏହି ସ୍ଥାନରେ ପୋଲନିର୍ମାଣ ହୋଇଥିଲେ ମଧ ପୋଲର ଉଭୟ ପାର୍ଶ୍ୱରେ ସଂଯୋଗୀକରଣ ରାସ୍ତାରେ କେବଳ ମାଟି ପକାଯାଇଥିବାରୁ ଆଜି ଅସରାଏ ବର୍ଷାରେ ରାସ୍ତାଟି କାଦୁରେ



ପରିପୂର୍ଣ୍ଣ ହୋଇପଡ଼ିଛି। ଫଳରେ ଏହି ରାସ୍ତା ଦେଇ ସାଲେପୁର ସହରକୁ ଆସୁଥିବା ଜାହାଙ୍ଗିରାବାଦ, ଓଷଦ, ସଉରୀ, କିଶିନାପୁର, ମହନାପୁର ଆଦି ଅଞ୍ଚଳର ପଥଚାରୀମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ପ୍ରତି ପ୍ରଶାସନ ପକ୍ଷରୁ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

## ବାସୁକୀ କ୍ଷେତ୍ରର ବାର୍ଷିକ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ସାଲେପୁର,୨୪।୫ (ସଂଚାର ବ୍ୟୁରୋ): ପ୍ରତିବର୍ଷ ପରି ଚଳିତ ବର୍ଷ ବଟେଶ୍ୱର ଗ୍ରାମରେ ଥିବା ବାସୁକୀକ୍ଷେତ୍ରରେ ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବାପାଇଁ ଏକ ପ୍ରସ୍ତୁତି ବୈଠକ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। କବି ସଦାଶିବ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆସନ୍ତା ମାସ ୩ତାରିଖରୁ ୭ତାରିଖ ପର୍ଯ୍ୟନ୍ତ ଏହି ବାର୍ଷିକ ଉତ୍ସବ ପାଳନ କରାଯିବାପାଇଁ ସ୍ଥିର କରାଯାଇଥିଲା। ଏଥିରେ ଯଜ୍ଞ ଆଦି ପୂଜାକାର୍ଯ୍ୟ ଅନୁଷ୍ଠିତ ହେବା ସହ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୩ତାରିଖରେ ଅଙ୍କୁରାରୋପଣ, ୪ତାରିଖରେ କଳସ ଶୋଭାଯାତ୍ରା, ମଙ୍ଗଳା ଘଟାଧିବାସ, ଅଗ୍ନିସ୍ଥାପନ, ସୂର୍ଯ୍ୟପୂଜା, ଗୋପୂଜା, ମଣ୍ଡଳାଦିପୂଜା, ଯଜ୍ଞକର୍ମ ଆରମ୍ଭ ୭ତାରିଖ ଦିନ ଯଜ୍ଞର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯିବାପାଇଁ ସ୍ଥିର କରାଯାଇଛି। ୫ଦିନ ବ୍ୟାପୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ବିଶିଷ୍ଟ ବ୍ୟକ୍ତି ସାଧୁସନ୍ଥମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

## ଯୁକ୍ତ-୨ ଟପରଙ୍କୁ ବିଧାୟକଙ୍କ ସମ୍ବର୍ଦ୍ଧନା



କେନ୍ଦ୍ରାପଡ଼ା,୨୪।୫ (ସଂଚାର ବ୍ୟୁରୋ): ଉଚ୍ଚ ମାଧମିକ ପରୀକ୍ଷାରେ ଜିଲ୍ଲା ଟପର ହୋଇଥିବା ତଥା ଜିଲ୍ଲାପାଇଁ ଗୌରବ ଆଣିଥିବା ଲିପ୍ସା ମିଶ୍ରଙ୍କୁ ବିଧାୟକ ଗଣେଶ୍ୱର ବେହେରା ସମ୍ବର୍ଦ୍ଧିତ କରିଛନ୍ତି । କେନ୍ଦ୍ରାପଡା ବ୍ଲକ ଭାଗବତପୁର ପଂଚାୟତ ର ବଣହରା ଗ୍ରାମସ୍ଥ ସୁଶ୍ରୀ ମିଶ୍ରଙ୍କ ବାସଭବନ କୁ ଯାଇ ଶ୍ରୀ ବେହେରା ପୁଷ୍ପଗୁଚ୍ଛ,ଉତ୍ତରୀୟ ପ୍ରଦାନ ପୂର୍ବକ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସୂଚନା ଯୋଗ୍ୟ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହା ବିଦ୍ୟାଳୟ ରେ କଳା ବିଭାଗରେ ଅଧ୍ୟୟନ କରିଥିବା ଲିପ୍ସା ୫୫୦ ନଂ ରଖି ଯୁକ୍ତ-୨ ରେ କଲେଜ ଟପର ହେବା ସହ ଜିଲ୍ଲା ଟପର ହୋଇଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ସ୍ଥାନୀୟ ସରପଂଚ ପ୍ରିୟଙ୍କା ପ୍ରିୟଦର୍ଶିନୀ ନାୟକ, ଶରତ କୁମାର ସ୍ୱାଇଁ, ଅଜୟ କୁମାର ମଲିକ, ହୃଦାନନ୍ଦ ଲେଙ୍କା, ସରଫରାଜ ଖାନ, ସଙ୍ଗମ କେଶରୀ ସାମଲ, ଅନନ୍ତ କୁମାର ନାୟକ, ପ୍ରଦିପ କୁମାର ରାଉତ, ସନାତନ ମଲିକ, ଶୁଭାଶିଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଉଦ୍‌ଘାଟନ ପୂର୍ବରୁ ଶୋଚନୀୟ ମାର୍କେଟ କମ୍ପ୍ଲେକ୍ସ

ରାଜକନିକା,୨୪।୫ (ସଂଚାର ବ୍ୟୁରୋ): ପଞ୍ଚାୟତବାସୀଙ୍କ ବ୍ୟବସାୟ କରିବା ନିମନ୍ତେ ନିର୍ମାଣ ହୋଇଛି ମାର୍କେଟ କମ୍ପ୍ଲେକ୍ସ । ଏଥିପାଇଁ ପଞ୍ଚାୟତ ପ୍ରଶାସନ ପକ୍ଷରୁ ଅର୍ଥ ବରାଦ ହୋଇଛି । ଚାରି ବଖରା ପକ୍କା ଘର ବି ହୋଇଛି। ସଟର ବି ଲାଗିଛି। କେବଳ ରଙ୍ଗ ଦିଆଯାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯିବ। ହେଲେ ତା ପୂର୍ବରୁ କିନ୍ତୁ ଏହି ଚାରି ବଖରା ଦୋକାନ ଘର ଅବସ୍ଥା ବିଗିଡି ଗଲାଣି। ସଟର୍ ତଳ ପାଖ ଆବୁଡା ଖାବୁଡା ହେବା ସହିତ ବାରଣ୍ଡା ଭାଙ୍ଗି ଗଲାଣି। ପ୍ଲିନ୍ଥ୍ ତଳ ବି ଢଳେଇ ଠାରୁ ଅଲଗା ହୋଇ ଗଲାଣି। ମୋଟାମୋଟି ଭାବେ କହିବାକୁ ଗଲେ ଅତି ନିମ୍ନମାନର କାମ ଯୋଗୁ ଦୋକାନ ଘରର ଅବସ୍ଥା ଏଭଳି ହୋଇଛି ବୋଲି ଅଭିଯୋଗ ହେଉଛି ।

ରାଜକନିକା ବ୍ଲକ ଅନ୍ତର୍ଗତ ବଳରାମପୁର ପଞ୍ଚାୟତ ପକ୍ଷରୁ ଏହି ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହୋଇଛି । ଫଳକ ଲାଗିଥିଲେ ବି ଘର ଗୁଡିକରେ କେତେ ଖର୍ଚ୍ଚ ହୋଇଛି



ତାହା ଲେଖାଯାଇନାହିଁ। ତେବେ ବ୍ୟବସାୟ ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ଘର ଗୁଡିକ ବ୍ୟବହାର ହେବା ଆଗରୁ ଯଦି ଏଭଳି ଅବସ୍ଥା ହେଲାଣି ଆଗକୁ କି ଅବସ୍ଥା ହେବ ତାହା ବିଚାର ସାପେକ୍ଷ। ଓଳାଭର-ନହୁଣୀ ଛକ ମଝି ରାସ୍ତା କଡରେ ହୋଇଥିବା ଏହି ମାର୍କେଟ କମ୍ପ୍ଲେକ୍ସ କେବେ ଉଦ୍‌ଘାଟନ ହୋଇ ବ୍ୟବସ୍ଥିତ ହେବ ତାହା ଉପରେ ରହିଛି ପଞ୍ଚାୟତବାସୀଙ୍କ ନଜର। ହେଲେ ତୁରନ୍ତ ଏହି ଘର ଗୁଡିକୁ ମରାମତ କରିବାକୁ ଦାବି ହେଉଛି ।

## ଅସହାୟ ପରିବାରକୁ ସହାୟତା



କେନ୍ଦ୍ରାପଡ଼ା,୨୪।୫ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସଦର ବ୍ଲକ କଂସାର ପଂଚାୟତ କଂସାର ଗ୍ରାମର ଅସହାୟ ସ୍ୱର୍ଗତ ରମାକାନ୍ତ ପଣ୍ଡାଙ୍କ ପରିବାରକୁ କଂସାର ସାହସପୁର ଶିକ୍ଷା ନିକେତନର ୧୯୮୪ ବ୍ୟାଚର ଛାତ୍ରଛାତ୍ରୀମାନେ ୨୦ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି । ପୂରାତନ ଛାତ୍ରଚାତ୍ରୀମାନେ ସ୍ୱର୍ଗତ ପଣ୍ଡାଙ୍କ ବାସଭବନରେ ପହଞ୍ଚି ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରଥମେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏହାପରେ ତାଙ୍କ ମାନସିକ ଭିନ୍ନକ୍ଷମ ପୁଅ ଓ ଝିଅଙ୍କ ଚିକିତ୍ସା ପାଇଁ ୨୦ ହଜାର ଟଙ୍କା ଅର୍ଥରାଶି ତାଙ୍କ ପତ୍ନୀଙ୍କୁ ପ୍ରଦାନ କରିଥିଲେ। ପୁରାତନ ଛାତ୍ରଛାତ୍ରୀଙ୍କ ମଧରେ ଅମୂଲ୍ୟ ସ୍ୱାଇଁ, ଅନ୍ନପୂର୍ଣ୍ଣା ନାୟକ, ପ୍ରଫୁଲ୍ଲ ପରିଡ଼ା, ସନ୍ତୋଷ ନାୟକ, ନିର୍ମଳ ନାୟକ, ରବୀନ୍ଦ୍ର ବେହେରା, କୈଳାଶ ରାଉତ, ଦାମୋଦର ଜେନା, ଅଶୋକ ବାରିକ, ଅହଲ୍ୟା ସ୍ୱାଇଁ, ଭାରତୀ ସାମଲ, ଲତାମଣି ବେହେରା, ମଞ୍ଜୁଲତା ପ୍ରଧାନ, ଅର୍ଜୁନୀ ସାମଲ, ନାରାୟଣ ବେହେରା, ରମେଶ ସେଠୀ, ମନୋଜ ଜେନା ପ୍ରମୁଖ ସହାୟତା ପ୍ରଦାନ ବେଳେ ଉପସ୍ଥିତ ଥିଲେ ।

# କେନ୍ଦ୍ରାପଡ଼ା ଜିଲ୍ଲାରୁ ଲୋପ ପାଇବାକୁ ବସିଲାଣି ନଳିତା ଚାଷ

**● ଚାଷୀଙ୍କୁ ମିଳୁନି ସରକାରୀ ପ୍ରୋତ୍ସାହନ ● ଜରାଜୀର୍ଣ୍ଣ ଅବସ୍ଥାରେ ଝୋଟ ଗବେଷଣା କେନ୍ଦ୍ର**

କେନ୍ଦ୍ରାପଡା,୨୪।୫ (ସଂଚାର ବ୍ୟୁରୋ): ଚାଷୀଙ୍କୁ ସରକାରୀ ପ୍ରୋତ୍ସାହନ ନ ମିଳିବାରୁ କେନ୍ଦ୍ରାପଡା ଜିଲ୍ଲାରୁ ନଳିତା ଚାଷ ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ଏନେଇ କୃଷି ବିଭାଗ ଅଥବା ସରକାର କୌଣସି ପଦକ୍ଷେପ ନ ନେବା ବିଡ଼ମ୍ବନା ବୋଲି ଚାଷୀମାନେ କହିଛନ୍ତି। ଅନେକ ଚାଷୀ ନିଜ ଜମିରେ ବର୍ଷାଦିନିଆ ଅନ୍ୟ ଫସଲ ପାଇଁ ଉପଯୋଗୀ ହେଉନଥିବାରୁ ତାହାର ବିକଳ୍ପ ଭାବି ଅର୍ଥକାରୀ ଫସଲ ଭାବେ ନଳିତା କରୁଥିଲେ କିନ୍ତୁ ସରକାରୀ ଉଦାସୀନତା ଯୋଗୁଁ ହଜାର ହଜାର ଚାଷୀ ନଳିତା ଚାଷ ଛାଡ଼ି ଅନ୍ୟାନ୍ୟ ଚାଷ ସହ ଶତାଧିକ ହେକ୍ଟର ଜମିକୁ ପଡ଼ିଆ ପକାଇବାକୁ ବାଧ ହେଉଛନ୍ତି ଯାହା ଫଳରେ କିଛି ବର୍ଷ ପୂର୍ବେ କେନ୍ଦ୍ରାପଡା ଜିଲ୍ଲାରେ ନଳିତା ଚାଷରେ ସୋତନ୍ତ୍ରତା ବଜାୟ ରଖିଆସିଥିବା ଜିଲ୍ଲାର ଚାଷ ଜମି ଏବେ ବେଣାବୁଦା ଭଳି ଦୃଶ୍ୟମାନ ହେଲାଣି । ସରକାର ଓ ରାଜନେତାଙ୍କ ଉଦାସୀନତା ଯୋଗୁଁ କେନ୍ଦ୍ର ସରକାରଙ୍କ ଅଧୀନ ଝୋଟ ଗବେଷଣା କେନ୍ଦ୍ର ମଧ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଥିବା ଦେଖା ଦେଇଛି ।

ପାଇକା, ଚିତ୍ରୋତ୍ପଳା, ଲୁଣା, କରଣ୍ଡିଆ, ନଦୀ ପାଳନ୍ଦା ବ୍ୟତୀତ ଅନ୍ୟ ସମତଳ ଜମି ଏବଂ ଉପକୂଳ



ଦୋରସା ପଟୁ ମାଟିରେ ପୂର୍ବରୁ ପ୍ରଚୁର ନଳିତା ଚାଷ ହେଉଥିଲା। ସେତେବେଳେ ସରକାର ଚାଷୀମାନଙ୍କୁ ରିହାତି ମୂଲ୍ୟରେ ବିହନ, ସାର ଓ କୀଟନାଶକ ଔଷଧ ଯୋଗାଇ ଦେଉଥିଲେ । ଅଶି ଦଶକରେ କେନ୍ଦ୍ରାପଡ଼ା ଜିଲ୍ଲାର ମୁଖ୍ୟତଃ ମାର୍ଶାଘାଇ, ମହାକାଳପଡା, ଗରଦପୁର, ଡେରାବିଶ ଆଦି ଅଞ୍ଚଳରେ ରେକର୍ଡ ପରିମାଣରେ ଝୋଟ ଉତ୍ପାଦିତ ହେଉଥିଲା। ପିକରାଳି, ତାଳସଂଗ, ମାର୍ଶାଘାଇ, କସୁନପୁର, ଗରଜଙ୍ଗା, ଯଦୁପୁର, ଜୟଚନ୍ଦ୍ରପୁର, ବଡ଼କୁଳ ଆଦି ନଦୀକୂଳିଆ ପଞ୍ଚାୟତର ଚାଷୀମାନେ ସେମାନଙ୍କ ୭୦ ପ୍ରତିଶତ ଜମିରେ ନଳିତା ଚାଷ କରୁଥିଲେ। ୧୯୯୭ ମସିହାରେ ଜଜାଙ୍ଗ ସ୍ଥିତ ଏକ ଝୋଟ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା। ନଳିତା ଚାଷ ଏକ ଅର୍ଥ କାରୀ ଫସଲ ହୋଇଥିବାରୁ ଚାଷୀ ଏହାକୁ ଚାଷ କରି ଖୁବ୍ ଲାଭବାନ ହେଉଥିଲେ। ପିତା ଓ ମିଠା ନଳିତା ଏ ଅଞ୍ଚଳରେ ପ୍ରଚୁର ଚାଷ ହେଉଥିଲା। ଝୋଟ କ୍ରୟ କେନ୍ଦ୍ର ଉଭୟ କିସମ ଝୋଟକୁ ଧାର୍ଯ୍ୟ ମୂଲ୍ୟ ତାଲିକା ଅନୁସାରେ କିଣି ନେଉଥିଲେ।

ଜଣେ ଅଣ ଓଡ଼ିଆ ଅଫିସରଙ୍କ ଚକ୍ରାନ୍ତ ଯୋଗୁଁ କେନ୍ଦ୍ର ସରକାର ଅଧୀନ ଝୋଟ କ୍ରୟ କେନ୍ଦ୍ର ଅନ୍ୟତ୍ର ଉଠିଗଲା। ଲୋକ ଜଣ ପ୍ରତିନିଧି ମାନେ ଚୁପ୍ ରହିଲେ। ଚାଷୀମାନେ ଉତ୍ପାଦିତ ଝୋଟ ବିକ୍ରି କରି ନ ପାରି କ୍ଷତିରେ ପଡ଼ିଲେ। ଏହାର ସୁଯୋଗରେ ଦଲାଲମାନେ ଚାଷୀଙ୍କୁ ଶୋଷଣ କଲେ । ବହୁ ଚାଷୀ ମଧ୍ଯ ଅଭାବୀ ବିକ୍ରିର ଶିକାର ହେଲେ । ଦୀର୍ଘ ବର୍ଷ ଧରି ଚାଷୀ ମାନେ ସରକାରଙ୍କ ସହଯୋଗ ପାଇଁ ବହୁ ଦାବି ପରେ ବି କୌଣସି ଫଳପ୍ରଦ ମିଳିପାରିନାହିଁ । ସରକାର ଚାଷୀଙ୍କୁ ପ୍ରୋତ୍ସାହନ ଦେଲେ ଝୋଟ ଚାଷ ପ୍ରତି ଚାଷୀ ଆଗେଇ ଆସନ୍ତେ ବୋଲି ଚାଷୀ ଅଜୟ କୁମାର ରାଉତ, ହେମନ୍ତ ସେନାପତି, ଶରତ ଜେନା, ବିଜ୍ଞାନ ବାରିକ, ପ୍ରକାଶ ସୂତାର, ଭରତ ମିଶ୍ର, ଗଗନ ବାରିକ ପ୍ରମୁଖ କହିଛନ୍ତି। ଏବେ ବଜାରରେ ଅନେକ ଘର ସାମଗ୍ରୀ ପାଇଁ ଝୋଟର ଆବଶ୍ୟକତା ପଡୁଥିବାରୁ ସରକାର ଚାଷୀଙ୍କୁ ପ୍ରୋତ୍ସାହନ ଦିଅନ୍ତୁ ବୋଲି ସାଧାରଣ ଲୋକେ ମଧ ଦାବି କରିଛନ୍ତି ।

# ଡ୍ରେନ ସଫେଇ ସରିବ କେବେ ?

**ଭୁବନେଶ୍ୱର,୨୪।୫:** ରାଜଧାନୀରେ ଡ୍ରେନେଜ ସଫେଇ ଓ ନିର୍ମାଣ କାମ ଅଧାପନ୍ତରିଆ ଭାବେ ପଡିଥିବାରୁ ଅସରାଏ ବର୍ଷା ହେଲେ ଅନେକ ଅଞ୍ଚଳରେ ନାହିଁ ନଥିବା ସମସ୍ୟା ଉପୁଜୁଛି । ବର୍ଷାଦିନ ପୂର୍ବରୁ ସବୁ ଡ୍ରେନଗୁଡିକର ସଫେଇ ଓ ମରାମତି କାମ ସରିବା କଥା। କିନ୍ତୁ ଏଯାବତ୍ ତାହା ପୂର୍ଣ୍ଣାଙ୍ଗ ହୋଇନଥିବାରୁ ପ୍ରାକ୍ ମୌସୁମୀ ବର୍ଷାରେ ସ୍ଥିତି ବେହାଲ ହେଉଛି ।

ମୁକୁଳା ଡ୍ରେନରେ ପଡି ଗତ କିଛିବର୍ଷ ମଧ୍ୟରେ ରାଜଧାନୀରେ ଅନେକ ଛାତ୍ରଙ୍କ ସମେତ ସାଧାରଣ ଲୋକ ମୃତାହତ ହୋଇଛନ୍ତି । ଡ୍ରେନରେ ଖସି କଟକରେ ବି କଲେଜ ଛାତ୍ରୀ ମରିବାର ଉଦାହରଣ ରହିଛି । ଏହା ସତ୍ତ୍ୱେ ବର୍ଷ ବର୍ଷ ଧରି ସବୁ ମୁକୁଳା ଡ୍ରେନ ଉପରେ ଢାଙ୍କୁଣି ପକାଯାଇ ପାରିନାହିଁ । ଭୁବନେଶ୍ୱର ଲୋକସଭା ସଦସ୍ୟ ଅପରାଜିତା ଷଡଙ୍ଗୀଙ୍କ ପଳାସପଲ୍ଲୀ ସ୍ଥିତ କାର୍ଯ୍ୟାଳୟ ଠାରୁ ପ୍ରାୟ ୨ଶହ ମିଟର ଦୂରରେ ଫ୍ଲାଇଓଭର ନିକଟରେ ରହିଥିବା ମୁକୁଳା ଡ୍ରେନରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାର ନିରାକରଣ ହେଉନାହିଁ । ସେହଭଳି ଡ୍ରେନେଜ ଓ ସ୍ୱରେଜ ସଫା କରୁଥିବା ଗଙ୍ଗୁଆନାଳରୁ ଜବରଦଖଲ ହଟାଇ ଏହାକୁ ପ୍ରଶସ୍ତ ନିରାପଦ କରିବାପାଇଁ ବର୍ଷ ବର୍ଷ ଧରି ବିବୃତିବାଜି ଚାଲିଥିଲେ ବି କ୍ଷେତ୍ରରେ କିଛୁ କାମ ଆଗେଇଥିବାଭଳି ମନେ ହେଉନାହିଁ । କେବଳ ସେତିକି ନୁହେଁ, ଦୟା, ଗଙ୍ଗୁଆ, କୁଆଖାଇ ଆଦିକୁ ପ୍ରଦୂଷଣମୁକ୍ତ କରିବାଲାଗି ରାଜ୍ୟ ସରକାର ଓ ବିଏମସି ସମେତ ବିଭିନ୍ନ ସଂସ୍ଥା ବାରମ୍ବାର କହି ଆସୁଛନ୍ତି । କିନ୍ତୁ ଏଗୁଡିକ ପ୍ରଦୂଷଣମୁକ୍ତ ହେବା ପରିବର୍ତ୍ତେ ଦିନକୁ ଦିନ ଅଧିକ ପ୍ରଦୂଷିତ ହେଉଛନ୍ତି । ସ୍ୱରେଜ ଓ ଡ୍ରେନେଜ ସମସ୍ୟା ଯୋଗୁଁ ରାଜଧାନୀରେ ମଶାବଂଶ ବୃଦ୍ଧି ପାଇବା ସହିତ ବିଭିନ୍ନ କିସମର ରୋଗବ୍ୟାଧି ବଢୁଛି। ଏହା ସତ୍ତ୍ୱେ ବି ସମସ୍ୟା ଯେଉଁ ତିମିରେକୁ ସେଇ ତିମିରେ। ଅନେକ ସ୍ଥାନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପାହାଡ ଉପରେ ଶହ ଶହ ବାସଗୃହ ନିର୍ମାଣ କରାଯାଇଛି । ଏଗୁଡିକରୁ ବର୍ଷାଦିନେ ଯେଉଁ ବାଟଦେଇ ପାଣି ଆସୁଛି ତାହା ପାହାଡତଳି ଅଞ୍ଚଳରେ ଥିବା ଜନବସତି ପାଇଁ ବିପଦ ସୃଷ୍ଟି କରୁଛି । ଅନେକ ଅଞ୍ଚଳରେ ଡ୍ରେନେଜ ସଫେଇ ଠିକଣାଭାବେ ହୋଇନଥିବାରୁ ଅସରାଏ ବର୍ଷାରେ ନର୍ଦ୍ଦମା ପାଣି ଲୋକଙ୍କ ଘରେ ପଶୁଛି । ଖୋଦ ରାଜଧାନୀରେ ଏଭଳି ଦୁରବସ୍ଥା ଲାଗି ରହିଥିବାବେଳେ ରାଜ୍ୟର ଅନ୍ୟ ପୌରାଞ୍ଚଳରେ ସମସ୍ୟା କିଭଳି ଉତ୍କଟତର ହୋଇଥିବ ତାହା ସହଜରେ ଅନୁମେୟ । ରାଜଧାନୀର ଅନେକ ୱାର୍ଡରେ ଲୋକେ ପୂତିଗନ୍ଧମୟ ପରିବେଶରେ ରହୁଛନ୍ତି । ପରିସ୍ଥିତି ସୁଧାରିବା ପରିବର୍ତ୍ତେ ଡ୍ରେନରୁ ଗନ୍ଧ ଆସିବା ସ୍ୱାଭାବିକ ବୋଲି କର୍ତ୍ତୃପକ୍ଷ ହାଲୁକା ମନ୍ତବ୍ୟ ଦେଇ ସ୍ଥାନୀୟ ବାସିନ୍ଦାଙ୍କ ରୋଷର ଶିକାର ହେଉଛନ୍ତି। ଡ୍ରେନ ସଫେଇ ପାଇଁ ବିପୁଳ ଅର୍ଥ ବ୍ୟବସ୍ଥା ଥିବାବେଳେ ବର୍ଷାଦିନ ପୂର୍ବରୁ କାହିଁକି ସଫେଇ କାମ ସରୁନାହିଁ ବୋଲି ଅନେକ କର୍ପୋରେଟର ମଧ୍ୟ ଖୋଲା ପ୍ରଶ୍ନ କରୁଛନ୍ତି । ଡ୍ରେନ ସମସ୍ୟାର ସମାଧାନ ହୋଇପାରୁନଥିବାବେଳେ ରାଜଧାନୀର ବିଭିନ୍ନ ଅଞ୍ଚଳରେ ସଂଗୃହୀତ ଅଳିଆଗଦା ସମସ୍ୟାକୁ ଉତ୍କଟ କରୁଛି। ସୈନିକସ୍କୁଲ ପଛରୁ ଓ ଅନ୍ଧାରୁଆ ଅଞ୍ଚଳରୁ ଡମ୍ପିଂୟାର୍ଡ ହଟାଇବା ପାଇଁ ବିଜେପି ବିରୋଧିଦଳରେ ଥିବାବେଳେ ଆନ୍ଦୋଳନ କରୁଥିଲା। ଏବେ ରାଜ୍ୟରେ ବିଜେପି ସରକାର ପ୍ରତିଷ୍ଠାର ବର୍ଷେ ପୂରିବାକୁ ବସିଥିବା ବେଳେ ସୈନିକସ୍କୁଲ ପଛରୁ ଅଳିଆଗଦା ହଟାଇବା ପରିବର୍ତ୍ତେ ସୈନିକ ସ୍କୁଲକୁ ହଟାଇବା ପାଇଁ ଯେଉଁ ଉଦ୍ୟମ ଚାଲିଛି, ତାହାକୁ ଦଳମତ ନିର୍ବିଶେଷରେ ବିଭିନ୍ନ ମହଲରୁ ବିରୋଧ ହେଉଛି। ରାଜଧାନୀକୁ ସର୍ବାଙ୍ଗ ସୁନ୍ଦର କରିବା ଲାଗି ବର୍ଜ୍ୟବସ୍ତୁର ଠିକଣା ପରିଚାଳନା ସହିତ ନାଳ ନର୍ଦ୍ଦମାଗୁଡିକର ଯତ୍ନ ଏବଂ ଏହାର ଜଳକୁ ବିଶୋଧିତ କରି ଜଳସେଚନରେ ବିନିଯୋଗ ଲାଗି ପରିବେଶବିତ୍‌ମାନେ ଦାବି କରୁଛନ୍ତି। (ତଥ୍ୟ)

# ଆମ୍ବ ରପ୍ତାନୀ ଗାଡ଼ିର ଶୁଭାରମ୍ଭ କଲେ ଧର୍ମେନ୍ଦ୍ର

● ସମ୍ବଲପୁରର ଆମ୍ବ ଦୁବାଇ ଓ ଇଂଲଣ୍ଡ ଯିବା ପ୍ରଶଂସନୀୟ



**ସମ୍ବଲପୁର,୨୪।୫(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁର ଜେଲ ଛକ ଠାରେ ଜିଲ୍ଲା ପ୍ରଶାସନ ଏବଂ ଓରମାସ ପକ୍ଷରୁ ଆୟୋଜିତ ଆମ୍ବ ପସରା ପ୍ରଦର୍ଶନୀ ବୁଲିବା ସହ ଆମ୍ବ ରପ୍ତାନୀ ଗାଡ଼ିର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ସମ୍ବଲପୁରରେ ଉତ୍ପାଦିତ ହେଉଥିବା ଆମ୍ରପଲ୍ଲୀ, ମଲ୍ଲିକା, ଲେଙ୍ଗଡ଼ା ଓ ବାଇଗଣପଲ୍ଲୀ ଭଳି ବିଭିନ୍ନ ରକମର ସୁସ୍ୱାଦୁ ଆମ୍ବ ଓଡ଼ିଶା ସରକାରଙ୍କ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ସହଯୋଗରେ ଦୁବାଇ ଓ ଇଂଲଣ୍ଡ ଭଳି ରାଷ୍ଟ୍ରକୁ ରପ୍ତାନୀ ହେଉଛି, ଯାହା ପ୍ରଶଂସନୀୟ ଉଦ୍ୟମ । ସମ୍ବଲପୁର ଏକ କୃଷି ପ୍ରଧାନ ଅଞ୍ଚଳ । ବିଦେଶ ବଜାରରେ ଯୁଯୁମୁରା, ନାକଟିଦେଉଳ ଓ ଯମନକିରା ଅଞ୍ଚଳରେ ଉତ୍ପାଦନ ହେଉଥିବା ଆମ୍ବର ବିଶେଷ ଚାହିଦା ରହିଛି। ଏଠାରେ କୃଷକ ଉତ୍ପାଦ ସଂଗଠନ ଏବଂ ଆମ୍ବ ଚାଷୀମାନଙ୍କ ଦ୍ୱାରା ଭଲ ଆମ୍ବ ଉତ୍ପାଦନ ହେଉଛି। ଆମ୍ବ ସମେତ ସମ୍ବଲପୁରର ଧାନ, ଲଙ୍କା, ଫଳ, ପନିପରିବା ଓ ଦୁଗ୍ଧ ଏବଂ ପଶୁପାଳନକୁ ପ୍ରୋତ୍ସାହନ କରିବା ପାଇଁ ଜିଲ୍ଲା ପ୍ରଶାସନ ଏକ ବିସ୍ତୃତ ଯୋଜନା କରୁଛି। ଗ୍ରାମାଞ୍ଚଳର ଅର୍ଥନୀତିକୁ ମଜଭୁତ କରିବାକୁ ହେଲେ ଏ ସବୁ ଦିଗକୁ ଧ୍ୟାନ ଦେବାକୁ ହେବ ବୋଲି ସେ କହିଛନ୍ତି ।

## ଜାପାନ ଜାଣିଲା ପହଲଗାମ୍ ଆକ୍ରମଣର ଅସଲ କଥା

# ଟୋକିଓରେ ପାକିସ୍ତାନ ମୁଖା ଖୋଲିଲେ ଅପରାଜିତା

**ଭୁବନେଶ୍ୱର,୨୪।୫(ସଂଚାର ବ୍ୟୁରୋ):** ଜାପାନ ଜାଣିଲା ଏପ୍ରିଲ ୨୨ ପହଲଗାମ୍‌ରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣର ଅସଲ କାହାଣୀ। ବିଦେଶ ଗସ୍ତରେ ଥିବା ଭାରତୀୟ ସାଂସଦ ଓ ପ୍ରତିନିଧିମଣ୍ଡଳୀ ବିଭିନ୍ନ ରାଷ୍ଟ୍ର ଗସ୍ତ ଅବସରରେ ଜାପାନ ଗସ୍ତ କରିଛନ୍ତି । ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱରେ ଜାପାନ ଯାଇଥିବା ଟିମ୍‌ରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପ୍ରବାସୀ ଭାରତୀୟଙ୍କୁ 'ଅପରେସନ୍ ସିନ୍ଦୂର' ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି। ଭାରତୀୟ ରାଷ୍ଟ୍ରଦୂତ ସିବି ଜର୍ଜଙ୍କ ଉଦ୍ୟମରେ ଟୋକିଓରେ ପ୍ରବାସୀ ଭାରତୀୟଙ୍କୁ ନେଇ ଏକ ବୈଠକ ଆୟୋଜନ ହୋଇଥିଲା। ଏଥିରେ ପ୍ରବାସୀ ଭାରତୀୟଙ୍କ ଆଗରେ ଏପ୍ରିଲ ୨୨ରେ ଜମ୍ମୁ କାଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ କିପରି ହୋଇଥିଲା, ପାକ୍ ପ୍ରାୟୋଜିତ ଆତଙ୍କୀ କାଣ୍ଡରେ କିପରି ୨୬ ନିରୀହ ପର୍ଯ୍ୟଟକଙ୍କ ପ୍ରାଣହାନି ଘଟିଲା, ଏହା କିପରି ହୃଦୟ ବିଦାରକ ରହିଥିଲା, ସେନେଇ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ପୂରା ଘଟଣା କହିଥିଲେ। ଭୁବନେଶ୍ୱର ସାଂସଦ



ଅପରାଜିତା କହିଥିଲେ ଯେ ଚଳିତ ଶତାବ୍ଦୀର ଏହି ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ଘଟଣା। ପାକ୍ ପ୍ରାୟୋଜିତ ଆତଙ୍କବାଦୀ ସଂଗଠନ ଆକ୍ରମଣରେ ସାମିଲ ଥିବା ସ୍ପଷ୍ଟ ହେବା ପରେ ଭାରତ ପକ୍ଷରୁ 'ଅପରେସନ ସିନ୍ଦୂର' ଆରମ୍ଭ କରାଯାଇଥିଲା । ଭାରତୀୟ ମହିଳାଙ୍କ ମଥାରୁ ସିନ୍ଦୂର ଲିଭାଇ ଦେଇଥିବା ଆତଙ୍କବାଦୀଙ୍କୁ ଦମନ କରିବା ପାଇଁ, ପାକିସ୍ତାନରେ ସିଧା ଆତଙ୍କବାଦୀଙ୍କ ଗଡ଼ରେ ପଶି ପ୍ରହାର କରିଥିଲା ଭାରତ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିର୍ଦ୍ଦେଶରେ ମେ ୭ରେ ପାକିସ୍ତାନରେ ଥିବା କୁଖ୍ୟାତ ଆତଙ୍କୀ ସଙ୍ଗଠନ ଜୈସ-ଏ-ମହମ୍ମଦ ଓ ଲସ୍କର-ଏ-ତୋଇବାର ୯ ଶିବିର ଉପରେ ପ୍ରଚଣ୍ଡ ଆକ୍ରମଣ କରାଯାଇଥିଲା। ଏଥିରେ ଶତାଧିକ ଆତଙ୍କବାଦୀ ନିହତ ହୋଇଥିଲେ, କିନ୍ତୁ କୌଣସି ବେସାମରିକ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇ ନ ଥିଲା।

ଶନିବାର ଛୁଟି ଥିବାରୁ ଆପଣମାନଙ୍କ ସହ ଏକାଠି ହେବାର ସୁଯୋଗ ମିଳିଲା ବୋଲି ଖୁସି ବ୍ୟକ୍ତ କରି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ କହିଥିଲେ ଯେ ମୁଁ ଜଗନ୍ନାଥଙ୍କ ଦେଶରୁ ଆସିଛି। ଜଗନ୍ନାଥଙ୍କ ରଥକୁ ସମସ୍ତେ ମିଳିମିଶି ଆଗକୁ ଟାଣି ନିଅନ୍ତି। ସେହି ଧାରାରେ ଭାରତର ବିକାଶ ରଥକୁ ଆମେ ସମସ୍ତେ ମିଳିମିଶି ଆଗକୁ ନେବା। ପ୍ରବାସୀଙ୍କ ମଧ୍ୟରେ ଅନେକ ଓଡ଼ିଆ ଅଛନ୍ତି, ଓଡ଼ିଶାର ସାଂସଦ ଭାବେ ସେମାନଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ଶ୍ରୀମତୀ ଷଡ଼ଙ୍ଗୀ କହିଛନ୍ତି। ଏଥିସହ ସେ 'ଭାରତ ମାତା କୀ ଜୟ'ରୁ ଭାଷଣ ଆରମ୍ଭ କରିବା ସହ ସମାନ ନାରାରେ ବକ୍ତବ୍ୟ ଶେଷ କରିଥିଲେ। ଜାପାନର ଟୋକିଓରେ ପ୍ରବାସୀ ଭାରତୀୟମାନେ ମଧ୍ୟ ଶ୍ରୀମତୀ ଷଡ଼ଙ୍ଗୀଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ଆକ୍ସନ ମୋଡ୍‌ରେ ପଞ୍ଚାୟତିରାଜ ମନ୍ତ୍ରୀ

ମନରେଗା କାମ କରୁଥିବା ଜେସିବି ସିଜ୍

**ସୁବର୍ଣ୍ଣପୁର,୨୪।୫(ସଂଚାର ବ୍ୟୁରୋ):** ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ସଡ଼କ ଯୋଜନା (ଏମ୍‌ଜିମନରେଗା) କାମରେ ଲାଗିଥିବା ଜେସିବିକୁ ସିଜ୍ କରିଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ। ସମ୍ପ୍ରତି ମନ୍ତ୍ରୀ ତାଙ୍କ ସୁବର୍ଣ୍ଣପୁର ଜିଲ୍ଲା ଗସ୍ତ ସମୟରେ ଆକ୍ସନ୍ ମୋଡ୍‌କୁ ଆସିଥିବା ନଜର ଆସିଛି। ବିନିକା ବ୍ଲକ ତୁଲୁଣ୍ଡୁପାଲିଠାରେ ମନରେଗା କାମରେ ଲାଗିଥିବା ଉକ୍ତ ଜେସିବିକୁ ଜବତ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନାରେ ତିଆରି ହେଉଥିବା ରାସ୍ତାରେ ସ୍ଥାନୀୟ ଶ୍ରମିକମାନଙ୍କୁ ଅଗ୍ରାଧିକାର ଭିତ୍ତିରେ କାମ କରାଇବାର ନିୟମ ରହିଥିଲେ ହେଁ ସମ୍ପୃକ୍ତ ଠିକାଦାର ଏହାର ଉଲ୍ଲଙ୍ଘନ କରି ଜେସିବିକୁ କାମରେ ଲଗାଇଥିବାରୁ ଏନେଇ ମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି। ପଞ୍ଚାୟତିରାଜ ମନ୍ତ୍ରୀ ଶ୍ରୀ ନାଏକ ସୁବର୍ଣ୍ଣପୁର ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମନ୍ତ୍ରୀ ଏହିପରି ଏକ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ବିନିକା ଆସୁଥିବା ସମୟରେ ତୁଲୁଣ୍ଡୁପାଲି ମୁଖ୍ୟ ରାସ୍ତା କଡ଼ରେ ଅମୃତ ସରୋବର ଏବଂ କେନାଲ ରାସ୍ତାର ମାଟି କାମ ଜେସିବିରେ କରାଯାଉଥିବା ଦେଖିବାକୁ ପାଇଥିଲେ। ମନ୍ତ୍ରୀ ତୁରନ୍ତ ସେଠାରେ କାମ ବନ୍ଦ କରିବା ସହ ଜେସିବିକୁ ଜବତ କରି ପୁଲିସ ଜିମା ଦେଇଥିଲେ। ମନ୍ତ୍ରୀଙ୍କ ଏପରି ଆକ୍ସନ୍‌କୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯିବା ସହ ଏପରି ପଦକ୍ଷେପ ଦ୍ୱାରା ସମ୍ପୃକ୍ତ ଠିକାଦାରମାନେ ନିଶ୍ଚିତ ଭାବେ ମେସିନ୍ ବଦଳରେ ଶ୍ରମିକମାନଙ୍କୁ କାମ କରିବାର ଅଧିକ ସୁଯୋଗ ଦେବେ ବୋଲି ମତ ପ୍ରକାଶ ପାଉଛି।

● ଧାନର ସୁରକ୍ଷା ଦିଗରେ ପ୍ରଶାସନିକ ପଦକ୍ଷେପ

# ମଣ୍ଡିରେ ବ୍ୟାପକ ପଲିଥିନ ମହଜୁଦ ପାଇଁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୪।୫(ସଂଚାର ବ୍ୟୁରୋ):** ଚଳିତ ରବି ଋତୁରେ ରାଜ୍ୟରେ ଧାନ ସଂଗ୍ରହ ପ୍ରକ୍ରିୟା ଜାରି ରହିଛି। ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ଅଦିନିଆ ବର୍ଷା ହେଉଥିବା ବେଳେ ଖୁବଶୀଘ୍ର ପ୍ରାକ ମୌସୁମୀ ବର୍ଷା ମଧ୍ୟ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ମଣ୍ଡିରେ ଧାନର ସୁରକ୍ଷା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଏ ସମ୍ପର୍କରେ ରାଜ୍ୟ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ କେ ସୁଦର୍ଶନ ଚକ୍ରବର୍ତ୍ତୀ ଓ ସମବାୟ ସମିତି ସମୂହ ନିବନ୍ଧକ ସିଦ୍ଧାର୍ଥ ଦାସଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ପୃକ୍ତ ଜିଲ୍ଲା ଯୋଗାଣ ଅଧିକାରୀ, ସମବାୟ ସମିତି ଉପନିବନ୍ଧକ ଓ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ।

ବର୍ଷାକୁ ଦୃଷ୍ଟିରେ ରଖି ଧାନକିଣା ପ୍ରକ୍ରିୟାକୁ ଚାଲୁ ରଖିବା ସହ ଅମଳ ଧାନର ସୁରକ୍ଷା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଆବଶ୍ୟକ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ଚାଷୀମାନଙ୍କୁ ଆଗୁଆ ସଚେତନ କରାଯିବା ସହ ପାଣିପାଗ ସମ୍ପର୍କରେ ତ୍ୱରିତ ସୂଚନା ଦିଆଯାଉଛି। ଏଥିସକାଶେ ସମସ୍ତ ଜିଲ୍ଲାପାଳ ଓ ଜିଲ୍ଲା ଯୋଗାଣ ଅଧିକାରୀ ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି। ମଣ୍ଡିରେ ଗଚ୍ଛିତ ଥିବା ଧାନକୁ ଘୋଡେଇ ରଖିବା ସକାଶେ ଆବଶ୍ୟକ ପରିମାଣର ପଲିଥିନ୍ ଯୋଗାଇଦେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି। ଏଥିସହ ଅଗ୍ରାଧିକାର ଭିତ୍ତିରେ ଧାନ ଉଠାଣ ପାଇଁ ମିଲରମାନଙ୍କୁ ନିର୍ଦ୍ଦେଶ ବି ଦିଆଯାଇଛି। ଧାନର ସଂରକ୍ଷଣ ଓ ବର୍ଷାରୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ପର୍ଯ୍ୟାୟରେ ଅଧିକାରୀମାନେ ଚାଷୀମାନଙ୍କୁ ପରାମର୍ଶ ଦେଉଛନ୍ତି। ଧାନ ରଖାଯାଇଥିବା ସ୍ଥାନର ୪ ପାଖରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ଓ ଉପଯୁକ୍ତ ସୁରକ୍ଷା ଥିବା ଗାଡ଼ି ମାଧ୍ୟମରେ ଧାନ ପରିବହନ କରିବାକୁ ମଧ୍ୟ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଇଛି। ଏହାଛଡ଼ା ପାଣିପାଗ ଉପରେ ନଜର ରଖାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି।

ଆହୁରି ପ୍ରତ୍ୟେକ ମଣ୍ଡିରେ ଅସ୍ଥାୟୀ ଆଶ୍ରୟସ୍ଥଳ, ପାନୀୟ ଜଳ, ଓଆରଏସ ବ୍ୟବସ୍ଥା ଆଦି ସୁନିଶ୍ଚିତ କରିବାକୁ ଶ୍ରୀ ଚକ୍ରବର୍ତ୍ତୀ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତ୍ୟେକ ମଣ୍ଡିରେ ସିସିଟିଭି ମାଧ୍ୟମରେ ତୀକ୍ଷଣ ନଜର ରଖାଯିବା ସହ ମଣ୍ଡିରୁ ମିଲକୁ ଯାଉଥିବା ଧାନ ଉପରେ ମଧ୍ୟ ସ୍ୱତନ୍ତ୍ର ଧ୍ୟାନ ରଖିବା ପାଇଁ ବୈଠକରେ ଆଲୋଚନା ହୋଇଛି। ବୈଠକରେ ସାଧାରଣ ବଣ୍ଟନ ସାଧାରଣ ପରିଚାଳକ ସୁଧାକର ଶବର, ଧାନ ସଂଗ୍ରହ ସାଧାରଣ ପରିଚାଳକ ଏଲୋରା ସାମଲ, ପ୍ରଶାସନିକ ସାଧାରଣ ପରିଚାଳକ ପ୍ରଣତି ପ୍ରିୟଦର୍ଶିନୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

● ଖେଳୁଥିଲେ ଫ୍ରି ଫାୟାର୍ ଗେମ୍

# ରାଗରେ ଜୀବନ ହାରିଦେଲେ ଯୁବକ




**ବାଲେଶ୍ୱର,୨୪।୫(ସଂଚାର ବ୍ୟୁରୋ):** ଖେଳୁଥିଲେ ଫ୍ରି ଫାୟାର୍ ଗେମ୍ ଆଉ ଶେଷରେ ଅଚିରେ ଚାଲିଯାଇଛି ଜୀବନ। କାରଣ ପରିବାର ଲୋକେ ମୋବାଇଲ ନ ଦେବାରୁ ଭେଣ୍ଡିଆ ପୁଅ ଆଗପଛ କିଛି ଚିନ୍ତା ନ କରି ଝୁଲି ପଡ଼ି ନିଜ ବହୁମୂଲ୍ୟ ଜୀବନକୁ ଶେଷ କରିଦେଇଛି। ଏପରି ଏକ ଦୃଶ୍ୟ ଜୀବନରେ କଦାପି ଦେଖିବାକୁ ମିଳିବ ବୋଲି ସ୍ୱପ୍ନରେ ସୁଦ୍ଧା ଭାବିନଥିବା ମା' ଆଖିରୁ ଏବେ ଲୁହ ଶୁଖିବାର ନାଁ ଧରୁନି। ପୁଅ ପୁଅ କହି ଅନବରତ ବାହୁନି ଚାଲିଛି ମା'। କିନ୍ତୁ ସେ ବୁଝିପାରୁନି ଯେ ପୁଅ ପାଇଁ ତା'ର ମମତା ବଡ଼ ନଥିଲା, ବରଂ ବଡ଼ ଥିଲା ଫ୍ରି ଫାୟାର୍ ଗେମ୍। ନଚେତ୍ କ'ଣ ସେ ସାମାନ୍ୟ ଏକ ଗେମ୍ ପାଇଁ ମା'କୁ ସବୁଦିନ ପାଇଁ ବେସାହରା କରିଦେଇ ଆରପାରିକୁ ଚାଲିଯାଇଥାନ୍ତା। ବାଲେଶ୍ୱର ଭୋଗରାଇରେ ଏମିତି କିଛି ଛାତିଥରା ଦୃଶ୍ୟ ଦେଖିବାକୁ ମିଳିଛି। ଅନ୍‌ଲାଇନ୍ ଗେମ୍ ଖେଳିବାକୁ ମା' ବାରଣ କରିବାରୁ ବେକରେ ରଶି ଲଗାଇ ସବୁଦିନ ପାଇଁ ଆରପାରିକୁ ଚାଲିଯାଇଛି ୨୦ ବର୍ଷୀୟ ଯୁବକ ଆନନ୍ଦ। ମିଳିଥିବା ସୂଚନାନୁସାରେ, ଭୋଗରାଇର କୀର୍ତ୍ତିନିଆ ଗାଁରେ ରହନ୍ତି ପୂର୍ଣ୍ଣଚନ୍ଦ୍ର ମିର୍ଦ୍ଧା। ତାଙ୍କ ପୁଅ ଆନନ୍ଦ ପ୍ରାୟ ବର୍ଷେ ହେଲା ମୋବାଇଲରେ ଫ୍ରି ଫାୟାର ଗେମ୍ ଖେଳୁଥିଲା। ଗତ ଗୁରୁବାର ବି ଘରେ ବସି ଘଣ୍ଟା ଘଣ୍ଟା ଧରି ଗେମ୍ ଖେଳୁଥିଲା। ଏହା ଦେଖି ମା' ବିରକ୍ତ ହେବା ସହ ତାକୁ ଗାଳିଦେଇଥିଲେ ଓ ଶେଷରେ ତା'ଠାରୁ ମୋବାଇଲ ଛଡ଼ାଇ ନେଇଥିଲେ। ଏଥିରେ ବେଶ୍ ରାଗିଯାଇଥିଲା ଆନନ୍ଦ। କିନ୍ତୁ ସେ ଯେଉଁ ନିଷ୍ପତ୍ତି ନେଇଥିଲା, ତା' କଦାପି ମା' ଭାବିନଥିଲେ। କାରଣ ସେ କ୍ରୋଧରେ ଏତେ ମାତ୍ରାରେ ବୁଦ୍ଧିଶୂନ୍ୟ ହୋଇଯାଇଥିଲା ଯେ ତୁରନ୍ତ ଘର ଛାଡି କୁଆଡେ ପଳେଇ ଯାଇଥିଲା। ସକାଳ ଯାଇ ସଞ୍ଜ ହୋଇଥିଲେ ବି ସେ ଆଉ ଘରକୁ ଫେରିନଥିଲା। ରାତି ଅନ୍ଧାକାର ଘୋଟି ଆସିବା ପରେ ଘରେ ସମସ୍ତେ ଚିନ୍ତାରେ ପଡ଼ିଯାଇଥିଲେ। ବାପା, ମା, ସାନ ଭାଇ ଓ ପଡୋଶୀ ମିଶି ବହୁ ଖୋଜାଖୋଜି କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଘରଠାରୁ କିଛି ଦୂରରେ ଥିବା ଜଙ୍ଗଲରେ ଆନନ୍ଦର ମୃତଦେହ ଝୁଲନ୍ତା ଅବସ୍ଥାରେ ମିଳିଥିଲା। ପୁଅର ମୃତଦେହ ଦେଖି ପରିବାର ଲୋକେ ଆଖିକୁ ବିଶ୍ୱାସ କରିପାରିନଥିଲେ। କିନ୍ତୁ ଆନନ୍ଦ ଆଉ ଦୁନିଆରେ ନଥିଲା। ଏନେଇ ପରିବାର ଲୋକେ ସ୍ଥାନୀୟ ଲକ୍ଷ୍ମୀପାଟଣା ଫାଣ୍ଡିରେ ସୂଚନା ଦେଇଥିଲେ। ପୁଲିସ୍ ଆନନ୍ଦର ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ପୂରା ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ତେବେ ଏପରି ଏକ ଅଘଟଣ ସ୍ଥାନୀୟ ଅଞ୍ଚଳରେ ଆଲୋଡ଼ନ ଖେଳାଇ ଦେଇଛି। ସାମାନ୍ୟ ମୋବାଇଲ୍ ଯୋଗୁଁ କେହି ଜୀବନ ହାରିପାରେ, ଏହା ଭାବି ଲୋକେ ଏକରକମ ଭୟଭୀତ ମଧ୍ୟ ହୋଇପଡ଼ିଛନ୍ତି।

# କଙ୍ଗାରୁ କୋର୍ଟ ଭାଙ୍ଗିଲା ସୁନା ସଂସାର

● ପ୍ରେମିକ ସହ ଗର୍ଭବତୀ ପତ୍ନୀଙ୍କ ବିବାହ କରାଇଲା

● ଆଖିରେ ଅନ୍ଧପୁଟୁଳି ବାନ୍ଧିଦେଲା ପୁଲିସ୍

**ବଲାଙ୍ଗିର,୨୪।୫(ସଂଚାର ବ୍ୟୁରୋ):** ସୁନାର ସଂସାର ଭାଙ୍ଗିଦେଲା ଅନୈତିକ ପ୍ରେମ ସମ୍ପର୍କ। ଏଥିରେ ଉତ୍ତ୍ୟକ୍ତ ହୋଇ ନିଜେ ସ୍ୱାମୀ ତା' ପତ୍ନୀ ମଥାରେ ପିନ୍ଧାଇଥିବା ସିନ୍ଦୂରକୁ ପୋଛିଦେଇଛି। କାରଣ ସ୍ତ୍ରୀର ପରକୀୟା ପ୍ରୀତିରେ ଗାଁ ଲୋକେ ତାକୁ ପ୍ରେମିକ ସହ ବିବାହ କରାଇଦେଇଛନ୍ତି। କଙ୍ଗାରୁ କୋର୍ଟରେ ପ୍ରେମିକ ସହ ଗାଁ ଲୋକେ ସ୍ତ୍ରୀର ବିବାହ ଜୋର୍‌ଜବରଦସ୍ତି କରାଇଦେବା ଫଳରେ ସ୍ୱାମୀ ଏକାକୀ ହୋଇଯାଇଛି ଆଉ ତା'ର ସୁନାର ସଂସାର ବି ଭାଙ୍ଗି ଛାର୍‌ଖାର ହୋଇଯାଇଛି। ଏମିତି ଏକ ଆଶ୍ଚର୍ଯ୍ୟ କରିଦେଲା ଭଳି ଘଟଣା ଘଟିଛି ବଲାଙ୍ଗିର ଜିଲ୍ଲାର ପୁଇଁନ୍ତଳା ବ୍ଲକ ଅନ୍ତର୍ଗତ ବିଲେଇସର୍ଡା ଗାଁରେ। ମିଳିଥିବା ସୂଚନାନୁସାରେ, ଗତ ୨୦୨୪ ଏପ୍ରିଲରେ ଗାଁର ସୁଧୀର ବାଗ ସୁମତୀ (ଛଦ୍ମନାମ)ଙ୍କୁ ବିବାହ କରିଥିଲେ। ଦୁହେଁ ବେଶ୍ କିଛି ଦିନ ସୁଖରେ ସଂସାର କରିଥିଲେ। ଇତିମଧ୍ୟରେ ସୁମତୀ ଗର୍ଭବତୀ ମଧ୍ୟ ହୋଇଥିଲେ। ଫଳରେ ତୃତୀୟ ଅତିଥି ଘରକୁ ଆସିବା ଖୁସିରେ ଉଭୟ ମସଗୁଲ୍ ଥିଲେ। କିନ୍ତୁ ଭିତରେ ଭିତରେ ପତ୍ନୀ ସୁମତୀ ଅବାଟରେ ଚାଲିଯାଇଥିଲା। ଆଲୋକ ସାଲମା ନାମକ ଯୁବକକୁ ମନ ଦେଇ ଦେଇଥିଲା। କିନ୍ତୁ ସେ ସମ୍ପର୍କରେ ସୁଧୀର କିଛି ବି ଜାଣିପାରିନଥିଲା। କିନ୍ତୁ ଦିନେ ଯେତେବେଳେ ରାତି ଅଧରେ ଆସି ଆଲୋକ ସୁମତୀ ନିକଟରେ ପହଞ୍ଚିଥିଲା, ସେତେବେଳେ ଗାଁ ଲୋକେ ତାକୁ କାବୁ କରିନେଇଥିଲେ। ଆଉ ସକାଳୁ ସକାଳୁ ଗାଁରେ ବସିଥିଲା କଙ୍ଗାରୁ କୋର୍ଟ।

ଏହି କୋର୍ଟରେ ଗାଁ ଲୋକଙ୍କ ନିଷ୍ପତ୍ତି କ୍ରମେ ସୁମତୀଙ୍କ ସହ ପ୍ରେମିକ ଆଲୋକର ବାହାଘର ସ୍ଥିର ମଧ୍ୟ ହୋଇଥିଲା। ସ୍ୱାମୀ ସୁଧୀର ଉପସ୍ଥିତିରେ ଗାଁ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଉଭୟଙ୍କୁ ଫୁଲହାର ଦେବାକୁ ଗାଁ ଲୋକେ ବାଧ୍ୟ କରିଥିଲେ। ଆଉ ଜବରଦସ୍ତି ସୁମତୀ ମଥାର ସିନ୍ଦୂର ଲିଭାଇ ଆଲୋକକୁ ସିନ୍ଦୂର ଲଗାଇବା ପାଇଁ କହିଥିଲେ। ଆଉ ବାହାଘର ପରେ ସୁମତୀକୁ ଗାଁରୁ ବିଦାୟ ଦେଇଥିଲେ ସୁଧୀର। ତେବେ ସବୁଠାରୁ ବଡ଼ କଥା ହେଲା ଯେ ଏସବୁ ଘଟଣା ପୁଇଁନ୍ତଳା ପୁଲିସ ସାମ୍ନାରେ ଘଟିଥିଲା। ପୁଲିସ୍ ବି କଙ୍ଗାରୁ କୋର୍ଟର ନିଷ୍ପତ୍ତିରେ ହସ୍ତକ୍ଷେପ ନ କରି ବରଂ ମୂକ ସାଜି ସବୁକିଛି ଦେଖିଥିବା ସୁଧୀର ଅଭିଯୋଗ କରିଛନ୍ତି। ଏପରିକି ତାଙ୍କୁ ମାଡ଼ ମାରି କଙ୍ଗାରୁ କୋର୍ଟରେ ଏପରି କରାଯାଇଥିବା ସେ କହିଛନ୍ତି। କଙ୍ଗାରୁ କୋର୍ଟର ନିଷ୍ପତ୍ତି କ୍ରମେ ସୁମତୀ ପ୍ରେମିକ ଆଲୋକ ସହ ରହୁଥିଲେ ମଧ୍ୟ ସୁଧୀର ତାକୁ ଭୁଲିପାରୁନାହାଁନ୍ତି। ସେପଟେ ଆଲୋକ ବି ସୁମତୀ ପେଟରେ ବଢୁଥିବା ଛୁଆକୁ ଆପଣାଇବାକୁ ନାରାଜ। ଏପରି ସ୍ଥିତିରେ ସୁଧୀର ପରବର୍ତ୍ତୀ ସମୟରେ ସୁମତୀକୁ ଆଉ ସ୍ତ୍ରୀ ଭାବେ ଗ୍ରହଣ କରିବେ କି ନାହିଁ, ତା' ମଧ୍ୟ ସନ୍ଦେହ ଘେରରେ। ତେଣୁ ଏଠି ପ୍ରଶ୍ନ ଉଠୁଛି ଯେ ଆଇନର ରକ୍ଷକ ସାଜିଥିବା ପୁଲିସ୍ କେଉଁ ଆଧାରରେ ଏପରି ଏକ ବେଆଇନ କାର୍ଯ୍ୟକୁ ଆଖିବୁଜି ଗ୍ରହଣ କରିନେଲା ? କେଉଁ ଆଇନ ବଳରେ ଜଣେ ଗର୍ଭବତୀ ସ୍ତ୍ରୀଙ୍କୁ ଅନ୍ୟ ଜଣଙ୍କୁ ବିବାହ କରାଇଦିଆଗଲା ଆଉ ପୁଲିସ୍ ଏଥିରେ କାହିଁକି ହସ୍ତକ୍ଷେପ କଲାନି? ଯଦି ଆଲୋକ ଛାଡ଼ିଦିଏ, ତା'ହେଲେ ଗର୍ଭବତୀ ସୁମତୀ ଯିବ କୁଆଡ଼େ? ଏପରି ଅନେକ ପ୍ରଶ୍ନ ସ୍ଥାନୀୟ ଲୋକଙ୍କ ମନରେ ଉଠିଥିବା ବେଳେ ଏନେଇ ସଦର ଏସ୍‌ଡିପିଓ କୌଣସି ପ୍ରକାର ପ୍ରତିକ୍ରିୟା ଦେବାକୁ ମନା କରିଦେଇଛନ୍ତି। ତେଣୁ ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଚର୍ଚ୍ଚାର ବିଷୟ ହୋଇଛି।

## ବେଦାନ୍ତ ମେଗା ସ୍ୱାସ୍ଥ୍ୟ ଶିବିର

# ୨୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଚିକିତ୍ସା ସୁବିଧା



**ଭୁବନେଶ୍ୱର,୨୪।୫(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ୍ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ନିକଟରେ ସୁନ୍ଦରଗଡ଼ ହେମଗିର ବ୍ଲକର ମୁଣ୍ଡେରଖେତ ପଞ୍ଚାୟତ କାର୍ଯ୍ୟାଳୟଠାରେ ଏକ ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଉପକୃତ ହୋଇଥିଲେ। ବେଦାନ୍ତ ପକ୍ଷରୁ ମୁଣ୍ଡେରଖେତ, ଝାରପାଲମ, ଗର୍ଜନଜୋର ଓ ନିକଟସ୍ଥ ପଞ୍ଚାୟତକୁ ସାମିଲ କରାଯାଇ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବା ସକାଶେ ନିରନ୍ତର ପ୍ରୟାସ କରାଯାଉଛି। ଏହି ପ୍ରୟାସ ଅନ୍ତର୍ଗତ ଉକ୍ତ ସ୍ୱାସ୍ଥ୍ୟ ଶିବିରରେ ମୁଣ୍ଡେରଖେତ ସରପଞ୍ଚ ସନ୍ୟାସୀ ବାଗ ଉପସ୍ଥିତ ଥିବା ବେଳେ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଚିନ୍ମୟ କୁମାର ମିଶ୍ର ଏହାକୁ ଉଦଘାଟନ କରିଥିଲେ।

ଏହି ଶିବିରରେ ଯୋଗଦେଇଥିବା ଲୋକମାନଙ୍କୁ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ସହିତ ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ଲୋକମାନେ ଅସ୍ଥିଶଲ୍ୟ, ପ୍ରସୂତି ଓ ସ୍ତ୍ରୀ ରୋଗ, ଶିଶୁ ରୋଗ, ଚର୍ମରୋଗ, ଇଏନଟି, ଛାତି ଓ ଯକ୍ଷ୍ମା ଆଦି ବିଭାଗର ଚିକିତ୍ସା ପାଇଥିଲେ। ଏଥିସହ ଲୋକମାନଙ୍କୁ ପରିଷ୍କାରପରିଚ୍ଛନ୍ନତା, ପୁଷ୍ଟିସାର ଓ ରୋଗ ନିବାରଣ ନେଇ ମଧ୍ୟ ସଚେତନ କରିବା ସକାଶେ ଏକ ଅଧିବେଶନର ଆୟୋଜନ କରାଯାଇଥିଲା। କମ୍ପାନୀର ଗୋଷ୍ଠି-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପଦକ୍ଷେପ ବିଷୟରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି ଯେ ଏପରି ଏକ ଶିବିର ମାଧ୍ୟମରେ ଆମେ ଗ୍ରାମୀଣ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିପାରିବୁ। ଜିଲ୍ଲା ପ୍ରଶାସନ ସହଯୋଗରେ ଆଗାମୀ ଦିନରେ ଏପରି ଶିବିରମାନ ଆୟୋଜନ ଦିଗରେ ମଧ୍ୟ ପଦକ୍ଷେପ ନିଆଯିବ। ସେହିପରି ଶ୍ରୀ ବାଗ କହିଛନ୍ତି ଯେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସ୍ଥାନୀୟ ଅଞ୍ଚଳ ପାଇଁ ଚ୍ୟାଲେଞ୍ଜ ହୋଇଥିବାରୁ ବେଦାନ୍ତର ଏପରି ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ ସ୍ୱାଗତଯୋଗ୍ୟ ପଦକ୍ଷେପ।

## ବଟି ଦାବି ଓ ବନ୍ଧୁକ ଦେଖାଇ ମେସିନ ଛଡ଼ାଇନେବା ମାମଲା

# କୋର୍ଟରେ ହାଜର ହେଲେ ରାଜା ଓ ୨ ସହଯୋଗୀ

**କେନ୍ଦୁଝର,୨୪।୫(ସଂଚାର ବ୍ୟୁରୋ):** ଦାଦା ବଟି ମାଗିବା ଓ ବନ୍ଧୁକ ଦେଖାଇ ମୂଲ୍ୟବାନ ମେସିନ ଛଡ଼ାଇ ନେବା ମାମଲାରେ ଆଜି କେନ୍ଦୁଝର ଅଦାଲତରେ ହାଜର ହୋଇଛନ୍ତି ବହୁଚର୍ଚ୍ଚିତ ରାଜା ଚକ୍ର ଓ ତାଙ୍କର ୨ ସହଯୋଗୀ। ରାଜାଙ୍କ ସହ ମାନସ ବାରିକ ଓ ଉତ୍କଳ ଦାସଙ୍କୁ କୋର୍ଟରେ ହାଜର କରାଯାଇଥିବା ବେଳେ ସେ ଓ ଦୁଇ ସହଯୋଗୀ ଦାଦାବଟି ମାଗିବା ଏବଂ ମୂଲ୍ୟବାନ ମେସିନ ଛଡ଼ାଇ ନେଇଥିବା ନେଇ ସୁଶାନ୍ତ ବାରିକ ନାମକ ଜନୈକ ବ୍ୟକ୍ତି କେନ୍ଦୁଝର ସଦର ଥାନାରେ ଅଭିଯୋଗ କରିଥିଲେ। ଉକ୍ତ ମାମଲାର ତଦନ୍ତ ଦାୟିତ୍ୱ କ୍ରାଇମ ବ୍ରାଞ୍ଚକୁ ହସ୍ତାନ୍ତର କରାଯାଇଥିଲା। କ୍ରାଇମ ବ୍ରାଞ୍ଚ ଏହି ମାମଲାରେ ରାଜା ଓ ତାଙ୍କର ଦୁଇ ୨ ସହଯୋଗୀଙ୍କୁ ଅଭିଯୁକ୍ତ ଦର୍ଶାଇ ଅଧିକ ପଚରାଉଚରା କରିବା ସକାଶେ ସେମାନଙ୍କୁ ରିମାଣ୍ଡରେ ନେବା ସକାଶେ ଆବେଦନ କରିଥିଲା। ଅନ୍ୟ ପକ୍ଷରେ ରାଜାଙ୍କ ଓକିଲ ଉକ୍ତ ମାମଲାରେ ଜାମିନ ପାଇଁ ଆବେଦନ କରିଥିଲେ। କିନ୍ତୁ ଜାମିନ ନାମଞ୍ଜୁର ହେବାରୁ ରାଜାଙ୍କୁ ଜେଲ୍‌କୁ ପଠାଇ ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ ବହୁଚର୍ଚ୍ଚିତ ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସିରେ କୋଟି କୋଟି ଟଙ୍କାର ଦୁର୍ନୀତି ମାମଲାରେ କ୍ରାଇମ ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ରାଜା ଓ ତାଙ୍କର ଅନ୍ୟ ୩ ଜଣ ସହଯୋଗୀଙ୍କୁ ଗିରଫ କରିଥିଲା। ଗିରଫ ପରେ ସମସ୍ତ ଅଭିଯୁକ୍ତ ଜାମିନ୍ ପାଇଁ ନିମ୍ନ ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ସେଠାରେ ଜାମିନ ଖାରଜ ହେବା ପରେ ସେମାନେ ହାଇକୋର୍ଟକୁ ଯାଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି ଶେଷ କରିଥିଲେ ହେଁ ରାୟକୁ ସଂରକ୍ଷିତ ରଖିଥିଲେ। ଏହାପରେ ଜାମିନ ମାମଲାର ରାୟ ପ୍ରକାଶ କରି ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଥିଲେ। ଅଭିଯୁକ୍ତମାନେ ବେଶ୍ ପ୍ରଭାବଶାଳୀ ବ୍ୟକ୍ତିତ୍ୱ ହୋଇଥିବାରୁ ସେମାନଙ୍କୁ ଜାମିନ୍ ଦେଲେ ତଦନ୍ତ ପ୍ରଭାବିତ ହେବାର ଆଶଙ୍କା କରି ହାଇକୋର୍ଟ ସେମାନଙ୍କ ଜାମିନ ଆବେଦନକୁ ଖାରଜ କରିଥିଲେ। ସେବେଠାରୁ ରାଜା ଜେଲ୍‌ରେ ରହିଆସିଛନ୍ତି।

ଦେଢ଼ ମାସ ବିତିଲା

# ଫେରିଲାନି ପୁଅ, ଥମୁନି ମା' ଲୁହ

**କଟକ,୨୪।୫(ସଂଚାର ବ୍ୟୁରୋ):** ପୁଅର ଫଟୋକୁ ଅନାଇ ଅନାଇ ଅନବରତ ଝୁରୁଛି ମା'। ଘର ଦୁଆର ମୁହଁରେ ବସି ନିଖୋଜ କନେଷ୍ଟବଳ ପୁଅର ଫେରିବା ବାଟକୁ ଅପଲକ ନୟନରେ ଚାହିଁ ରହିଛି। କାଳେ ଫେରି ଆସିବ ପୁଅ ଆଉ 'ବୋଉ... ବୋଉ...' ଡାକି ତାଙ୍କୁ କୁଣ୍ଢାଇ ପକାଇବ। ବାପା ବି ଧୈର୍ଯ୍ୟହରା ହୋଇଯାଉଛନ୍ତି। ଛୋଟ ପିଲା ପରି କଇଁ କଇଁ ହୋଇ କାନ୍ଦୁଛନ୍ତି। କାରଣ ଗୋଟିଏ ବୋଲି ପୁଅ, ପରିବାରର ଏକୋଇର ବଳା ବିଶିକେଶନ। ଆଜିକୁ ଦେଢ଼ ମାସ ହେଲା ଘରୁ ଚାଲିଯାଇଛି ଯେ ଆଜି ପର୍ଯ୍ୟନ୍ତ ଫେରିବାର ନାଁ ଧରୁନି। ନା ପୁଅ ମୁହଁ ଦେଖିଛନ୍ତି ବାପା ନା ବୋଉ ବୋଉ ଡାକ ଶୁଣିଛନ୍ତି ମା'। ଭେଣ୍ଡିଆ ପୁଅର ପତ୍ତା ମିଳୁ ନଥିବାରୁ ଘରେ ମଧ୍ୟ ଚୁଲି ବନ୍ଦ। କାରଣ କାହା ପେଟକୁ କେମିତି ଦାନା ରୁଚିବ। ଏପରି ଏକ ଅଭାବନୀୟ ଘଟଣା କଟକ ଜିଲ୍ଲା ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିଝରୀ ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମରେ। ଗ୍ରାମର ପ୍ରଭାକର ନାୟକଙ୍କ ପୁଅ ବିଶ୍ୱଜିତ ବହୁ କଷ୍ଟ ସ୍ୱୀକାର କରି ପାଠ ପଢ଼ିବା ସହ ସରକାରୀ ଚାକିରିଟିଏ ପାଇଥିଲା। ଚାକିରି ମିଳିବା ପରେ ପରିବାରରେ ଖେଳିଯାଇଥିଲା ଖୁସିର ଲହରୀ। ସଭିଏଁ ଭାବିଥିଲେ ପୂର୍ବରୁ ଯଥେଷ୍ଟ କଷ୍ଟ ସ୍ୱୀକାର କରିଥିବା ପରିବାରର ଦୁଃଖ ଫେରିଲା। ହେଲେ କିଏ ଜାଣିଥିଲା ଦଇବ ଏମିତି ଦାଉ ସାଧିବ ବୋଲି। କାରଣ ପାଖାପାଖି ଦେଢ଼ ମାସ ତଳେ ଅଚାନକ କେଉଁଆଡ଼େ ନିଖୋଜ ହୋଇଗଲା ବିଶ୍ୱଜିତ। ଯେତେ ଯୁଆଡ଼େ ସମ୍ଭବ ଖୋଜିଥିଲେ ବି ତା'ର କୌଣସି ପତ୍ତା ପାଇବାରେ ସକ୍ଷମ ହୋଇନାହାନ୍ତି ପରିବାର ଲୋକେ।



ନିଜ ଷ୍ଟାଫ୍‌ଙ୍କୁ ଖୋଜି ପାଉନି ପୁଲିସ୍

ଭୁବନେଶ୍ୱର ତମାଣ୍ଡୋ ଥାନାରେ କନେଷ୍ଟବଳ ଭାବେ କାର୍ଯ୍ୟ କରୁଥିଲେ ବିଶ୍ୱଜିତ। ଗତ ଏପ୍ରିଲ ୨ ତାରିଖରେ ମା'ଙ୍କ ସହ ଫୋନରେ ଶେଷ ଥର ପାଇଁ କଥା ହୋଇଥିଲେ ସେ। ଏପରିକି ୩ ତାରିଖ ଦିନ ଘରକୁ ଆସିବେ ବୋଲି କହି ଫୋନ ରଖିବା ପରେ ମା' ତାଙ୍କ ଫେରିବା ବାଟକୁ ଚାହିଁ ରହିଥିଲେ। କିନ୍ତୁ ତା' ପରଠାରୁ ପୁଅ ସହ ପରିବାରର କୌଣସି ଲୋକଙ୍କ ପକ୍ଷେ ଯୋଗାଯୋଗ କରିବାର ସମ୍ଭବପର ହୋଇପାରିନାହିଁ। ତାଙ୍କ ଫୋନ ମଧ୍ୟ ବନ୍ଦ ରହିଛି। ପାଖାପାଖି ୧୦ ଦିନ ଏଣେତେଣେ ଖୋଜାଖୋଜି କରିବା ପରେ ପରିବାର ଲୋକେ ଗତ ଏପ୍ରିଲ ୧୨ ତାରିଖରେ ବିଶ୍ୱଜିତଙ୍କ ସମ୍ପର୍କରେ ତମାଣ୍ଡୋ ଥାନାରେ ମୌଖିକ ଭାବେ ଜଣାଇବା ପରେ ୫ ତାରିଖରେ ଡ୍ୟୁଟି ପରେ ଥାନାର କୌଣସି କର୍ମଚାରୀଙ୍କ ପାଖରେ ବିଶ୍ୱଜିତଙ୍କ କୌଣସି ଖୋଜ ଖବର ନଥିବା କୁହାଯାଇଥିଲା। ବହୁ ଖୋଜାଖୋଜି କରିବା ପରେ ବିଶ୍ୱଜିତଙ୍କ ବାପା ଏପ୍ରିଲ ୨୩ ତାରିଖରେ ତମାଣ୍ଡୋ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ସେତେବେଳେ ଥାନା ପକ୍ଷରୁ ଅଭିଯୋଗ ଗ୍ରହଣ କରାଯାଇନଥିଲା। ଏନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ଥାନାରେ ଏତଲା ରୁଜୁ ହୋଇଥିଲା। କିନ୍ତୁ ଏତଲାକୁ ୨୫ ଦିନ ବିତିଯାଇଥିଲେ ମଧ୍ୟ ବିଶ୍ୱଜିତଙ୍କୁ ଠାବ କରିବାରେ ପୁଲିସ୍ ବି ସକ୍ଷମ ହୋଇପାରିନାହିଁ।

ତେବେ ଯେଉଁଠି ନିଜର ଜଣେ ସହଯୋଗୀଙ୍କୁ ଥାନା କର୍ମଚାରୀମାନେ ଖୋଜିବାରେ ବିଫଳ ହୋଇଛନ୍ତି, ସେଠି ପୁଲିସ୍ ଉପରେ ଜନସାଧାରଣ ଭରସା କିପରି ରହିବ ବୋଲି ଚର୍ଚ୍ଚା ହେଉଛି। ତେଣୁ ଲୋକନିନ୍ଦାରୁ ବଞ୍ଚିବା ସକାଶେ ତୁରନ୍ତ ବିଶ୍ୱଜିତ୍‌ଙ୍କୁ ଖୋଜି ତମାଣ୍ଡୋ ଥାନାର ବରିଷ୍ଠ ଅଧିକାରୀ ପୁଲିସ୍‌ର ପାରିବାପଣିଆର ପରିଚୟ ଦିଅନ୍ତୁ ବୋଲି ଲୋକେ ମତ ଦେଉଛନ୍ତି। ଏପରି ହେଲେ ବୁଢ଼ା ବାପା-ମା'ଙ୍କ ଆଖିରୁ ଲୁହ ଶୁଖିପାରିବ ଓ ସେମାନଙ୍କ ପେଟକୁ ଦାନା ମୁଠାଏ ଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ରବିବାର ୨୫ ମେ ୨୦୨୫, ଭୁବନେଶ୍ୱର
Sunday 25 May 2025, Bhubaneswar

# ସମୀକରଣ ବଦଳିବା ସମ୍ଭାବନା କ୍ଷୀଣ

ଜାତୀୟ ରାଜନୀତିରେ ଏବେ ଦୁଇଟି ମୁଖ୍ୟ ଜାତୀୟ ଦଳର ନେତୃତ୍ୱରେ ଚାଲିଥିବା ମେଣ୍ଟ ମଧ୍ୟରେ ମୁକାବିଲା ହେଉଛି। ଗୋଟିଏ ହେଲା ବିଜେପି ନେତୃତ୍ୱାଧିନ ଏନଡିଏ ଏବଂ ଅନ୍ୟଟି ହେଲା କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକ ଯାହା ପୂର୍ବରୁ ୟୁପିଏ ନାମରେ ପରିଚିତ ଥିଲା। ଇଣ୍ଡିଆ ବ୍ଲକରେ ବାମପନ୍ଥୀ ମେଣ୍ଟ ସାମିଲ ରହିଛି। ଆଉ କିଛି ଦଳ ଉଭୟ ମେଣ୍ଟରୁ ସମଦୂରତା ବଜାୟ ରଖିଛନ୍ତି। କିନ୍ତୁ ଏମାନଙ୍କ ସଂଖ୍ୟା କମ। ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ, ୟୁପିରେ ମାୟାବତୀଙ୍କ ବିଏସପି, ପଞ୍ଜାବେର ଶିରୋମଣି ଅକାଳି ଦଳ, ତେଲେଙ୍ଗାନାରେ କେ ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆରଏସ), ଜାମ୍ମୁ-କାଶ୍ମୀରରେ ମେହବୁବା ମୁଫତିଙ୍କ ପିଡିପି ଇତ୍ୟାଦି କିଛି ଦଳ ଏହି ଶ୍ରେଣୀଭୁକ୍ତ ଅଛନ୍ତି। ତେବେ ଜାତୀୟ ରାଜନୀତିରେ ମୁକାବିଲା ଏନଡିଏ ଏବଂ ଇଣ୍ଡିଆ ମଧ୍ୟରେ ହେଉଛି। କିନ୍ତୁ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକରେ ଅଂଶୀଦାର ଦଳମାନଙ୍କ ମଧ୍ୟରେ ବୁଝାମଣା ନାହିଁ। ଅଧିକାଂଶ ରାଜ୍ୟରେ ସେମାନେ ପରସ୍ପର ବିରୋଧରେ ଲଢୁଛନ୍ତି। ଦିଲ୍ଲୀ ଏବଂ ହରିୟାନାରେ କଂଗ୍ରେସ ତଥା ଆପ ପରସ୍ପର ବିରୋଧରେ ଲଢ଼ି ପରାଜିତ ହେଲେ। ପଶ୍ଚିମବଙ୍ଗରେ ମମତାଙ୍କ ଟିଏମସି ଏକଲା ଚଲୋ ନୀତିରେ ଚାଲିଛି। ରାଜ୍ୟରେ କଂଗ୍ରେସ ଏବଂ ବାମପନ୍ଥୀ ମେଣ୍ଟକୁ ମମତା ହେୟଜ୍ଞାନ କରୁଛନ୍ତି। ସେହିପରି ୟୁପି ବ୍ୟତିତ ଅନ୍ୟ କେତେକ ରାଜ୍ୟରେ ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ମଧ୍ୟରେ ବୁଝାମଣା ନାହିଁ। ନିର୍ବାଚନରେ ଆସନ ବୁଝାମଣା ନହେବା ଭିନ୍ନ କଥା। କିନ୍ତୁ ବଡ଼ କଥା ହେଲା ଏହିସବୁ ଦଳମାନେ ପରସ୍ପର ବିରୋଧରେ ବିଷୋଦଗାର କରୁଛନ୍ତି। ଏହାର କାରଣ ହେଲା ସହଯୋଗୀ ବା ମିତ୍ର ଦଳମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ବା ବିଶ୍ୱାସ ନାହିଁ। କେବଳ କ୍ଷମତା ପାଇଁ ବା ବିଜେପିକୁ ପରାଜିତ କରିବା ନିମନ୍ତେ ଏମାନେ ଏକାଠି ହୋଇଛନ୍ତି। ରାଷ୍ଟ୍ରୀୟ ସ୍ୱାର୍ଥ ନିମନ୍ତେ ଏମାନେ ଏକାଠି ହୋଇନାହାଁନ୍ତି। ଯେ ପର୍ଯ୍ୟନ୍ତ ବନ୍ଧୁ ଦଳମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଆସ୍ଥା, ବିଶ୍ୱାସ ଏବଂ ସମ୍ମାନ ନରହିବ ସେ ପର୍ଯ୍ୟନ୍ତ ମେଣ୍ଟ ସଫଳ ହେବ ନାହିଁ ବା ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। କେବଳ ଇଣ୍ଡିଆ ବ୍ଲକ ନୁହେଁ, ଶାସକ ଏନଡିଏରେ ମଧ୍ୟ ଅଂଶୀଦାର ଦଳମାନଙ୍କ ମଧ୍ୟରେ ଆସ୍ଥା ଏବଂ ବିଶ୍ୱାସର ଅଭାବ ରହିଛି। ଏହାର ଉଦାହରଣ ବିହାରରେ ଦେଖିବାକୁ ମିଳିବ। ରାଜ୍ୟରେ ବିଜେପି ଓ ଜେଡିୟୁ ମଧ୍ୟରେ ବୁଝାମଣା ଥିଲେ ମଧ୍ୟ ଦୁଇ ଦଳ ପରସ୍ପର ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି। ନୀତିଶ କୁମାର ବାରମ୍ବାର ଏନଡିଏରୁ ଓହରିଯାଉଛନ୍ତି, ପୁଣି ସାମିଲ ହେଉଛନ୍ତି। ମହାରାଷ୍ଟ୍ରରେ ତିନିଦଳକୁ ନେଇ ଗଠିତ ମହାୟୁତିରେ ସମାନ ପରିସ୍ଥିତି। କିଛି ମାସ ତଳେ ଅନୁଷ୍ଠିତ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ବିଜେପି ନେତୃତ୍ୱରେ ଏନଡିଏ ବା ମହାୟୁତି ବିପୁଳ ବିଜୟ ହାସଲ କରିଥିଲା। ବିଜେପି ବ୍ୟତିତ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ଏବଂ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ମହାୟୁତିର ଅଂଶୀଦାର ଦଳ। ରାଜ୍ୟ ବିଧାନସଭାର ମୋଟ ୨୮୮ ଆସନ ମଧ୍ୟରୁ ମହାୟୁତି ୨୩୨ ଆସନ ଜିତି ଏକପ୍ରକାର ଇତିହାସ ରଚନା କରିଥିଲା। ମେଣ୍ଟର ମୁଖ୍ୟ ବା ବୃହତମ ଅଂଶୀଦାର ଦଳ ବିଜେପି ବିଧାୟକ ଦଳର ନେତା ଦେବେନ୍ଦ୍ର ଫଡ଼ନାବିଶ ହୋଇଥିଲେ ମୁଖ୍ୟମନ୍ତ୍ରୀ। ଏକନାଥ ସିନ୍ଦେ ଏବଂ ଅଜିତ ପାୱାର ଉଭୟେ ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସରକାର ସପକ୍ଷରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ରହିଛି। ବିରୋଧୀ ସେମାନଙ୍କ ଆଖିପାକରେ ମଧ୍ୟ ନାହାଁନ୍ତି। କେନ୍ଦ୍ରରେ ମଧ୍ୟ ସେମାନଙ୍କ ସରକାର ଚାଲିଛି। ଏବେ ୫ ବର୍ଷ



ସମ୍ପୂର୍ଣ୍ଣ ଶାସନ କରିବାର ସୁଯୋଗ। କିନ୍ତୁ ବିଜେପି ଓ ସିନ୍ଦେଙ୍କ ଶିବସେନା ମଧ୍ୟରେ ବିଭେଦ ଆରମ୍ଭ ହୋଇଯାଇଛି। ନିର୍ବାଚନରେ ଆଶାତୀତ ସଫଳତା ପରେ ସରକାରର ନେତୃତ୍ୱ ପ୍ରସଙ୍ଗ ନେଇ ବେଶ କିଛି ଦିନ ବିବାଦ ଚାଲିଲା। ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ମହାୟୁତି ସରକାରର ସଫଳତା ସପକ୍ଷରେ ପୁନର୍ବାର ମହାରାଷ୍ଟ୍ରବାସୀ ରାୟ ଦେଇଥିଲେ। ତେଣୁ ସଂଖ୍ୟା ଦୃଷ୍ଟିରୁ କମ ହେଲେ ବି ଶିବସେନା ନେତା ଏକନାଥ ସିନ୍ଦେ ପୁନର୍ବାର ମୁଖ୍ୟମନ୍ତ୍ରୀ ହେବା ଉଚିତ ବୋଲି ତାଙ୍କ ସମର୍ଥକମାନେ ମତବ୍ୟକ୍ତ କରିଥିଲେ। କିନ୍ତୁ ବାସ୍ତବତା ହେଲା ମହାରାଷ୍ଟ୍ରବାସୀ ବିଜେପି ନେତୃତ୍ୱାଧିନ ଏନଡିଏ ସପକ୍ଷର ରାୟ ଦେଇଥିଲେ। ଏକନାଥ ସିନ୍ଦେଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବାକୁ ମହାୟୁତି ସପକ୍ଷରେ ଜନମତ ଯାଇନଥିଲା। ବିଜୟରେ ସିନ୍ଦେଙ୍କ ଭୂମିକା ମହତ୍ୱପୂର୍ଣ୍ଣ ଥିଲା ଏକଥାକୁ ଅସ୍ୱୀକାର କରାଯାଇପାରିବନି। କିନ୍ତୁ ମେଣ୍ଟର ବୃହତ୍ତମ ଦଳ ବିଜେପି ବିଧାୟକ ଦଳର ନେତା ଦେବେନ୍ଦ୍ର ଫଡ଼ନାବିଶ ମୁଖ୍ୟମନ୍ତ୍ରୀ ହେବାର ଯଥାର୍ଥତା ଥିଲା। ଲୋକେ ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁଥିଲେ। ମହାରାଷ୍ଟ୍ରରେ ସେ ଜଣେ ଲୋକପ୍ରିୟ ନେତା ଏବଂ ତାଙ୍କ ପୂର୍ବ ମୁଖ୍ୟମନ୍ତ୍ରୀତ୍ୱ ବେଶ ସଫଳ ହୋଇଥିଲା। ସେଥିପାଇଁ ୨୦୧୯ରେ ମହାରାଷ୍ଟ୍ରରେ ଏନଡିଏ କ୍ରମାଗତ ଦ୍ୱିତୀୟ ଥର ପାଇଁ ବିଜୟୀ ହୋଇଥିଲା। ଉଦ୍ଧବ ଠାକରେଙ୍କ ଖଳ ବୁଦ୍ଧିରେ ଏନଡିଏ ନିର୍ବାଚନ ଜିତିବା ସତ୍ତ୍ୱେ ସରକାର ଗଠନ କରିପାରିଲାନି ସତ୍ୟ, ମାତ୍ର ଜନମତ ଦେବେନ୍ଦ୍ର ଫଡ଼ନାବିଶଙ୍କ ସପକ୍ଷରେ ଯାଇଥିଲା। ଗତ ନିର୍ବାଚନରେ ମହାୟୁତିର ବିଜୟ ପରେ କିଏ ହେବ ମୁଖ୍ୟମନ୍ତ୍ରୀ, ସେଥିନେଇ ବେଶ କିଛି ଦିନ କସରତ ଚାଲିଲା। ସିନ୍ଦେ କିଛି ଦିନ ନିଜ ଗାଁରେ ଯାଇ ଜ୍ୱର ହୋଇଛି ବୋଲି କହି ଲୁଚିଲେ। ଶେଷରେ ବିବାଦ ତୁଟିଲା ଏବଂ ଫଡ଼ନାବିଶ ହେଲେ ମୁଖ୍ୟମନ୍ତ୍ରୀ। ଅତୀତରେ ଦେବେନ୍ଦ୍ର ଫଡ଼ନାବିଶ ମୁଖ୍ୟମନ୍ତ୍ରୀ ଥିଲେ, କିନ୍ତୁ ସିନ୍ଦେ ସରକାରରେ ସେ ଉପ-ମୁଖ୍ୟମନ୍ତ୍ରୀ ହେଲେ। ଏବେ ଫଡ଼ନାବିଶ ସରକାରରେ ସିନ୍ଦେ ହୋଇଛନ୍ତି ଉପ-ମୁଖ୍ୟମନ୍ତ୍ରୀ। ଏଥିରେ କିଛି ଅସୁବିଧା ନାହିଁ। ମେଣ୍ଟ ରାଜନୀତିରେ ଏଭଳି କିଛି ସାଲିସ କରିବାକୁ ପଡ଼ିବ। ଏହା ହେଉଛି ମେଣ୍ଟ ଧର୍ମ। ନଚେତ ମେଣ୍ଟ ତିଷ୍ଠିବ ନାହିଁ। ଶିବସେନା ପାଇଁ ବିଜେପି ଅନେକ ତ୍ୟାଗ ସ୍ୱୀକାର କରିଛି। ଏବେ ସିନ୍ଦେଙ୍କ ପାଳି ଋଣ ପରିଶୋଧ କରିବାର। ସରକାର ଗଠନ ପରଠାରୁ ମହାୟୁତିରେ କିଛି ନା କିଛି ବିବାଦ ଲାଗି ରହିଛି। ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ସହ ଅଜିତ ପାୱାରଙ୍କ ଏନସିପି ଏବଂ ବିଜେପି ନେତାଙ୍କ ମତାନ୍ତର ଲାଗି ରହିଛି। ଏବେ ସିନ୍ଦେ କହିଛନ୍ତି ଯ, ମହାୟୁତିରେ କୋ÷ଣସି ମତଭେଦ ବା ଅଂଶୀଦାର ଦଳ ମଧ୍ୟରେ ବିଭେଦ ନାହିଁ। ତାଙ୍କୁ ଏଭଳି ସ୍ପଷ୍ଟିକରଣ କାହିଁକି ଦେବାକୁ ପଡ଼ିଲା? ଗଣମାଧ୍ୟମରେ ଏଭଳି କିଛି ଖବର ପ୍ରକାଶ ପାଇବା ପରେ ସେ ଏହାର ସ୍ପଷ୍ଟିକରଣ ଦେଇଛନ୍ତି। ନିଆଁ ନଥିଲେ ଧୂଆଁ ବାହାରେ ନାହିଁ। ମହାୟୁତିରେ କିଛି ନା କିଛି ଆଭ୍ୟନ୍ତରୀଣ ବିବାଦ ନିଶ୍ଚିତ ଭାବେ ରହିଛି। ଆଶା ବିଜେପି କେନ୍ଦ୍ରୀୟ ନେତୃତ୍ୱ ଏଥିରେ ହସ୍ତକ୍ଷେପ କରିବେ ଏବଂ ବିବାଦର ସମାଧାନ ଶୀଘ୍ର ହୋଇଯିବ। ଏନଡିଏରେ ସିନ୍ଦେଙ୍କୁ ଯଥେଷ୍ଟ ସମ୍ମାନ ଏବଂ ସ୍ୱୀକୃତି ମିଳିଛି। ତାଙ୍କୁ କେହି ଅବମାନନା କରୁ ନାହାଁନ୍ତି। ତଥାପି ସେ କାହିଁକି ଅସନ୍ତୁଷ୍ଟ ରହୁଛନ୍ତି ତାହା ବିସ୍ମୟଜନକ। ଫଡ଼ନାବିଶ ସରକାର ଶିବସେନାର ସମର୍ଥନ ଉପରେ ନିର୍ଭର କରୁନି। ମେଣ୍ଟରୁ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ଓହରିଗଲେ ମଧ୍ୟ ସରକାରଙ୍କ ନିକଟରେ ପର୍ଯ୍ୟାପ୍ତ ସଂଖ୍ୟା ରହିଛି। ତେଣୁ ସରକାର ପ୍ରତି ବିପଦ ନାହିଁ। କିନ୍ତୁ ମେଣ୍ଟରୁ ଏକ ପ୍ରମୁଖ ଅଂଶୀଦାର ଦଳ ଓହରିଯିବା ଦ୍ୱାରା ମହାୟୁତିର ବିଶ୍ୱସନୀୟତା ପ୍ରତି ଆଞ୍ଚ ଆସିବ। ଲୋକେ ଯେଉଁ ଭରସାରେ ମହାୟୁତି ସପକ୍ଷରେ ରାୟ ଦେଇଥିଲେ ତାହା ତୁଟିଯିବ। ଏହା ଜନତାଙ୍କ ପ୍ରତି ଧୋକା ହେବ। ଅତୀତରେ ଉଦ୍ଧବ ଠାକରେ ଯେଉଁ ଭୁଲ କରିଥିଲେ, ସିନ୍ଦେ ସେହି ଭୁଲର ପୁନରାବୃତ୍ତି କରିବେ ନାହିଁ ବୋଲି ବିଶ୍ୱାସ। ତାଙ୍କ ଦଳର ଏତେ ସଂଖ୍ୟାରେ ବିଧାୟକ ଜିତିଛନ୍ତି କେବଳ ମେଣ୍ଟ ସପକ୍ଷରେ ରାୟ ଯୋଗୁ। ଏହାକୁ ସେ ଭୁଲିଯିବା ଅନୁଚିତ। ମହାୟୁତିରେ ବିଭେଦ କଂଗ୍ରେସ ନେତୃତ୍ୱାଧିନ ଏମଭିଏ ପାଇଁ ପୁନର୍ବାର ସୁଯୋଗ ସୃଷ୍ଟି କରିପାରେ। ତେଣୁ ବିଭେଦ ତୁଟାଇବାକୁ ଫଡ଼ନାବିଶଙ୍କ ସହ ଅମିତ ଶାହା ଏବଂ ଜେ ପି ନଡ୍ଡା ତୁରନ୍ତ ପ୍ରୟାସ କରିବା ଉଚିତ। ଯଦି ମହାୟୁତି ସୁଦୃଢ଼ ରହିବ ତେବେ ଏମଭିଏ ଦୁର୍ବଳ ହେବ। ନଚେତ ଏମଭିଏ କ୍ଷମତାକୁ ଫେରିବାକୁ ଅଧିକ ସମୟ ଲାଗିବ ନାହିଁ। ଦେବେନ୍ଦ୍ର ଫଡ଼ନାବିଶ ଜଣେ ଦକ୍ଷ ଏବଂ ପରିପକ୍ୱ ନେତା। ସେ ସବୁ କଥା ସମ୍ଭାଳି ନେବେ ବୋଲି ବିଶ୍ୱାସ।

# ବ୍ରାହ୍ମଣ, ବ୍ରହ୍ମ ପଇତା ଏବଂ ଏହାର ଗୁରୁତ୍ୱ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ବୈଦିକ ଯୁଗରୁ ବ୍ରତୋପନୟନ ବା ବ୍ରତଘର ନାମକ ସଂସ୍କାରରେ ପିନ୍ଧାଯାଉଥିବା ଏକ ସୂତ୍ର ହିସାବରେ ପଇତାକୁ ବ୍ୟବହାର କରାଯାଉଛି। ଭାରତୀୟ ହିନ୍ଦୁ ସମାଜରେ ଏହାକୁ ଅତ୍ୟନ୍ତ ପବିତ୍ର ସୂତ୍ର ଭାବେ ବିବେଚନା କରାଯାଇଥାଏ। ଆପଣମାନେ ନିଶ୍ଚୟ ଦେଖିଥିବେ ଯେ ବ୍ରାହ୍ମଣ ଓ ବିବାହିତ ଲୋକେ କେତେଖିଅ ସୂତାକୁ ବାମ କାନ୍ଧ ଉପରୁ ଡାହାଣ ହାତ ତଳ ପର୍ଯ୍ୟନ୍ତ ଓହଳାଇ ରଖିଥାନ୍ତି। ଏହି ସୂତ୍ରକୁ ପଇତା କୁହାଯାଏ। ଏହାକୁ ହିନ୍ଦିରେ ଜନେଉ ଓ ଇଂରାଜୀରେ ସାକ୍ରେଡ଼ ଥ୍ରେଡ୍ ମଧ୍ୟ କୁହାଯାଏ। ପଇତାକୁ ସଂସ୍କୃତ ଭାଷାରେ 'ଯଜ୍ଞ-ଉପବିତ' କୁହାଯାଏ। ଏହା ମୁଖ୍ୟତ ହେଉଛି ତିନୋଟି ସୂତା ବିଶିଷ୍ଟ। ଏହାକୁ ଧାରଣ ପୂର୍ବରୁ ଅଭିମନ୍ତ୍ରୀତ କରି ପବିତ୍ର କରାଯାଇଥାଏ। ପଇତା ମୁଖ୍ୟ ତିନୋଟି ସୂତ୍ର ଦେବଋଣ, ପିତୃଋଣ ଏବଂ ଋଷିଋଣକୁ ମନେ ପକାଇ ଦେଇଥାଏ। ୧ - ଦେବଋଣ :- ଆମେ ଜୀବନ ଧାରଣ ପାଇଁ ପୃଥିବୀରେ ପରିଶ୍ରମ କରୁ କିନ୍ତୁ ଆଲୋକ ଉତ୍ତାପ ବାୟୁ ଜଳ ପ୍ରଭୃତି ଦେବଦତ୍ତ। ତେଣୁ ଆମେ ଦେବତାଙ୍କ ଋଣୀ। ୨ - ପିତୃଋଣ :- ଆମେ ପିତା- ମାତାଙ୍କ ପାଇଁ ପୃଥିବୀକୁ ଆସିଛନ୍ତି। ଏହା ଆମ ଉପରେ ଏକ ଋଣ ଓ ଏହାକୁ ସୁଝିବାକୁ ହେଲେ ଆମକୁ ମଧ୍ୟ ପିତା ମାତା ହେବାକୁ ପଡ଼ିବ। ୩ - ଋଷିଋଣ :- ଋଷି ମାନେ ଆମର ଜ୍ଞାନ ଦାତା। ସେମାନଙ୍କ ଠାରୁ ଆମର ଗୋତ୍ରର ଆରମ୍ଭ। ତେଣୁ ସେମାନଙ୍କୁ ଆତିଥ୍ୟ ପ୍ରଦାନ କରିବା ଆମର କର୍ତ୍ତବ୍ୟ। ବ୍ରାହ୍ମଣ ପରିବାରରେ ଯଜ୍ଞୋପବିତ ଧାରଣ କରି ନ ଥିବା ପୁତ୍ର ପାଇଁ ନିଜ ପିତା-ମାତାଙ୍କୁ ମୁଖାଗ୍ନି ଦେବା ମଧ୍ୟ ନିଷିଦ୍ଧ ଅଟେ। ଆଜିର ଆଧୁନିକ ସମାଜରେ ଏହି ପବିତ୍ର ସୂତ୍ର ପ୍ରାଚୀନ ବୈଦିକ ରୀତିନୀତିକୁ ଦର୍ଶାଇବା ସହ ଏହାକୁ ଧାରଣ କରିଥିବା ବ୍ୟକ୍ତିର ବର୍ଣ୍ଣ ବା ଜାତିର ମଧ୍ୟ ସୂଚନା ଦେଇଥାଏ। ପଇତା ହେଉଛି ଭାରତୀୟ ହିନ୍ଦୁ ସଂସ୍କୃତିରେ ଧାରଣ କରାଯାଉଥିବା ଏକ ପବିତ୍ର ସୂତ୍ର। ଏହାକୁ ସାଧାରଣତଃ ହିନ୍ଦୁ ବ୍ରାହ୍ମଣମାନେ ଧାରଣ କରିଥାନ୍ତି। ଏହି ପଇତା ବା ଯଜ୍ଞୋପବିତକୁ ଧାରଣ କରିବା ପାଇଁ ବ୍ରତୋପନୟନ ନାମକ ଏକ ସଂସ୍କାରର ଆୟୋଜନ କରାଯାଏ। ବ୍ରାହ୍ମଣଙ୍କ ଛଡ଼ା କ୍ଷତ୍ରିୟ ଓ ବୈଶ୍ୟମାନେ ମଧ୍ୟ ପଇତା ଧାରଣ କରିଥାନ୍ତି। ବ୍ରାହ୍ମଣମାନଙ୍କ ପଇତା ସୂତାରେ ତିଆରି ହୋଇଥିବା ବେଳେ, କ୍ଷତ୍ରିୟମାନଙ୍କ ପଇତା ଛଣରେ ଓ ବୈଶ୍ୟମାନଙ୍କ ପଇତା ପଶମରେ ତିଆରି ହୋଇଥାଏ।

ବ୍ରାହ୍ମଣମାନେ ଉପନୟନମ୍ ସଂସ୍କାର ବା ବ୍ରତୋପନୟନରେ ପଇତା ଧାରଣ କରିଥାନ୍ତି। ଏହି ସଂସ୍କାର ସାଧାରଣତଃ ୭ରୁ ୧୪ ବର୍ଷ ବୟସ ମଧ୍ୟରେ ହୋଇଥାଏ। ଯଦି କୌଣସି କାରଣରୁ ଏହି ବୟସ ସୀମା ମଧ୍ୟରେ ବ୍ରତଘର ହୋଇପାରି ନ ଥାଏ, ତେବେ ବିବାହ ପୂର୍ବରୁ ବ୍ରତଘର ସମ୍ପନ୍ନ କରିବାକୁ ପଡ଼େ। କେତେକ ପରିବାରରେ ମଧ୍ୟ ବିବାହ ସମୟରେ ବ୍ରତହେବାର ପ୍ରଥା ଅଛି। ବ୍ରତୋପନୟନ ଏକ ପ୍ରାଚୀନ ସଂସ୍କାର ଅଟେ। ଯେପର୍ଯ୍ୟନ୍ତ ଜଣେ ବ୍ରାହ୍ମଣ ବାଳକ ପଇତା ଧାରଣ କରି ନ ଥାଏ, ସେପର୍ଯ୍ୟନ୍ତ ତାକୁ ଦ୍ୱିଜ କୁହାଯାଇପାରେ ନାହିଁ। ଦ୍ୱିଜ, ଅର୍ଥାତ୍ ଦୁଇଥର ଜାତ। ଦୁଇଥର ଜାତ ବା ଜନ୍ମ ହୋଇଥିବା ପ୍ରାଣୀକୁ ସାଧାରଣତଃ ଦ୍ୱିଜ କୁହାଯାଏ। ଏହା ଏକ ସଂସ୍କୃତ ଶବ୍ଦ ଅଟେ। ପକ୍ଷୀଟିଏ ଯେତେବେଳେ ଅଣ୍ଡା ଦିଏ, ସେତେବେଳେ ପକ୍ଷୀ ଶାବକଟି ପ୍ରଥମଥର ଜନ୍ମ ହୋଇଥାଏ। ଅଣ୍ଡାଟିରୁ ଛୁଆ ଫୁଟିଲେ ଶାବକଟି ଦ୍ୱିତୀୟବାର ଜନ୍ମ ହୋଇଥାଏ। ଏହିପରି ଦୁଇଥର ଜନ୍ମ ହେଉଥିବାରୁ ପକ୍ଷୀମାନଙ୍କୁ ଦ୍ୱିଜ କୁହାଯାଏ। ସେହିପରି ବ୍ରାହ୍ମଣମାନଙ୍କୁ ମଧ୍ୟ ଦ୍ୱିଜ କୁହାଯାଏ। କୌଣସି ବ୍ରାହ୍ମଣ ପରିବାରରେ ବାଳକଟିଏ ଜନ୍ମଗ୍ରହଣ କଲେ, ବାଳକଟି ପ୍ରଥମଥର ପାଇଁ ବ୍ରାହ୍ମଣ ହୋଇ ଜନ୍ମହୋଇଥାଏ। ପରେ ସେହି ବ୍ରାହ୍ମଣ ବାଳକଟିର ବ୍ରତୋପନୟନ ହେଲେ ସେ ଦ୍ୱିତୀୟବାର ଜନ୍ମ ହୋଇଥାଏ। ଏହିପରି ବ୍ରାହ୍ମଣମାନେ ମଧ୍ୟ ଦୁଇଥର ଜନ୍ମ ହୋଇଥାନ୍ତି।

ଯେଉଁ ବାଳକଟିର ବ୍ରତଘର ହେଉଥାଏ, ତାକୁ ବଟୁ ବା ଅଧ୍ୟୟନରତ ଛାତ୍ର କୁହାଯାଏ। ବ୍ରତୋପନୟନ ସଂସ୍କାରରେ ବ୍ରତ ହେଉଥିବା ବାଳକଟିକୁ ଗାୟତ୍ରୀ ମନ୍ତ୍ର ଶିକ୍ଷା ଦିଆଯାଏ ଏବଂ ବାଳକଟି ତିନି ଖିଅ ବିଶିଷ୍ଟ ଏକ ବ୍ରତୋପନୟନ ଧାରଣ କରିଥାଏ। ବ୍ରାହ୍ମଣଙ୍କ ବ୍ୟତୀତ ଏହି ଯଜ୍ଞୋପବିତ ବା ଜନେଓକୁ କ୍ଷତ୍ରିୟ ଓ ବୈଶ୍ୟମାନେ ମଧ୍ୟ ଧାରଣ କରିଥାନ୍ତି। ଯଦି କୌଣସି ବ୍ରାହ୍ମଣ ବାଳକ ବିଧିବଦ୍ଧ ଭାବରେ ବେଦ ଶିକ୍ଷା କରିବାକୁ ଚାହେଁ, ତେବେ ତାକୁ ୫ ବର୍ଷ ବୟସରୁ ହିଁ ପଇତା ଧାରଣ କରିବାକୁ ପଡ଼ିଥାଏ। ସେହିପରି ଯଦି କୌଣସି କ୍ଷତ୍ରିୟ ବାଳକ ବିଧିବଦ୍ଧ ଭାବରେ ଯୁଦ୍ଧବିଦ୍ୟା ଶିକ୍ଷା କରିବାକୁ ଚାହେଁ, ତେବେ ତାକୁ ୬ ବର୍ଷ ବୟସରୁ ପଇତା ଧାରଣ କରିବାକୁ ପଡ଼ିଥାଏ ଏବଂ ଯଦି କୌଣସି ବୈଶ୍ୟ ବାଳକ ବିଧିବଦ୍ଧ ଭାବରେ ବାଣିଜ୍ୟ ଶିକ୍ଷା କରିବାକୁ ଚାହେଁ, ତେବେ ତାକୁ ୮ ବର୍ଷ ବୟସରୁ ପଇତା ଧାରଣ କରିବାକୁ ପଡ଼ିଥାଏ। ବିବାହ ପରେ ତିନି ଖିଅ ବିଶିଷ୍ଟ ପଇତା ବଦଳରେ ବ୍ୟକ୍ତିଟିକୁ ଛଅ ଖିଅ ବିଶିଷ୍ଟ ପଇତା ଧାରଣ କରିବାକୁ ପଡ଼ିଥାଏ। ଏହି ଛଅ ଖିଅ ବିଶିଷ୍ଟ ପଇତା ବିବାହ ପରେ ତୁଲାଇବାକୁ ପଡୁଥିବା ଅତିରିକ୍ତ ଦାୟିତ୍ୱକୁ ଦର୍ଶାଇଥାଏ। ପଇତାର ତିନୋଟି ସୂତାକୁ ସତ୍ୟ, ରଜ ଏବଂ ତମ ର ପ୍ରତୀକ ମଧ୍ୟ କୁହାଯାଏ। କେହି କେହି ଏହାକୁ ଗାୟତ୍ରୀ ମନ୍ତ୍ରର ତିନୋଟି ସୋପାନର ପ୍ରତୀକ କହନ୍ତି। ଏହାକୁ ମଧ୍ୟ ମନୁଷ୍ୟର ତିନୋଟି ଆଶ୍ରମ ଯଥା - ବ୍ରହ୍ମଚର୍ଯ୍ୟ, ଗୃହସ୍ତ ଓ ବାନପ୍ରସ୍ତ ର ପ୍ରତୀକ ମଣନ୍ତି। ପାଇତାର ପ୍ରତ୍ୟେକ ସୂତ୍ରରେ ତିନୋଟି ଲେଖାଏଁ ପତଳା ସୂତା ଥାଏ। ଏହିପରି ସମୁଦାୟ ସୂତ୍ର ସଂଖ୍ୟା ନଅ। ଏହି ନଅ ସୂତ୍ରକୁ ମନୁଷ୍ୟର ନଅ ଦ୍ୱାର ବୋଲି କୁହାଯାଏ। ଗୋଟିଏ ପାଟି, ଦୁଇଟି ନାକ, ଦୁଇଟି ଆଖି, ଦୁଇଟି କାନ, ଗୋଟିଏ ମଳଦ୍ୱାର ଓ ଗୋଟିଏ ମୂତ୍ରଦ୍ୱାର ଏହିପରି ସମୁଦାୟ ନଅଟି ଦ୍ୱାର। ସେଥିପାଇଁ ଆମର ଏକ ତତ୍ତ୍ୱ ଯୁକ୍ତ ସରି ଭେଦ ଗୀତ ଟିଏ ଅଛି - " କପିଳା ନାମରେ ଗାଈସେ, ତିନିମୁଖି-ଷଢ଼ ଲୋଚନ ଏକ ପାଦରେ ଉଭା "ଆମେ ଜାଣିଛନ୍ତି ପାଇତାର ପାଞ୍ଚଟି ଗଣ୍ଠି ଅଛି। ପାଞ୍ଚଟି ଗଣ୍ଠି ଯାହା ବ୍ରହ୍ମ, ଧର୍ମ, ଅର୍ଥ, କାମ ଏବଂ ମୋକ୍ଷର ପ୍ରତୀକ ଅଟେ। ଏହା ମଧ୍ୟ ପାଞ୍ଚ ଇନ୍ଦ୍ରିୟ - ଚକ୍ଷୁ - କର୍ଣ୍ଣ - ନାସା - ଜିହ୍ୱା - ସ୍ପର୍ଶ ର ପ୍ରତୀକ। କେହି କେହି ଏହାକୁ ପଞ୍ଚ ତତ୍ତ୍ୱ - କ୍ଷୀତ - ଆପ - ତେଜ - ମରୁତ - ବ୍ୟୋମ ଅର୍ଥାତ ମାଟି - ପାଣି - ନିଆଁ - ପବନ - ଆକାଶ ବୋଲି କହନ୍ତି। ବୈଦିକ ଧର୍ମରେ, ପ୍ରତ୍ୟେକ ଆର୍ଯ୍ୟଙ୍କର କର୍ତ୍ତବ୍ୟ ହେଉଛି ପଇତା ପିନ୍ଧିବା ଏବଂ ଏହାର ନିୟମ ପାଳନ କରିବା। ପଇତାର ଦୈର୍ଘ୍ୟ ହେଉଛି ୯୬ ଆଙ୍ଗୁଠି। ଏହାର ଅର୍ଥ ହେଉଛି ପଇତା ଧାରକ ୩୨ ବିଦ୍ୟା ଓ ୬୪ କଳା ଶିଖିବାକୁ ଚେଷ୍ଟା କରିବା ଉଚିତ୍। ୩୨ ବିଦ୍ୟା ଯଥା ଚାରୋଟି ବେଦ, ଚାରି ଉପବେଦ, ଛଅ ଅଙ୍ଗ, ଛଅ ଦର୍ଶନ, ତିନୋଟି ସୂତ୍ର, ନଅ ଅରନ୍ୟକ କୁ ନେଇ ସମୁଦାୟ ୩୨ ଟି ବିଦ୍ୟା ଅଛି। ସେହିପରି ୬୪ ଟି କଳା ଯଥା ସ୍ଥାପତ୍ୟ, ରୋଷେଇ, ଚିତ୍ର, ସାହିତ୍ୟ କଳା, ହସ୍ତଶିଳ୍ପ, ଭାଷା, ମେସିନ୍ ତିଆରି, ସିଲେଇ, ଏମ୍ବ୍ରୋଡୋରୀ, ବୁଣାକାର, ହସ୍ତଶିଳ୍ପ, ଅଳଙ୍କାର ତିଆରି, କୃଷି ଜ୍ଞାନ ଇତ୍ୟାଦି ଇତ୍ୟାଦି ଶିଖିବା ଉଚିତ। ଏହାପରେ ଆସିବ ପଇତା ବ୍ୟବହାର କରିବାର ନିୟମ। ସେଗୁଡିକ ହେଲା - ବହିଷ୍କାର (ମଳତ୍ୟାଗ) ଏବଂ ପରିସ୍ରା କରିବା ପୂର୍ବରୁ ଡାହାଣ କାନରେ ଯଜ୍ଞୋପବିତ ଧାରଣ କରିବା ଉଚିତ। ହାତ ସଫା କରିବା ପରେ ଏହା ବାହାର କରାଯିବା ଉଚିତ। ଏହାର ଅର୍ଥ ହେଉଛି ପଇତା ସର୍ବଦା ଏପରି ଭାବେ ଅଣ୍ଟାରୁ ଉଚ୍ଚରେ ରହିବା ଉଚିତ ଯାହାଦ୍ୱାରା ଏହା ଅଶୁଦ୍ଧ ହେବ ନାହିଁ। ଯଦି ଉପବିତର କୌଣସି ସୂତା ଛିଣ୍ଡି ଯାଏ କିମ୍ବା ଏହା ଛଅ ମାସରୁ ଅଧିକ ହୁଏ, ତେବେ ଏହାକୁ ବଦଳାଇ ଦେବା ଉଚିତ। ଏଥିରେ ଚାବିକାଠି କିମ୍ବା ଅନ୍ୟକିଛି ଓହଳାଇବେ ନାହିଁ। ଏହାକୁ ଶରୀରରୁ ବାହାରକୁ ନିଆଯାଏ ନାହିଁ। ଏହାକୁ ପିନ୍ଧିଥିବା ଅବସ୍ଥାରେ ଘର୍ଷଣ କରି ସଫା କରାଯାଏ। ଯେତେବେଳ ପର୍ଯ୍ୟନ୍ତ ପିଲାମାନେ ଏହି ନିୟମ ମାନିବାକୁ ସକ୍ଷମ ନ ହୋଇ ଥାଆନ୍ତି, ସେତେବେଳ ପର୍ଯ୍ୟନ୍ତ ସେମାନଙ୍କୁ ଏହା ପିନ୍ଧାଯିବା ଉଚିତ୍ ନୁହେଁ। ଏହାପରେ ଆମେ ଜାଣିବା ପଇତା ଧାରଣ କରିବାର ସୁଫଳ ଗୁଡିକ କଣ ଅଛି। ଏହାର ବହୁ ସୁଫଳ ଅଛି, ଯଥା - ଡାହାଣ କାନର ଶିରାର ପୁରୁଷର ଅଣ୍ଡକୋଷ ସହ ସମ୍ପର୍କ ଅଛି। ମୂତ୍ର ତ୍ୟାଗ କରିବା ସମୟରେ ଡାହାଣ କାନରେ ସୂତା ଗୁଡ଼ାଇ ପରିସ୍ରା କଲେ ଶୁକ୍ରାଣୁ ରକ୍ଷା ହୋଇଥାଏ। ବାରମ୍ବାର ଖରାପ ସ୍ୱପ୍ନ ଦେଖିବା ସମସ୍ୟାରୁ ଏହା ମୁକ୍ତି ଦେଇଥାଏ। ପଇତାକୁ କାନରେ ଗୁଡ଼ାଇଲେ ବ୍ୟକ୍ତିଙ୍କ ମଧ୍ୟରେ ସୂର୍ଯ୍ୟ ନାଡ଼ିର ଏକ ଜାଗରଣ ହୁଏ। କାନରେ ଗୁଡ଼ାଇବା ଦ୍ୱାରା ପେଟ ସମ୍ବନ୍ଧୀୟ ରୋଗ ଏବଂ ରକ୍ତଚାପ ସମସ୍ୟା ମଧ୍ୟ ରୋକିଥାଏ। ଏହା ମାନସିକ ଶୁଦ୍ଧତାର ଏକ ଅନୁଭବ କରାଏ। ଏହା ମନକୁ ମନ୍ଦ କାର୍ଯ୍ୟରୁ ନିବୃତ୍ତ କରିଥାଏ।

ଯଜ୍ଞୋପବିତ ସାଧାରଣତଃ କେବଳ ପୁରୁଷମାନେ ହିଁ ଧାରଣ କରିଥାନ୍ତି। ତେବେ ଆର୍ଯ୍ୟ ସମାଜ ଦର୍ଶନରେ ଉଭୟ ପୁରୁଷ ଓ ନାରୀକୁ ପ୍ରତ୍ୟେକ ଧାର୍ମିକ ସଂସ୍କାରରେ ସମଭାବରେ ସମ୍ମିଳିତ କରାଯିବାର ପରମ୍ପରା ରହିଛି। ତେଣୁ ଆର୍ଯ୍ୟ ସମାଜରେ ପୁରୁଷଙ୍କ ସହ ନାରୀମାନେ ମଧ୍ୟ ପଇତା ଧାରଣ କରିଥାନ୍ତି। ବ୍ରତୋପନୟନ ସମୟରେ ବ୍ରାହ୍ମଣମାନେ ଧାରଣ କରୁଥିବା ପଇତାରେ ୩ଟି ଖିଅ ଥାଏ। ଭିନ୍ନ ଭିନ୍ନ ଶାସ୍ତ୍ର ଓ ବ୍ୟକ୍ତିଙ୍କ ମତରେ ଏହି ୩ଟି ଖିଅର ଭିନ୍ନ ଭିନ୍ନ ଅର୍ଥ ହୋଇପାରେ। ଯଥା - ହିନ୍ଦୁ ଧର୍ମର ତ୍ରିଦେବ, ଯଥା ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର ମହାସରସ୍ୱତୀ, ମହାଲକ୍ଷ୍ମୀ ଓ ମହାକାଳୀ। ସମୟର ୩ଟି ଅବସ୍ଥା, ଯଥା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ୩ଟି ଗୁଣ, ଯଥା ସତ୍ତ୍ୱ ଗୁଣ, ରଜ ଗୁଣ ଓ ତମ ଗୁଣ। ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ୩ ପ୍ରକାର ଅବସ୍ଥା, ଯଥା ଜାଗ୍ରତ, ସୁସୁପ୍ତି ଓ ନିଦ୍ରା ଇଡ଼ା , ପିଙ୍ଗଳା ଓ ସୁଷୁମ୍ନା ନାଡ଼ି, ଯାହା ମଧ୍ୟ ଦେଇ କୁଣ୍ଡଳିନୀ ଶକ୍ତି ଜାଗ୍ରତ ହୁଏ। ତିନି ପ୍ରକାରର ଋଣ, ଯାହାକୁ କଦାପି ଭୁଲିବା ଉଚିତ୍ ନୁହେଁ, ଯଥା - ଗୁରୁ ଋଣ, ଅର୍ଥାତ୍ ଯେଉଁମାନେ ପଇତା ଧାରଣ କରିଥିବା ବ୍ୟକ୍ତିକୁ ଶିକ୍ଷା ଦେଇଥାନ୍ତି, ସେମାନଙ୍କ ଋଣ। ପିତୃ ଋଣ, ଅର୍ଥାତ୍ ଯେଉଁମାନେ ପଇତା ଧାରଣ କରିଥିବା ବ୍ୟକ୍ତିର ଲାଳନପାଳନ କରିଥାନ୍ତି, ସେମାନଙ୍କ ଋଣ ଋଷି ଋଣ , ଅର୍ଥାତ୍ ଯେଉଁମାନେ ଆଧାତ୍ମିକ ଜ୍ଞାନକୁ ଆବିଷ୍କାର କରିଛନ୍ତି ଏବଂ ଯେଉଁମାନଙ୍କ ଆବିଷ୍କାର ପଇତା ଧାରଣ କରିଥିବା ବ୍ୟକ୍ତିକୁ ସତ୍ ପଥରେ ପରିଚାଳିତ କରୁଛି, ସେମାନଙ୍କ ଋଣ। କେତେକ କ୍ଷେତ୍ରରେ ପଇତାର ତୃତୀୟ ଖିଅ ଋଷି ଋଣ ବଦଳରେ ଦେବ ଋଣ ବା ଈଶ୍ୱରଙ୍କ ଋଣକୁ ଦର୍ଶାଏ ବୋଲି କୁହାଯାଇଛି। ବିବାହ ପରେ ତିନି ଖିଅ ବିଶିଷ୍ଟ ପଇତା ବଦଳରେ ବ୍ୟକ୍ତିକୁ ଛଅ ଖିଅ ବିଶିଷ୍ଟ ପଇତା ପିନ୍ଧିବାକୁ ପଡ଼ିଥାଏ। ଏହି ଅତିରିକ୍ତ ୩ଟି ଖିଅ ପୁରୁଷ ଜୀବନରେ ପତ୍ନୀ ଋଣକୁ ଦର୍ଶାଇଥାଏ।

ଭିନ୍ନ ଭିନ୍ନ କର୍ମକାଣ୍ଡରେ ପଇତାକୁ ଭିନ୍ନ ଭିନ୍ନ ପ୍ରକାରରେ ଧାରଣ କରାଯାଏ। ଯଥା ଶୁଭ କର୍ମମାନଙ୍କରେ ପଇତାକୁ ବାମ କାନ୍ଧରେ ଧାରଣ କରାଯାଏ। ଏହି ଅବସ୍ଥାରେ ପଇତାଧାରୀକୁ ଉପବିତି କୁହାଯାଏ। ଅଶୁଭ କର୍ମମାନଙ୍କରେ ପଇତାକୁ ଡାହାଣ କାନ୍ଧରେ ଧାରଣ କରାଯାଏ। ଏହି ଅବସ୍ଥାରେ ପଇତାଧାରୀକୁ ପ୍ରନ୍ନବିତି କୁହାଯାଏ। ପଇତାକୁ ବେକରେ ମାଳା ପରି ଧାରଣ କଲେ ପଇତାଧାରୀକୁ ନିବିତି କୁହାଯାଏ। ମଳମୂତ୍ର ତ୍ୟାଗ କରିବା ସମୟରେ ପଇତାର ଉପରିଭାଗକୁ କାନ ଉପରେ ରଖାଯାଇଥାଏ। କେତେକ ପରମ୍ପରାରେ ପୁରୁଷ ଓ ନାରୀ ଉଭୟ ପଇତା ଧାରଣ କରିଥାନ୍ତି। ମହିଳାମାନେ ପଇତାକୁ ବେକରେ ଧାରଣ କରିଥାନ୍ତି କିମ୍ବା ନଡ଼ିଆରେ ଗୁଡ଼ାଇ ପୂଜା ଘରେ ଠାକୁରଙ୍କ ପାଖରେ ରଖିଥାନ୍ତି। ପରିବାରରେ କାହାର ମୃତ୍ୟୁ ହୋଇଗଲେ (ମୃତିକିଆ) ବା ଶିଶୁଟିଏ ଜନ୍ମ ହେଲେ (ଛୁତିକିଆ) ପୁରୁଣା ପଇତା ପରିବର୍ତ୍ତନ କରି ଘଟଣାର ୧୫ ଦିନ ପରେ ନୂଆ ପଇତା ଧାରଣ କରିବାକୁ ହୁଏ। ପୁରୁଣା ହୋଇଯାଇଥିବା ବା ଛିଣ୍ଡିଯାଇଥିବା ପଇତାକୁ ବଦଳାଇ ନୂଆ ପଇତା ଧାରଣ କରିବାକୁ ପଡ଼ିଥାଏ। ପଇତା ବଦଳାଯାଉଥିବା ପର୍ବ। ପଇତା ଧାରଣ କରିଥିବା ବ୍ୟକ୍ତିମାନେ ସାଧାରଣତଃ ବ୍ରାହ୍ମଣ ଓ ଆର୍ଯ୍ୟ ସମାଜର ଅନୁଗାମୀ ପୂର୍ଣ୍ଣିମାକୁ ଆଧାତ୍ମିକ ନୂତନତ୍ୱ ପ୍ରାପ୍ତିର ପର୍ବ ଭାବେ ପାଳନ କରିଥାନ୍ତି। ଏହି ଦିନ ସେମାନେ ନିଜର ପୁରୁଣା ପଇତାକୁ ପରିବର୍ତ୍ତନ କରି ନୂଆ ପଇତା ଧାରଣ କରିଥାନ୍ତି। ନିଜ ପଇତାକୁ ପ୍ରତିଦିନ ଗାଧୋଇବା ସମୟରେ ସଫା କରିବା ଓ ଏହାକୁ ସମ୍ମାନ କରିବା ପ୍ରତ୍ୟେକ ପଇତାଧାରୀର ଦାୟିତ୍ୱ ଅଟେ।

ଅରଙ୍ଗାବାଦ. ବରୀ. ଯାଜପୁର
ମୋବାଇଲ: ୯୯୩୮୯୦୬୦୭୦

# ଏକ ଏ ବଳଭଦ୍ର ଶ୍ରୀଜଗନ୍ନାଥ, ଏକ ଏ ଦେବଦେବୀ କହୁଛି ସତ



ପୁଷ୍ପମିତ୍ର ମହାପାତ୍ର

ଗଙ୍ଗା ନଦୀ ଠାରୁ ଗୋଦାବରୀ ଯାଏଁ ବିଶାଳ ଓଡ଼ିଶା ସାମ୍ରାଜ୍ୟର ଇତିହାସ କେବଳ ନୁହେଁ, ଓଡ଼ିଶାର ପ୍ରକୃତି, ଲୋକସାଧାରଣ, ଚାଲିଚଳଣ, ଏବଂ ସେମାନଙ୍କ ଧର୍ମ ଧାରଣା ଯେପରି ଶ୍ରୀଜଗନ୍ନାଥ ମନ୍ଦିରରେ ପ୍ରତିଫଳିତ ତାହାର ବିଶ୍ଳେଷଣ, ବିଚାର ଦରକାର। ଜୈନ, ବୌଦ୍ଧ, ତନ୍ତ୍ର, ଶାକ୍ତ, ଶୈବ, ବୈଷ୍ଣବ ଧର୍ମଧାରା ପୂଜା ପଦ୍ଧତି ସବୁ ଓଡ଼ିଶା ମାଟିରେ ପ୍ଲାବିତ ହୋଇଥିଲା, ଯେପରି ଭାରତରେ ହୋଇଅଛି। ବିଭିନ୍ନ ସମ୍ପ୍ରଦାୟ ବିଭିନ୍ନ ଧର୍ମ ଧାରାର ପୃଷ୍ଠପୋଷକ ଥିଲେ ଏ ବେ ବି ଅଛନ୍ତି। ଓଡ଼ିଶା ଲୋକ ସଂଖ୍ୟାର ଶତକଡ଼ା ଶହେ ପ୍ରାୟ ଆଦି ଭାରତୀୟ। ହରିଜନ, ଆଦିବାସୀ ମାନଙ୍କ ସହ ହାଟୁଆ ଶ୍ରେଣୀ, କରଣ ଏବଂ ଚାଷୀ ଖଣ୍ଡାୟତ ମାନଙ୍କୁ ମିଶାଇ ଦେଲେ ସହଜରେ ବୁଝାପଡ଼ିବ ଯେ ଓଡ଼ିଶା ଆଦି ଭାରତୀୟ ମାନଙ୍କ ଭୂମି। ବ୍ରାହ୍ମଣମାନଙ୍କ ମଧ୍ୟରୁ କେତେକ ପରିବାର ବା ସମ୍ପ୍ରଦାୟ ଓଡ଼ିଶା÷ହାରୁ ଆସିଥିବା ସମ୍ଭବପର। ମାତ୍ର ଉତ୍ତର ଭାରତରୁ ଆସିଲେ ଯେ ବ୍ରାହ୍ମଣମାନେ ଆର୍ଯ୍ୟଗୋଷ୍ଠୀର ହୋଇଯିବେ, ଏହା ମଧ୍ୟ ବିଚାରିବା ଠିକ ହେବନାହିଁ। ମାତ୍ର ବ୍ରାହ୍ମଣମାନେ ଆର୍ଯ୍ୟମାନଙ୍କ ବେଦ ବିଚାର, ପୂଜା ପଦ୍ଧତି, କର୍ମକାଣ୍ଡ ଗ୍ରହଣ କରି ନେଇଛନ୍ତି, ଯେପରି ଭାରତରେ



ଅନ୍ୟମାନେ ଗ୍ରହଣ କରିଅଛନ୍ତି। ଏହିସବୁ ପୂଜା ପଦ୍ଧତି ବିଶ୍ଳେଷଣ କଲେ ତହିଁରୁ କେତେ ଆର୍ଯ୍ୟ ପଦ୍ଧତି, କେତେ ଆଦିଭାରତୀୟଙ୍କ ପୂଜା ପଦ୍ଧତି ଏହା ସ୍ଥିର କରିବା ମୁସ୍କିଲ। ଆର୍ଯ୍ୟ ଓ ଆଦି ଭାରତୀୟ ମାନଙ୍କ ନାନା ପଦ୍ଧତି ମିଶ୍ରଣ ହୋଇଅଛି।

ଓଡ଼ିଶା ଗ୍ରାମ ମାନଙ୍କରେ ଦେବତା ସୃଷ୍ଟିର ଏକ ଚିତ୍ତାକର୍ଷକ ଇତିବୃତ୍ତ ମିଳେ। ସୀମାହୀନ ପଥର ଗଛ ଦେହରେ ସିନ୍ଦୁର ବୋଳଯାଇ ଦେବତା ସୃଷ୍ଟି ହୋଇଥାଏ। ଚଣ୍ଡୀଖୋଲରେ ଏବେ ଶବର ମାନଙ୍କ ଗ୍ରାମଦେବତୀ ଏକ ମନ୍ଦିରରେ ଚଣ୍ଡୀ। ଗ୍ରାମଦେବତା ଗାଁ ମୁଣ୍ଡରେ ଯାହା ରହିଥାଏ, ତାହା ଏହିପରି ହୋଇଯାଏ। ମାତ୍ର ଦେବତା ପଥରେ ନଥାନ୍ତି, ମଣିଷ ମନରେ ଥାନ୍ତି। ତହୁଁ ମଣିଷର ମନ ହେଲେ ଦେବତା ସୃଷ୍ଟି ହୋଇଯିବା କଠିନ କଥା ନୁହେଁ। ଶ୍ରୀଜଗନ୍ନାଥ ହୁଏତ ପ୍ରଥମେ ସେପରି ସୃଷ୍ଟି ହୋଇଥିବେ, ଏଥିରେ ସନ୍ଦେହ ନାହିଁ। ଅନେକ ମନେକରନ୍ତି ସିନ୍ଦୂର ରକ୍ତର ସ୍ମାରକ। ପ୍ରାଚୀନ ଯୁଗରେ ଦେବୀଙ୍କ ନିକଟରେ ବଳି ଦେବା ବା ରକ୍ତ ଦେବା ଏକ ଜଣାଶୁଣା ଚଳଣିରେ ପରିଣତ ହୋଇଥିଲା। ଗାଁରେ ଧନ, ଧାନ୍ୟ ବଢ଼ିବା ସଙ୍ଗେ ସଙ୍ଗେ ଏହି ପୂଜା, ପାର୍ବଣ ସଂଖ୍ୟା ମଧ୍ୟ ବଢ଼ିଯାଏ। ଏବେ ଦେଖାଯିବ ଯେ ସପ୍ତାହରେ ସାତ ଦିନ ଯାକ କୌଣସି ନା କୌଣସି ଦେବଦେବୀଙ୍କ ପୂଜା ଆରାଧନା ପାଇଁ ଅଭିପ୍ରେତ। ଏପରିକି ଶୁକ୍ରବାରଦିନ ବି ଏବେ ସନ୍ତୋଷୀ ମାଆ ପୂଜା ଆରମ୍ଭ ହୋଇଗଲାଣି। ରବି ସୂର୍ଯ୍ୟପୂଜା, ସୋମ ଶିବପୂଜା, ମଙ୍ଗଳ, ବୁଧ, ମଙ୍ଗଳା ଓ ବୁଧେଇ ଓଷା ପୂଜା, ଗୁରୁବାର ଲକ୍ଷ୍ମୀଦେବୀଙ୍କ ପୂଜା, ଶୁକ୍ରବାର ସନ୍ତୋଷୀମାଙ୍କ ପୂଜା ଓ ଶନିବାର ଶନି ଦେବତାଙ୍କ ପୂଜା। ଚେତନଶୂନ୍ୟ ଜଡ଼ରୁ ଜଡ଼ ସିନା ସୃଷ୍ଟି ହୋଇପାରେ, ମାତ୍ର ଚେତନ ଜଡ଼ ମଧ୍ୟରୁ କିପରି ଆସେ? ଶ୍ରୀଜଗନ୍ନାଥ ଜଡ଼ ଦେବତା ନୁହଁନ୍ତି। ସେ ଏକ ମହାଚେତନ ଶକ୍ତିର ପରିପ୍ରକାଶ ଓ ପ୍ରତୀକ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆତ୍ମ ସମର୍ପଣ ପୂର୍ବକ ନିଜ ଭାଷାରେ ଦୁଇଧାଡ଼ି ଲେଖୁଛି- "ଏକ ଏ ବଳଭଦ୍ର ଶ୍ରୀଜଗନ୍ନାଥ, ଏକ ଏ ଦେବଦେବୀ କହୁଛି ସତ।'

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ସେକ୍ଟର-୬, ସିଡିଏ, କଟକ, ମୋବାଇଲ୍: ୯୪୩୭୨୨୫୬୮୯

# ସହ-ଅସ୍ତିତ୍ୱର ବିବିଧତା ହିଁ ଭାରତର ବିଶେଷତା



ଗୋପାଳ ମହାପାତ୍ର

ଅପାର ବୈଭବ, ଅବିଶ୍ୱସନୀୟ ଉପଲବ୍ଧି, ଯାହା ବିଶ୍ୱର ଅନ୍ୟ କେଉଁଠି ନାହିଁ ତାହା ଭାରତରେ ରହିଛି। ଯେଉଁ କାମ କେହି କରିପାରିବେ ନାହିଁ ସେହି କାମ ଭାରତୀୟ କରିପାରିବେ। ଏକଥା ମିଛନୁହେଁ, ଭାରତର ସମ୍ପର୍କରେ ଆସିଥିବା ବିଦେଶୀ ଦାର୍ଶନିକ ମାନେ ଏକଥା କହିଛନ୍ତି। ଭାରତର ଭୌଗୋଳିକ ସଂରଚନା ଏମିତି ଯେ ବିଶ୍ୱରେ ଯେଉଁଠି ବି ଯାହାକିଛି ହେଉଛି ତାହା ଭାରତରେ ମଧ୍ୟ ହୋଇପାରିବ। କାରଣ ଆଣ୍ଟାର୍କଟିକା ଠାରୁ ନେଇ ଭୂମଧ୍ୟ ରେଖା ପର୍ଯ୍ୟନ୍ତର ଜଳବାୟୁ ଏବଂ ଭୂ-ଭୌତିକୀ ଯାହା ଅନ୍ୟତ୍ର ରହିଛି ତାହା ଭାରତରେ ଅନେକ ସ୍ଥାନରେ ଦେଖିବାକୁ ମିଳେ। ବିଶାଳ, ସମୁଦ୍ରତଟ, ବିସ୍ତୃତ ଜଙ୍ଗଲ, ହିମାଚ୍ଛାଦିତ ପର୍ବତ- ଶୃଙ୍ଖଳା, ମରୁସ୍ଥଳ, ପଠା, ନଦୀ, ଜଳାଶୟ, ଯଦି ସବୁ କିଛି କେଉଁ ଦେଶରେ ରହିଛି ସେହି ଦେଶ ହେଉଛି ଭାରତ ଏବଂ ଏହାର କାରଣ ହେଉଛି ବିଶ୍ୱର ଅଧିକାଂଶ ଜୀବ ପ୍ରଜାତି ଭାରତରେ ଉପଲବ୍ଧ। ଏପରିକି ଯେଉଁ ପ୍ରଜାତି ନାହାଁନ୍ତି ସେମାନଙ୍କ ନିର୍ବାହ ଭାରତରେ ମଧ୍ୟ ସମ୍ଭବ। ପ୍ରକୃତି ଭାରତ ପ୍ରତି ଅତ୍ୟଧିକ ଦୟା ପ୍ରଦର୍ଶନ କରିଛି ଯାହାକୁ ଦେଖି ବିଶ୍ୱର ଅନେକ ଦେଶ ଈର୍ଷାନ୍ୱିତ। ସୁନା, ରୂପା, ତମ୍ବା, ଲୁହା, ଜିଙ୍କ, ହୀରା, ନୀଳା, ମୋତି ଯେଉଁସବୁକୁ ପ୍ରାଚୀନ କାଳରେ ମୂଲ୍ୟବାନ ବୋଲି କୁହାଯାଉଥିଲା ସେ ସବୁ ମଧ୍ୟ ଭାରତରେ ରହିଛି। ଅନେକ ବିଦେଶୀ ଦାର୍ଶନିକ ଐତିହାସିକ ଭାରତକୁ ନେଇ ହୃଦୟଗ୍ରାହୀ ଚିତ୍ରଣ କରିଛନ୍ତି। କିନ୍ତୁ ଆମ ଦେଶର ନେତୃତ୍ୱ ଏକଥା ବୁଝିପାରୁନାହାଁନ୍ତି। କେମିତି ବିଶ୍ୱର ସବୁ ମାନବ ପ୍ରଜାତିର ନମୁନା ଭାରତରେ ଏକତ୍ରିତ ହୋଇଛି ଏ କଥାକୁ ଯେତେ ବୁଝିବାକୁ ଉଦ୍ୟମ କଲେ ବି ବୁଝିହେଉ ନାହିଁ। ଭାରତୀୟ ସମାଜକୁ ବୁଝିବା ମଧ୍ୟ ସହଜ ନୁହେଁ। ଅସଂଖ୍ୟ ମାନବ ସମୁଦାୟର ଜିନ୍ ମଧ୍ୟ ପରିସ୍ଥିତି ଅନୁସାରେ ଏଠାକୁ ଆସିଛି ଓ ଏଠାରେ କାୟା ବିସ୍ତାର କରିଛି। କିଛି ମଧ୍ୟ ଅନ୍ୟ ଆଡ଼କୁ ଚାଲିଯାଇଛନ୍ତି। ଏତେ ସମୁଦାୟ ରହିଥିବା କାରଣରୁ ପ୍ରାକ୍ କାଳରୁ ଭାରତ ମଧ୍ୟ ଅଧିକ ଜନସଂଖ୍ୟା ବିଶିଷ୍ଟ କ୍ଷେତ୍ର ଭାବେ ପରିଚିତ। ଯେଉଁମାନେ ଏଠାକୁ ଆସିଛନ୍ତି ସେମାନେ ନିଜର କୌଶଳ ଏବଂ ଜୀବିକା ସାଧନକୁ ସାଥିରେ ଆସିଛନ୍ତି। ପରସ୍ପର ଭିନ୍ନତା ସତ୍ତ୍ୱେ କୌଶଳର ଆଦାନ ପ୍ରଦାନ ହେଉଥିଲା ଏବଂ ପରସ୍ପର ମଧ୍ୟରେ ଭାଷା, ସଂସ୍କୃତି ଏବଂ ଖାଦ୍ୟ ପାନୀୟକୁ ନେଇ ବିବାଦ ନଥିଲା। କିନ୍ତୁ ନିଜର ପରିଚୟକୁ ଜାହିର କରିବାର ଚିନ୍ତା ଥିଲେ ମଧ୍ୟ କେହି କାହାର ବ୍ୟକ୍ତିଗତ ମାମଲାରେ ହସ୍ତକ୍ଷେପ କରୁନଥିଲେ। ଆର୍ଥିକ ଏବଂ ସାମାଜିକ ଗତିବିଧି କାରଣରୁ ବୃହତର ସାମାଜିକ ସଂରଚନାର ନିର୍ମାଣ କ୍ରମରେ ବଡ଼ ଭୂଭାଗରେ ପାରସ୍ପରିକ ବିଲୟ ପରେ ମଧ୍ୟ ସମସ୍ତଙ୍କୁ ନିଜ ନିଜର ରୀତିନୀତି ପାଇଁ ସ୍ୱାଧିନତା ମିଳିଥିଲା। ଏହି କାରଣରୁ ପୁରୁଣା ପରିଚୟ ହଜି ଯାଉଥିଲେ ବି ସମସ୍ତେ ମିଳିମିଶି ରହୁଥିଲେ ଓ ପରସ୍ପର ବିରୋଧି ମୂଲ୍ୟ ଏବଂ ମାନ୍ୟତାକୁ ମଧ୍ୟ ସ୍ୱୀକାର କରିନେଇଥିଲେ। ବିବାହ ଠାରୁ ଆରମ୍ଭ କରି ଅନ୍ତ୍ୟେଷ୍ଟିର ଅନେକ ରୂପ ଶାସ୍ତ୍ରୀୟ ଏବଂ ସାମାଜିକ ସ୍ୱୀକୃତି କାରଣରୁ ପ୍ରଚଳିତ ରହିଛି। ଏକଥା ଭିନ୍ନ ଯେ ସମୁଦାୟ ମାନେ ସେମାନଙ୍କ ସଂସ୍କୃତି ଓ ସାମାଜିକ ଚଳଣିକୁ ଅନ୍ୟମାନଙ୍କ ଠାରୁ ଅଧିକ ଭଲ ବୋଲି କହିଥାନ୍ତି। ବିବାହର ଆଠ ରୀତି ବାବଦରେ ଶାସ୍ତ୍ରୀୟ ବିଧାନ ରହିଛି ପରନ୍ତୁ ଅନ୍ତ୍ୟେଷ୍ଟି ବାବଦରେ ସାହିତ୍ୟ ଏବଂ ଲୋକ ଚଳଣି ହିଁ ଆମର ମାର୍ଗଦର୍ଶକ ଅଟେ। ଜଳପ୍ରବାହ, ଅଗ୍ନିଦାହ, ଅର୍ଘଦାହ, ସମାଧି ଭଳି ପ୍ରଥା ରହିଛି। କେତେକ ପ୍ରଥା ବର୍ତ୍ତମାନ ବି ଚାଲିଛି। ଅନେକ ପ୍ରଥା ସମ୍ପର୍କରେ ଲିଖିତ ତଥ୍ୟ ନାହିଁ କିନ୍ତୁ ସେସବୁ ଚାଲିଛି। ଏସବୁ ପରେ ସବୁଠାରୁ ମହତ୍ୱପୂର୍ଣ୍ଣ ବିକାଶ ଏହି ମହାସଙ୍ଗମ କାରଣରୁ ସମ୍ଭବ ହୋଇ ପାରିଥିଲା ତାହା ହେଉଛି ଜୀବିକାର କୃତ୍ରିମ ଉପାୟ। ପ୍ରଥମେ କୃଷି ତା ପରେ ବିଭିନ୍ନ ବାଗ୍‌ବଗିଂ ଏବଂ ପଶୁପାଳନ ଜୀବିକାର୍ଜନର ପ୍ରମୁଖ ବ୍ୟବସ୍ଥା ଥିଲା। ପରବର୍ତ୍ତୀ ସମୟରେ ଏଥିରେ ଢେର ବିକାଶ ଘଟିଛି। ହିଂସ୍ର, ବିଷାକ୍ତ ଏବଂ ବିଶାଳ ଜୀବ ଯେଉଁମାନଙ୍କୁ ପ୍ରଶିକ୍ଷଣ ଦେବା କଷ୍ଟକର ଏବଂ ପାଳନ ଅନୁପଯୋଗୀ ସେମାନଙ୍କୁ ଛାଡି ଅନ୍ୟ ସମସ୍ତ ଜୀବଙ୍କୁ ପାଳନ କରାଗଲା। କେତେକ ଜୀବଙ୍କୁ ମନୋରଞ୍ଜନର ସାଧନ ଭାବେ ବ୍ୟବହାର କରାଗଲା। ଏଥିରେ ଭାରତୀୟ ବିଚିତ୍ରତାର ଏକ ନୂଆ ପକ୍ଷ ଯୋଡିହୋଇ ଯାଇଥିଲା। ଯାହା ଅବିଶ୍ୱସନୀୟ ଥିଲା। ଏହା ଭାରତର ପରିଚୟ ସହ ମଧ୍ୟ ଯୋଡି ହୋଇଯାଇଥିଲା, ଭାରତରେ କେଳା (ସାପ ଖେଳାଉଥିବା ଲୋକେ) ଏବଂ ମାଙ୍କଡକୁ ନଚାଇ ଜୀବିକାର୍ଜନ କରୁଥିବା ଲୋକଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ। ଦୁନିଆର ସବୁଠାରୁ ବଡ଼ ଆଶ୍ଚର୍ଯ୍ୟ ହେଉଛି ବିଶ୍ୱ ସମୁଦାୟ ଭାରତକୁ ଭୂଭାଗର ସ୍ୱର୍ଗ- ହିନ୍ଦୁସ୍ଥାନ ଭାବିବାକୁ ଲାଗିଛି। ଯେଉଁମାନେ ଅନ୍ୟ ଭୂଭାଗରୁ ଏଠାକୁ ଆସିଥିଲେ ଓ ବସବାସ କଲେ ସେମାନେ ଏଠାକାର ସମୁଦାୟଙ୍କ ସହ ମିଶି ଏହାକୁ ସ୍ୱର୍ଗଠାରୁ ଶ୍ରେଷ୍ଠ ସ୍ୱର୍ଗାଦପି ଗରୀୟସୀ ମାନୁଥିଲେ ଓ ପାରସ୍ପର ମଧ୍ୟରେ ସୌହାର୍ଦ୍ଦ୍ୟ ପୂର୍ଣ୍ଣ ବାତାବରଣ ସୃଷ୍ଟି କରି ରହିଲେ। ବିବିଧତା ମଧ୍ୟରେ ଏକତା ଥିଲା ଭାରତର ସୌନ୍ଦର୍ଯ୍ୟ ଯାହା ଏବେବି ରହିଛି।

ହଜାର ବର୍ଷ ପୁବର୍ର ଦୁନିଆ କଥା ଯଦି କହିବା ତେବେ ଭାରତ ବାହାର ଜଗତ ପାଇଁ ଏକ ଆଶ୍ଚର୍ଯ୍ୟଲୋକ ବା ଭୂଭାଗ ଥିଲା। ପ୍ରକୃତି ଏହି ଭାରତ ଭୂଭାଗକୁ ଅନେକ କିଛି ଦେଇଛି ଯାହା ଅନ୍ୟ ଭୂଭାଗରେ ନାହିଁ। ଅନେକ ପ୍ରଜାତିର ଜୀବଜନ୍ତୁ, ସରୀସୃପ, କସ୍ତୁରୀମୃଗଠାରୁ ନୀଳଗାଇ ଏବଂ ହରିଣର ବିଭିନ୍ନ ପ୍ରଜାତି ଭାରତରେ ଅଛନ୍ତି। ଜଙ୍ଗଲରେ ଅନେକ ପ୍ରକାର ଫଳ, ମୂଳ ରହିଛି। ଅନେକ ପ୍ରକାରର ବନସ୍ପତି ମଧ୍ୟ ରହିଛି। ଏହା ହେଉଛି ବିବିଧତା ଯାହା ବିଶ୍ୱର ଅନ୍ୟ କୌଣସି ଠାରେ ଦେଖିବାକୁ ମିଳେନାହିଁ। ଏଠି ସହ ଅସ୍ତିତ୍ୱର ବିବିଧତା ରହିଛି ଯାହା ଏକ ପ୍ରମୁଖ ବିଶେଷତା।

ରାମଚନ୍ଦ୍ରପୁର, ରଣପୁର, ମୋବାଇଲ୍: ୯୪୩୮୪୮୫୦୯୪

# ବଲିଉଡ୍ ଚଳଚ୍ଚିତ୍ର ଅଭିନେତା ମୁକୁଲ ଦେବଙ୍କ ପରଲୋକ



**ମୁମ୍ବାଇ, ୨୪।୫:** ପରଲୋକରେ ବଲିଉଡର ନାମୀଦାମୀ ଅଭିନେତା ମୁକୁଲ ଦେବ। ୫୪ ବର୍ଷ ବୟସରେ ସେ ଆଖି ବୁଜି ଦେଇଛନ୍ତି। ଗତ କିଛିଦିନ ହେବ ହସ୍ପିଟାଲରେ ଆଇସିୟୁରେ ରହି ଚିକିତ୍ସିତ ହେଉଥିଲେ। ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ମୁକୁଲଙ୍କ ଦେହାନ୍ତ ଖବର ପ୍ରଚାର ହେବା ମାତ୍ରେ ସାରା ବଲିଉଡରେ ଦୁଃଖର ଛାୟା ଖେଳି ଯାଇଛି। ଅନେକ ତାରକା ତାଙ୍କ ସୋସିଆଲ ମିଡିଆରେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। କାହାଣୀ ସେୟାର କରି ଲେଖିଛନ୍ତି ସହଜରେ ବିଶ୍ୱାସ କରିହେଉନି । ଲାଗୁଛି ଯେମିତି ମିଛ। ଅଭିନେତାଙ୍କ ସହ-କଳାକାର ହଂସଲ ମେହେତା ଏବଂ ଗୁନୀତ ମୋଙ୍ଗା ମଧ୍ୟ ଆଶ୍ଚର୍ଯ୍ୟ ହୋଇଛନ୍ତି । ଅଭିନେତା ତାଙ୍କ ଚିକିତ୍ସା ସମୟରେ ଦିଲ୍ଲୀରେ ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ତାଙ୍କ ନିକଟତର ବନ୍ଧୁମାନେ ତାଙ୍କ ଘରେ ପହଞ୍ଚିଛନ୍ତି । କହିବାକୁ ଗଲେ, ୧୯୯୬ ମସିହାରେ ଟେଲିଭିଜନ ଧାରାବାହିକ 'ମୁମକିନ୍'ରୁ ମୁକୁଳ ତାଙ୍କ ଅଭିନୟ ଆରମ୍ଭ କରିଥିଲେ। ଏହାସହ ସଲମାନ ଖାନ ଓ ଅଜୟ ଦେବଗନଙ୍କ ସହିତ ଅନେକ ଫିଲ୍ମରେ ନଜର ଆସିଛନ୍ତି ମୁକୁଲ ଦେବ। ମୁକୁଲ 'ସନ୍ ଅଫ୍ ସର୍ଦ୍ଦାର', 'ଆର୍...ରାଜକୁମାର', 'ଜୟ ହୋ' ଭଳି ଅନେକ ଫିଲ୍ମରେ ଅଭିନୟ କରିଛନ୍ତି। ମୁକୁଲ ଦେବଙ୍କ ଜନ୍ମ ନୂଆଦିଲ୍ଲୀ ଜଳନ୍ଧର ନିକଟସ୍ଥ ଏକ ଗାଁରେ ଥିବା ଏକ ପଞ୍ଜାବୀ ପରିବାରରେ ହୋଇଥିଲା। ତାଙ୍କ ବାପା ହରି ଦେବ ପୁଲିସରେ ଆସିଷ୍ଟାଣ୍ଟ କମିଶନର ଥିଲେ ଏବଂ ସେ ହିଁ ମୁକୁଲଙ୍କୁ ଆଫଗାନ ସଂସ୍କୃତି ସହିତ ପରିଚିତ କରାଇଥିଲେ। ତାଙ୍କ ବାପା ପାସ୍ତୋ ଏବଂ ପାରସୀ ଭାଷା କହିପାରୁଥିଲେ। ମୁକୁଲଙ୍କର ମନୋରଞ୍ଜନ ଜଗତ ସହିତ ପ୍ରଥମ ପରିଚୟ ୮ମ ଶ୍ରେଣୀରେ ହୋଇଥିଲା ଯେତେବେଳେ ସେ ମାଇକେଲ୍ ଜ୍ୟାକ୍‌ସନ୍‌ଙ୍କୁ ଅନୁକରଣ କରି ଦୂରଦର୍ଶନର ଏକ ଡ୍ୟାନ୍ସ ଶୋ'ରେ ପ୍ରଦର୍ଶନ କରିଥିଲେ ଏବଂ ଏଥିପାଇଁ ସେ ତାଙ୍କର ପ୍ରଥମ ପାରିଶ୍ରମିକ ପାଇଥିଲେ। ମୁକୁଲଙ୍କ ଭାଇ ହେଉଛନ୍ତି ବଲିଉଡ ଅଭିନେତା ରାହୁଲ ଦେବ। ମୁକୁଲ ହିନ୍ଦୀ ଏବଂ ପଞ୍ଜାବୀ ଚଳଚ୍ଚିତ୍ର, ଟେଲିଭିଜନ ଧାରାବାହିକ ଏବଂ ସଂଗୀତ ଆଲବମରେ ତାଙ୍କର କାମ ପାଇଁ ଜଣାଶୁଣା ଥିଲେ। ସେ କିଛି ବଙ୍ଗାଳୀ, ମାଲାୟଲମ, କନ୍ନଡ ଏବଂ ତେଲୁଗୁ ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିଥିଲେ। 'ୟମଲା ପଗଲା ଦିୱାନା'ରେ ତାଙ୍କ ଅଭିନୟରେ ଉତ୍କର୍ଷତା ପାଇଁ ସପ୍ତମ ଅମରୀଶ ପୁରୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

## ଜାତିସଂଘରେ ପାକିସ୍ତାନକୁ ଧୋଇଲା ଭାରତ

# ଆତଙ୍କୀ ନେଇଛନ୍ତି ୨୦ହଜାର ଭାରତୀୟଙ୍କ ଜୀବନ



**ୱାଶିଂଟନ, ୨୪।୫:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଆହୁରି ବଢ଼ିଛି। ଶନିବାର ଦିନ ଭାରତ ଜାତିସଂଘରେ ପାକିସ୍ତାନର ପ୍ରକୃତ ଚେହେରାକୁ ଖୋଲିଛି। ପ୍ରକୃତରେ ଭାରତ ଶନିବାର ଦିନ ସିନ୍ଧୁ ଜଳ ଚୁକ୍ତିନାମା ଉପରେ ପାକିସ୍ତାନ ଦ୍ୱାରା ପ୍ରସାରିତ ମିଥ୍ୟା ପ୍ରଚାରକୁ ସମାଲୋଚନା କରିଛି, ଯାହାକୁ ପହଲଗାମ ଆକ୍ରମଣ ପରେ ଭାରତ ସରକାର ବନ୍ଦ କରିଦେଇଥିଲେ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ରକ୍ତ ଏବଂ ପାଣି ଏକାଠି ପ୍ରବାହିତ ହୋଇପାରିବ ନାହିଁ' ବକ୍ତବ୍ୟ ଅନୁସାରେ ଭାରତ ମିଳିତ ଜାତିସଂଘରେ ସିନ୍ଧୁ ଜଳ ଚୁକ୍ତିନାମା ପ୍ରସଙ୍ଗରେ ନିଜର ମତ ସ୍ପଷ୍ଟ କରିଛି। ଭାରତ ଚୁକ୍ତିନାମା ଉଲ୍ଲଂଘନ ପାଇଁ ପାକିସ୍ତାନକୁ ଦାୟୀ କରିଛି ଏବଂ କହିଛି ଯେ, ପାକିସ୍ତାନ ଭାରତ ବିରୁଦ୍ଧରେ ତିନୋଟି ଯୁଦ୍ଧ କରିବା ସହିତ ଆତଙ୍କବାଦୀ ଆକ୍ରମଣ କରି ଚୁକ୍ତିନାମାର ଉଲ୍ଲଂଘନ କରିଛି। ଭାରତ ପାକିସ୍ତାନର ସମସ୍ତ ମିଥ୍ୟା ଦାବି ଏବଂ ପ୍ରଚାରକୁ ପ୍ରତ୍ୟାଖ୍ୟାନ କରିଛି ଏବଂ ସ୍ପଷ୍ଟ ଭାବରେ କହିଛି ଯେ, ଆମ ନାଗରିକଙ୍କ ରକ୍ତ ବୁହାଇଥିବା ବ୍ୟକ୍ତିଙ୍କୁ ଆମେ ପାଣି ଦେଇପାରିବୁ ନାହିଁ।

ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି, ରାଷ୍ଟ୍ରଦୂତ ପାର୍ବଥନେନି ହରିଶ କହିଛନ୍ତି, ସିନ୍ଧୁ ଜଳ ଚୁକ୍ତିନାମା ଉପରେ ପାକିସ୍ତାନ ଦ୍ୱାରା ପ୍ରସାରିତ ଭୁଲ୍ ସୂଚନା ଅଭିଯାନର ଜବାବ ଦେବାକୁ ଭାରତ ବାଧ୍ୟ ହୋଇଛି। ସେ ସ୍ପଷ୍ଟ କରିଥିଲେ ଯେ, ଭାରତ ଏକ ଦାୟିତ୍ୱପୂର୍ଣ୍ଣ ଦେଶ ଭାବରେ ସର୍ବଦା ଦାୟିତ୍ୱପୂର୍ଣ୍ଣ ଆଚରଣ କରିଆସିଛି। 'ସଶସ୍ତ୍ର ସଂଘର୍ଷ ମଧ୍ୟରେ ଜଳର ସୁରକ୍ଷା ନାଗରିକ ଜୀବନର ସୁରକ୍ଷା' ବିଷୟବସ୍ତୁ ଉପରେ ସ୍ଲୋଭେନିଆର ସ୍ଥାୟୀ ମିଶନ ଦ୍ୱାରା ଆୟୋଜିତ ଜାତିସଂଘ ସୁରକ୍ଷା ପରିଷଦ ବୈଠକରେ ହରିଶ ଏହି ବକ୍ତବ୍ୟ ଦେଇଛନ୍ତି। ପି. ହରିଶ କହିଛନ୍ତି ଯେ, ଭାରତ ସଦ୍ଭାବନା ଏବଂ ବନ୍ଧୁତା ଆଧାରରେ ସିନ୍ଧୁ ଜଳ ଚୁକ୍ତିନାମାକୁ ଗ୍ରହଣ କରିଛି। କିନ୍ତୁ ଗତ ୬୫ ବର୍ଷ ମଧ୍ୟରେ ପାକିସ୍ତାନ କେବେବି ବନ୍ଧୁତା ଦେଖାଇ ନାହିଁ। ଏହି ସମୟ ମଧ୍ୟରେ ପାକିସ୍ତାନ ଭାରତ ଉପରେ ହଜାର ହଜାର ଆତଙ୍କବାଦୀ ଆକ୍ରମଣ କରିଛି। ଗତ ୪୦ ବର୍ଷ ମଧ୍ୟରେ ପାକିସ୍ତାନ ଦ୍ୱାରା କରାଯାଇଥିବା ଆତଙ୍କବାଦୀ ଆକ୍ରମଣରେ ୨୦ ହଜାରରୁ ଅଧିକ ଭାରତୀୟ ପ୍ରାଣ ହରାଇଛନ୍ତି, ଯାହା ମଧ୍ୟରୁ ସବୁଠାରୁ ସଦ୍ୟତମ ଘଟଣା ହେଉଛି ପହଲଗାମରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ବର୍ବର ଆତଙ୍କବାଦୀ ଆକ୍ରମଣ। ଏହା ସତ୍ତ୍ୱେ ଭାରତ ସଂଯମତା ଅବଲମ୍ବନ କରିଥିଲା ଏବଂ ଉଦାରତା ଦେଖାଇଥିଲା। କିନ୍ତୁ ଏବେ ଦେଶ ବଦଳି ଯାଇଛି, ନୂତନ ଭାରତ କୌଣସି ପ୍ରକାରର ଆତଙ୍କବାଦକୁ ସହ୍ୟ କରିବ ନାହିଁ। ସେ କହିଛନ୍ତି ଯେ, ପାକିସ୍ତାନ କେବଳ ସୀମାରେ ଆତଙ୍କବାଦୀ ଆକ୍ରମଣ କରିନାହିଁ ବରଂ ଭାରତ ଦ୍ୱାରା ଆରମ୍ଭ ହୋଇଥିବା ବିଭିନ୍ନ ପ୍ରକଳ୍ପକୁ ମଧ୍ୟ ଟାର୍ଗେଟ କରିଛି, ଯାହା ଶକ୍ତି ଉତ୍ପାଦନ ଏବଂ ଜଳବାୟୁ ପରିବର୍ତ୍ତନ ଉପରେ ଗମ୍ଭୀର ପ୍ରଭାବ ପକାଇଛି।

# ଜୈସଲମେର ଦୁର୍ଘଟଣାରେ ୪ ମୃତ

**ଜୟସଲମେର, ୨୪।୫:** ଜୈସଲମେର ଜିଲ୍ଲାରେ ଏକ ଟ୍ରକ୍ ସହିତ କ୍ୟାମ୍ପର ଗାଡ଼ି ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ବନ୍ୟପ୍ରାଣୀ କର୍ମୀଙ୍କ ସମେତ ୪ ଜଣଙ୍କର ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ ଲାଠି ଥାନା ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାର ଶିକାର ହୋଇଥିବା ଲୋକମାନେ ଅଞ୍ଚଳରେ ସକ୍ରିୟ ହରିଣ ଶିକାର ସମ୍ପର୍କରେ ଯାଞ୍ଚ କରିବାକୁ ଯାଉଥିବା ଜଣାପଡ଼ିଛି। ପୁଲିସ କହିବା ଅନୁଯାୟୀ, ଦୁର୍ଘଟଣା ଏତେ ଜୋରଦାର ଥିଲା ଯେ କ୍ୟାମ୍ପର୍ ଗାଡ଼ିଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଭିତରେ ଫସି ରହିଥିବା ୪ ଜଣଙ୍କୁ ଏକ କ୍ରେନ୍ ସାହାଯ୍ୟରେ ବାହାର କରିବାକୁ ପଡ଼ିଥିଲା। ମୃତକମାନେ ହେଲେ ପ୍ରଭିନ୍ ବନ୍ୟପ୍ରାଣୀ କର୍ମୀ ରାଧେଶ୍ୟାମ ବିଷ୍ଣୋଇ, ଶ୍ୟାମ ପ୍ରସାଦ, କବରାଜ ସିଂହ ଭାଦୋରିଆ ଓ ସୁରେନ୍ଦ୍ର ଚୌଧୁରୀ ବୋଲି ପୁଲିସ କହିଛି।

● ବିହାରରେ ବାଲି ଡମ୍ପିଂକୁ ନେଇ ଗୁଳିମାଡ଼

# ପରିବାରର ୩ ମୃତ, ଦୁଇ ଗୁରୁତର



**ବକ୍ସର, ୨୪।୫:** ବିହାରର ବକ୍ସର ଜିଲ୍ଲାରେ ଅଜଣା ସଶସ୍ତ୍ର ଅପରାଧୀମାନେ ଗୁଳି ଚଳାଇବାରୁ ଗୋଟିଏ ପରିବାରର ତିନି ଜଣ ସଦସ୍ୟଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ରାଜପୁର ଥାନା ଅନ୍ତର୍ଗତ ଅକ୍ଷିଆପୁର ଗ୍ରାମ ଡାଉକଖରେ ଥିବା ଏକ କେନାଲ ନିକଟରେ ପ୍ରାତଃ ଭ୍ରମଣ ପାଇଁ ବାହାରିଥିବା ସମୟରେ ସକାଳ ପ୍ରାୟ ୫ଟା ୧୫ମିନିଟ ସମୟରେ ଏହି ଗୁଳିକାଣ୍ଡ ଘଟିଥିଲା। ଆକ୍ରମଣକାରୀମାନେ ନିକଟରୁ ସେମାନଙ୍କ ଉପରେ ଗୁଳି ଚଳାଇଥିଲେ, ଯେଉଁଥିରେ ଘଟଣାସ୍ଥଳରେ ଦୁଇ ଜଣଙ୍କର ମୃତ୍ୟୁ ହୋଇଥିଲା। ତୃତୀୟ ପୀଡ଼ିତ ଜଣକ ହସ୍ପିଟାଲକୁ ନେବା ବାଟରେ ମୃତ୍ୟୁବରଣ କରିଥିଲେ। ମୃତକ ହେଲେ ବାଚେନ୍ଦ୍ର ସିଂହ ଯାଦବ (୩୭), ସୁନୀଲ ସିଂହ ଯାଦବ (୪୦) ଏବଂ ବିନୋଦ ସିଂହ ଯାଦବ (୫୦) ବୋଲି ଚିହ୍ନଟ କରାଯାଇଛି। ସୁନୀଲ ଏବଂ ବିନୋଦଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ହସ୍ପିଟାଲକୁ ନେବା ବାଟରେ ବାଚେନ୍ଦ୍ରଙ୍କ ମୃତ୍ୟୁ ହୋଇଥିଲା। ଆହତ ପୂଜନ ସିଂହ ଯାଦବ (୪୦) ଏବଂ ମଣ୍ଟୁ ସିଂହ ଯାଦବ (୩୫)ଙ୍କୁ କୋଠସ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା। ସେଠାରୁ ପୂଜନ ସିଂହଙ୍କୁ ଉନ୍ନତ ଚିକିତ୍ସା ପାଇଁ ବାରାଣସୀ ରେଫର କରାଯାଇଛି। ମଣ୍ଟୁ ସିଂହ ଯାଦବଙ୍କ କୋଠସ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଚାଲିଛି। ପୁଲିସ କହିଛି ଯେ ଏକ ଜମିରେ ବାଲି ଏବଂ ପଥର ଖଣ୍ଡ ଅନଲୋଡ କରିବା ନେଇ ବିବାଦରୁ ଏହି ଘଟଣା ଘଟିଛି। ପୀଡ଼ିତମାନେ ଗୋଟିଏ ପରିବାରର ସଦସ୍ୟ ବୋଲି କୁହାଯାଉଛି। ଗୁଳିକାଣ୍ଡ ନେଇ ସ୍ଥାନୀୟ ବାସିନ୍ଦା ରାସ୍ତା ଅବରୋଧ କରିଥିଲେ। ଜଳାସା କୋଥୋ ଖୋଞ୍ଚ ନିକଟରେ ରାସ୍ତା ଅବରୋଧ ଯୋଗୁଁ ଗୋଲା-କୋଚାସ ରାସ୍ତାରେ ଯାନବାହାନ ଚଳାଚଳ ଠପ୍ ହୋଇଯାଇଥିଲା। ସ୍ଥାନୀୟ ବାସିନ୍ଦାମାନେ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ସୂଚନା ପାଇ ପୁଲିସ ଅଧିକ୍ଷକ (ଏସପି) ଶୁଭମ ଆର୍ଯ୍ୟ ତିନି ଜଣଙ୍କ ମୃତ୍ୟୁ ନିଶ୍ଚିତ କରିଛନ୍ତି। ଏହି ଘଟଣା ମୃତକଙ୍କ ପରିବାର ଏବଂ ଅଭିଯୁକ୍ତଙ୍କ ମଧ୍ୟରେ ପୁରୁଣା ବିବାଦର ପରିଣାମ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି। ଅଭିଯୁକ୍ତଙ୍କୁ ଯଥାଶୀଘ୍ର ଗିରଫ କରିବା ପାଇଁ ଏସଡିପିଓ ଦିରାଜଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କରାଯାଇଛି। ରାଜପୁର ପୁଲିସ ଷ୍ଟେସନର ଷ୍ଟେସନ ହାଉସ୍ ଅଫିସର (ଏସଏଚଓ) ସନ୍ତୋଷ କୁମାର କହିଛନ୍ତି ଯେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଚଢ଼ାଉ ଜାରି ରହିଛି। ତଥାପି ଏପର୍ଯ୍ୟନ୍ତ କୌଣସି ଗିରଫଦାରୀ ହୋଇନାହିଁ।

# ଏକ୍ସରେ ଦେଖାଦେଲା ବିଭ୍ରାଟ

**ନୂଆଦିଲ୍ଲୀ, ୨୪।୫:** ଏଲନ୍ ମସ୍କଙ୍କ ମାଲିକାନାରେ ଥିବା ଏକ୍ସ (ପୂର୍ବରୁ ଟ୍ୱିଟର) ଏକ ବଡ଼ ସମସ୍ୟାର ସମ୍ମୁଖୀନ ହୋଇଛି। ଯାହା ଫଳରେ ଭାରତ ଏବଂ ଅନ୍ୟ କିଛି ଦେଶର ବ୍ୟବହାରକାରୀମାନେ ସୋସିଆଲ ମିଡିଆ ପ୍ଲାଟଫର୍ମକୁ ଆକ୍ସେସ୍ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ମାଇକ୍ରୋବ୍ଲଗିଂ ପ୍ଲାଟଫର୍ମ ବ୍ୟବହାର କରିବାକୁ ଚେଷ୍ଟା କରୁଥିବା ଅନେକ ବ୍ୟବହାରକାରୀ ଏକ ବିଜ୍ଞପ୍ତି ପାଇଲେ ଯେଉଁଥିରେ ଲେଖାଥିଲା: 'ଏହି ସମୟରେ ପୋଷ୍ଟଗୁଡ଼ିକୁ ପୁନରୁଦ୍ଧାର କରାଯାଇପାରିବ ନାହିଁ। ଦୟାକରି ପରେ ପୁଣି ଚେଷ୍ଟା କରନ୍ତୁ।' ୱେବସାଇଟ୍ କାର୍ଯ୍ୟଦକ୍ଷତା ଟ୍ରାକିଂ ଟୁଲ୍ Downdetector.com ଅନୁଯାୟୀ, ଭାରତରେ ୨ହଜାରରୁ ଅଧିକ ବ୍ୟବହାରକାରୀ ପ୍ଲାଟଫର୍ମରେ ସମସ୍ୟା ବିଷୟରେ ରିପୋର୍ଟ କରିଥିଲେ। ସମସ୍ୟା ବିଷୟରେ ଅଭିଯୋଗ କରୁଥିବା ଉପଭୋକ୍ତାଙ୍କ ସଂଖ୍ୟା ସନ୍ଧ୍ୟା ୬ଟା ୧୮ମିନିରେ ସର୍ବାଧିକ ହୋଇଥିଲା। ପ୍ରାୟ ୨୧୫୧ ଜଣ ବ୍ୟବହାରକାରୀ ସମସ୍ୟା ବିଷୟରେ ରିପୋର୍ଟ କରିଥିଲେ। ଅବସ୍ୟ ପରେ ସମସ୍ୟାର ସମାଧାନ ହୋଇଥିଲା। ଯୁକ୍ତରାଷ୍ଟ୍ର ଏବଂ କାନାଡାର ବ୍ୟବହାରକାରୀମାନେ ମଧ୍ୟ ସମସ୍ୟା ବିଷୟରେ ରିପୋର୍ଟ କରିଥିଲେ। Downdetector.com ଅନୁଯାୟୀ, ଯୁକ୍ତରାଷ୍ଟ୍ରରେ ଶନିବାର ସନ୍ଧ୍ୟାରେ ୨୫,୬୯୯ରୁ ଅଧିକ ବ୍ୟବହାରକାରୀ ପ୍ଲାଟଫର୍ମରେ ସମସ୍ୟା ବିଷୟରେ ରିପୋର୍ଟ କରିଥିଲେ। ଏମାନଙ୍କ ମଧ୍ୟରୁ ୬୮ ପ୍ରତିଶତ ଲଗଇନ୍ କରିବାରେ ସମସ୍ୟାର ସମ୍ମୁଖୀନ ହୋଇଥିଲେ, ୨୪ ପ୍ରତିଶତ ଆପ୍ ସହିତ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଏବଂ ୮ ପ୍ରତିଶତ ୱେବସାଇଟ୍ ସହିତ ସମସ୍ୟା ବିଷୟରେ ରିପୋର୍ଟ କରିଥିଲେ। ୱେବସାଇଟ୍ ଟ୍ରାକିଂ ଟୁଲ୍ ଦେଖାଇଛି ଯେ କାନାଡାରେ ଶନିବାର ସନ୍ଧ୍ୟାରେ ୨୨୩୦ରୁ ଅଧିକ ବ୍ୟବହାରକାରୀ ପ୍ଲାଟଫର୍ମରେ ସମସ୍ୟା ନେଇ ରିପୋର୍ଟ କରିଛନ୍ତି। ଡାଉନଡିଟେକ୍ଟରର ଅନୁଯାୟୀ, ଚଳିତ ବର୍ଷ ମାର୍ଚ୍ଚ ୧୦ ରେ ଏକ୍ସରେ ଏକ ବଡ଼ ବିଭ୍ରାଟ ହୋଇଥିଲା, ଯେଉଁଥିରେ ହଜାର ହଜାର ବ୍ୟବହାରକାରୀ ସମସ୍ୟା ନେଇ ରିପୋର୍ଟ କରିଥିଲେ।

**ପୁଞ୍ଛରେ ରାହୁଲ**

# ସୀମାନ୍ତ କ୍ଷତିଗ୍ରସ୍ତ ପରିବାରକୁ ଭେଟିଲେ



**ଶ୍ରୀନଗର, ୨୪।୫:** ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆଜି ଜମ୍ମୁ କାଶ୍ମୀରର ପୁଞ୍ଛ ଅଞ୍ଚଳ ଗସ୍ତ କରିଛନ୍ତି। ସେ ସୀମାନ୍ତରେ ପାକିସ୍ତାନ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ପରିବାରକୁ ଭେଟିଛନ୍ତି। ଅପେରସନ ସିନ୍ଦୂର ପରେ ପାକିସ୍ତାନର ଗୁଳିବର୍ଷା ଯୋଗୁଁ ପୁଞ୍ଛ ଏବଂ ରାଜୌରୀ ଜିଲ୍ଲାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ରାହୁଲ ଗାନ୍ଧିଙ୍କ ଏହି ଗସ୍ତକୁ ଜମ୍ମୁ କାଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ସ୍ୱାଗତ କରିଛନ୍ତି। ପ୍ରଭାବିତ ଲୋକଙ୍କ ସହ ଯୋଗାଯୋଗ କରିବା ପାଇଁ ରାଜନୈତିକ ନେତାମାନଙ୍କୁ ପ୍ରଶଂସା ମଧ୍ୟ କରିଛନ୍ତି।

ରାହୁଲ କଶ୍ମୀରର ପୁଞ୍ଛରେ କ୍ଷତିଗ୍ରସ୍ତ ଲୋକଙ୍କୁ ଭେଟିବା ସହ ତାଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ସେମାନଙ୍କୁ ଆଶ୍ୱସନା ଦେବା ସହ କହିଛନ୍ତି ଯେ, ଏବେ ତୁମେ ବିପଦ ଓ ଟିକେ ଭୟଙ୍କର ପରିସ୍ଥିତି ଦେଖିଛ, କିନ୍ତୁ ଚିନ୍ତାକର ନାହିଁ। ସବୁକିଛି ସ୍ୱାଭାବିକ ହୋଇଯିବ। ଏହାପରେ ସ୍କୁଲର ଛାତ୍ରଛାତ୍ରୀଙ୍କୁ ଭେଟି ରାହୁଲ ଆହୁରି କହିଛନ୍ତି ଯେ, ଏହି ସମସ୍ୟାର ସମାଧାନ କରିବାର ଉପାୟ ହେଉଛି ପାଠପଢ଼ାରେ ଅଧିକ ସମୟ ଦିଅ। ଖେଳିବା ସହ ସ୍କୁଲରେ ଅଧିକରୁ ଅଧିକ ଭଲ ସାଙ୍ଗସାଥି କର। ରାହୁଲ କ୍ଷତିଗ୍ରସ୍ତ ହୋଇଥିବା ପରିବାରବର୍ଗଙ୍କୁ ଭେଟିବା ପରେ ପୁଞ୍ଛର ଗୁରୁଦ୍ୱାର ଶ୍ରୀଗୁରୁ ସିଂହ ସଭା ପରିଦର୍ଶନ କରିଥିଲେ, ଯାହା ପାକିସ୍ତାନ ଦ୍ୱାରା ଗୁଳିମାଡ଼ରେ କ୍ଷତିଗ୍ରସ୍ତ ହୋଇଥିଲା। ରାହୁଲଙ୍କ ସମେତ ଆଉ ୫ଜଣ ସଦସ୍ୟ ମଧ୍ୟ ସେଠାକୁ ଯାଇଥିଲେ। ସେମାନେ ରାଜୌରୀ ପରେ ଜମ୍ମୁ ଗସ୍ତ କରିବେ। ଏଥିସହ କଂଗ୍ରେସ ସହ ମେଣ୍ଟ କରି ଜମ୍ମୁ କାଶ୍ମୀରର ମୁଖ୍ୟମନ୍ତ୍ରୀ ହୋଇଥିବା ଓମାର ଅବଦୁଲ୍ଲା ଗୁଳିବର୍ଷାରେ ପ୍ରାଣ ହରାଇଥିବା ପରିବାର ଲୋକଙ୍କ ପାଇଁ ୧୦ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ଘୋଷଣା କରିଛନ୍ତି।

# ୨ ଦୁର୍ଦ୍ଧାନ୍ତ ମାଓବାଦୀ ନିହତ



**ଝାଡଖଣ୍ଡ/ବିଜାପୁର, ୨୪।୫:** ଝାଡଖଣ୍ଡରେ ସୁରକ୍ଷାକର୍ମୀଙ୍କ ଏନକାଉଣ୍ଟରରେ ୨ଜଣ ଦୁର୍ଦ୍ଧାନ୍ତ ମାଓବାଦୀ ନିହତ ହୋଇଛନ୍ତି। ଦୁଇ ମୃତକ ହେଲେ ଝାଡ଼ଖଣ୍ଡ ଜନ ମୁକ୍ତି ପରିଷଦର ମୁଖ୍ୟ ପପ୍ପୁ ଲୋହରା ଓ ତାଙ୍କ ସହଯୋଗୀ ପ୍ରଭାତ ଗଞ୍ଜୁ। ପପ୍ପୁଙ୍କ ମୁଣ୍ଡ ଉପରେ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିବାବେଳେ ପ୍ରଭାତଙ୍କ ମୁଣ୍ଡ ଉପରେ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିଲା। ଶନିବାର ସକାଳେ ଏହି ଘଟଣା ଘଟିଛି। ଏହି ଅପରେସନ ସମୟରେ ନିଷିଦ୍ଧ ସଂଗଠନର ସଦସ୍ୟ ବୋଲି ସନ୍ଦେହ କରାଯାଉଥିବା ତୃତୀୟ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ଏବଂ ତାଙ୍କଠାରୁ ଏକ ରାଇଫଲ୍ ଜବତ କରାଯାଇଛି। ଅଧିକାରୀମାନେ କହିଛନ୍ତି ଯେ ଝାଡ଼ଖଣ୍ଡର ଲାତେହାର ଅଞ୍ଚଳରେ କମ୍ବିଂ ଅପରେସନ୍ ଏବେ ବି ଚାଲିଛି। ଛତିଶଗଡ଼ରେ ଜଣେ ଶୀର୍ଷ ନକ୍ସଲ କମାଣ୍ଡର ନାମବାଲା କେଶବ ରାଓ ଓରଫ ବାସବରାଜୁଙ୍କ ହତ୍ୟା ପରେ ଏହି ସଦ୍ୟତମ ଏନକାଉଣ୍ଟର ହୋଇଛି।

ପୁଲିସ ଅନୁଯାୟୀ, ଶୁକ୍ରବାର ରାତିରେ ଏକ ପୃଥକ ଘଟଣାକ୍ରମରେ ଛତିଶଗଡ଼ର ବିଜାପୁର ଜିଲ୍ଲାରେ ୨୪ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ସିଆରପିଏଫ ଡିଆଇଜି ରାକେଶ କୁମାର, ବିଜାପୁର ଏସ୍‌ପି ଜିତେନ୍ଦ୍ର ଯାଦବଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଛନ୍ତି। ୨୪ ଜଣ ମାଓବାଦୀଙ୍କ ମୁଣ୍ଡ ଉପରେ ମୋଟ୍ ୮୭ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ ଛତିଶଗଡ ସରକାର। ହେଲେ ଛତିଶଗଡ଼ ସରକାରଙ୍କ ନକ୍ସଲ ସରେଣ୍ଡର ଯୋଜନାରେ ଆକୃଷ୍ଟ ହୋଇ ଏହି ମାଓବାଦୀ ମାନର ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣ କରିଥିବା ମାଓବାଦୀ ମାନଙ୍କୁ ପୁନର୍ବାସ, ନିଯୁକ୍ତି ଏବଂ ଶିକ୍ଷା ଭଳି ବିଭିନ୍ନ ସୁବିଧା ଯୋଗାଇ ଦିଆଯିବ ବୋଲି ବିଜାପୁର ଏସ୍‌ପି କହିଛନ୍ତି ।

ଆତ୍ମସମର୍ପଣ କରିବା ପରେ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ସରକାରଙ୍କ ଆତ୍ମସମର୍ପଣ ଏବଂ ପୁନର୍ବାସ ନୀତି ଅନୁଯାୟୀ ସମସ୍ତଙ୍କୁ ପ୍ରୋତ୍ସାହନ ସ୍ୱରୂପ ୫୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ପିଏଲଜିଏ କମ୍ପାନୀ ନମ୍ବର ୨ ଟପ୍ ମାଓନେତା ରାକେଶ, ପିଏଲଜିଏ ବାଟାଲିୟନ ନମ୍ବର ୧ ମାଡ ଡିଭିଜନର ସଦସ୍ୟ, ସିଏନଏମ ସଭାପତି, କେଏମଏସ ସଭାପତି, କଳାହାଣ୍ଡି-କେନ୍ଦୁଝର-ବଲାଙ୍ଗିର-ନୂଆପଡ଼ା କେକେବିଏନ ଡିଭିଜନ ପାର୍ଟି ସଦସ୍ୟ, ଏଲଓଏସ କମାଣ୍ଡର, ସିଏନଏମ ସଦସ୍ୟ ରହିଛନ୍ତି। ଛତିଶଗଡ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ ଆତ୍ମସମର୍ପଣର ବିବରଣୀ ସେୟାର କରି ମନ୍ତବ୍ୟ ଦେଇଛନ୍ତି, 'ଏବେ ନକ୍ସଲମାନେ ଉଗ୍ରବାଦର ପଥ ଛାଡି ସମାଜର ମୁଖ୍ୟସ୍ରୋତରେ ସାମିଲ ହେଉଛନ୍ତି। ଆମେ ଏହି ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କ ପୁନର୍ବାସ ଏବଂ ପୁନର୍ଜୀବନ ପାଇଁ ସମ୍ପୂର୍ଣ୍ଣ ପ୍ରତିବଦ୍ଧ'।

# ଗୁଜରାଟରୁ ଆଉ ଜଣେ ଗୁପ୍ତଚର ଗିରଫ

● ପାକିସ୍ତାନକୁ ପଠାଉ ଥିଲା ସେନା ସଂପର୍କିତ ସୂଚନା



**ଅହମ୍ମଦାବାଦ, ୨୪।୫ :** ଦେଶ ସହ ବିଶ୍ୱାସଘାତକତା କରିବା ତାଲିକାରେ ଏବେ ଗୁଜରାଟର ସହଦେବ ସିଂହ ଗୋହିଲଙ୍କର ନାଁ ସାମିଲ ହୋଇ ଯାଇଛି। ତାଙ୍କ ଉପରେ ବିଏସଏଫ୍ ଓ ଭାରତୀୟ ନୌସେନା ସହ ଜଡ଼ିତ ସମ୍ବେଦନଶୀଳ ସୂଚନା ପାକିସ୍ତାନକୁ ପଠାଇବାର ଅଭିଯୋଗ ରହିଛି। ଗୁଜରାଟ ଏଟିଏସ ଏସପି କେ ସିଦ୍ଧାର୍ଥ ଗିରଫଦାରୀ ବିଷୟରେ ସ୍ପଷ୍ଟ କରି କହିଛନ୍ତି ଯେ, ଗୁଜରାଟ ଏଟିଏସ କଚ୍ଛର ଜଣେ ବହୁମୁଖୀ ସ୍ୱାସ୍ଥ୍ୟ କର୍ମୀ ସହଦେବ ସିଂହ ଗୋହିଲଙ୍କୁ ଗିରଫ କରାଯାଇଛି। ସେ କହିଛନ୍ତି ଆମକୁ ସୂଚନା ମିଳିଥିଲା ଯେ, ସେ ବିଏସଏଫ୍ ଓ ଭାରତୀୟ ନୌସେନା ସହ ଜଡ଼ିତ ସୂଚନା ଜଣେ ପାକିସ୍ତାନୀ ଏଜେଣ୍ଟଙ୍କ ସହ ସେୟାର କରୁଛନ୍ତି। ସହଦେବ ସିଂହ ଗୋହିଲ କଚ୍ଛର ଜଣେ ବହୁମୁଖୀ ହେଲଥ୍ ୱାର୍କର। ଏଟିଏସ ଅନୁସାରେ, ଗୋହିଲଙ୍କୁ ମେ' ୧ରେ ପ୍ରାରମ୍ଭିକ ଯାଞ୍ଚ ପାଇଁ ଡକାଯାଇ ଥିଲା, ଯେଉଁଠି ଜଣାପଡ଼ି ଥିଲା କି, ସେ ୨୦୨୩ ଜୁନ-ଜୁଲାଇରେ ହ୍ୱାଟ୍ସଆପରେ ଅଦିତି ଭରଦ୍ୱାଜ ନାମକ ମହିଳାଙ୍କ ସଂପର୍କରେ ଆସି ଥିଲେ। ତାଙ୍କ ସହ କଥାବାର୍ତ୍ତା ପରେ ସେ ଜାଣି ପାରିଲେ, ସେ ଜଣେ ପାକିସ୍ତାନୀ ଏଜେଣ୍ଟ। ସେ ବିଏସଏଫ୍ ଓ ଭାରତୀୟ ନୌସେନାର ନିର୍ମାଣାଧୀନ ବା ନୂଆ ନିର୍ମିତ ସ୍ଥାନର ଫଟୋ ଓ ଭିଡ଼ିଓ ମାଗି ଥିଲେ। ଏହାପରେ ସେ ହ୍ୱାଟ୍ସଆପ୍ ମାଧ୍ୟମରେ ଫଟୋ ଓ ଭିଡ଼ିଓ ସେୟାର କରିବା ଆରମ୍ଭ କରି ଦେଇ ଥିଲେ। କେ ସିଦ୍ଧାର୍ଥ କହିଛନ୍ତି , ୨୦୨୫ ମସିହାର ଆରମ୍ଭରେ ଗୋହିଲ ନିଜର ଆଧାରକାର୍ଡର ବ୍ୟବହାର କରି ଏକ ସିମ୍ କାର୍ଡ କିଣି ଥିଲେ ଏବଂ ଅଦିତି ଭରଦ୍ୱାଜଙ୍କ ବ୍ୟବହାର ପାଇଁ ସେହି ନମ୍ବରରେ ହ୍ୱାଟ୍ସଆପ୍ ଆକାଉଣ୍ଟ ମଧ୍ୟ ଖୋଲି ଥିଲେ। ଏହାପରେ ଏହି ନମ୍ବରରୁ ବିଏସଏଫ୍ ଓ ଆଇଏଏଫ୍‌ର ଭିତ୍ତିଭୂମି ସହ ଜଡ଼ିତ ଫଟୋ ଓ ଭିଡ଼ିଓ ସେୟାର କରିଥିଲେ, ଯାହାର ବ୍ୟବହାର ପାକିସ୍ତାନୀ ଏଜେଣ୍ଟ କରୁଥିଲେ। ଏଟିଏସ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଗୋହିଲଙ୍କୁ ଜଣେ ଅଜଣା ବ୍ୟକ୍ତି ୪୦,୦୦୦ ଟଙ୍କା ଦେଇଥିଲେ। କୁହାଯାଉଛି ଯେ, ଏହି ବ୍ୟକ୍ତି ମଧ୍ୟ ଗୁପ୍ତଚର ନେଟୱର୍କର ଅଂଶ ହୋଇପାରେ।

# କୋଚି ନିକଟରେ ବୁଡ଼ିଗଲା ବିଦେଶୀ ଜାହାଜ



**କୋଚି, ୨୪।୫:** କୋଚି ନିକଟସ୍ଥ ସମୁଦ୍ରରେ ବୁଡ଼ିଯାଇଛି ଏକ ବିଦେଶୀ ମାଲବାହୀ ଜାହାଜ । ଖରାପ ପାଗ ଯୋଗୁଁ ଜାହାଜଟି ବୁଡ଼ିଯାଇଥିବା କୁହାଯାଉଛି। ତେବେ ଭାରତୀୟ କୋଷ୍ଟ ଗାର୍ଡ ଜାହାଜରେ ଥିବା ୨୪ ଜଣଙ୍କ ମଧ୍ୟରୁ ୨୧ ଜଣଙ୍କୁ ଉଦ୍ଧାର କରିଛି ଏବଂ ବାକି ଲୋକଙ୍କୁ ଉଦ୍ଧାର କରିବା ପାଇଁ ଅଭିଯାନ ଜାରି ରହିଛି। କୁହାଯାଉଛି ଯେ ଏହି ମାଲବାହୀ ଜାହାଜଟି ଲାଇବେରିଆର, ଏପର୍ଯ୍ୟନ୍ତ ଅଧା ବୁଡ଼ିଯାଇଛି ଓ ଧୀରେ ଧୀରେ ସଂପୂର୍ଣ୍ଣଭାବେ ବୁଡ଼ିବାକୁ ଯାଉଛି। ୧୮୪ ମିଟର ଲମ୍ବା ଲାଇବେରିଆନ ପତାକାଯୁକ୍ତ କଣ୍ଟେନର ଜାହାଜ, ଏମଏସସି ଏଲସା ୩, ମେ ୨୩ ତାରିଖରେ ଭିଜିଞ୍ଜାମ ବନ୍ଦରରୁ ବାହାରିଥିଲା ଏବଂ ମେ ୨୪ ତାରିଖରେ କୋଚିରେ ପହଞ୍ଚିବାର ଏକ ନିର୍ଦ୍ଧାରିତ ସମୟ ସୀମା ଥିଲା। ୨୪ ମେ ଦିନ ପ୍ରାୟ ୧:୨୫ ସମୟରେ ସିପ୍ ମ୍ୟାନେଜମେଣ୍ଟ କୋଚିର ଦକ୍ଷିଣ-ପଶ୍ଚିମରେ ପ୍ରାୟ ୩୮ ନଟିକାଲ ମାଇଲ ଦୂରରେ ସେମାନଙ୍କ ଜାହାଜରେ ୨୬ ଡିଗ୍ରୀ ତରଙ୍ଗ ଥିବା ବିଷୟରେ ଭାରତୀୟ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲା ଏବଂ ତୁରନ୍ତ ସହାୟତା ଲୋଡ଼ିଥିଲା। ଖବର ପାଇବା ପରେ କୋଷ୍ଟ ଗାର୍ଡ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା । ବର୍ତ୍ତମାନ ଜାହାଜରେ କ୍ୟାପଟେନ, ମୁଖ୍ୟ ଯନ୍ତ୍ରୀ ଓ ଦ୍ୱିତୀୟ ଯନ୍ତ୍ରୀ ରହିଛନ୍ତି।

# ଦେଶର ପ୍ରଥମ ବୁଲେଟ୍ ଟ୍ରେନ୍ ଷ୍ଟେସନ୍ ପ୍ରସ୍ତୁତ

**ନୂଆଦିଲ୍ଲୀ, ୨୪।୫:** ଭାରତର ପ୍ରଥମ ବୁଲେଟ୍ ଟ୍ରେନ୍ ଷ୍ଟେସନ୍ ଗୁଜୁରାଟର ସୁରଟରେ ପ୍ରସ୍ତୁତ ହୋଇରହିଛି। ଆସନ୍ତା ବର୍ଷ ପରୀକ୍ଷାମୂଳକ ଭାବେ ଏହାର ରନ୍ ଆରମ୍ଭ ହେବ । ଏହା ମଧ୍ୟ ଆଶା କରାଯାଉଛି ଯେ ବୁଲେଟ୍ ଟ୍ରେନ୍ ୨୦୨୯ ସୁଦ୍ଧା ଟ୍ରାକରେ ଚାଲିବା ଆରମ୍ଭ କରିବବୁଲେଟ୍ ଟ୍ରେନ୍ । ସୁରଟ ନିକଟରେ ୩୦୦ କିଲୋମିଟର ଲମ୍ବା ଭାୟାଡକ୍ଟ କାମ ଏବେ ସମାପ୍ତ ହୋଇଛି । ଯେଉଁଥିରେ ଏକ ୪୦ ମିଟର ପୂର୍ଣ୍ଣ-ସ୍ପାନ୍ ବକ୍ସ ଗାର୍ଡର ମଧ୍ୟ ଅନ୍ତର୍ଭୁକ୍ତ । ରେଳ ମନ୍ତ୍ରଣାଳୟ କିଛି ଫଟୋ ଜାରି କରିଛି । ରେଳ ମନ୍ତ୍ରଣାଳୟ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି କହିଛି ଯେ ଏହି ୩୦୦କିଲୋମିଟର ଗଠନ ମଧ୍ୟରୁ ପ୍ରାୟ ୨୫୭.୪ କିଲୋମିଟର 'ପୂର୍ଣ୍ଣ ସ୍ପାନ୍ ଲଞ୍ଚିଂ ପଦ୍ଧତି (ଏଫ୍‌ଏସ୍‌ଏଲ୍‌ଏମ୍)' ମାଧ୍ୟମରେ ନିର୍ମାଣ କରାଯାଇଛି। ଯେଉଁଥିରେ ୧୪ଟି ନଦୀ ସେତୁ ଅନ୍ତର୍ଭୁକ୍ତ। ଏଫ୍‌ଏସ୍‌ଏଲ୍‌ଏମ୍ ହେଉଛି ଏକ ସେତୁ ନିର୍ମାଣ କୌଶଳ। ଯେଉଁଥିରେ ସମ୍ପୂର୍ଣ୍ଣ ସେତୁ ଡେକ୍ ଗୋଟିଏ ସମୟରେ ଗୋଟିଏ ସ୍ଥାନରେ ନିର୍ମିତ ହୋଇଛି । ଦେଶର ପ୍ରଥମ ବୁଲେଟ୍ ଟ୍ରେନ୍ ମୁମ୍ବାଇ ଏବଂ ଅହମ୍ମଦାବାଦ ମଧ୍ୟରେ ଚାଲିବ। ଏହି ପ୍ରକଳ୍ପ ୨୦୧୭ ମସିହାରେ ଆରମ୍ଭ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ତତ୍କାଳୀନ ଜାପାନ ପ୍ରଧାନମନ୍ତ୍ରୀ ସିଂଜୋ ଆବେ ୧୪ ସେପ୍ଟେମ୍ବର ୨୦୧୭ରେ ଅହମ୍ମଦାବାଦରେ ଏହି ପ୍ରକଳ୍ପର ଉଦଘାଟନ କରିଥିଲେ ।

# କିଭରେ ରୁଷିଆର ବଡ଼ ଧରଣର ଆକ୍ରମଣ



**କିଭ୍, ୨୪।୫:** ଶନିବାର ପ୍ରତ୍ୟୁଷରେ ରୁଷିଆ ୟୁକ୍ରେନର ରାଜଧାନୀ କିଭ୍ ଉପରେ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ସାହାଯ୍ୟରେ ଏକ ବଡ଼ ଆକ୍ରମଣ କରିଛି। ଯାହା ଫଳରେ ସହର ସାରା ବିସ୍ଫୋରଣ ଶବ୍ଦ ଶୁଣାଯାଇଛି। ଜୀବନ ବଞ୍ଚାଇବା ପାଇଁ ଜନସାଧାରଣ ଭୂତଳ ମେଟ୍ରୋ ଷ୍ଟେସନରେ ଆଶ୍ରୟ ନେଇଛନ୍ତି। ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ କଏଦୀ ବିନିମୟ ଆରମ୍ଭ ହେବାର ମାତ୍ର କିଛି ଘଣ୍ଟା ପରେ ଏହି ଆକ୍ରମଣ ହୋଇଥିଲା । ଗତ ସପ୍ତାହରେ ଇସ୍ତାନବୁଲରେ ଏକ ବୈଠକରେ ଉଭୟ ପକ୍ଷ ମଧ୍ୟରେ ହୋଇଥିବା ବିନିମୟ ଚୁକ୍ତିନାମାର ପ୍ରଥମ ପର୍ଯ୍ୟାୟର ଅଂଶ ସ୍ୱରୂପ ଶହ ଶହ ସୈନିକ ଏବଂ ସାଧାରଣ ଲୋକଙ୍କୁ ମୁକ୍ତ କରାଯାଇଥିଲା।

କିଭ୍ ସାମରିକ ପ୍ରଶାସନର କାର୍ଯ୍ୟକାରୀ ମୁଖ୍ୟ ତୈମୁର ତକାଚେଙ୍କୋ ସୋସିଆଲ ମିଡିଆ ପ୍ଲାଟଫର୍ମ ଟେଲିଗ୍ରାମରେ କହିଛନ୍ତି ଯେ, ଶନିବାର ପ୍ରତ୍ୟୁଷରେ ଆକାଶରେ ଅଟକା ଯାଇଥିବା କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍‌ର ଭଗ୍ନାବଶେଷ ସହରର ଚାରୋଟି ଜିଲ୍ଲାରେ ପଡ଼ିଛି। ତକାଚେଙ୍କୋଙ୍କ ଅନୁଯାୟୀ, ଆକ୍ରମଣ ପରେ ଛଅ ଜଣ ଆହତଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। କିଭ୍‌ର ସୋଲୋମିୟାନ୍‌ସ୍କି ଜିଲ୍ଲାରେ ଦୁଇଟି ବୋମା ଏବଂ କ୍ଷେପଣାସ୍ତ୍ର ମାଡ଼ ଯୋଗୁ ଅଗ୍ନିକାଣ୍ଡ ଘଟିଥିଲା। ସ୍ଥାନୀୟ ବାସିନ୍ଦା କହିଛନ୍ତି, ସହରରେ ବୋମାମାଡ଼ ସହିତ ସାଇରନ୍ ବାଜିବା ଲାଗିଥିଲା। ବହୁ ଆପାର୍ଟମେଣ୍ଟ କ୍ଷତିଗ୍ରସ୍ତ ହୋଇଛି। କେତେକ ଘର ଭୁଶୁଡ଼ି ପଡ଼ିଛି। ରୁଷିଆ ଆକ୍ରମଣ ପୂର୍ବରୁ ସହରର ମେୟର ଭିଟାଲି କ୍ଲିଟସ୍କୋ କିଭ୍ ବାସିନ୍ଦାଙ୍କୁ ସତର୍କ କରାଇ ଦେଇଥିଲେ ଯେ, ୨୦ ରୁ ଅଧିକ ରୁଷିଆ ଡ୍ରୋନ୍ କିଭନ ଆଡକୁ ମୁହାଁଇଛନ୍ତି। ସେ କହିଛନ୍ତି, ଆକ୍ରମଣ ସମୟରେ ନଷ୍ଟ କରାଯାଇଥିବା ଡ୍ରୋନ୍‌ର ଭଗ୍ନାବଶେଷ କିଭ୍‌ର ଓବୋଲୋନ୍ ଜିଲ୍ଲାରେ ଏକ 'ସପିଂ ମଲ୍' ଏବଂ ଏକ ଆବାସିକ କୋଠା ଉପରେ ପଡ଼ିଥିଲା। କ୍ଲିଟସ୍କୋ କହିଛନ୍ତି, ଜରୁରୀକାଳୀନ ସେବା ଘଟଣାସ୍ଥଳରେ ଜାରି ରହିଛି। ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ୧,୦୦୦ କଏଦୀଙ୍କ ଅଦଳ ବଦଳ ହେବାକୁ ଯାଉଛି ଏବଂ ଏହାର ପ୍ରଥମ ପର୍ଯ୍ୟାୟ ଶୁକ୍ରବାର ଥିଲା। ୟୁକ୍ରେନୀୟ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ୩୯୦ଜଣ ୟୁକ୍ରେନୀୟ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସପ୍ତାହାନ୍ତରେ ଆହୁରି ଅଧିକ ଲୋକ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଆଶା କରାଯାଉଛି। ରୁଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଆମେ ୟୁକ୍ରେନକୁ ସମାନ ସଂଖ୍ୟକ କଏଦୀଙ୍କୁ ଫେରାଇ ଦେଇଛୁ। ଜଣେ ୟୁକ୍ରେନୀୟ ଅଧିକାରୀ କହିଛନ୍ତି, ଏହି ବିନିମୟ ବେଲାରୁଷ ସୀମାରେ ଥିବା ଉତ୍ତର ୟୁକ୍ରେନରେ କରାଯାଇଥିଲା।

## ଇଂଲଣ୍ଡ ଟୁର୍ ପାଇଁ ଭାରତୀୟ ଦଳ ଘୋଷଣା

# ଶୁବମନ୍ ଅଧିନାୟକ, ୩ ଡେବ୍ୟୁଟାଣ୍ଟଙ୍କୁ ସୁଯୋଗ



**ମୁମ୍ବାଇ,୨୪।୫:** ସବୁ କଳ୍ପନା ଜଳ୍ପନାର ଅନ୍ତ। ଭାରତକୁ ମିଳିଲା ରେଡ୍ ବଲ୍ କ୍ରିକେଟର ଅଧିନାୟକ। ଯାହା ଅନୁମାନ କରାଯାଉଥିଲା ତାହା ହେଲା। ଷ୍ଟାର ଯୁବ ବ୍ୟାଟର ଶୁବମନ ଗିଲ୍ ରେଡ୍ ବଲ କ୍ରିକେଟର ଦଳପତି ହୋଇଛନ୍ତି। ରୋହିତ ଶର୍ମାଙ୍କ ସ୍ଥାନରେ ଦଳର କମାଣ ସମ୍ଭାଳିବେ ଶୁବମନ୍। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜର ସେ ନେତୃତ୍ୱ ନେବେ। ସିରିଜରୁ ମହମ୍ମଦ ସାମି ଆଉଟ୍ ହୋଇଛନ୍ତି। ସାର୍ଦ୍ଦୁଳ ଠାକୁରଙ୍କୁ ସ୍କ୍ୱାଡରେ ସ୍ଥାନ ମିଳିଛି। ସାମ୍ବାଦିକ ସମ୍ମିଳନୀ କରି ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ପାଇଁ ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରିଛନ୍ତି ମୁଖ୍ୟ ଚୟନକର୍ତ୍ତା ଅଜିତ୍ ଅଗରକର।

କିଛି ନୂଆ ପୁରୁଣା ମୁହଁକୁ ନେଇ ୧୮ ଜଣିଆ ଦଳ ଘୋଷଣା ହୋଇଛି। ଇଂଲଣ୍ଡ ଟେଷ୍ଟ ସିରିଜ୍ ପାଇଁ ଟିମ୍ ଇଣ୍ଡିଆରେ ଯୁବ ତାରକାଙ୍କୁ ସୁଯୋଗ ମିଳିଛି। ୩ଜଣ ଡେବ୍ୟୁଟାଣ୍ଟକୁ ମିଳିଛି ସୁଯୋଗ। ଆଇପିଏଲ ୨୦୨୫ରେ ଚମତ୍କାର ପ୍ରଦର୍ଶନ କରିଥିବା ସାଇ ସୁଦର୍ଶନଙ୍କୁ ସୁଯୋଗ ମିଳିଛି। ସେହିପରି ବ୍ୟାଟର ଅଭିମନ୍ୟୁ ଇଶ୍ୱରନ୍ ଏବଂ ଦ୍ରୁତ ବୋଲର ଅର୍ଶଦୀପ ସିଂହଙ୍କୁ ପ୍ରଥମ ଥର ପାଇଁ ଟେଷ୍ଟ ଦଳରେ ସ୍ଥାନ ପାଇଛନ୍ତି। ଫିଟନେସ୍ କାରଣରୁ ପେସ୍ ବୋଲର ମହମ୍ମଦ ଶାମି ଟିମରୁ ଆଉଟ୍ ହୋଉଥିବା ବେଳେ ତାଙ୍କ ସ୍ଥାନରେ ଅଲରାଉଣ୍ଡର ଶାର୍ଦ୍ଦୁଳ ଠାକୁର ଦଳକୁ ଫେରିଛନ୍ତି। ସେହିପରି ଅନେକ ଦିନ ପରେ ପୁଣି ଥରେ ନିଜର ପ୍ରତିଭା ପ୍ରତିପାଦନ କରିବାକୁ ଟିମ୍‌କୁ ଫେରିଛନ୍ତି କରୁଣ ନାୟାର। ସବୁଠୁ ବଡ଼ କଥା ହେଲା ଦଳରେ ଟପ୍ ଫର୍ମରେ ଥିବା ଶ୍ରେୟସ ଆୟର ଓ ସରଫରାଜ ଖାନଙ୍କୁ ସାମିଲ୍ କରାଯାଇନାହିଁ।

ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଶୁବମନ୍ ସେନା- ଆସନ୍ତା ଜୁନ ୨୦ରୁ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ ଭାରତ। ଏ ନେଇ ୧୮ ଜଣିଆ ସ୍କ୍ୱାଡ ଘୋଷଣା ହୋଇଛି। ରୋହିତ ଶର୍ମାଙ୍କ ସ୍ଥାନରେ ଶୁବମନ ଗିଲ୍‌ଙ୍କୁ ଅଧିନାୟକ ଭାବେ ଗୁରୁ ଦାୟିତ୍ୱ ମିଳିଛି। ଋଷଭ ପନ୍ତଙ୍କୁ ଉପ-ଅଧିନାୟକ ଦାୟିତ୍ୱ ମିଳିଛି। ସେହିପରି ଯଶସ୍ୱୀ ଜୈସ୍ୱାଲ,କେଏଲ ରାହୁଲ, ସାଇ ସୁଦର୍ଶନ, ଅଭିମନ୍ୟୁ ଇଶ୍ୱରନ୍, କରୁନ ନାୟର, ନିତୀଶ କୁମାର ରେଡ୍ଡୀ, ରବୀନ୍ଦ୍ର ଜାଡ଼େଜା, ଧ୍ରୁବ ଜୁଏଲ (ୱିକେଟକିପର), ୱାଶିଂଟନ ସୁନ୍ଦର, ସାର୍ଦୁଳ ଠାକୁର, ଯଶପ୍ରୀତ ବୁମରା, ମହମ୍ମଦ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଆକାଶ ଦୀପ, ଅର୍ଶଦୀପ ସିଂହ ଓ କୁଳଦୀପ ଯାଦବ ୧୮ ଜଣିଆ ଦଳରେ ସାମିଲ ହୋଇଛନ୍ତି।

ଇଂଲଣ୍ଡ ବିପକ୍ଷରେ ଟିମ୍ ଇଣ୍ଡିଆ ୫ଟି ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବ। ଆସନ୍ତା ଜୁନ୍ ୨୦ ତାରିଖରୁ ଅଗଷ୍ଟ ୪ ଯାଏଁ ଚାଲିବ ସିରିଜ୍। ପ୍ରଥମ ମ୍ୟାଚ୍ ହ୍ୟାଣ୍ଡିଂଲେ ଲିଡ୍, ଦ୍ୱିତୀୟ ମ୍ୟାଚ୍ ବରମିଂହମ୍, ତୃତୀୟ ଟେଷ୍ଟ କ୍ରିକେଟର ମକ୍କା ଲର୍ଡ୍ସ, ଚତୁର୍ଥ ମ୍ୟାଚ୍ ମଞ୍ଚେଷ୍ଟର ଓ ପଞ୍ଚମ ବା ଅନ୍ତିମ ମ୍ୟାଚ୍ ଓଭାଲରେ ଖେଳାଯିବ। ବିଜିଟିରେ ଶୋଚନୀୟ ପରାଜୟରେ ଏହି ସିରିଜ୍ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନ୍ସ ପାଇଁ ଅଗ୍ନି ପରୀକ୍ଷା ହେବ।

# ଭାରତୀୟ ବିଶ୍ୱକପ୍ ସୁଟିଂ ଦଳରେ ଶ୍ରୀୟଙ୍କା



ଭୁବନେଶ୍ୱର, ୨୪।୫ (ସଂଚାର ବ୍ୟୁରୋ): ଜର୍ମାନୀର ମ୍ୟୁନିକଠାରେ ଆୟୋଜିତ ହେବାକୁ ଥିବା ସୁଟିଂ ବିଶ୍ୱକପ୍ ଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଆ ଝିଅ ଶ୍ରୀୟଙ୍କା ଷଡ଼ଙ୍ଗୀ ପୁଣି ଥରେ ସ୍ଥାନ ପାଇ ରାଜ୍ୟ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଶ୍ରୀୟଙ୍କା ୫୦ ମିଟର ରାଇଫଲ୍ ଥ୍ରୀ ପୋଜିସନରେ ଭାରତର ପ୍ରତିନିଧିତ୍ୱ କରିବେ। ସଂପ୍ରତି ଜାତୀୟ ମାନ୍ୟତାର ତୃତୀୟ ସ୍ଥାନରେ ଥିବା ଶ୍ରୀୟଙ୍କା ପୂର୍ବରୁ ଏକାଧିକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ସଫଳ ପ୍ରଦର୍ଶନ କରିସାରିଛନ୍ତି। ଏହା ପୂର୍ବରୁ ଚଳିତବର୍ଷ ଆୟୋଜିତ ଦୁଇଟି ସୁଟିଂ ବିଶ୍ୱକପ୍ (ଆର୍ଜେଣ୍ଟିନାର ବୁଏନସ୍‌ଏୟାର୍ସ ଓ ପେରୁର ଲିମା)ରେ ଭାରତର ପ୍ରତିନିଧିତ୍ୱ କରିସାରିଛନ୍ତି। ଲିମାରେ ଚମତ୍କାର ପ୍ରଦର୍ଶନ କରି ଫାଇନାଲ୍ ପର୍ଯ୍ୟାୟକୁ ଯିବା ସହ ବହୁ ଅଲିମ୍ପିଆନ୍ ଓ ବିଶ୍ୱସ୍ତରୀୟ ଖେଳାଳିଙ୍କ ମଧରେ ଅଷ୍ଟମ ସ୍ଥାନ ଅଧିକାର କରିଥିଲେ। ମ୍ୟୁନିକରେ ମଧ ସେ ଏହି ସଫଳତା ଦୋହରାଇବା ଆଶାରେ ରହିଛନ୍ତି। ପ୍ରିୟଙ୍କା ସଂପ୍ରତି ଓଏମ୍‌ସିରେ କାର୍ଯ୍ୟରତ ଅଛନ୍ତି। ଏହି ସଫଳତା ଲାଗି ରାଜ୍ୟ ସୁଟିଂ ସଂଘ ପକ୍ଷରୁ ତାଙ୍କୁ ଶୁଭକାମନା ପ୍ରଦାନ କରାଯାଇଛି।

# ଆସାମ ଚେସ୍ ପ୍ରିମିୟର ଲିଗ୍‌ରେ କଳିଙ୍ଗ ୱାରିୟର୍ସ

**ଭୁବନେଶ୍ୱର, ୨୪।୫ (ସଂଚାର ବ୍ୟୁରୋ):** ଆସାମର ଗୁଆହାଟୀଠାରେ ଶନିବାର ଓ ରବିବାର ହେବାକୁଥିବା ଆସାମ ଚେସ୍ ପ୍ରିମିୟର୍ ଲିଗ୍‌ରେ ଓଡ଼ିଶାରୁ ଏକ ଦଳ 'କଳିଙ୍ଗ ୱାରିୟର୍ସ' ଅଂଶଗ୍ରହଣ କରିବାକୁ ଯାଉଛି। ଆସାମ ସରକାରଙ୍କ ସହଯୋଗରେ ଅଲ୍ ଆସାମ ଚେସ୍ ସଂଘ ଆନୁକୂଲ୍ୟରେ ଆଇପିଏଲ୍ ମଡେଲ୍‌ରେ ଆୟୋଜିତ ହେବାକୁ ଥିବା ଏହି ଆସାମ ଚେସ୍ ପ୍ରିମିୟର ଲିଗ୍‌ରେ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। ଏଥିରେ କଳିଙ୍ଗ ୱାରିୟର୍ସ ସହ ରାଞ୍ଚି କ୍ୟାପିଟାଲ, ନାଇଟ୍ ମୁଭର୍ସ, ୯୧ ୟାର୍ଡ୍ସ କ୍ଲବ୍, ଏଡୁ ହବ୍ ଚେକ୍‌ମେଟ୍ସ, ଆଙ୍କୋମ ରିଙ୍ଗ ଚେକ୍‌ମେଟ୍ସ, ସେଭେ ଚେକ୍‌ମେଟ୍ସ ଓ ବିଟିଆର୍ ୱାରିୟର୍ସ ଭାଗନେବେ। ସୁବଳ ଭୌମିକ ତତ୍ତ୍ୱାବଧାନରେ ଖେଳିବାକୁ ଯାଉଥିବା କଳିଙ୍ଗ ୱାରିୟର୍ସ ଦଳରେ ଅଛନ୍ତି ଗ୍ରାଣ୍ଡ ମାଷ୍ଟର ଅଙ୍କିତ ରାଜପରା, ରାଜେଶ କୁମାର ନାୟକ, ମୃଣ୍ମୟ ରାଜ ଖୋୱା, ହର୍ଷିତ ରଞ୍ଜନ ସାହୁ, ଆମିୟ ଗୁପ୍ତା, ଅମ୍ଲାନ ମହାନ୍ତ, ରିତିଶା ଏମ୍ ରାଜଭୋଗୀ। ଏହି ଦଳକୁ ଅଲ୍ ଓଡ଼ିଶା ଚେସ୍ ସଂଘ ନିଲାମରେ ୧.୩୨ ଲକ୍ଷ ଟଙ୍କାରେ କିଣିଛି। ଏହି ଚେସ୍ ଲିଗ୍ ଦେଶରେ ଚେସ୍ ପ୍ରତି ସଚେତନତା ସୃଷ୍ଟି କରିବା ସହ ପ୍ରାୟୋଜକଙ୍କୁ ଅକୃଷ୍ଟ ଏବଂ ଚେସ୍ ପ୍ରେମୀଙ୍କୁ ମନୋରଞ୍ଜନ କରିବ। କଳିଙ୍ଗ ୱାରିୟର୍ସ ଦଳ ସହ ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ, ଉପ ସଭାପତି ଶଙ୍କର ପ୍ରସାଦ ମିଶ୍ର, କାର୍ଯ୍ୟନିର୍ବାହୀ ସଦସ୍ୟ ଅଭିଷେକ ଆଚାର୍ଯ୍ୟ, ଟ୍ରିପଲ ସି କ୍ଲବ୍‌ର ସମ୍ପାଦକ ବିରଞ୍ଚି ସାହୁ ଗୁଆହାଟୀରେ ପହଞ୍ଚିଛନ୍ତି। ଭବିଷ୍ୟତରେ ଏଭଳି ପ୍ରତିଯୋଗିତା ଆୟୋଜନ କରିବାକୁ ରାଜ୍ୟ ସଂଘ ଯୋଜନା କରୁଥିବା ନେଇ ଶ୍ରୀ ଭଞ୍ଜ ପ୍ରକାଶ କରିଛନ୍ତି। ଆସାମ ଚେସ୍ ପ୍ରିମିୟର ଲିଗ୍‌ରେ ଖେଳିବାଦ୍ୱାରା ଅନ୍ତଃରାଜ୍ୟ ସମ୍ପର୍କ ଦୃଢ଼ ହେବା ସହ ଖେଳାଳିଙ୍କୁ ଏକ୍ସପୋଜର୍ ମିଳିବ ଏବଂ କାର୍ପୋରେଟ୍ ସଂସ୍ଥା ଚେସକୁ ପ୍ରାୟୋଜିତ କରିବାକୁ ଆକର୍ଷିତ ହେବେ। ଏଭଳି ଏକ ସୁସ୍ଥ ପ୍ରତିଦ୍ୱନ୍ଦ୍ୱିତା ଏଓସିଏର ରାଜସ୍ୱ ବୃଦ୍ଧିରେ ବି ସହାୟକ ହେବ ବୋଲି ଶ୍ରୀ ଭଞ୍ଜ ଆଶା ପ୍ରକଟ କରିଛନ୍ତି।



## ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ

# ଓଡ଼ିଶା ମହିଳା ସକ୍କର୍ ଦଳକୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୪।୫ (ସଂଚାର ବ୍ୟୁରୋ): ଡିଉ'ରେ ଚାଲିଥିବା ପ୍ରଥମ ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଓଡ଼ିଶାକୁ ଶୁକ୍ରବାର ଗୋଟିଏ ସ୍ୱର୍ଣ୍ଣ ପଦକ ମିଳିଛି। ଏହି ପଦକଟି ଓଡ଼ିଶା ମହିଳା ସକ୍କର୍ ଦଳ ଜିତିଛନ୍ତି। ଶୁକ୍ରବାର ଖେଳାଯାଇଥିବା ଫାଇନାଲ୍‌ରେ ଓଡ଼ିଶା ୩-୨ ଗୋଲ୍‌ରେ ଗୁଜରାଟକୁ ପରାସ୍ତ କରି ବିଜେତା ହେବାର ଗୌରବ ଅର୍ଜନ କରିଛି। ଏହା ପୂର୍ବରୁ ସେମିଫାଇନାଲ୍‌ରେ ଓଡ଼ିଶା ୧୨-୭ ଗୋଲ୍‌ରେ ଉତ୍ତରପ୍ରଦେଶକୁ ମାତ୍ ଦେଇଥିଲା। ଏହି ସଫଳତା ଲାଗି ଓଡ଼ିଶା ଫୁଟ୍‌ବଲ୍ ସଂଘର ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମସ୍ତ ସଦସ୍ୟ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ଯୁବ ଆନ୍ତଃଜିଲ୍ଲା କ୍ରିକେଟ୍: ଶୁଭାଶିଷଙ୍କ ଶତକ, ସୋହମଙ୍କୁ ୫ ୱିକେଟ୍

## ଯାଜପୁର, ଭଦ୍ରକ, ସମ୍ବଲପୁର, ଖୋର୍ଦ୍ଧା, ଭୁବନେଶ୍ୱର-ବି, ନବରଙ୍ଗପୁର ବିଜୟୀ







କଟକ, ୨୪।୫ (ସଂଚାର ବ୍ୟୁରୋ): ଚଳିତ ୧୯ ବର୍ଷରୁ କମ୍ (ଯୁବ) ଅନ୍ତଃଜିଲ୍ଲା କ୍ରିକେଟ୍‌ରେ ଶୁକ୍ରବାର ଯାଜପୁର, ଭଦ୍ରକ, ସମ୍ବଲପୁର, ଖୋର୍ଦ୍ଧା, ଭୁବନେଶ୍ୱର-ବି, ନବରଙ୍ଗପୁର ବିଜୟୀ ହୋଇଛନ୍ତି।

ବିଡ଼ାନାସୀ ପଡ଼ିଆରେ ଭୁବନେଶ୍ୱର-ବି ୬୯ ରନରେ ନୟାଗଡ଼କୁ ହରାଇଛି। ଭୁବନେଶ୍ୱର ଦଳ ଶୁଭାଶିଷ ମଲ୍ଲିକ (୧୦୯ ରନ୍)ଙ୍କ ଶତକ ବଳରେ ୪୩ ଓଭରରେ ୨୩୬/୭ କରିଥିଲା। ଜବାବରେ ସୋହମ ପଟ୍ଟନାୟକ (୭-୦-୩୦-୫)ଙ୍କ ଘାତକ ବୋଲିଂକୁ ସାମ୍ନା କରି ନପାରି ନୟାଗଡ଼ ୩୪ ଓଭରରେ ୧୬୭ ରନ୍‌ରେ ଅଲ୍‌ଆଉଟ୍ ହୋଇଥିଲା। ରେଭେନ୍‌ସା ପଡ଼ିଆ-୨ରେ ଯାଜପୁର ୨୦୯ ରନରେ ରାୟଗଡ଼ାକୁ ପରାସ୍ତ କରିଛି। ଆଶିଷ ପରିଡ଼ାଙ୍କ ୭୨ ରନ୍ ଓ ସୌଭାଗ୍ୟ ଧଳଙ୍କ ୬୧ ରନ୍ ବଳରେ ଯାଜପୁର ୪୭ ଓଭରରେ ୭ ୱିକେଟ୍ ହରାଇ ୨୮୨ ରନ୍ କରିଥିଲା। ରାୟଗଡ଼ା ପକ୍ଷରୁ ସଞ୍ଜୟ ବଥଲିଆ ଓ ଜି.ପୂର୍ଣ୍ଣ ଭାସ୍କର ୩ଟି ଲେଖାଏଁ ୱିକେଟ୍ ନେଇଥିଲେ। ଜବାବରେ ରାୟଗଡ଼ା ୯ ୱିକେଟ୍ ବିନିୟମରେ ୭୩ରନ୍ କରିଥିଲା। ଯାଜପୁର ପକ୍ଷରୁ ଦୁର୍ଗା ବେହେରା ଓ ହମିଦ୍ ରାଜା ୪ଟି ଲେଖାଏଁ ୱିକେଟ୍ ନେଇଥିଲେ। ଅଡ଼ଶପୁର ପଡ଼ିଆରେ ଭଦ୍ରକ ୧୪ ରନ୍‌ରେ ଝାରସୁଗୁଡ଼ାକୁ ପରାସ୍ତ କରିଛି। ଡ୍ରିମସ୍ ପଡ଼ିଆରେ ସମ୍ବଲପୁର-ବି ୧୨ ରନ୍‌ରେ ସୋନପୁରକୁ ପରାସ୍ତ କରିଛି। ସମ୍ବଲପୁର-ବି ଖେଳାଳି ଅମନ ବର୍ମା ୪ଟି ୱିକେଟ୍ ନେଇଥିଲେ। ସନ୍‌ସାଇନ୍ ପଡ଼ିଆରେ ଖୋର୍ଦ୍ଧା ୧୨୩ ରନ୍‌ରେ ବୌଦ୍ଧକୁ ପରାସ୍ତ କରିଛି। ଖୋର୍ଦ୍ଧା ୪୫ ଓଭରରେ ୭ ୱିକେଟ୍ ହରାଇ ୨୬୫ ରନ୍ କରିଥିଲା। ଧରଣୀଧର ସ୍ୱାଇଁ ୬୫ ଓ ସ୍ୱର୍ଣ୍ଣଭ ଦାସ ୬୩ ରନ୍ କରିଥିଲେ। ଜବାବରେ ବୌଦ୍ଧ କେ. ଦୀପକ ପାତ୍ରଙ୍କ ୬୬ ରନ୍ ବଳରେ ୧୪୨ ରନ୍ କରିବାକୁ ସମର୍ଥ ହୋଇଥିଲା। ଖୋର୍ଦ୍ଧାର ରୁଦ୍ର ମଲ୍ଲିକ୍ ୪ ୱିକେଟ୍ ନେଇଥିଲେ। ରେଭେନସା ପଡ଼ିଆ-୧ରେ ନବରଙ୍ଗପୁର ୨୦ ରନ୍‌ରେ କିଟ୍‌କୁ ପରାସ୍ତ କରିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶା ହେବ...

ଲକ୍ଷପତି ଦିଦି ସୃଷ୍ଟି କରି ଶୀର୍ଷରେ ରହିଛି ଓଡ଼ିଶା। ୧ କୋଟି ପରିବାରକୁ ଆୟୁଷ୍ମାନ ଯୋଜନାରେ ମାଗଣା ଚିକିତ୍ସା। ଉତ୍କର୍ଷ ଓଡ଼ିଶା ଜରିଆରେ ମିଳିଛି ୧୬.୭୩ ଲକ୍ଷ କୋଟିର ନିବେଶ ପ୍ରସ୍ତାବ। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦ୍ରୁତ ବିକାଶ କ୍ଷେତ୍ରରେ ବଢୁଛି ଭାରତ। ଆଗାମୀ ୨୫ ବର୍ଷରେ ଓଡ଼ିଶା ଦେଶର ବିକାଶ ଇଞ୍ଜିନ ସାଜିବ ବୋଲି ଦମ୍ଭୋକ୍ତି ଦେଖାଇଛନ୍ତି ମୋହନ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ୨୦୨୪-୨୫ରେ ଦେଶର ଅଭିବୃଦ୍ଧି ହାର ୬.୫ ପ୍ରତିଶତ ଥିବା ବେଳେ ସେହି ସମୟରେ ଓଡ଼ିଶାର ଅଭିବୃଦ୍ଧି ଥିଲା ୭.୨ ପ୍ରତିଶତ। ରାଜ୍ୟ ପାଇଁ ଗତ ୧୧ ମାସ ମଧ୍ୟରେ କେନ୍ଦ୍ର ସରକାର ୭୩ ହଜାର କୋଟି ଟଙ୍କା ରେଳବାଇ ପ୍ରକଳ୍ପ ମଞ୍ଜୁର କରିବା ସହ ୪୬୦୦ କୋଟି ଟଙ୍କାର ଜାତୀୟ ରାଜପଥ ପ୍ରକଳ୍ପ ଦେଇଛନ୍ତି। ଆହୁରି ୧୭ ହଜାର ୫୦୦ କୋଟି ଟଙ୍କାର ପ୍ରକଳ୍ପ ଖୁବଶୀଘ୍ର ଘୋଷଣା ହେବ। ଏଥିପାଇଁ ସେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଓଡିଶା କେନ୍ଦ୍ର ସହ ମିଳିତ ଭାବେ ରାଜ୍ୟରେ ପିଏମ-ଉଷା, ପିଏମ-ଶ୍ରୀ, ମମତା, ଜାତୀୟ ଶିକ୍ଷା ନୀତି ଓ ପିଏମ-ଜୟ ଭଳି ଯୋଜନା କାର୍ଯ୍ୟକାରୀ କରୁଛି। ଆସନ୍ତା ଜୁନ ମାସରେ ଓଡିଶାରେ ବିଜେପି ସରକାରକୁ ବର୍ଷେ ପୂରୁଛି। ଏହି ଅବସରରେ ପ୍ରଧାନମନ୍ତ୍ରୀଙ୍କ ବିକାଶ ମନ୍ତ୍ର ସବ କା ସାଥ ସବ କା ବିକାଶ ଆଧାରରେ ପ୍ରସ୍ତୁତ ହୋଇଥିବା ସମୃଦ୍ଧ ଓଡିଶା-୨୦୩୬ ଗଠନର ମୂଳଦୁଆ ପଡିବ। ୨୦୩୬ରେ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନକୁ ଶହେ ବର୍ଷ ପୂରୁଥିବା ବେଳେ ୨୦୪୭ରେ ଦେଶ ସ୍ୱାଧୀନତା ପ୍ରାପ୍ତିକୁ ଶହେ ବର୍ଷ ପୂରୁଛି। ଏହି ଦୃଷ୍ଟିରୁ ରାଜ୍ୟ ସରକାର ସମୃଦ୍ଧ ଓଡ଼ିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ଗଠନର ସ୍ୱପ୍ନକୁ ପୂରଣ କରିବାକୁ ଲକ୍ଷ୍ୟ ରଖି କାମ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିପାଇଁ ରାଜ୍ୟ ସରକାର ୩ ଲକ୍ଷ ୨୦ ହଜାର ଲୋକଙ୍କ ମତାମତକୁ ଆଧାର କରି ଏକ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଛନ୍ତି। ରାଜ୍ୟ ସରକାରଙ୍କ ଏହି ଭିଜନ ଡକ୍ୟୁମେଣ୍ଟ ଆସନ୍ତା ଜୁନ ୧୨ ତାରିଖରେ ଉଦଘାଟିତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟର କୃଷି ବିକାଶ ସହ ଶିକ୍ଷା, ସ୍ୱାସ୍ଥ୍ୟ, ସଡକ ଭିତ୍ତିଭୂମି, ରେଳ ଭିତ୍ତିଭୂମିର ବିକାଶ ପାଇଁ ରାଜ୍ୟ ସରକାର କେନ୍ଦ୍ର ସହ ମିଳିତ ଭାବେ କାମ କରୁଛନ୍ତି। ଏଥିସହିତ ରାଜ୍ୟ ସରକାର ବିଶ୍ୱ ବଜାରକୁ ଦୃଷ୍ଟିରେ ରଖି ବୟନ, ଖାଦ୍ୟ ପ୍ରକ୍ରିୟାକରଣ, ଶିଳ୍ପର ସମାନ୍ତରାଳ ବିକାଶ କରୁଛନ୍ତି। ଏହି ଅବସରରେ ଗତ ବର୍ଷକ ମଧ୍ୟରେ ରାଜ୍ୟ ସରକାର ବିଭିନ୍ନ କ୍ଷେତ୍ରରେ ପାଇଥିବା ସଫଳତାର ତାଲିକା ଉପସ୍ଥାପିତ କରିଛନ୍ତି। ସୁଭଦ୍ରା ଯୋଜନାରେ ଏକ କୋଟି ମହିଳାଙ୍କୁ ଆତ୍ମନିଯୁକ୍ତି ସାଙ୍ଗକୁ ୫ ବର୍ଷରେ ଖାଲି ପଡିଥିବା ଦେଢ ଲକ୍ଷ ସରକାରୀ ପଦବୀ ପୂରଣ କରିବା ଏବଂ ଦ୍ରୁତ ଅର୍ଥନୈତିକ ବିକାଶ ସାଙ୍ଗକୁ ଆର୍ଥିକ ପରିଚାଳନାରେ ସଂସ୍କାର ଆଣିବାରେ ସଫଳ ହୋଇଛନ୍ତି ରାଜ୍ୟ ସରକାର। ସୁଭଦ୍ରା ଯୋଜନାରେ ୧୬ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବାରେ ଓଡିଶା ସାରା ଦେଶରେ ଏକ ନମ୍ବର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପରିବେଶ ସୁରକ୍ଷା ପାଇଁ 'ଏକ ପେଡ୍ ମା' କେ ନାମ' କ୍ୟାମ୍ପେନରେ ରାଜ୍ୟ ସରକାର ଇତିମଧ୍ୟରେ ରାଜ୍ୟରେ ୬.୬ କୋଟି ଚାରା ରୋପଣ କରିସାରିଛନ୍ତି। ଗୋଦାବରିଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନାରେ ୭ ହଜାର ମାଧ୍ୟମିକ ସ୍କୁଲର ରୂପାନ୍ତରଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## ଲକ୍ଷ୍ୟ ପୂରଣ...

କରିବା ଦିଗରେ କାମ କରିବାକୁ ପଡ଼ିବ। ଏଥିସକାଶେ ମହିଳାମାନେ ଯେପରି ସମ୍ମାନର ସହ କର୍ମକ୍ଷେତ୍ରରେ କାମ କରିପାରିବେ, ସେଥିସକାଶେ ଆମକୁ ନୀତି ଓ ନିୟମକୁ ଆହୁରି ଦୃଢ଼ କରିବାକୁ ପଡ଼ିବ ବୋଲି ଶ୍ରୀ ମୋଦି କହିଛନ୍ତି। ଏହି ଅବସରରେ ବୈଠକରେ ଆଗାମୀ ୨୫ ବର୍ଷ ମଧ୍ୟରେ ଭାରତକୁ ଏକ ବିକଶିତ ରାଷ୍ଟ୍ର କରିବା ଦିଗରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହ ଆଲୋଚନା ହୋଇଛି। କିନ୍ତୁ ଏହା ସତ୍ତ୍ୱେ ବି ବୈଠକରେ ବିହାର ଓ ପଶ୍ଚିମବଙ୍ଗ ପରି କେତେକ ରାଜ୍ୟର ମୁଖ୍ୟମନ୍ତ୍ରୀ ବୈଠକଠାରୁ ନିଜକୁ ଦୂରେଇ ରଖିଛନ୍ତି। ବୈଠକରେ ଯୋଗଦେବା ପାଇଁ ଜମ୍ମୁ ଓ କଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପହଞ୍ଚିଥିଲେ। କିନ୍ତୁ ସମୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ବୈଠକରୁ ନିଜକୁ ଦୂରେଇ ରଖିଛନ୍ତି। ମମତାଙ୍କ ବ୍ୟତୀତ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ କେରଳ ମୁଖ୍ୟମନ୍ତ୍ରୀ ବିଜୟନ ମଧ୍ୟ ବୈଠକରେ ଯୋଗ ଦେଇନାହାନ୍ତି। ଅଧିକନ୍ତୁ ବିଜେପି ସହଯୋଗୀ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ ଏହି ବୈଠକରେ ଅନୁପସ୍ଥିତ ରହିଥିଲେ।

## 'ଆୟୁଷ୍ମାନ୍'କୁ ...

ଡାକ୍ତର ଜଟିଳ ଅସ୍ତ୍ରୋପଚାର ହେବାର ଦେଖୁଛନ୍ତି, ତା'ହେଲେ ଆୟୁଷ୍ମାନ କାର୍ଡଧାରୀଙ୍କୁ ସିଧା ସିଧା ଏଭଳି ରୋଗର ଚିକିତ୍ସା ସେବା କାର୍ଡରେ ନାହିଁ ବୋଲି ଶୁଣାଇଦେଉଛନ୍ତି। ବରଂ ତାହା ବଳରେ ହାତରୁ ଅର୍ଥ ଖର୍ଚ୍ଚ କରି ଏହି ଚିକିତ୍ସା କରାଇବାକୁ ପ୍ରବର୍ତ୍ତାଉଛନ୍ତି। ଆୟୁଷ୍ମାନ ଯୋଜନାରେ କେଉଁ ରୋଗର ଚିକିତ୍ସା ପାଇଁ କେତେ ଅର୍ଥ ବରାଦ ହୋଇଛି ସେ ସଂକ୍ରାନ୍ତରେ ଡାକ୍ତରଖାନା କର୍ତ୍ତୃପକ୍ଷ ରୋଗୀମାନଙ୍କୁ ସଠିକ୍ ସୂଚନା ଦେଇପାରୁନାହାନ୍ତି। ଅଧିକାଂଶ ସ୍ଥାନରେ ହେଲ୍ପ ଡେସ୍କ ନଥିବାରୁ ରୋଗୀଟି ମଧ୍ୟ ସଠିକ ସୂଚନା ପାଇପାରୁନାହିଁ। ଫଳରେ ଆୟୁଷ୍ମାନ କାର୍ଡ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ଭାବି ରୋଗୀମାନେ ଖର୍ଚ୍ଚାନ୍ତ ହେଉଛନ୍ତି। ଆୟୁଷ୍ମାନ ଯୋଜନାରେ ଚିକିତ୍ସା ପାଇଁ ରାଜ୍ୟ ସରକାର ବାରମ୍ବାର ତାଗିଦ କଲେ ମଧ୍ୟ କେତେକ ଘରୋଇ ଡାକ୍ତରଖାନା ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏହି ତାଲିକାରେ କେତେକ କର୍ପୋରେଟ ଡାକ୍ତରଖାନା ରହିଥିବା ଜଣାଯାଇଛି। ତେବେ ଆୟୁଷ୍ମାନ କାର୍ଡ କାର୍ଯ୍ୟକାରୀ ହେଲା ପରେ ଏବେ ଡାକ୍ତରଖାନାଗୁଡିକ କାର୍ଡଧାରୀଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିବା ପୂର୍ବରୁ ସେମାନଙ୍କଠାରୁ ବିଭିନ୍ନ ପରୀକ୍ଷା ନାଁରେ ଅର୍ଥ ଆଦାୟ କରିବାରେ ଲାଗିଛନ୍ତି। ଜଣ ପିଛା ଅତି କମ୍‌ରେ ୧୦/୧୫ ହଜାର ଟଙ୍କାର ପରୀକ୍ଷା ନିରୀକ୍ଷା କରାଉଛନ୍ତି। ଆବଶ୍ୟକ ନଥିଲେ ମଧ୍ୟ କେତେକ ସ୍ଥାନରେ ସିଟି ସ୍କାନ କରିବାକୁ ରୋଗୀଙ୍କୁ ବାଧ୍ୟ କରୁଛନ୍ତି। ଯେହେତୁ ଡାକ୍ତରଖାନା କର୍ତ୍ତୃପକ୍ଷ କହୁଛନ୍ତି, ତେଣୁ ରୋଗୀଟି ହାତକୁ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛି। କାର୍ଡରେ ଏହି ଚିକିତ୍ସା ସେବା ଅନ୍ତର୍ଭୁକ୍ତ ନୁହେଁ ବୋଲି କୁହାଯାଇ ଅର୍ଥ ଆଦାୟ ଚାଲିଛି। ରାଜ୍ୟ ସରକାର ତୁରନ୍ତ ଏହା ଉପରେ ଧ୍ୟାନ ଦେବା ସହ ମାର୍ଗଦର୍ଶିକା ଜାରି କରିବାକୁ ରୋଗୀମାନେ ମତ ଦେଉଛନ୍ତି।ଆୟୁଷ୍ମାନ ଯୋଜନାରେ ପୂର୍ବଭଳି ସମସ୍ତଙ୍କ ପାଇଁ ୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟସେବା ସୁବିଧା ଥିବା ବେଳେ ମହିଳାଙ୍କ ପାଇଁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟବସ୍ଥା ରହିଛି। ଏହାବାଦ୍ କ'ଣ ପାଇଁ କେତେକ ଘରୋଇ ଡାକ୍ତରଖାନା ରୋଗୀମାନଙ୍କୁ କେତେକ ଜଟିଳ ଚିକିତ୍ସା ପାଇଁ ରୋକଠୋକ୍ ମନା କରିଦେଉଛନ୍ତି, ସେ ସଂକ୍ରାନ୍ତରେ ରାଜ୍ୟ ସରକାର ଅନୁଧ୍ୟାନ କରିବା ସହ ଏଭଳି ଘରୋଇ ଡାକ୍ତରଖାନା ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗହଣ ନକଲେ କେନ୍ଦ୍ର ସରକାରଙ୍କ ଏହି ସ୍ୱାସ୍ଥ୍ୟସେବା ଯୋଜନା ରାଜ୍ୟରେ ଦୁର୍ନାମ ମୁଣ୍ଡାଇବ ବୋଲି କୁହାଗଲାଣି।

## ରାତି ଅଧରେ ...

ଝିଅଙ୍କୁ ରାତି ଅଧରେ ଅଶ୍ୱିନୀଙ୍କୁ ଘରକୁ ନେଇଯିବାକୁ କୁହାଯାଇଥିଲା। ପରଦିନ ଆସି ସିଟି ସ୍କାନ କଲାପରେ ତାଙ୍କୁ ଆଡମିଶନ କରାଯିବ ବୋଲି କୁହାଯାଇଥିଲା। ଦୁଇ ଝିଅ ଯେତେ କାକୁତିମିନତି ହୋଇଥିଲେ ମଧ୍ୟ ତାଙ୍କ କଥା ଡାକ୍ତରଖାନା କର୍ତ୍ତୃପକ୍ଷ ଶୁଣିନଥିଲେ। ଶେଷରେ ରାତି ଅଧରେ ଅଟୋ ଭଡା କରି ଅଶ୍ୱିନୀଙ୍କୁ ଦୁଇ ଝିଅ ଆଣି ଅନ୍ୟ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ରାତି ଅଧରେ ଡାକ୍ତରଖାନା ଛାଡିଲା ବେଳେ ଅଶ୍ୱିନଙ୍କ ପରିବାରଠାରୁ ଶଯ୍ୟା ବାବଦରେ ୧୦୦୦ ଟଙ୍କା ମଧ୍ୟ ଆଦାୟ କରାଯାଇଥିଲା। ଆଜି ସକାଳେ ପରୀକ୍ଷା ରିପୋର୍ଟ ମାଗିବାରୁ ଡାକ୍ତରଖାନା କର୍ତ୍ତୃପକ୍ଷ ଖେଳିଥିଲେ। ରୋଗୀଙ୍କ ଆଣିଲେ ରିପୋର୍ଟ ମିଳିବ ବୋଲି କହିଥିଲେ। ରୋଗୀଙ୍କ ଅପରେସନ ପାଇଁ ରିପୋର୍ଟ ଜରୁରୀ ବୋଲି କହିଥିଲେ ବି କେହି ଶୁଣିନଥିଲେ। ପରବର୍ତ୍ତୀ ସମୟରେ କେତେକ ଲୋକଙ୍କ ହସ୍ତକ୍ଷେପ ପରେ ରିପୋର୍ଟ ମିଳିଥିଲା। ରିପୋର୍ଟ ପାଇଲା ପରେ ଅନ୍ୟ ଏକ ଘରୋଇ ହସ୍ପିଟାଲରେ ଅଶ୍ୱିନୀଙ୍କର ଅପରେସନ ହୋଇଛି। ତେବେ ରାଜଧାନୀରେ ଗୋଟିଏ ଘରୋଇ ଡାକ୍ତରଖାନାର ଏଭଳି ବ୍ୟବହାର ଅନେକଙ୍କୁ ଆଶ୍ଚର୍ଯ୍ୟ କରିବା ସହ ଏଭଳି ଆଚରଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

## ଶ୍ରୀମନ୍ଦିର ...

ବେଢାରେ ଲାଇଟ ଲଗାଯିବ। ଜଗମୋହନର ବାହାରପଟ ଗଡାଣିଆ ଛାତର ମରାମତି ସହ ମା' ବିମଳା, ମହାଲକ୍ଷ୍ମୀ, ଭୁବନେଶ୍ୱରୀ, ଆଦି ନୃସିଂହ ଓ ସୂର୍ଯ୍ୟ ମନ୍ଦିରରେ ବିଜୁଳି ପ୍ରତିରୋଧକ ଯନ୍ତ୍ର ଲଗାଯିବ। ଜଗମୋହନ ଓ ଭୋଗମଣ୍ଡପରେ କ୍ୟାଣ୍ଟିଲିଭର ପଥର ତଳେ ଲୁହା ବିମ ମଧ୍ୟ ଦିଆଯିବ। ମୁଖ୍ୟ ମନ୍ଦିର ଚାରିପଟରେ ରାସାୟନିକ ସଫେଇ କରାଯିବ। ଏହି ଆଲୋଚନା ସମୟରେ ଏଏସଆଇର ସଂରକ୍ଷଣ ମହାନିର୍ଦ୍ଦେଶକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ରାଜଧାନୀରେ...

ଯେ ପ୍ରାଥମିକ ଭାବେ ହାଇଡ୍ରୋଜେନ ବସ ପ୍ରୋଜେକ୍ଟ ଭୁବନେଶ୍ୱର ସହ ପୁରୀ ଓ କଟକକୁ ଯୋଡ଼ାଯିବାର ଲକ୍ଷ୍ୟ ରହିଛି। ପ୍ରଥମେ ୩ଟି ହାଇଡ୍ରୋଜେନ ବସ ଏନଟିପିସି ସହଯୋଗରେ ଚାଲିବ। ଜନସାଧାରଣଙ୍କୁ ପରିବହନ କ୍ଷେତ୍ରରେ ଏକ ସ୍ଥାୟୀ ବିକଳ୍ପ ଯୋଗାଇ ଡିଜେଲ ବସ ବଦଳାଇବା ସକାଶେ ଏହି ବସ୍‌ର ଡିଜାଇନ କରାଯାଇଛି। ଏକ କିଗ୍ରା ହାଇଡ୍ରୋଜେନର ଉପଯୋଗ ପୂର୍ବକ ବସ୍ ୧୨ କିମିଟ ଯାତ୍ରା କରିପାରିବ। ଏହି ହାଇଡ୍ରୋଜେନ୍ ବସ ଗଡିଲେ କିମି ପିଛା ୫୦ରୁ ୫୫ ଟଙ୍କା ଖର୍ଚ୍ଚ ହେବ। ଏହା ଜାତୀୟ ରାଜଧାନୀ ଦିଲ୍ଲୀ ଓ ଲଦାଖରେ ହେଉଥିବା ଖର୍ଚ୍ଚଠାରୁ ଯଥେଷ୍ଟ କମ୍ । ହାଇଡ୍ରୋଜେନ ପ୍ରସ୍ତୁତି ପାଇଁ ସ୍ୱେରେଜ ୱାଟରର ବ୍ୟବହାର ହେବ। ପୂର୍ବ ଭାରତରେ ଏଭଳି ପ୍ରୋଜେକ୍ଟ ଆରମ୍ଭ କରିବାରେ ଓଡ଼ିଶା ମଧ୍ୟ ପ୍ରଥମ ରାଜ୍ୟ ହେବ ବୋଲି ମନ୍ତ୍ରୀ କହିଥିଲେ। ସେ ଆହୁରି କହିଛନ୍ତି ଯେ ଯାତ୍ରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଇଛି। ଗୋଟିଏ ବସର ଦାମ ପ୍ରାୟ ଅଢ଼େଇ କୋଟି ଟଙ୍କା ହୋଇଥିବା ବେଳେ ଉକ୍ତ ବସ୍‌ର ୫୮ କିଗ୍ରା ଇନ୍ଧନ କ୍ଷମତା ରହିଛି। ଥରେ ହାଇଡ୍ରୋଜେନ ଟ୍ୟାଙ୍କ ଭର୍ତ୍ତି ହେଲେ ବସ୍‌ଟି ଅତି କମ୍‌ରେ ୬୦୦ କିମି ଯାତ୍ରା କରିପାରିବ। ଗୋଟିଏ ଅତ୍ୟାଧୁନିକ ବସରେ ୪୨ ଜଣ ଯାତ୍ରୀ ଯାତ୍ରା କରିବାର ସୁଯୋଗ ପାଇବେ। ହାଇଡ୍ରୋଜେନ୍ ଭର୍ତ୍ତି ପାଇଁ ଫିଲିଂ ଷ୍ଟେସନ ମଧ୍ୟ ରାଜଧାନୀରେ ପ୍ରତିଷ୍ଠା କରାଯିବ। ଏନ୍‌ଟିପିସି କ୍ଲୁଟର ଗାଡ଼କଣ ଡିପୋରେ ହାଇଡ୍ରୋଜେନ ଉତ୍ପାଦନ ପ୍ଲାଣ୍ଟ ପ୍ରତିଷ୍ଠା ହେବ। କ୍ଲୁଟ ଡିପୋରେ ପୂର୍ବରୁ ଥିବା ଇଟିପି ଓ ଏସଟିପି ପ୍ଲାଣ୍ଟର ଉପଯୋଗ କରି ଏନଟିପିସି ହାଇଡ୍ରୋଜେନ ଗ୍ୟାସ ସୃଷ୍ଟି କରିବାରେ ସମର୍ଥ ହେବ। ଶକ୍ତି ବିଭାଗ ପକ୍ଷରୁ ଏନଟିପିସିକୁ ୨ ଏକର ଜାଗା ଯୋଗାଇ ଦେବାକୁ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ ନିବେଦନ କରାଯାଇଛି। ଗ୍ରୀଡ୍‌କୋ ନିକଟସ୍ଥ ସବ୍‌ଷ୍ଟେସନକୁ ୨ ମେଗାୱାଟ ବିଦ୍ୟୁତ ଯୋଗାଇବ ବୋଲି ମନ୍ତ୍ରୀ ଡ. ମହାପାତ୍ର କହିଥିଲେ।

## ଖଣି ଦୁର୍ନୀତିର ...

କୋଇଡା ହେମଗିରିରେ ବିଭିନ୍ନ ଖଣି ଦୁର୍ନୀତିର ଛାନଭିନ୍ ହେବ। ପ୍ରାଥମିକ ତଦନ୍ତରେ ୨ ଅଞ୍ଚଳରେ ଥିବା ଖଣି ସଂସ୍ଥାର କାଗଜପତ୍ର ଯାଞ୍ଚ ହେବ। ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରି ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ର ଏହି ଖଣି ଦୁର୍ନୀତିର ପର୍ଦ୍ଦାଫାସ କରିବା ପାଇଁ ଭିଜିଲାନସକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ସୁନ୍ଦରଗଡ ଜିଲ୍ଲା ହେମଗିରି ତହସିଲରେ ୨୨ଟି ଖଣିରୁ ବେଆଇନ ଭାବେ ୯୮୪୩ ମେଟ୍ରିକ ଟନ୍ରୁ ଉର୍ଦ୍ଧ୍ୱ ପରିମାଣର କୋଇଲା ଉତ୍ତୋଳନ କରାଯାଇଥିବା ନଜରକୁ ଆସିଛି। ଯାହାର ଆନୁମାନିକ ମୂଲ୍ୟ ୨ କୋଟି ଟଙ୍କାରୁ ଅଧିକ ହେବ। ଏହି ଖଣିଗୁଡ଼ିକ ମଧ୍ୟରୁ ୧୪ଟି ଖଣି ଗୋପାଳପୁର ଗ୍ରାମରେ, ୩ଟି ରତ୍ନସୋରା ଗ୍ରାମରେ ଏବଂ ୫ଟି ଭୋଗରାକଚର ଗ୍ରାମରେ ଅବସ୍ଥିତ। ଏଗୁଡ଼ିକ ମୁଖ୍ୟତଃ ଜଙ୍ଗଲ କିସମର ଜମି। ଏଥିସହିତ ହେମଗିରିର ଜାମଖାନି ସଂରକ୍ଷିତ ଜଙ୍ଗଲ ଏବଂ ଭୋଗରାକଚର ଗ୍ରାମରେ ବେଆଇନ ଭାବେ କୋଇଲା ଗଚ୍ଛିତ କରାଯିବାର ସୂଚନା ମିଳିଛି ।

## ଉପରମୁହାଁ ...

ଏମାନଙ୍କ ମଧ୍ୟରୁ ୩୫ ଜଣ ମୁମ୍ବାଇରୁ ଆସିଥିବା ବେଳେ ୪ ଜଣ ପୁଣେରୁ, ୨ ଜଣ କୋହ୍ଲାପୁରରୁ, ୨ ଜଣ ରାୟଗଡ଼ରୁ ଏବଂ ଜଣେ ଲାଟୁରରୁ ଏବଂ ଆଉ ଜଣେ ଥାଣେରୁ ଚିହ୍ନଟ ହୋଇଛନ୍ତି। ଗତ ଜାନୁଆରୀରୁ ଏପର୍ଯ୍ୟନ୍ତ ମହାରାଷ୍ଟ୍ରରେ ମୋଟ ୬୮୧୯ ଜଣଙ୍କର କରୋନା ଟେଷ୍ଟ କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୧୦ ଜଣଙ୍କର ନମୁନା ପଜିଟିଭ ରହିଛି। ରାଜଧାନୀ ମୁମ୍ବାଇର ମୋଟ୍ ୧୮୩ ଜଣ ରୋଗୀଙ୍କ ମଧ୍ୟରୁ ୮୧ ଜଣ ସୁସ୍ଥ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ସାମାନ୍ୟ ଲକ୍ଷଣ ରହିଛି। ମେ' ୨୩ରେ ବେଙ୍ଗାଲୁରୁରେ ଏକ ୯ ମାସର ଶିଶୁ କରୋନାରେ ସଂକ୍ରମିତ ହୋଇଥିବା ଜଣାପଡ଼ିଥିଲା। ଏହା ବ୍ୟତୀତ ତେଲେଙ୍ଗାନାରେ କରୋନାର ଏକ ନୂତନ ମାମଲା ରିପୋର୍ଟ ହୋଇଛି। ଏହା ସହିତ ଗାଜିଆବାଦରେ ୪ ମାମଲା ରିପୋର୍ଟ ହୋଇଛି। ଦେଶର ରାଜଧାନୀ ଦିଲ୍ଲୀରେ ମଧ୍ୟ କରୋନା ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଛି। ରାଜଧାନୀରେ ଏପର୍ଯ୍ୟନ୍ତ ୨୩ଟି ସକ୍ରିୟ ମାମଲା ରିପୋର୍ଟ ହୋଇଛି। ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ପଙ୍କଜ ସିଂହ ପରିସ୍ଥିତି ସମୀକ୍ଷା କରିଛନ୍ତି ଏବଂ ସ୍ୱାସ୍ଥ୍ୟ ବିଭାଗକୁ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମେ' ମାସରେ କେରଳରେ ଏପର୍ଯ୍ୟନ୍ତ ୨୭୩ଟି ମାମଲା ରିପୋର୍ଟ ହୋଇଛି।

## କେରଳ ...

ଦିଆଯାଇଛି । ତେବେ ଶେଷ ଥର ପାଇଁ ୨୦୦୧ ଏବଂ ୨୦୦୯ ମସିହାରେ ମୌସୁମୀ କେରଳକୁ ସଅଳ ଛୁଇଁଥିଲା। ଯାହାର ତାରିଖ ମେ ୨୩ ଥିଲା । ସାଧାରଣତଃ ଜୁନ ୧ରେ କେରଳରେ ମୌସୁମୀ ବାୟୁ ପ୍ରବେଶ କରେ । ଏହାପୂର୍ବରୁ ୧୯୯୦ ମସିହାରେ ମେ ୧୮ ତାରିଖରେ ମୌସୁମୀ କେରଳ ଛୁଇଁଥିଲା। ଏପ୍ରିଲ ମାସରେ ଆଇଏମଡି ପୂର୍ବାନୁମାନରେ ଭାରତୀୟ ଉପମହାଦେଶରେ ସ୍ୱାଭାବିକଠାରୁ କମ୍ ବର୍ଷା ସହିତ ଜଡିତ ଏଲ ନିନୋ ପରିସ୍ଥିତିର ସମ୍ଭାବନାକୁ ମନା କରାଯାଇଥିଲା, ଯାହା ଚଳିତ ବର୍ଷ ଏକ ସୁସ୍ଥ ମୌସୁମୀ ଋତୁ ପାଇଁ ଆଶାକୁ ସୁଦୃଢ଼ କରିଛି।

## ସମ୍ବଲପୁର ...

ଓ ଉଦ୍ୟମିତା ବାତାବରଣ ସୃଷ୍ଟି କରିବାକୁ ହେବ। ଆଇଡିଆରୁ ଇନୋଭେସନ, ଇନୋଭେସନରୁ ଟେକ୍ନୋଲୋଜି ଓ ପୁଣି ଟେକ୍ନୋଲୋଜିରୁ ସ୍କେଲ ଅପ୍ ଆମର ପ୍ରାଥମିକତା ହେବା ଦରକାର ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଆଜି ସମଗ୍ର ଦେଶରେ ଯୁବଶକ୍ତି ୨.୫ ଲକ୍ଷରୁ ଅଧିକ ଷ୍ଟାର୍ଟଅପରୁ ପ୍ରାୟ ୪୦ ଲକ୍ଷ କୋଟି ରୋଜଗାର କରିବା ସହ ୭ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ରୋଜଗାର ଦେଇଛନ୍ତି। ସେମାନଙ୍କୁ ଉତ୍ସାହିତ କରିବା ସକାଶେ ଆମକୁ ପୁରାତନ ବ୍ୟବସାୟକୁ ସମର୍ଥନ ଦେବା ସହ ନୂଆ ନୂଆ ବ୍ୟବସାୟକୁ ମଧ୍ୟ ଆଗକୁ ନେବାକୁ ହେବ। ଓଡ଼ିଶାର ପଶ୍ଚିମାଞ୍ଚଳରେ ଅପାର ସମ୍ଭାବନା ରହିଥିବା ବେଳେ ଏହାର କେନ୍ଦ୍ରବିନ୍ଦୁରେ ରହିଛି ସମ୍ବଲପୁର। ଆଗାମୀ ଦିନରେ ସମ୍ବଲପୁରକୁ ଏକ ଷ୍ଟାର୍ଟଅପ୍ ପେଣ୍ଠସ୍ଥଳୀରେ ପରିଣତ କରିବା ସକାଶେ ସମସ୍ତ ସମ୍ଭାବନା ରହିଛି। ଏଠାରେ ଟେକ୍ସଟାଇଲ, ଗାର୍ମେଣ୍ଟ, କୃଷି-ଉତ୍ପାଦ ଓ ଡିଜିଟାଲ ପ୍ରକଳ୍ପ ଭଳି ଅନେକ କ୍ଷେତ୍ରରେ ସୁଯୋଗ ରହିଛି। ଆମର ସିଏ କମ୍ୟୁନିଟି ଏହି ସୁଯୋଗକୁ ଚିହ୍ନଟ କରିପାରିଲେ ହିଁ ଯୁବବର୍ଗ ଏବଂ ନିବେଶକ ଉପକୃତ ହୋଇପାରିବେ ବୋଲି ଶ୍ରୀ ପ୍ରଧାନ ମତ ଦେଇଛନ୍ତି। ସେହିପରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଆଇଆଇଏମ ସମ୍ବଲପୁରକୁ ଆଗାମୀ ୫ ବର୍ଷରେ ଏକ ସବୁଜ ବନାଞ୍ଚଳ ଭାବେ ବିକଶିତ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଲକ୍ଷ୍ୟ ପୂରଣ ପାଇଁ ଏବେଠାରୁ ଚାରା ରୋପଣ ଓ ପରିବେଶ ସୁରକ୍ଷା ଉପରେ ଠୋସ୍ ପଦକ୍ଷେପ ନେବାକୁ ହେବ।

## କୋଣାର୍କ ସୂର୍ଯ୍ୟମନ୍ଦିରରୁ ବାଲିକଢ଼ା ପ୍ରକ୍ରିୟା ଅନୁଧ୍ୟାନ କଲେ ଏଏସଆଇ ଡିଜି



**କୋଣାର୍କ, ୨୪।୫ (ସଂଚାର ବ୍ୟୁରୋ):** କୋଣାର୍କ ସୂର୍ଯ୍ୟମନ୍ଦିର ଗର୍ଭଗୃହରୁ ବାଲି କଢ଼ାଯିବା ପ୍ରକ୍ରିୟା ଅନୁଧ୍ୟାନ କରିଛନ୍ତି ଏଏସଆଇ ଡିଜି ଯଦୁବୀର ସିଂ ରାଓ୍ବତ। ଅନ୍ୟମାନଙ୍କ ମଧ୍ୟରେ ଏଡିଜି ଜାନଭିଜ ଶର୍ମା,ଡାଇରେକ୍ଟର କନଜରଭେସନ ଭୀମା ଆଜମିର ସର୍କଲ ସୁପରିଟେଣ୍ଡେଟ ଡ଼ଃ ଡି.ବି ଗଡ଼ନାୟକ, ଡେପୁଟି ସୁପରିଟେଡେଣ୍ଟ ଚିତ୍ତରଞ୍ଜନ ଦାଶ,ଜୀବନ ପଟ୍ଟନାୟକଙ୍କ ସମେତ ବିଶେଷଜ୍ଞ ଦଳ ଉପସ୍ଥିତ ଥିଲେ। ସୂର୍ଯ୍ୟମନ୍ଦିର ପରିସର ବୁଲି ଦେଖିବା ସହିତ ତନ୍ନ ତନ୍ନ କରି ଅନୁଧ୍ୟାନ କରାଯାଇଥିଲା। ଉତ୍ତର ପଶ୍ଚିମ କୋଣ ହାତୀଦ୍ୱାର ନିକଟରେ ଏଡିଜିଙ୍କ ସମେତ ୧୫ଜଣିଆ ବିଶେଷଜ୍ଞ ଦଳ ଆଲୋଚନା କରିଥିଲେ। ସୂର୍ଯ୍ୟମନ୍ଦିର ଗର୍ଭଗୃହ ଅବସ୍ଥିତି,ବାଲି କଢ଼ା ପ୍ରକିୟା ମନ୍ଦିର ସଂରକ୍ଷଣ ଆଦି ସମୀକ୍ଷା କରିଥିଲେ। ଉତର ପଶ୍ଚିମ କୋଣରେ ଏକ ଟନେଲ ନିର୍ମାଣ ପାଇଁ ପୂଜାର୍ଚ୍ଚନା କରାଯାଇ ଶୁଭ ଦିଆଯାଇଥିଲା। ସୂର୍ଯ୍ୟମନ୍ଦିର ଭିତର ସ୍ଥିତି ଦେଖିବା ପରେ ବାଲି କଢ଼ା ଯିବ ଓ ଏଥିପାଇଁ କୌଣସି ସମୟ ନିର୍ଦ୍ଧାରଣ କରାଯାଇ ନାହିଁ । ମନ୍ଦିରର ସ୍ଥିତି ସମ୍ପୂର୍ଣ୍ଣ ବିପଦ ମୁକ୍ତ ରହିଛି। ସମସ୍ତଙ୍କ ପରାମର୍ଶକ୍ରମେ ବାଲି କଢା ନିଷ୍ପତ୍ତି ନିଆଯିବ ବୋଲି ଶ୍ରୀରାଓ୍ବତ କହିଥିଲେ। ସୂଚନାଥାଉକି, ୨୦୨୨ ସେପ୍ଟେମ୍ବର ମାସ ୮ତାରିଖରେ ଏଏସଆଇ ଓ ବିଡିଆର ନିର୍ମାଣ ବିଭାଗ ସୂର୍ଯ୍ୟମନ୍ଦିର ଗର୍ଭଗୃହ ଦ୍ୱାର ନିକଟରେ ପୂଜାର୍ଚ୍ଚନା ସହିତ ହୋମଯଜ୍ଞ କରି ଶୁଭ ଦେଇଥିଲେ। ୨୦୨୩ ଜାନୁୟାରୀ ମାସରୁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏ ଏସ ଆଇ ଓ ବିଡିଆର ନିର୍ମାଣ ବିଭାଗ ପକ୍ଷରୁ ବାଲି କାଢିବା ପାଇଁ ମେକାନିକାଲ ପ୍ଲାଟଫର୍ମ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମ ପିଢ଼ ପର୍ଯ୍ୟନ୍ତ ଦୁଇଟି ଆଇରନ ସିଡି ଏକ ଟ୍ରଲି, ଲିଫ୍ଟ ଆଦି ସମସ୍ତ ଆଇରନ ଷ୍ଟ୍ରକଚର୍ କାର୍ଯ୍ୟ ଶେଷ ହୋଇଛି ।

### ପରମ୍ପରା ଆଗରେ ଦରବୃଦ୍ଧି ଫିକା

# ଅସ୍ତରଙ୍ଗରେ ସେଓ ୧୮୦କୁ ଲିଚୁ ୨୫୦ ଟଙ୍କା





**ସାବିତ୍ରୀ ବଜାରରେ ଅସମ୍ଭାଳ ଭିଡ଼**

**କାକଟପୁର/ଅସ୍ତରଙ୍ଗ, ୨୪।୫ (ସଂଚାର ବ୍ୟୁରୋ):** ଦିନକ ପରେ ପବିତ୍ର ସାବିତ୍ରୀ ଅମାବାସ୍ୟା। ଓଡ଼ିଆ ମହିଳାମାନଙ୍କ ସବୁଠୁ ବଡ଼ ଓଷା ବା ବ୍ରତ। ତେଣୁ ସାବିତ୍ରୀ ପାଇଁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବଜାରରେ ଲାଗିଛି ଭିଡ଼। ଶାଢ଼ି, ଚୁଡ଼ିଠାରୁ ଆରମ୍ଭ କରି ଫଳ ବଜାର ସବୁଠି ଅସମ୍ଭାଳ ଭିଡ଼ ଜମିଲାଣି। ଚଳିତ ବର୍ଷ ସବୁ ଜିନିଷର ଦରବୃଦ୍ଧି ହୋଇଥିଲେ ବି ବଜାର ଗହଳି କମିବା ଦେଖାଯାଉନାହିଁ। ପ୍ରଥା ଓ ପରମ୍ପରା ପଛରେ ପଡ଼ିଯାଇଛି ଦରବୃଦ୍ଧି। ଧନୀ, ଗରିବ ସବୁ ବର୍ଗର ମହିଳାମାନେ ନିଜ ନିଜର ସମ୍ବଳ ଅନୁସାରେ ସାବିତ୍ରୀ ପାଇଁ ଅସ୍ତରଙ୍ଗ ଓ କାକଟପୁର ବଜାରରେ କିଣାକିଣି କରୁଥିବା ଦେଖିବାକୁ ମିଳୁଛି।

ବିଧି ଅନୁସାରେ ସାବିତ୍ରୀ ଅମାବାସ୍ୟା ଦିନ ମହିଳାମାନେ ନୂଆ ଶାଢ଼ି, ଚୁଡ଼ି ସହ ଫଳ ନେଇ ଶିବ ମନ୍ଦିରକୁ ଯିବେ। ବିଭିନ୍ନ ପ୍ରକାର ଫଳ ପୂଜା ଏହି ବ୍ରତର ନିୟମ। ଏବର୍ଷ ଫଳ ବଜାରର ତାତି ବଡ଼ ଅସହ୍ୟ। ସବୁ ଫଳର ଦାମ ବଢ଼ିଛି। ଗୋଟିଏ ନଡ଼ିଆର ଦାମ୍ ଏବେ ୩୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ରହିଛି। କଦଳୀ ଡଜନ୍ ପିଛା ୬୦ରୁ ୧୦୦ ଟଙ୍କା ପର୍ଯ୍ୟନ୍ତ ଅଛି। ସେହିପରି ଗୋଟା ସପୁରିର ଦାମ୍ ୬୦ଟଙ୍କା, ପଣସ ୧୫୦ ଟଙ୍କା, ଖଜୁରି କୋଳି ଡେମ୍ଫ ୫/୧୦ ଟଙ୍କା, ସେପେଟା କିଲୋ ୧୦୦ଟଙ୍କା, ଆମ୍ବ ଦେଢ଼ କିଲୋକୁ ୧୦୦ ଟଙ୍କା, ଛୋଟ ଲିଚୁ ୨୦୦ରୁ ୨୨୦ଟଙ୍କା, ଅଙ୍ଗୁର ୧୬୦ରୁ ୧୮୦ ଟଙ୍କା, ସେଓ ୧୮୦ରୁ ୨୫୦ ଟଙ୍କା ଏବଂ କମଳା ୧୬୦/୧୯୦ ଟଙ୍କା ପଡ଼ୁଛି। ଏମିତିରେ ଜଣେ ମହିଳା ତାଙ୍କ ପୂଜା ଥାଳିରେ ସବୁ ଫଳରୁ କିଛି କିଛି ରଖିଲେ, ନିହାତି ୨୦୦ ଟଙ୍କାରୁ କମ୍ ଖର୍ଚ୍ଚ ହେବ ନାହିଁ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ଜଣେ ଫଳ ବ୍ୟବସାୟୀଙ୍କ କହିବା କଥା ଖରା ଅଧିକ ହେଉଥିବାରୁ ଲିଚୁ ଭଳି ଫଳ ଆଣି ହେଉନି। ତେବେ ଶେଷ ଦୁଇ ଦିନ ବେପାର ଆହୁରି ଭଲ ହେବ ଏବଂ ସବୁ ପ୍ରକାରର ଫଳ ବଜାରକୁ ଆଣିବାକୁ ପଡ଼ିବ। ଫଳ ବଜାର ଦରବୃଦ୍ଧିକୁ ନେଇ କିଛି ମହିଳାଙ୍କ କହିବା କଥା ବ୍ରତ ଆଗରେ ଦରବୃଦ୍ଧି କିଛି ନୁହେଁ। ବାଧିଲେ ବି କ'ଣ କରାଯିବ? ବିଧି ତ ରଖିବାକୁ ପଡ଼ିବ। ଦରବୃଦ୍ଧି ହେଲା ବୋଲି କ'ଣ ପରମ୍ପରାକୁ ଭୁଲି ହେବ କି ବୋଲି ସେମାନେ କହିଛନ୍ତି। କମ୍ ପରିମାଣର ଫଳ ହେଉ ପଛେ କିଣିବାକୁ ପଡ଼ିବ ଏବଂ ପ୍ରଥା କାମ ଚଳାଇବାକୁ ପଡ଼ିବ।

କେବଳ ଫଳ ବଜାର କାହିଁକି, ସାବିତ୍ରୀ ପୂଜା ସାମଗ୍ରୀର ଦାମ୍ ମଧ ଗତବର୍ଷ ଅପେକ୍ଷା ବଢ଼ିଛି। ପୂଜା ବ୍ରତ, ପାଟ ଫୁଲି, ଗୁଆ, ହରିଡ଼ା, ବାହାଡ଼ା, ମଥାବସା, ସିନ୍ଦୁର, କାଠ ପାନିଆ, ଦର୍ପଣ, କଳାମାଳି, ତୁଳା ଅଳତା, ସାଲୁ କନା ଓ ବ୍ରତ ବହି ଆଦି ଉପକରଣକୁ ନେଇ ସେଟ୍ ୧୦୦ଟଙ୍କା ପଡ଼ୁଛି। ଗତବର୍ଷ ଏହା ୬୦/୭୦ ଟଙ୍କାରେ ମିଳିଯାଉଥିଲା। ଏହି ସବୁ ପୂଜା ସାମଗ୍ରୀ ଅଲଗା ଅଲଗା କିଣିଲେ, ଦାମ ବଢ଼ିଯିବାର ସମ୍ଭାବନା ରହିଛି। ସେହିପରି ଶାଢ଼ି ବଜାରରେ ବି ଗତ କିଛିଦିନ ହେଲା ବେଶ୍ ଭିଡ଼ ପରିଲକ୍ଷିତ ହେଉଛି। ବେପାର ଜମୁଛି। ଏବର୍ଷ ବିଭିନ୍ନ ନୂଆ ଡିଜାଇନ୍‌ର ଶାଢ଼ି ବଜାରକୁ ଆସିଛି। ବହୁ ଦୋକାନରେ ସାବିତ୍ରୀ ଅଫର୍ ରହିଥିବାରୁ ସେଠାରେ ଅଧିକ ଗହଳି ହେଉଛି।

ସାବିତ୍ରୀ ହାଟରେ ଲେଡିଜ୍ କର୍ଣ୍ଣର୍‌ମାନେ ବି ପଛରେ ପଡ଼ିନାହାନ୍ତି। ମହିଳାମାନେ ଶାଢ଼ି ସହ ମ୍ୟାଚିଂ କରି ଚୁଡ଼ି ଓ ନେଲ୍ ପଲିସି କିଣୁଛନ୍ତି। ଏବର୍ଷ ଶଙ୍ଖା, ପଲା, ଷ୍ଟୋନ୍ ଚୁଡ଼ି, ରଙ୍ଗ ଚୁଡ଼ି, ପାଣି ଚୁଡ଼ି ଭଳି ସବୁର ଦର ବଢ଼ିଛି। ଏଡି ଷ୍ଟୋନ୍ ଥିବା ଚୁଡ଼ିର ଚାହିଦା ଅଧିକ ଥିବା ବେଳେ ବଡ଼ ୪ ଟିକିଆ ପଲା ପ୍ରତି ମହିଳାମାନେ ଅଧିକ ପସନ୍ଦ କରୁଛନ୍ତି। ସାବିତ୍ରୀ ପାଇଁ ଏକ ପ୍ରକାର ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳ ଚଳଚଞ୍ଚଳ।

## 'ଲଘୁଚାପ ପ୍ରଭାବରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାରେ ଶୀଘ୍ର ପହଞ୍ଚିପାରେ'

**ଭୁବନେଶ୍ୱର, ୨୪।୫ (ସଂଚାର ବ୍ୟୁରୋ):** ଉତର-ପଶ୍ଚିମ ବଙ୍ଗୋପ ସାଗରରେ ସୃଷ୍ଟି ହେବାକୁ ଯାଉଥିବା ଏକ ଲଘୁଚାପ ଓଡ଼ିଶାରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ଆଗମନକୁ ତ୍ୱରାନ୍ୱିତ କରିପାରେ ବୋଲି ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ପକ୍ଷରୁ କୁହାଯାଇଛି। ଏହି ଲଘୁଚାପ ମେ ୨୬ କିମ୍ବା ୨୭ ତାରିଖରେ ସୃଷ୍ଟି ହେବାର ସମ୍ଭାବନା ରହିଛି ବୋଲି କେନ୍ଦ୍ରର ନିର୍ଦ୍ଦେଶକ ଡକ୍ଟର ଶରତ କୁମାର ସାହୁ ଶନିବାର କହିଛନ୍ତି।

ଡକ୍ଟର ସାହୁ କହିଛନ୍ତି ରାଜ୍ୟରେ ଝିପିଝିପି ବର୍ଷା ଲାଗି ରହିପାରେ ଏବଂ ଲଘୁଚାପ ଯୋଗୁଁ ମେ ୨୭ ଅପରାହ୍ଣ ରୁ ବର୍ଷାର ତୀବ୍ରତା ବୃଦ୍ଧି ପାଇପାରେ। ଏହି ବୃଷ୍ଟିପାତ ମେ ୩୦ ରାତ୍ରି ପର୍ଯ୍ୟନ୍ତ ଲାଗି ରହିବାର ସମ୍ଭାବନା ଅଛି। ମାତ୍ର ମେ ୨୮ ଓ ୨୯ ତାରିଖରେ ଓଡ଼ିଶାର ଉପକୂଳ ଅଞ୍ଚଳ ଓ ଅନ୍ୟ କେତେକ ଜିଲ୍ଲାରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି।



ଏହି ବର୍ଷାର ତୀବ୍ରତା ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢ଼େଙ୍କାନାଳ, ସୁନ୍ଦରଗଡ଼, ଜଗତସିଂହପୁର, କେନ୍ଦ୍ରାପଡ଼ା, ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ଅନୁଭୂତ ହୋଇପାରେ ବୋଲି ଡକ୍ଟର ସାହୁ କହିଛନ୍ତି। ଏହି ବର୍ଷା ଫଳରେ ଓଡ଼ିଶାକୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପ୍ରାୟ ଦୁଇ ସପ୍ତାହ ପୂର୍ବରୁ ମେ ୨୮ ବା ୨୯ ତାରିଖରେ ପ୍ରବେଶ କରିବାର ସମ୍ଭାବନା ରହିଛି ବୋଲି ସେ କହିଛନ୍ତି।

ଡକ୍ଟର ସାହୁ କହିଛନ୍ତି ବର୍ତମାନ ହେଉଥିବା ବର୍ଷାକୁ ପ୍ରାକ-ମୌସୁମୀ ବର୍ଷା ଭାବେ ଅବିହିତ କରାଯାଇପାରେ। ପୂର୍ବରୁ ଆରବ ସାଗର ଉପରେ ସୃଷ୍ଟି ହୋଇଥିବା ଅବପାତ ଇତି ମଧ୍ୟରେ ଦକ୍ଷିଣ ମହାରାଷ୍ଟ୍ର ମଧକୁ ପ୍ରବେଶ କରିସାରିଛି ଓ ଏହାର ଆଦ୍ରତା ଓଡ଼ିଶା ଆଡ଼କୁ ପ୍ରବାହିତ ହେଉଛି ବୋଲି ସେ କହିଥିଲେ।

## ବିଦ୍ୟୁତ ଆଘାତରେ ବୃଦ୍ଧା ମୃତ



**ବୋରିଗୁମ୍ମା, ୨୪।୫ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ କାମରା ଗ୍ରାମରେ ଘର ପାଖରେ କଟା ଆର୍ଥିଙ୍ଗ ତାରରେ ବିଦ୍ୟୁତ ଚାର୍ଜ ହୋଇଯିବାରୁ ବିଦ୍ୟୁତ ସମ୍ପର୍ଶରେ ଆସି ଜଣେ ବୃଦ୍ଧା ମୃତ୍ୟୁବରଣ କରିଛନ୍ତି। ଏଭଳି ଅଭାବନୀୟ ଘଟଣା ଘଟିଛି ବୋରିଗୁମ୍ମା ବ୍ଲକ କାମରା ଗ୍ରାମର ହରିଜନ ସାହିରେ। ମୃତ ବୃଦ୍ଧା ହେଲେ ଡ଼ମାଇ ହରିଜନ। ସେ ଘର ପାଖରେ ଗାଧୋଇ ସାରି ସବୁଦିନ ଭଳି ଆଜି ବି ଘର ପାଖରେ ରହିଥିବା କଟା ଆର୍ଥିଙ୍ଗ ଜେଇ ତାର ଉପରେ ଲୁଗା ଶୁଖାଉଥିବା ବେଳେ ହଟାତ ତାଙ୍କୁ କରେଣ୍ଟ ଆଘାତ ଲାଗି ସେଇଠି ତାଙ୍କର ଜୀବନ ଚାଲିଗଲା। ଖବର ପାଇ ବିଦ୍ୟୁତ ବିଭାଗର କର୍ମଚାରୀ ପହଞ୍ଚି ବିଦ୍ୟୁତ କାଟିଥିଲେ। ସେପଟେ ମୃତ ମହିଳାଙ୍କ ଘରେ ବିଦ୍ୟୁତ ସଂଯୋଗ ହୋଇନାହିଁ ଅଥଚ ତଳେ ଓହଳିଥିବା ଆର୍ଥିଙ୍ଗ ଜେଇ ତାରକୁ ବିଦ୍ୟୁତ କେମିତି ଆସିଲା ଏହାର ତଦନ୍ତ କରି ଆମକୁ ନ୍ୟାୟ ପ୍ରଦାନ କରାଯାଉ ବୋଲି ମୃତ ବୃଦ୍ଧାଙ୍କ ପୁଅ ଏବଂ ନାତି ଦାବି କରିଛନ୍ତି।

## ଭତ୍ତା ବଣ୍ଟନ ଓ ୩ କୋଟି ୩୩ ଲକ୍ଷ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଉପମୁଖ୍ୟମନ୍ତ୍ରୀ



**ଗୋପ, ୨୪।୫ (ସଂଚାର ବ୍ୟୁରୋ):** ଗୋପ ପଞ୍ଚାୟତ ସମିତି ସଭଗୃହ ଠାରେ ଆୟୋଜିତ ସାମାଜିକ ସୁରକ୍ଷା ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ଗୋପ ବ୍ଲକର ୩୩୯ଜଣ ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ ସହିତ ନିମାପଡା ନିର୍ବାଚନ ମଣ୍ଡଳୀର ୭୦୫ ଜଣ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ଏବଂ ୮୦ ଭାଗ ରୁ ଅଧିକ ଦିବ୍ୟାଙ୍ଗ ଯୋଗ୍ୟ ହିତାଧିକାରୀଙ୍କୁ ୩୫୦୦ ଟଙ୍କାର ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ବିଜେପି ସରକାର ୮୦ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୮୦ ଭାଗ ରୁ ଅଧିକ ଦିବ୍ୟାଙ୍ଗ ମାନଙ୍କ ସାମାଜିକ ସୁରକ୍ଷା ଭତ୍ତା ମାସିକ ୩୫୦୦ ଟଙ୍କା କୁ ବୃଦ୍ଧି କରିଥିବା କଥା କହିବା ସମସ୍ତ ଯୋଗ୍ୟ ବ୍ୟକ୍ତି ମାନଙ୍କୁ ଚିହ୍ନଟ କରି ସାମାଜିକ ସୁରକ୍ଷା ପ୍ରଦାନ କରାଯିବା ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ ସହିତ ବରିଷ୍ଠ ନାଗରିକ, ବିଧବା ଏବଂ ଅସହାୟ ଲୋକ ମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରିବା ବିଜେପି ସରକାରର ପ୍ରାଥମିକତା ଦେଇଛନ୍ତି ବୋଲି ଶ୍ରୀମତୀ ପ୍ରଭାତୀ ପରିଡ଼ା କହିଥିଲେ। ଏହି କାର୍ଯ୍ୟକ୍ରମରେ ପୁରୀ ବିଧାୟକ ସୁନିଲ୍ ମହାନ୍ତି, ବ୍ଲକ ଉନ୍ନୟନ ଅଧିକାରୀଣି ଛବି ରାଣୀ ସାହୁ, ବ୍ଲକ ଉପାଧକ୍ଷ ବନରଞ୍ଜନ ପଟ୍ଟନାୟକ, ବ୍ଲକ ଅଧକ୍ଷା ଝୁନୁ ମଲ୍ଲିକ, ଏବିଡ଼ିଓ ଦୀପକ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସ୍ଥାନୀୟ ଏରବଙ୍ଗ ପଞ୍ଚାୟତରେ ୪ଟି ଅଙ୍ଗନୱାଡ଼ି କେନ୍ଦ୍ରର ଭିର୍ତିପ୍ରସ୍ତର ସ୍ଥାପନ ସହିତ ଏରବଙ୍ଗ ଉଚ୍ଚ ବିଦ୍ୟାଳୟର ଗୋଟିଏ ଶ୍ରେଣୀ ଗୃହ ଯାହାର ସମୁଦାୟ ଅଟକଳ ମୂଲ୍ୟ ୫୧ଲକ୍ଷ ୮୨ହଜାର ଟଙ୍କା,ପଞ୍ଚାୟତି ରାଜ ପାନୀୟ ଜଳ ବିଭାଗ ପକ୍ଷରୁ ଗ୍ରାମୀଣ ହାଟା ନୂତନ ଗୃହ ଅଟକଳ ମୂଲ୍ୟ ୧୦ଲକ୍ଷ,ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଗୋପ କଲେଜ ଠାରୁ ବଳରାମ ଗାଦି ଭୟା ବେଗୁନିଆ ସ୍କୁଲ,ନାୟକ ସାହି ବାଲିକନ୍ଦଳ ରାସ୍ତା ନିର୍ମାଣ ପାଇଁ ୩କୋଟି ୩୩ଲକ୍ଷ ଉର୍ଦ୍ଧ ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସେହିପରି ବେଦପୁର ନିକଟରେ ୪୬ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିନିମୟରେ ଏକ ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ଉଦ୍ଘାଟନ କରିଥିଲେ ଉପମୁଖ୍ୟମନ୍ତ୍ରୀ।

## ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ସାଲେପୁର, ୨୪।୫ (ସଂଚାର ବ୍ୟୁରୋ):** ଚଳିତ ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଜପକୁଦଠାରେ ଥିବା ବିଦ୍ୟାର୍ଥୀ ଏକାଡେମୀ ପରିସରରେ ଓମ୍ ଶ୍ରୀରାମ ଟ୍ରଷ୍ଟ ତରଫରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଅବତନ ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନରେନ୍ଦ୍ର ନାଥ ଶତପଥୀ ଯୋଗଦେଇ ମେଧାବୀଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧରେ ପୂର୍ବତନ ପ୍ରଧାନଶିକ୍ଷକ ଦୁର୍ଗାପ୍ରସାଦ ମିଶ୍ର, ସେକ୍ ସମସୁଦ୍ଦିନ, ଟ୍ରଷ୍ଟର ସମ୍ପାଦକ ଅଧାପକ ରାମଚନ୍ଦ୍ର ପାଣି ପ୍ରମୁଖ ଯୋଗଦେଇ ୧୧ଗୋଟି ବିଦ୍ୟାଳୟର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ଉଚ୍ଚଶିକ୍ଷା ନିମନ୍ତେ ପାଠ୍ୟପୁସ୍ତକ ପ୍ରଦାନ କରିଥିଲେ। ସେହିପରି ୮୦ପ୍ରତିଶତରୁ ଅଧିକ ନମ୍ବରରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଏକାଡେମୀର ମୁଖ୍ୟ ଜୟଦେବ ମହାରଣା ଓ ସହକର୍ମୀ ସୁଷମା ବେହୁରା ପ୍ରମୁଖ ସହାୟତା କରିଥିଲେ।

## ପ୍ରତାପରୁଦ୍ରପୁର ୨ ପାଣିଟାଙ୍କି ଟ୍ରାନ୍ସଫର୍ମରରୁ ତମ୍ବା କେବୁଲ କାଟିନେଲେ ଦୁର୍ବୃତ୍ତ, ଜଳ ଯୋଗାଣ ଠପ

**ବାଲିଅନ୍ତା, ୨୪।୫ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ପ୍ରତାପରୁଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ ଏବଂ ପାରିବାସୁଦେଈପୁର ଯୁବକ ସଂଘ ପଡ଼ିଆ ନିକଟରରେ ଥିବା ପାଇପ ଲାଇନ ଜଳଯୋଗାଣ ପ୍ରକଳ୍ପ ଟ୍ରାନ୍ସଫର୍ମରରୁ ଗତକାଲି ବିଳମ୍ବିତ ରାତିରେ ତମ୍ବା କେବୁଲ ତାର ଦୁର୍ବୃତ୍ତମାନେ କାଟି ନେଇଛନ୍ତି। ଯାହାଫଳରେ ଉପରୋକ୍ତ ୨ ପ୍ରକଳ୍ପରୁ ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଉଭୟ ଟ୍ରାନ୍ସଫର୍ମରରୁ ପାଖାପାଖି ୨୦୦ ଫୁଟ ଲେଖାଏଁ ତମ୍ବା କେବୁଲ ଲୁଟ ହୋଇଯାଇଛି। ଟ୍ରାନ୍ସଫର୍ମରରୁ କେବୁଲ ତାର ଦୁର୍ବୃତ୍ତ ଲୁଟି ନେବା ପରେ ଆଜି ପ୍ରକଳ୍ପରୁ ଜଳଯୋଗାଣ ବନ୍ଦ ହୋଇଯାଇଛି। ତେଣୁ ପାଣି ପାଇଁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏସଂପର୍କରେ ପ୍ରତାପରୁଦ୍ରପୁର ସରପଞ୍ଚ ଶ୍ରଦ୍ଧେୟା ପାତ୍ର ବାଲିଅନ୍ତା ଥାନା ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଅଧିକାରୀ ଓ ବାଲିପାଟଣା ବିଦ୍ୟୁତ ସେକସନ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ କରିଛନ୍ତି। ହେଲେ ଦାୟିତ୍ୱରେ ଥିବା ଅଧିକାରୀ କେବୁଲ ସଂଯୋଗ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଜଣାଯାଇଛି।

## ଗଜରାଜପୁର ସେବା ସମବାୟ ସମିତିରେ ଶସ୍ୟ ଆମଦାନି କେନ୍ଦ୍ର ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ



**ନାଉଗାଁ, ୨୪।୫ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ସେବା ସମବାୟ ସମିତିରେ ଶସ୍ୟ ଆମଦାନି କେନ୍ଦ୍ର ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ଶନିବାର କରାଯାଇଛି। ପୂର୍ତ୍ତ ବିଭାଗର ରାସ୍ତା ଓ ଗୃହ ନିର୍ମାଣ ବିଭାଜନ ଜଗତସିଂହପୁର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ବିଧାୟକ ଦାସଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ଗଜରାଜପୁର ସରପଞ୍ଚ ଲକ୍ଷ୍ମୀପ୍ରିୟା ମଲ୍ଲିକ, ସମିତି ସଭ୍ୟା ରିଲା ଦାସ, ଗଜରାଜପୁର ସେବା ସମବାୟ ସମିତିର ସଭାପତି ବସନ୍ତ କୁମାର ପାଢ଼ୀ, ସମ୍ପାଦକ ମଙ୍ଗଳାକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧରେ ଜଗତସିଂହପୁର ରାସ୍ତା ଓ ଗୃହ ନିର୍ମାଣ ବିଭାଜନ ସହକାରୀ ଯନ୍ତ୍ରୀ ବଳରାମ ସ୍ୱାଇଁ, ଗଳଧାରୀ ସରପଞ୍ଚ ଦିଲ୍ଲିପ କୁମାର ନାୟକ, ଗଳଧାରୀ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ପ୍ରଭାତ ସ୍ୱାଇଁ, ସମିତିର ସଦସ୍ୟ ପ୍ରଦ୍ମୁଚରଣ ରାଉତ, ବିଜେପି ଅଲଣା ମଣ୍ଡଳ ପ୍ରତିନିଧି ଦେବୀ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କେନ୍ଦ୍ରର ନିର୍ମାଣ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ପାଇଁ ୨୩ ଲକ୍ଷ ୭୬ହଜାର ୪୨୬ଟଙ୍କାର ଚୁକ୍ତିନାମା କରାଯାଇଥିବା ଜଣାପଡ଼ିଛି।

## ଜାଗୁଲାଇ ପାଟଣା ରଥଯାତ୍ରା ପାଇଁ ପ୍ରସ୍ତୁତି



**ଖୋର୍ଦ୍ଧା, ୨୪।୫ (ସଂଚାର ବ୍ୟୁରୋ):** ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ ଶ୍ରୀ କିଶୋର କୁମାର ପଣ୍ଡାଙ୍କ ପରିଚାଳନାରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚଳିତ ବର୍ଷ ମହାପ୍ରଭୁ ଶ୍ରୀ ଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ, ବିଜେ, ଜାଗୁଲାଇ ପାଟଣା ରଥଯାତ୍ରା ପ୍ରସ୍ତୁତି ବୈଠକ ମାନ୍ୟବର ବିଧାୟକ ଖୋର୍ଦ୍ଧା ପ୍ରଶାନ୍ତ କୁମାର ଜଗଦ୍ଦେବଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଜାଗୁଲାଇ ପାଟଣା ଏକ ସମନ୍ୱୟ ଐତିହ୍ୟ ଓ ସଂସ୍କୃତିର ଗନ୍ତାଘର । ମହାପ୍ରଭୁଙ୍କ ରଥଯାତ୍ରାକୁ ଜାତି ଧର୍ମ ବର୍ଣ୍ଣ ସମ୍ପ୍ରଦାୟ ନିର୍ବିଶେଷରେ ଭାଇଚାରା ବଜାୟ ରଖି ଦଳମତ ଉର୍ଦ୍ଧରେ ରହି ମହାପ୍ରଭୁଙ୍କ ବିଭୁକୃପା ପ୍ରାପ୍ତ ସହ ଶ୍ରୀ ପୁରୁଷୋତ୍ତମ ଦେବ, ମନ୍ଦିରର ଐତିହ୍ୟ ସଂସ୍କୃତିକୁ ବଜାୟ ରଖିବା ସହ ମନ୍ଦିରର ପାରିପାର୍ଶ୍ୱିକ ଉନ୍ନୟନ ପାଇଁ ସମସ୍ତେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ବୈଠକରେ ମାନ୍ୟବର ବିଧାୟକ, ଜଟଣୀ, ବିଭୂତି ଭୂଷଣ ବଳବନ୍ତରାୟ ଯୋଗଦେଇ କହିଲେ ଯେ ମହାପ୍ରଭୁଙ୍କ ସେବାରେ ସମସ୍ତେ ନିୟୋଜିତ ହୋଇ ଆଧାତ୍ମିକ ଭାବ ମନୋଭାବ ନେଇ ଖୋରଧାର ଅଧୁରା ବିକାଶର ସ୍ୱପ୍ନ ସାକାର କରିବାକୁ ଉଦବୋଧନ ରଖିଥିଲେ । ଜାଗୁଲାଇ ପାଟଣା ଶ୍ରୀଶ୍ରୀ ଅନନ୍ତ ପୁରୁଷୋତ୍ତମ ଦେବ ବିଜେଙ୍କ କିମ୍ବଦନ୍ତୀ ଅତି ମହାନ ହୋଇଥିବାରୁ ଏହି ପରମ୍ପରାକୁ ଉଜ୍ଜୀବିତ କରି ରଖିବା ପ୍ରତ୍ୟେକ ଖୋର୍ଦ୍ଧା ବାସୀଙ୍କ ପରମ କର୍ତ୍ତବ୍ୟ ବୋଲି ପରାମର୍ଶ ଦେଇ ମନ୍ଦିର ପରିଚାଳନା କମିଟି, ସେବାୟତ, ଖୋର୍ଦ୍ଧାବାସି ସମସ୍ତେ ମନ୍ଦିରର ପାରିପାର୍ଶ୍ୱିକ ବିକାଶକୁ ଗୁରୁତ୍ୱ ଓ ତ୍ୱରାନ୍ୱିତ କରିବାକୁ ଅଭିଭାଷଣ ରଖିଥିଲେ । ଆସନ୍ତା ମାସ ୨୭ ତାରିଖରେ ମହାପ୍ରଭୁଙ୍କ ରଥଯାତ୍ରା ପଡୁଥିବାରୁ ରଥାଦାଣ୍ଡ ରାସ୍ତା ନିର୍ମାଣ ଓ ମରାମତି, ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା, ମନ୍ଦିର ରଙ୍ଗ ଦେବା, ବିଜୁଳି ଆଲୋକ ସେବା, ରଥଯାତ୍ରା ସମୟରେ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ଉପରେ ପାଣି ସିଞ୍ଚନ, ଆମ୍ବୁଲାନ୍ସ ଓ ଅସ୍ଥାୟୀ ସ୍ୱାସ୍ଥ୍ୟ ସେବା ଅଗ୍ନିଶମ ସେବା, ରଥ ପାଇଁ କାଠ ବ୍ୟବସ୍ଥା, ରଥଯାତ୍ରା ତଥା ଶ୍ରୀଗୁଣ୍ଡିଚା ଦିନ ମାଉସୀ ମା ମନ୍ଦିର ନିକଟରେ ଆଧାତ୍ମିକ ସାଂସ୍କୃତିକ ମନୋରଞ୍ଜନ କାର୍ଯ୍ୟକ୍ରମ, ମହାପ୍ରଭୁଙ୍କ ସୁନାବେଶ ଦିନ ଭଜନ ଜଣାଣ ପରିବେଷଣ, ଆଇନଶୃଙ୍ଖଳା ସେବା ବ୍ୟବସ୍ଥା, ଅସ୍ଥାୟୀ ଶୌଚାଳୟ ଆଦି ଗୁରୁତ୍ୱପୂର୍ଣ୍ଣ ସେବା ଯୋଗାଇ ଦେବାକୁ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଜଗଦେବ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଗ୍ରାହକଙ୍କୁ ଶୋଷୁଛନ୍ତି ଏଜେନ୍ସି କର୍ମଚାରୀ

**ଟାଙ୍କି ପିଛା ନେଉଛନ୍ତି ଅତିରିକ୍ତ ୫୦ଟଙ୍କା**

**ଚୋରାରେ ଦୋକାନରେ ବିକ୍ରି ହେଉଛି ଗ୍ୟାସ**



**କାକଟପୁର/ଅସ୍ତରଙ୍ଗ, ୨୪।୫ (ସଂଚାର ବ୍ୟୁରୋ):** ରନ୍ଧନ ଗ୍ୟାସ ବୁକିଂ କଲେ ନିର୍ଦ୍ଧାରିତ ସମୟରେ ଘରେ ଆସି ପହଂଚିବ ସିଲିଣ୍ଡର। ଏଥିଲାଗି ପରିବହନ ବାବଦରେ ଅତିରିକ୍ତ ଦେୟ ଆଦାୟ କରାଯିବାର ନିୟମ ନାହିଁ। ତେବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟ ବଜାର ସମେତ ଗ୍ରାମାଞ୍ଚଳ ମାନଙ୍କରେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗ୍ୟାସ ବିତରଣ ଦାୟିତ୍ୱରେ ଥିବା ଏଜେନ୍ସି କର୍ମଚାରୀ ଏଥିଲାଗି ୨୦ରୁ ୫୦ଟଙ୍କା ଦେୟ ଦାବୀ କରୁଛନ୍ତି। ପ୍ରତିବାଦ କଲେ ବାହାନା ଦେଖାଇ ଗ୍ୟାସ ଯୋଗାଣରେ ଅଯଥା ବିଳମ୍ବ କରୁଛନ୍ତି। ଏହାକୁ ନେଇ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ତୀବ୍ର ହେଉଥିବା ବେଳେ ଯୋଗାଣ ବିଭାଗ ନିରବଦ୍ରଷ୍ଟା ସାଜିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ସୂଚନା ଅନୁଯାୟୀ ଓଡିଶାରେ ଘରୋଇ ଇନ୍ଧନ ଗ୍ୟାସ ସିଲିଣ୍ଡର (୧୪. ୨କିଗ୍ରା )ପିଛା ଦର ୮୮୦ଟଙ୍କା ଧାର୍ଯ୍ୟ କରାଯାଇଛି। ତେବେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ଗ୍ରାହକଙ୍କ ଠାରୁ ୯୦୦କେଉଁ କେଉଁ ସ୍ଥାନରେ ୯୪୦ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି। ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ଘରେ ସିଲିଣ୍ଡର ପହଂଚାଇବା ଲାଗି ସରକାରୀ ଭାବେ ୧୯ ଟଙ୍କା ୫୦ପଇସା ଯୋଗାଇ ଦିଆଯାଉଛି। ଯୋଗାଣ ଦାୟିତ୍ୱରେ ଥିବା କର୍ମଚାରୀ ଜୋର ଜବରଦସ୍ତ ଅତିରିକ୍ତ ୨୦ରୁ ୫୦ଟଙ୍କା ଆଦାୟ କରୁଛନ୍ତି। ଏପରିକି ଗ୍ୟାସ ଯୋଗାଣ ଖାତାରେ ଏ ସମ୍ପର୍କିତ ତଥ୍ୟ ଉଲ୍ଲେଖ କରିବାକୁ କର୍ମଚାରୀ ସିଧା ସଳଖ ମନା କରିଦେଉଛନ୍ତି। ଏଜେନ୍ସି କର୍ମଚାରୀ ଗ୍ରାହକଙ୍କୁ ସିଲିଣ୍ଡର ଦେଲା ବେଳେ ଓଜନ କରି ଦେବାର ବ୍ୟବସ୍ଥା ଥିବା ବେଳେ କର୍ମଚାରୀ ଏହାକୁ ଭୁଲିଯାଇଥିବା ଦେଖିବାକୁ ମିଳୁଛି। ଗ୍ରାହକଙ୍କ ଘରେ ସିଲିଣ୍ଡର ଦେବାକୁ ବ୍ୟବସ୍ଥା ଥିବା ବେଳେ କର୍ମଚାରୀ ଗାଁ ଦାଣ୍ଡରେ ଗୋଟେ ଜାଗାରେ ଗ୍ୟାସ ସିଲିଣ୍ଡର ବିତରଣ କରୁଛନ୍ତି।

ଏ ସମ୍ପର୍କରେ ସମ୍ପୃକ୍ତ କର୍ମଚାରୀଙ୍କୁ ପଚାରିବାରୁ ବିଭିନ୍ନ ବାହାନା ଦେଖାଇବା ସହିତ ଗ୍ରାହକଙ୍କୁ କଦର୍ଯ୍ୟ ବ୍ୟବହାର କରୁଛନ୍ତି। ଗ୍ରାମାଞ୍ଚଳରେ ବ୍ୟବସାୟ କରୁଥିବା କିଛି ବ୍ୟବସାୟୀ ଘରୋଇ ଇନ୍ଧନ ବ୍ୟବହାର କରୁଥିବା ବେଳେ କର୍ମଚାରୀ କିଛି ହାତଗୁଞ୍ଜା ନେଇ ତାଙ୍କ ଦୋକାନରେ ବୋହି ନେଇ ଥୋଇ ଦେଉଥିବା ଦେଖିବାକୁ ମିଳୁଥିବା ବେଳେ ଗ୍ରାହକଙ୍କୁ ତାଙ୍କ ଗାଡି ଠାରୁ ନେବାକୁ ବାଧ୍ୟ କରୁଛନ୍ତି। ଭିନ୍ନକ୍ଷମ ଅସହାୟ ମହିଳା ହିତାଧିକାରୀ ଘରେ ରଖିଦେବାକୁ କହିଲେ କିଛି କଥା ଶୁଣୁନଥିବା ଦେଖିବାକୁ ମିଳୁଛି। ଏ ବାବଦରେ କିଛି ହାତ ଗୁଞ୍ଜା ଦେଇଦେଲେ କର୍ମଚାରୀ ଅତି ଆଗ୍ରହ ସହକାରେ ଘରେ ନେଇ ଥୋଇ ଦେଉଛନ୍ତି।

ଏ ନେଇ ଗ୍ରାହକ ପଚାରିଲେ କୌଣସି ସନ୍ତୋଷ ଜନକ ଉତ୍ତର ମିଳୁନାହିଁ। ଟଙ୍କା ନ ଦେଲେ ଉଦେଶ୍ୟ ମୂଳକ ଭାବେ ଗ୍ରାହକ ମାନଙ୍କୁ ହଇରାଣ କରାଯାଉଛି। ଯାହା ଫଳରେ ଅସ୍ତରଙ୍ଗ ଅଞ୍ଚଳର ବଜାର ଓ ଗ୍ରାମାଞ୍ଚଳରେ ଗ୍ୟାସ ଏଜେନ୍ସିଙ୍କ ଏଭଳି ଦୌରାତ୍ମ୍ୟ ସୀମା ଟପିଲାଣି। ଯୋଗାଣ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଗ୍ରାହକ ଶୋଷଣରୁ ମୁକ୍ତି ପାଇପାରିବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

### ଡବଲ୍ ଇଞ୍ଜିନ୍ ସରକାରଙ୍କ ସଫଳତାର ହିସାବଦେଲେ ଧର୍ମେନ୍ଦ୍ର

# ସଶକ୍ତ ହେଉଛନ୍ତି କେନ୍ଦୁପତ୍ର ତୋଳାଳି




**ସମ୍ବଲପୁର,୨୪।୫(ସଂଚାର ବ୍ୟୁରୋ):** ପୂର୍ବ ସରକାର କେବଳ ପ୍ରତିଶ୍ରୁତି ଦେଉଥିଲେ, ମାତ୍ର ଜନଆଶୀର୍ବାଦରେ ଓଡ଼ିଶାରେ ହୋଇଥିବା ଡବଲ ଇଞ୍ଜିନ ସରକାର କଥା ଦେଇ କଥା ରଖୁଥିବାର ସରକାର ବୋଲି 'କେନ୍ଦୁପତ୍ର ଶ୍ରମିକଙ୍କର ସଶକ୍ତିକରଣ - ଅଧିକାର, ସୁଯୋଗ ଓ କଲ୍ୟାଣ' କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ବଲପୁରରେ ରାଜ୍ୟ ସରକାରଙ୍କ ଜଙ୍ଗଲ ଏବଂ ଶ୍ରମ ବିଭାଗର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ଗ୍ରାମ୍ୟ ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ କେନ୍ଦୁପତ୍ର ତୋଳାଳିଙ୍କର ବଡ଼ ଯୋଗଦାନ ରହିଛି। ସେମାନଙ୍କୁ ସଶକ୍ତ କରିବା ସହ ସ୍ଥାୟୀ ସମସ୍ୟାର ସମାଧାନ କରିବା ପାଇଁ ଆମ ଡବଲ ଇଞ୍ଜିନ ସରକାର ଯତ୍ନଶୀଳ। କେନ୍ଦୁପତ୍ର ଶ୍ରମିକଙ୍କୁ ଦିଆଯାଇଥିବା ସବୁ ପ୍ରତିଶ୍ରୁତି ପୂରଣ କରାଯିବ। ଏଦିଗରେ ଆଜିର କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ପଦକ୍ଷେପ। ପୂର୍ବ ସରକାର ଲୋକମାନଙ୍କୁ କେବଳ ପ୍ରତିଶ୍ରୁତି ଦେଉଥିଲେ, ମାତ୍ର ତାହାକୁ ପୂରଣ କରୁନଥିଲେ। ସୋହେଲାରେ ଧାନ ଉପରେ ୧୦୦ ଟଙ୍କା ଅତିରିକ୍ତ ବୋନସ ଦେବା ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହାକୁ ପୂରଣ କରିନଥିଲେ। କିନ୍ତୁ ଆମ ସରକାର 'ସବ କା ସାଥ୍ ସବ କା ବିକାଶ, ସବ କା ବିଶ୍ୱାସ ଓ ସବକା ପ୍ରୟାସ'ରେ କାମ କରୁଛି। ଏବେ ଡବଲ ଇଞ୍ଜିନ ସରକାରରେ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି କରାଯାଇଛି। ସୁଭଦ୍ରା ଯୋଜନା ପ୍ରାୟ କୋଟିଏ ମହିଳାଙ୍କୁ ସଶକ୍ତ କରିଛି। ରାଜ୍ୟର ପ୍ରାୟ ୮ ହଜାର କୋଟି ଟଙ୍କାର ୭ ଲକ୍ଷ ମେଟ୍ରିକ୍ ଟନ ଖରିଫ ଧାନ ସଂଗ୍ରହ ଓ ହିତାଧିକାରୀଙ୍କୁ ଡିବିଟି ଜରିଆରେ ସିଧାସଳଖ ସହାୟତା ରାଶି ପ୍ରଦାନ କରାଯାଉଛି। ଏଥିସହ ସରକାର ବିଭିନ୍ନ କଲ୍ୟାଣକାରୀ ଯୋଜନାର ଶୁଭାରମ୍ଭ ଡବଲ ଇଞ୍ଜିନ ସରକାରର କାମ କରିବାର ପ୍ରତିଫଳନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ଶ୍ରମିକଙ୍କ ସାମାଜିକ ସୁରକ୍ଷା, ସେମାନଙ୍କ ସମ୍ମାନ ବଢାଇବା ସହ କଲ୍ୟାଣକାରୀ ଯୋଜନା କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସମ୍ବଲପୁରରେ ପ୍ରାୟ ୨.୫ ଲକ୍ଷ ପରିବାର ବସବାସ କରୁଥିବା ବେଳେ ସମସ୍ତଙ୍କର କଲ୍ୟାଣ ତଥା ଆୟ ବୃଦ୍ଧି ଦିଗରେ ଡବଲ ଇଞ୍ଜିନ ସରକାର ପଦକ୍ଷେପ ନେଉଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କେନ୍ଦୁପତ୍ର ତୋଳାଳି ଓ ନିର୍ମାଣ ଶ୍ରମିକ ହିତାଧିକାରୀଙ୍କୁ ଶିକ୍ଷାବୃତ୍ତି, ମୃତ୍ୟୁକାଳୀନ, ଅନୁକମ୍ପାମୂଳକ ଏବଂ ଅନ୍ୟାନ୍ୟ ସହାୟତା ରାଶି ଆଦି ବିତରଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ଯୋଗଦେଇଥିଲେ।

# ବର୍ଷା ସତ୍ତ୍ୱେ ଗ୍ରାଉଣ୍ଡ୍ ଜିରୋରେ ବିଧାୟକ ଶାରଦା

## ବିକାଶରେ ନିନ୍ଦୁକମାନେ ବାଧକ ହୋଇପାରିବେନି



**ମାହାଙ୍ଗା,୨୪।୫(ସଂଚାର ବ୍ୟୁରୋ):** ମାହାଙ୍ଗାକୁ ଏକ ବିକଶିତ ନିର୍ବାଚନମଣ୍ଡଳୀ ଭାବେ ଗଢିବାକୁ ହେଲେ ଦଳମତ ନିର୍ବିଶେଷରେ ଆମ ସମସ୍ତଙ୍କୁ ଏକାଠି ହେବାକୁ ପଡିବ ବୋଲି ଯୁବ ବିଧାୟକ ଶାରଦା ପ୍ରଧାନ ଆହ୍ୱାନ ଦେଇଛନ୍ତି । ଜନ୍ମମାଟିର ବିକାଶ ପାଇଁ କାହାର ନିନ୍ଦା ଓ ପ୍ରଶଂସା ଜଣେ ଜନପ୍ରତିନିଧିଙ୍କ ପାଇଁ ଆଦୌ ବଡ଼ କଥା ନୁହେଁ । ସମାଲୋଚନା ଏବଂ ଆରୋପ ପ୍ରତ୍ୟାରୋପ ଭିତରେ ଆମକୁ ସାଧାରଣ ଲୋକଙ୍କ ପାଇଁ ନୂଆ ନୂଆ ଯୋଜନା ବାବଦରେ ଚିନ୍ତା କରିବାକୁ ପଡ଼ିବ। ଆମ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷି, ପିଇବା ପାଣି, ବିଜୁଳି ଓ ସବୁ ପରିବାର ପାଇଁ ପକ୍କାଘର ଯୋଗାଣ ଭଳି ମୌଳିକ ଆବଶ୍ୟକତା ଉପରେ ଗୁରୁତ୍ୱ ଦେବାକୁ ପଡିବ ବୋଲି ଶ୍ରୀ ପ୍ରଧାନ ଗଣମାଧ୍ୟମକୁ କହିଛନ୍ତି। ସୋସିଆଲ ମିଡିଆ ଓ ସର୍ବସାଧାରଣରେ କିଏ କାହା ବିରୁଦ୍ଧରେ ପ୍ରଚାର ଅପପ୍ରଚାର କଲେ ବି ଏହା ଅଞ୍ଚଳର ବିକାଶରେ ପ୍ରତିବନ୍ଧକ ହୋଇପାରିବ ନାହିଁ। ବିକାଶରେ ବାଧକ ସାଜୁଥିବା ଲୋକେ କଦାପି ବିପଦ ବେଳର ବନ୍ଧୁ ହୋଇପାରିବେ ନାହିଁ ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି। ଯୁବ ବିଧାୟକ ଶାରଦା ପ୍ରଧାନ ନିଜ ନିର୍ବାଚନମଣ୍ଡଳୀର ବିକାଶ ପାଇଁ ଅଧିକରୁ ଅଧିକ ତତ୍ପର ଓ ସେ ଜଣେ ନିଷ୍ଠାପର ଜନସେବକ ଭାବେ କାର୍ଯ୍ୟ କରୁଥିବାରୁ ସାଧାରଣରେ ପ୍ରଶଂସା ସାଉଁଟୁଛନ୍ତି। ଏପରିକି ଆଜି ରାଜଧାନୀରେ ପୂର୍ବାହ୍ନରେ ଦୋଡୋ ବର୍ଷା ଢାଳୁଥିଲେ ମଧ୍ୟ ହାତରେ ଛତା ଧରି ଶ୍ରୀ ପ୍ରଧାନ ବିଭାଗୀୟ ଅଧିକାରୀଙ୍କ ସହ ତାଙ୍କ ନିର୍ବାଚନମଣ୍ଡଳୀର ବିଭିନ୍ନ ଅଞ୍ଚଳ ବୁଲିଥିଲେ। ସରକାରୀ ଛୁଟି ସତ୍ତ୍ୱେ ସରକାରୀ ଅଧିକାରୀମାନେ ଗ୍ରାଉଣ୍ଡ ଜିରୋରେ ପହଞ୍ଚି ଲୋକଙ୍କ ଦାବି ଉପରେ ତର୍ଜମା କରିଥିଲେ। ଜଗତପୁରଠାରୁ ପଟ୍ଟାମୁଣ୍ଡାଇ କେନାଲ ଦେଇ ପାରାଦ୍ୱୀପ-ଚଣ୍ଡିଖୋଲ ୫ ନମ୍ବର(କ) ଜାତୀୟ ରାଜପଥର ବାଲିଚନ୍ଦ୍ରପୁରକୁ ସଂଯୋଗ କରୁଥିବା ଏହି ରାସ୍ତାର ଉନ୍ନତି ପାଇଁ ଜଳସମ୍ପଦ ବିଭାଗ ଓ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀଙ୍କ ସହ ବିଧାୟକ ଆଲୋଚନା କରିଛନ୍ତି। ମାହାଙ୍ଗାର ପ୍ରସିଦ୍ଧ ଜରିଆଝିଲ୍ଲୀର କିପରି ପୁନରୁଦ୍ଧାର ହୋଇପାରିବ ଓ ଏହାର ଐତିହାସିକ ତଥା ପୁରାଣ ପ୍ରସିଦ୍ଧ ଝିଲ୍ଲୀର ନବ କଳେବର ସହ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନ ଦେବା ଦିଗରେ ମଧ୍ୟ ଆଲୋଚନା ହୋଇଛି। ମାହାଙ୍ଗାର ସାମୂହିକ ବିକାଶ ପାଇଁ ସରକାରୀ ସ୍ତରରେ ଯାହା ସମ୍ଭବ, ତାହା ନିଶ୍ଚିତ ଭାବେ କରାଯିବ ବୋଲି ବିଧାୟକ ଶ୍ରୀ ପ୍ରଧାନ କହିଛନ୍ତି।

### ● ବଦଳିଲା ଶ୍ରୀଲିଙ୍ଗରାଜଙ୍କ ବିବାହ ତିଥି

## ୩୦ରେ ବିବାହ, ୩୧ରେ ଶୀତଳ ଷଷ୍ଠୀ

**ଭୁବନେଶ୍ୱର,୨୪।୫(ସଂଚାର ବ୍ୟୁରୋ):** ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମଙ୍ଗନ, ବିବାହ ଓ ଶୀତଳ ଷଷ୍ଠୀ ଯାତ୍ରା ତିଥି ଓ ତାରିଖରେ ପରିବର୍ତ୍ତନ କରାଯାଇଛି । ପୂର୍ବରୁ କେଦାରଗୌରୀ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଆସନ୍ତା ୩୦ ତାରିଖରେ ମଙ୍ଗନ, ୩୧ରେ ବିବାହ ଓ ଜୁନ୍ ୧ରେ ପ୍ରତ୍ୟାବର୍ତ୍ତନ ତଥା ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ ବୋଲି କୁହାଯାଇଥିଲା। ମାତ୍ର ଶ୍ରୀଲିଙ୍ଗରାଜ ମନ୍ଦିର କାର୍ଯ୍ୟାଳୟରେ ଅତିରିକ୍ତ ଜିଲ୍ଲାପାଳ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରୁଦ୍ର ନାରାୟଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଏହି ତିଥିରେ ସଂଶୋଧନ କରାଯାଇଛି। ନୂତନ ତିଥି ଅନୁଯାୟୀ, ଆସନ୍ତା ୨୯ରେ ମଙ୍ଗନ (ଅଷ୍ଟ ଚଣ୍ଡୀ ନିମନ୍ତ୍ରଣ), ୩୦ରେ ବରାନୁଗମନ ଓ ବାହାଘର ଏବଂ ୩୧ରେ ପ୍ରତ୍ୟାବର୍ତ୍ତନ ତଥା ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହେବ।

ଚୂଡ଼ାନ୍ତ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, ୩୦ ତାରିଖ ରାତି ୧୧ଟାରେ କେଦାରଗୌରୀ ଅଭିମୁଖେ ବରାନୁଗମନ ଓ ରାତି ସାଢେ ୨ଟା ମଧ୍ୟରେ ହାତଗଣ୍ଠି ପଡ଼ିବ। ସେହିପରି ପରଦିନ ଭୋର ୪ଟା ସମୟରେ କଉଡ଼ି ଖେଳ ନୀତି ସମାପନ ହୋଇ ୩୧ ତାରିଖ ଭୋର୍ ୫ଟାରୁ ନବଦମ୍ପତି ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ। ପରେ ସମସ୍ତ ନୀତି ବଢ଼ି ରାତି ୧୦ଟା ସମୟରେ ଦେଉଳ ପ୍ରତ୍ୟାବର୍ତ୍ତନ (ଶୀତଳ ଷଷ୍ଠୀ) ଶୋଭାଯାତ୍ରା ହେବ।



ଆଜି ଅନୁଷ୍ଠିତ ବୈଠକରେ ମନ୍ଦିର ଜ୍ୟୋତିଷ ଏହି ପ୍ରସ୍ତାବ ରଖାଯିବା ପରେ ସେବାୟତଙ୍କ ମଧ୍ୟରେ କିଛି ସମୟ ପାଇଁ ବାଦବିବାଦ ହୋଇଥିଲା। ଏହ ପରିବର୍ତ୍ତିତ ତିଥି କେଦାରଗୌରୀ ମନ୍ଦିର ପରିଚାଳନା କମିଟି ଓ ଶୀତଳ ଷଷ୍ଠୀ କମିଟି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିଲା। କେଦାରଗୌରୀ ପରିଚାଳନା କମିଟି ସମ୍ପାଦକ ଲୁଲୁ ମହାପାତ୍ର କହିଛନ୍ତି ଯେ ପୂର୍ବରୁ ଧାର୍ଯ୍ୟ ତିଥି ଅନୁସାରେ ଆମେ ନିମନ୍ତ୍ରଣ ପତ୍ର ମୁଦ୍ରିତ କରି ବାଣ୍ଟିବା ଆରମ୍ଭ କରିଦେଇଥିଲୁ। କିନ୍ତୁ ଏବେ ହଠାତ ତିଥିରେ ପରିବର୍ତ୍ତନ କରାଗଲା। ଜ୍ୟୋତିଷ ପୂର୍ବରୁ କହିଥିଲେ ଗୋଟେ ତାରିଖ, ଆଜି ପୁଣି ଆଉ ଏକ ତାରିଖ କହୁଛନ୍ତି। ତେବେ ସେ ଯାହା ବି ହେଉ, ଆମକୁ ମହାପ୍ରଭୁଙ୍କ ତିଥି ଅନୁଯାୟୀ କାମ କରିବାକୁ ହେବ। ତେଣୁ ସମସ୍ତ ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରୁଛୁ ଯେ ସେମାନେ ଜୁନ ୧ ତାରିଖ ବଦଳରେ ଚଳିତ ମାସ ୩୧ ତାରିଖରେ ନବବିବାହିତ ଦେବଦମ୍ପତିଙ୍କ ଦର୍ଶନ ନିମନ୍ତେ ଆସି ପ୍ରୀତିଭୋଜନ ଓ ଶୀତଳ ଷଷ୍ଠୀରେ ଯୋଗଦେବେ। ଆଜିର ବୈଠକରେ ବ୍ରାହ୍ମଣ ନିଯୋଗର ନାରାୟଣ ମହାପାତ୍ର, ଭାଗୀରଥି ମହାସୁଆର, ହିମାଦ୍ରୀ ମହାପାତ୍ର, ବିରଞ୍ଚି ନାରାୟଣ ପତି, ପୂଜାପଣ୍ଡା ନିଯୋଗର ପ୍ରସନ୍ନ ପୂଜାପଣ୍ଡା ଓ ସଚିକାନ୍ତ ପୂଜାପଣ୍ଡା, ପର୍ବଜାତ ବିଷୋୟୀ, ପ୍ରଶାନ୍ତ ସମର୍ଥ, ସୁପରଭାଇଜରଙ୍କ ସମେତ ମନ୍ଦିର କର୍ମଚାରୀ ଉପସ୍ଥିତ ଥିଲେ।



ଫରେଷ୍ଟ ଗାର୍ଡଙ୍କ ପରିବାରକୁ ସହାୟତା ରାଶି ପ୍ରଦାନ କରୁଛନ୍ତି ଜଙ୍ଗଲ ମନ୍ତ୍ରୀ ଗଣେଶରାମ ସିଂହଖୁଣ୍ଟିଆ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ।

# ଶିକାରୀ ଗୁଳିରେ ଗଲା ଫରେଷ୍ଟ ଗାର୍ଡ ଜୀବନ

- ● ମୁଖ୍ୟମନ୍ତ୍ରୀ ଘୋଷଣା କଲେ ୩୦ ଲକ୍ଷର ସହାୟତା
- ● ୪ ଶିକାରୀ ଗିରଫ, ବ୍ୟାପକ ବନ୍ଧୁକ ଜବତ



**ଢେଙ୍କାନାଳ,୨୪।୫(ସଂଚାର ବ୍ୟୁରୋ):** ଶିକାରୀ ଗୁଳିରେ ଜଣେ ଫରେଷ୍ଟ ଗାର୍ଡଙ୍କ ମୃତ୍ୟୁ ହେବା ଭଳି ଏକ ଅଭାବନୀୟ ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲାରେ। ମୃତକ ଜଣଙ୍କ ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ରେଞ୍ଜ ଅନ୍ତର୍ଗତ କଇ ରିଜର୍ଭରେ କାର୍ଯ୍ୟ କରୁଥିବା ଫରେଷ୍ଟ ଗାର୍ଡ ପ୍ରହ୍ଲାଦ ପ୍ରଧାନ(୩୭) ବୋଲି ଜଣାପଡ଼ିଛି। ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ସମୟରେ ତଣ୍ଟିଚିରା ନିକଟରେ ଶିକାରୀଙ୍କ ଗୁଳିମାଡ଼ର ଶିକାର ହୋଇଛନ୍ତି ପ୍ରହ୍ଲାଦ। ସେ ଓ ତାଙ୍କର ୧୨ ଜଣ ସହଯୋଗୀ ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ସମୟରେ ଅଚାନକ ସେମାନଙ୍କ ଉପରକୁ ଶିକାରୀମାନେ ଗୁଳି ଚଳାଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କ ଗୁଳି ସିଧା ପ୍ରହ୍ଲାଦଙ୍କ ପେଟରେ ବାଜିଥିଲା। ତାଙ୍କ ସହ ଥିବା ସହଯୋଗୀମାନେ ତୁରନ୍ତ ଗୁରୁତର ଅବସ୍ଥାରେ ପ୍ରହ୍ଲାଦଙ୍କୁ ନିକଟସ୍ଥ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଯାଇଥିଲେ। କିନ୍ତୁ ସେଠାରେ ପହଞ୍ଚିବା ପୂର୍ବରୁ ପ୍ରହ୍ଲାଦଙ୍କର ମୃତ୍ୟୁ ହୋଇଯାଇଥିବା ଡାକ୍ତର ଘୋଷଣା କରିଥିଲେ। ସୂଚନାଯୋଗ୍ୟ ଯେ ପାଟ୍ରୋଲିଂ ସମୟରେ ପ୍ରହ୍ଲାଦଙ୍କୁ ଗୁଳି ମାଡ଼ କରିବା ବେଳେ ତାଙ୍କର ସହଯୋଗୀମାନେ ତୁରନ୍ତ ୪ ଜଣ ଶିକାରୀଙ୍କୁ କାବୁ କରିଥିଲେ। କିନ୍ତୁ ଅନ୍ୟ କେତେକ ଶିକାରୀ ଫରେଷ୍ଟରଙ୍କ ହାତକୁ ଆସିବା ପୂର୍ବରୁ ଫେରାର ହୋଇଯାଇଥିଲେ। ସେମାନଙ୍କ ପାଖରୁ ଅନ୍ୟ ବନ କର୍ମଚାରୀମାନେ କିଛି ବନ୍ଧୁକ ଜବତ କରିଥିବା ବେଳେ କାବୁ ହୋଇଥିବା ୪ ଜଣ ଶିକାରୀଙ୍କୁ ଗିରଫ କରାଯାଇ ସେମାନଙ୍କୁ ଅଧିକ ପଚରାଉଚରା କରାଯାଉଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ କାର୍ଯ୍ୟରତ ଫରେଷ୍ଟ୍ ଗାର୍ଡ ପ୍ରହ୍ଲାଦଙ୍କ ପରିବାର ଲୋକଙ୍କ ସହାୟତା ପାଇଁ ଆଗେଇ ଆସିଛନ୍ତି ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏପରି ଏକ ଦୁଃଖଦ ଖବର ସମ୍ପର୍କରେ ସୂଚନା ପାଇବା ପରେ ତୁରନ୍ତ ମୁଖ୍ୟମନ୍ତ୍ରୀ ପ୍ରହ୍ଲାଦଙ୍କ ପରିବାର ଲୋକଙ୍କ ପାଇଁ ୩୦ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ଏଥିସହ ଏହି ଘଟଣାର ଅଧିକ ତଦନ୍ତ ପାଇଁ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ପଦକ୍ଷେପ ନେବା ସକାଶେ ପିସିସିଏଫ୍‌ଙ୍କୁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

# ବନ୍ଧାହେଲେ କୁବେର କନିଷ୍ଠ ଯନ୍ତ୍ରୀ



### ଭଡ଼ାଟିଆଙ୍କ ଘରେ ଦେଢ଼ କେଜି ସୁନା ଲୁଚାଇଛନ୍ତି ପତ୍ନୀ!

**ନୂଆପଡ଼ା,୨୪।୫(ସଂଚାର ବ୍ୟୁରୋ):** ଗତକାଲି ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଗତକାଲି ନୂଆପଡ଼ା ଆର୍‌ଆଣ୍ଡ୍‌ବି ଡିଭିଜନ୍‌ରେ କାର୍ଯ୍ୟରତ ଥିବା କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ସେଠୀଙ୍କ ସହ ଜଡ଼ିତ ୮ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ଶ୍ରୀ ସେଠୀଙ୍କ ନାମରେ ବ୍ୟାପକ ମାତ୍ରାରେ ଆୟ ବହିର୍ଭୂତ ସମ୍ପତ୍ତି ରହିଥିବା ଜଣାପଡ଼ିବା ପରେ ଆଜି ତାଙ୍କୁ ଗିରଫ କରାଯାଇଛି। ତେବେ ଶ୍ରୀ ସେଠୀଙ୍କ ଘରୁ ୧୦୦ ଗ୍ରାମ୍ ସୁନା ଅଳଙ୍କାର ଜବତ ହୋଇଥିଲେ ହେଁ ତାଙ୍କ ପତ୍ନୀଙ୍କ ପାଖରେ ଆହୁରି ପାଖାପାଖି ଦେଢ଼ କେଜି ସୁନା ଅଳଙ୍କାର ଥିବା ସନ୍ଦେହ କରାଯାଉଛି। କାରଣ ଗତ ଏପ୍ରିଲ୍ ୧୩ ତାରିଖରେ ଧଉଳି ଥାନାରେ ତାଙ୍କ ପତ୍ନୀ ଘରେ ରହୁଥିବା ଭଡ଼ାଟିଆଙ୍କ ବିରୋଧରେ ଏକ ଚୋରି ମାମଲା ରୁଜୁ କରିଥିଲେ। ୯୩/୨୦୨୫ରେ ରୁଜୁ ହୋଇଥିବା ଏତଲାରେ ସେ ଦର୍ଶାଇଥିଲେ ଯେ ସେ ଭଡ଼ାଟିଆ ଘରେ ୧୪ ଶହ ଗ୍ରାମ୍‌ର ସୁନା ଅଳଙ୍କାର ରଖିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଭଡ଼ାଟିଆ ଉକ୍ତ ସୁନା ଅଳଙ୍କାର ଫେରାଉନାହାନ୍ତି ବୋଲି ଶ୍ରୀ ସେଠୀଙ୍କ ପତ୍ନୀ ଅଭିଯୋଗ କରିଥିଲେ। ତେବେ ଭିଜିଲାନ୍ସ ନଜରରୁ ଏହି ସୁନା ଅଳଙ୍କାର ବଞ୍ଚାଇବା ଉଦ୍ଦେଶ୍ୟରେ ଏପରି ଉଦ୍ୟମ କରାଯାଇଥିବା ଅନୁମାନ କରାଯାଉଛି। ଏନେଇ ଭିଜିଲାନ୍ସ ପକ୍ଷରୁ ଅଧିକ ଖୋଳତାଡ଼ ଜାରି ରହିଛି। ଭିଜିଲାନ୍ସ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ, ସୁଶାନ୍ତଙ୍କର ଭୁବନେଶ୍ୱର ଲିଙ୍ଗିପୁର ଗଙ୍ଗୋତ୍ରୀନଗରସ୍ଥିତ ପ୍ଲଟ୍ ନଂ.୧୦ରେ ୬୫୦୦ ବର୍ଗଫୁଟରେ ଏକ ୩ ମହଲା କୋଠା ଓ ପ୍ଲଟ୍ ନଂ.୧୦/୩୯୨୦ରେ ପ୍ରାୟ ୧୫୦୦ ବର୍ଗଫୁଟରେ ଏକ ନିର୍ମାଣାଧୀନ କୋଠା ରହିଛି। ସେହିପରି ପୁରୀ ଜିଲ୍ଲା ପିପିଲି ବିଲିପଡାସ୍ଥିତ ପ୍ଲଟ୍ ନଂ. ୭୪୯ରେ ତାଙ୍କ ନାମରେ ୧ ଏକର ଜାଗାରେ ଗୋଟିଏ ଫାର୍ମ ହାଉସ୍ ଓ ବିଭିନ୍ନ ସ୍ଥାନରେ ୯ଟି ମୂଲ୍ୟବାନ୍ ପ୍ଲଟ୍ ରହିଛି। ଭୁବନେଶ୍ୱରରେ ୩ଟି, ପିପିଲିରେ ୫ଟି ଓ ରାୟଗଡା ଟାଉନ୍‌ରେ ଗୋଟିଏ ପ୍ଲଟ୍ ରହିଥିବା ବେଳେ ରେଜିଷ୍ଟର୍ ସେଲ୍ ଡିଡ୍ ଅନୁଯାୟୀ ପ୍ଲଟ୍‌ଗୁଡ଼ିକର ଦର କୋଟିଏରୁ ଅଧିକ ହେବ। ଭିଜିଲାନ୍ସ ଟେକ୍‌ନିକାଲ ୱିଙ୍ଗ୍ ପକ୍ଷରୁ କୋଠା, ପ୍ଲଟ୍, ଫାର୍ମ ହାଉସ୍‌ର ମୂଲ୍ୟ କେତେ ହେବ, ସେନେଇ ଆକଳନ କରାଯାଉଛି। ସେହିପରି ସୁଶାନ୍ତଙ୍କ ଘରୁ ୧୦୦ ଗ୍ରାମର ସୁନା ଅଳଙ୍କାର, ଗୋଟିଏ ଚାରି ଚକିଆ ଯାନ (କିଆ କାରେନ୍ସ), ୫ଟି ଦୁଇଚକିଆ ଯାନ, ଗୋଟିଏ ବେନାମି ଚାରିକଚିଆ ଯାନ (ମାରୁତି ବ୍ରେଜା) ଓ ୧୦ ଲକ୍ଷ ଟଙ୍କାର ଘରୋଇ ଉପକରଣ ମଧ୍ୟ ଠାବ ହୋଇଛି। ଏଥିସହ ସୁଶାନ୍ତଙ୍କ ବ୍ୟାଙ୍କ ଓ ଜୀବନ ବୀମା ବାବଦରେ ଜମା ପରିମାଣ ୫୫ ଲକ୍ଷ ଟଙ୍କା ଥିବା ଭିଜିଲାନ୍ସ ଟିମ୍ ଚଢ଼ାଉ ସମୟରେ ଜାଣିବାକୁ ପାଇଛି। ଭିଜିଲାନ୍ସ ଟିମ୍ ସୁଶାନ୍ତଙ୍କୁ ତାଙ୍କ ବିପୁଳ ସମ୍ପତ୍ତିର ଉତ୍ସ ସଂକ୍ରାନ୍ତରେ ଅଧିକ ପଚରାଉଚରା କରୁଥିବା ବେଳେ ଯାଞ୍ଚ ଶେଷ ହୋଇନଥିବାରୁ ତାଙ୍କ ନାମରେ ଆହୁରି ବେଆଇନ ସମ୍ପତ୍ତି ଠାବ କରାଯିବାର ମଧ୍ୟ ସମ୍ଭାବନା ରହିଛି। ସୁଶାନ୍ତ ୨୦୦୪ ଫେବୃଆରୀ ୧୬ରେ କନିଷ୍ଠ ଯନ୍ତ୍ରୀ (ଠିକା) ଭାବେ ସରକାରୀ ସେବାରେ ଯୋଗଦେଇଥିଲେ। ୨୦୧୧ ମାର୍ଚ୍ଚ ୧୫ରେ ସେ କନିଷ୍ଠ ଯନ୍ତ୍ରୀ ଭାବେ ନିୟମିତ ହୋଇ ଆର୍‌ଆଣ୍ଡ୍‌ବି ରାୟଗଡା ପ୍ରକଳ୍ପ ବିଭାଜନ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସରେ ଅବସ୍ଥାପିତ ହୋଇଥିଲେ। ଏହାପରେ ସୁଶାନ୍ତ କନିଷ୍ଠ ଯନ୍ତ୍ରୀ ଭାବେ ଅନୁଗୋଳ ଏବଂ ଖରିଆର୍ (ନୂଆପଡା) ଆର୍‌ଆଣ୍ଡ୍‌ବି ଡିଭିଜନ୍‌ରେ କାର୍ଯ୍ୟ କରିଥିଲେ। ୨୦୨୩ ସେପ୍ଟେମ୍ବର ୬ରୁ ସେ ନୂଆପଡା ଆର୍‌ଆଣ୍ଡ୍‌ବିରେ କାର୍ଯ୍ୟ କରିଆସୁଥିଲେ। ତାଙ୍କଠାରୁ ଜବତ ସମ୍ପତ୍ତି ନେଇ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିବାରୁ ଶେଷରେ ଶ୍ରୀ ସେଠୀଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି।

# ନିଜେ ଡ୍ରାଇଭର୍ ରଚିଥିଲା ଷଡ଼ଯନ୍ତ୍ର




**କୋରେଇ,୨୪।୫(ସଂଚାର ବ୍ୟୁରୋ):** ଧରାପଡ଼ିଲା ଡ୍ରାଇଭର୍‌ର ଜାଲିଆତି। ନିଜେ ଲୁଟ୍ କରି ୨ ଲକ୍ଷ ୮୦ ହଜାର ଟଙ୍କା ହଡ଼ପ କରିବା ଉଦ୍ଦେଶ୍ୟରେ ଷଡ଼ଯନ୍ତ୍ର କରିଥିବା ଏହି ଲୁଟେରା ଡ୍ରାଇଭର୍‌ର କଳାକାର୍‌ନାମାର ପର୍ଦ୍ଦାଫାସ୍ କରିଛି କୋରେଇ ପୁଲିସ୍। ଅଭିଯୁକ୍ତ ଡ୍ରାଇଭର୍‌କୁ ଗିରଫ କରିବା ସହ ପୁଲିସ୍ କୋର୍ଟ ଚାଲାଣ କରିଛି। ଏହି ଅଭିଯୁକ୍ତ ଜଣଙ୍କ ଯାଜପୁର ସଦର ଥାନା ଜମଧର ଗାଁର କରୁଣାକର ରାଉତଙ୍କ ପୁଅ ପ୍ରଦୀପ୍ତ କିଶୋର ରାଉତ ବୋଲି ଜଣାପଡ଼ିଛି। ପ୍ରଦୀପ୍ତ ପେସାରେ ଜଣେ ଡ୍ରାଇଭର ହୋଇଥିବା ବେଳେ ସେ କୁଆଖିଆ ବଜାରର ଏକ ପରିବା ଗୋଦାମ ଗାଡ଼ି ଚଳାଇଆସୁଥିଲା। ତେବେ ଗତ ୨୨ ତାରିଖରେ ମାଲିକଙ୍କ କାର୍ ନେଇ ସେ କେନ୍ଦୁଝରର ଟଙ୍କା ଆଦାୟ କରିବା ସକାଶେ ଯାଇଥିଲା। ସେଠାରୁ ୨ ଲକ୍ଷ ୮୦ ହଜାର ଟଙ୍କା ଧରି ଫେରୁଥିବା ସମୟରେ ସେ କୋରେଇ ଥାନା ପାଟୁଳି ଛକ ନିକଟରେ କାର୍ ରଖି ମାଲିକଙ୍କୁ ଫୋନ୍ କରିବା ସହ ତା'ଠଶରୁ ଟଙ୍କା ଲୁଟ୍ ହୋଇଯାଇଥିବା ନେଇ ସୂଚନା ଦେଇଥିଲା। ପରେ ଏନେଇ ମାଲିକ କୋରେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏହି ଲୁଟ୍ ଘଟଣାର ତଦନ୍ତ କରି ଏହା କେବଳ ପ୍ରଦୀପ୍ତର ନାଟକ ଓ ବାସ୍ତବରେ କୌଣସି ଚୋରି ହୋଇନଥିବା ଜାଣିବାକୁ ପାଇଥିଲା। ପୁଲିସ ତାକୁ ଗିରଫ କରିବା ସହ ତା'ଠାରୁ ଟଙ୍କା ମଧ୍ୟ ଜବତ କରିଛି।

### ● ଗଙ୍ଗୁଆନାଳ ଓ ଦୟା ପଶ୍ଚିମ କେନାଲ ବୁଲି ଦେଖିଲେ ପ୍ରମୁଖ ସଚିବ

# ଜବରଦଖଲ ଉଚ୍ଛେଦ ଓ ଜଳାଶୟ ବିକାଶକୁ ଗୁରୁତ୍ୱ



**ଭୁବନେଶ୍ୱର,୨୪।୫(ସଂଚାର ବ୍ୟୁରୋ):** ସହରାଞ୍ଚଳ ବନ୍ୟା ଆହ୍ୱାନର ମୁକାବିଲା କରିବା ଓ ଭୁବନେଶ୍ୱରରେ ଜଳାଶୟଗୁଡ଼ିକର ସ୍ଥାୟୀ ପରିଚାଳନାକୁ ସୁଦୃଢ଼ କରିବା ଲାଗି ଏକ ସକ୍ରିୟ ପଦକ୍ଷେପ ସ୍ୱରୂପ, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ଭୁବନେଶ୍ୱର ମହାନଗର ନିଗମ ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଅଧୀନରେ ଥିବା ଗାଙ୍ଗୁଆ ନାଳ ଓ ଦୟା ପଶ୍ଚିମ କେନାଲ ଅଞ୍ଚଳକୁ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ତାଙ୍କ ସହ ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ, ବିଡିଏ ଉପାଧ୍ୟକ୍ଷ ଡ. ଏନ୍. ତିରୁମାଲା ନାୟକ, ଅତିରିକ୍ତ ସଚିବ ଶତ୍ରୁଘ୍ନ କର ଓ ବି ଏମ୍‌ସି ଓ ବିଡିଏର ବରିଷ୍ଠ ଯନ୍ତ୍ରୀଙ୍କ ସମେତ ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ସହରର ଜଳ ପରିଚାଳନା ବ୍ୟବସ୍ଥାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଗୁରୁତ୍ୱପୂର୍ଣ୍ଣ ଜଳ ନିଷ୍କାସନ ଚ୍ୟାନେଲ ଓ ସମ୍ପୃକ୍ତ ଜଳାଶୟଗୁଡ଼ିକର ସ୍ଥିତିକୁ ଆକଳନ କରିବା ଶ୍ରୀମତୀ ପାଢ଼ୀଙ୍କ ଏହି ଗସ୍ତର ପ୍ରମୁଖ ଉଦ୍ଦେଶ୍ୟ ଥିଲା। ଏହି ଚ୍ୟାନେଲଗୁଡ଼ିକର ପ୍ରାକୃତିକ ପ୍ରବାହକୁ ସହଜ କରିବା ସହ ଅବରୋଧମୁକ୍ତ କରିବା ଏବଂ ପୁନରୁଦ୍ଧାର ଦିଗରେ ତୁରନ୍ତ ଓ ଦୀର୍ଘକାଳୀନ ପଦକ୍ଷେପ ଉପରେ ବିଶଦ ଆଲୋଚନା କରାଯାଇଥିଲା। ଶ୍ରୀମତୀ ପାଢ଼ୀ ଓ ତାଙ୍କ ଟିମ୍ ଜବରଦଖଲ ସମସ୍ୟା, ଢାଞ୍ଚାଗତ ପ୍ରତିବନ୍ଧକ ଓ ଏହି ସହରାଞ୍ଚଳ ଜଳସ୍ରୋତର ଜଳ ପରିବହନ କ୍ଷମତା ଏବଂ ପରିବେଶ ସନ୍ତୁଳନ ପାଇଁ ସମନ୍ୱିତ ଯୋଜନାର ଆବଶ୍ୟକତା ଉପରେ ମଧ୍ୟ ସମୀକ୍ଷା କରିଥିଲେ। ଶ୍ରୀମତି ପାଢ଼ୀ ଏକ ସାମଗ୍ରିକ ଆଭିମୁଖ୍ୟ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଅଧିକାରୀମାନଙ୍କୁ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## କୋଇଲା ବୋଝେଇ ଟ୍ରେନରେ ଅଗ୍ନିକାଣ୍ଡ

**ଟିଟିଲାଗଡ,୨୪।୫ (ସଂଚାର ବ୍ୟୁରୋ):** ସଇଁତଳା ବ୍ଲକ୍ ବଡ଼ମାଳ ରେଲୱେ ଷ୍ଟେସନ ରେ ଛିଡ଼ା ହୋଇଥିବା କୋଇଲା ବୋଝେଇ ଟ୍ରେନ ରେ ଅଗ୍ନିକାଣ୍ଡ । ସୂଚନା ମୁତାବକ ଗତ ୧୭ ତରିକ୍ ରୁ ଏକ କୋଇଲା ବୋଝେଇ ଟ୍ରେନ ଟି ବଡ଼ମାଳ ରେଲୱେ ଷ୍ଟେସନ ରେ ଛିଡ଼ା ହୋଇଥିବା ବେଳେ ଆଜି କୌଣସି କାରଣ ରୁ ଟ୍ରେନ ର ଦୁଇଟି ବଗିରେ ନିଆଁ ଲାଗିଯାଇଛି । ଫଳରେ ୧୦ ନମ୍ବର ବଗି ଉପରେ ଅଧିକ ପ୍ରଭାବିତ ହୋଇଥିଲା। ଏ ନେଇ ବଡ଼ମାଳ ଷ୍ଟେସନ ମାଷ୍ଟର ଅଗ୍ନିଶମ ବିଭାଗକୁ ଯୋଗାଯୋଗ କରିବାରୁ ସଇଁତଳା ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ଲାଗିଛନ୍ତି। ତେବେ ନିଆ ଲାଗିଥିବା କାରଣ ନେଇ କିଛି ଜଣାପଡ଼ିନଥିବା ବେଳେ ଅଗ୍ନିଶମ ବିଭାଗ ନିଆଁକୁ ଆୟତ୍ତ କରିଛି।

## ହାତୀ ଆକ୍ରମଣରେ ମହିଳା ମୃତ

**ମୟୂରଭଞ୍ଜ,୨୪।୫ (ସଂଚାର ବ୍ୟୁରୋ):** ହାତୀ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ ଘଟିଛି। କିନ୍ତୁ ଅଳ୍ପକେ ବର୍ତ୍ତିଛନ୍ତି ଶିଶୁ ପୁତ୍ର। ଏଭଳି ଘଟଣା ମୟୂରଭଞ୍ଜ ଜିଲ୍ଲା ବିଶୋଇ ରେଞ୍ଜ ଗାରଗାଡ଼ି ଜଙ୍ଗଲରେ ଘଟିଛି। ସୂଚନାନୁସାରେ, ଜଙ୍ଗଲରୁ କାଠିପତ୍ର ଆଣିବାକୁ ଯାଇଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯିବାରୁ ୨୭ ବର୍ଷିୟା ଚାରମି ନାଏକଙ୍କୁ ହାତୀ ଦଳିଦେଇଥିଲା। କିନ୍ତୁ ସେ ସାଙ୍ଗରେ ନେଇଥିବା ବର୍ଷକର ପୁଅକୁ ମା' ଦୂରରେ ଛାଡ଼ି ଯାଇଥିବାରୁ ସେ ବଞ୍ଚିଯାଇଛି। ତେବେ ରାସ୍ତାରେ ଯାଉଥିବା ଲୋକେ ଶିଶୁକୁ ଦେଖି ଉଦ୍ଧାର କରିଥିବା ବେଳେ ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚି ତଦନ୍ତ କରୁଥିବା ଜଣାପଡ଼ିଛି।

### କଟକ ଚଣ୍ଡୀ ମନ୍ଦିର ପ୍ରକଳ୍ପ କାର୍ଯ୍ୟ ବିଳମ୍ବିତ

# ସ୍ଥିତି ପରଖିଲେ ସାଂସଦ ଓ ଜିଲ୍ଲାପାଳ



**କଟକ,୨୪।୫(ସଂଚାର ବ୍ୟୁରୋ):** କଟକର ଅଧିଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀ ମନ୍ଦିର ପ୍ରକଳ୍ପ କାର୍ଯ୍ୟରେ ଅହେତୁକ ବିଳମ୍ବ ଘଟୁଛି। ଇତିମଧ୍ୟରେ ୫ ଥର ସମୟ ସୀମାକୁ ବଢ଼ାଯାଇଥିବା ବେଳେ ପ୍ରଳକ୍ପ କାର୍ଯ୍ୟ ଆରମ୍ଭ ହେବାର ୩ ବର୍ଷ ବିତିଯାଇଥିଲେ ବି ଅଦ୍ୟାବଧି ମାତ୍ର ୫୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଏହାକୁ ନେଇ କଟକ ସହରବାସୀ ଓ ଶ୍ରଦ୍ଧାଳୁଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ଏପରିକି ଏହି କାମରେ ହେଉଥିବା ଅହେତୁକ ବିଳମ୍ବ ନେଇ ଦୁଇ ଦିନ ତଳେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ବି ଦାଏର ହୋଇଛି। ତେବେ ଏପରି ବିଳମ୍ବର କାରଣ ପରଖିବା ସକାଶେ ଆଜି କଟକ ସାଂସଦ ଭର୍ତ୍ତୃହରି ମହତାବ, ସ୍ଥାନୀୟ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ଶିନ୍ଦେ ଅନ୍ୟ କେତେକ ଅଧିକାରୀଙ୍କ ସହ କଟକ ଚଣ୍ଡୀ ମନ୍ଦିରରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ଏଥିସହ ସେମାନେ ଆସନ୍ତା ଡିସେମ୍ବର ସୁଦ୍ଧା କାମ ସାରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। କିନ୍ତୁ ନିର୍ମାଣକାରୀ ସଂସ୍ଥା ଏଥିରେ ସହମତି ପ୍ରକାଶ କରିନଥିବା ଜଣାପଡ଼ିଛି। କାମ ସାରିବାକୁ ଅନ୍ତତଃ ପକ୍ଷେ ଆସନ୍ତା ବର୍ଷ ମାର୍ଚ୍ଚ ପର୍ଯ୍ୟନ୍ତ ସମୟ ଦେବାକୁ ନିର୍ମାଣକାରୀ ସଂସ୍ଥା ପକ୍ଷରୁ କୁହାଯାଇଛି। ଅଦ୍ୟାବଧି ମୁଖ୍ୟ ମନ୍ଦିରର କାମ ବି ଆରମ୍ଭ ହୋଇପାରିନାହିଁ। ତେବେ ସମସ୍ତ ପ୍ରକାର ଆଲୋଚନା ପରେ ଆଗାମୀ ୩ ମାସ ମଧ୍ୟରେ ପାର୍ଶ୍ୱ କାମ ଶେଷ କରି ମୁଖ୍ୟ ମନ୍ଦିରର କାମ ଆରମ୍ଭ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଇପିଏଫଓଙ୍କ ୭ କୋଟି ସବସ୍କ୍ରାଇବରଙ୍କ ଲାଗି ଖୁସି ଖବର

# ୮.୨୫% ସୁଧହାରକୁ ମିଳିଲା ସରକାରଙ୍କ ମଞ୍ଜୁରୀ




**ନୂଆଦିଲ୍ଲୀ ୨୪।୫:** କେନ୍ଦ୍ର ସରକାର ୨୦୨୪-୨୫ ଆର୍ଥିକ ବର୍ଷ ନିମନ୍ତେ ଏମ୍ପ୍ଲଇଜ ପ୍ରୋଭିଡେଣ୍ଟ ଫଣ୍ଡ (ଇପିଏଫ) ଲାଗି ୮.୨୫% ସୁଧହାର ପ୍ରସ୍ତାବରେ ମୋହର ଲଗାଇଛନ୍ତି। ଫଳରେ କର୍ମଚାରୀ ଭବିଷ୍ୟ ନିଧି ସଙ୍ଗଠନ (ଇପିଏଫଓ) ତାଙ୍କର ୭ କୋଟିରୁ ଅଧିକ ସବସ୍କ୍ରାଇବରଙ୍କ ପ୍ରୋଭିଡେଣ୍ଟ ଫଣ୍ଡ (ପିଏଫ) ଖାତାରେ ବାର୍ଷିକ ସୁଧ ପ୍ରଦାନ କରିପାରିବେ। ଉଲ୍ଲେଖଯୋଗ୍ୟ ଯେ ଇପିଏଫଓ ଫେବୃଆରୀ ୨୮ରେ ୨୦୨୪-୨୫ ଆର୍ଥିକ ବର୍ଷ ଲାଗି ୮.୨୫% ସୁଧହାର କାୟମ ରଖିବାକୁ ନିଷ୍ପତ୍ତି ନେଇଥିଲା। ଯାହା ଗତବର୍ଷର ସୁଧହାର ସହିତ ସମାନ।

ଧାର୍ଯ୍ୟ ସୁଧହାରକୁ ମଞ୍ଜୁରୀ ନିମନ୍ତେ କେନ୍ଦ୍ର ଅର୍ଥମନ୍ତ୍ରାଳୟକୁ ପଠାଯାଇଥିବା ବେଳେ ଏଥିରେ ଏବେ ମୋହର ବାଜିଛି। ଶ୍ରମମନ୍ତ୍ରାଳୟଙ୍କ ଜନୈକ ଅଧିକାରୀଙ୍କ ଅନୁସାରେ ପ୍ରସ୍ତାବିତ ସୁଧ ହାରକୁ ମନ୍ତ୍ରାଳୟଙ୍କ ସହମତି ମିଳିଛି। ଏଣୁ ଏ ବାବଦେ ମନ୍ତ୍ରାଳୟଙ୍କୁ ସୂଚନା ପଠାଇ ଦିଆଯାଇଛି। କେନ୍ଦ୍ର ଶ୍ରମ ଓ ରୋଜଗାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଅଧକ୍ଷତାରେ ଫେବୃଆରୀ ୨୮ ତାରିଖରେ ଅନୁଷ୍ଠିତ କେନ୍ଦ୍ରୀୟ ନ୍ୟାସୀ ବୋର୍ଡର ୨୩୮ତମ ବୈଠକରେ ଇପିଏଫ ସୁଧହାର ଉପରେ ନିଷ୍ପତ୍ତି ନିଆଯାଇଥିଲା। ଇପିଏଫଓ ଫେବୃଆରୀ ୨୦୨୪ରେ ୨୦୨୩-୨୪ ବର୍ଷ ନିମନ୍ତେ ସୁଧହାରକୁ ମାମୁଲି ବୃଦ୍ଧି କରି ୮.୨୫ % କରିଥିଲେ। ପୂର୍ବରୁ ୨୦୨୨-୨୩ରେ ଏହି ହାର ୮.୧୫% ଥିଲା। ସେହିପରି ମାର୍ଚ୍ଚ ୨୦୨୨ରେ ୨୦୨୧-୨୨ ବର୍ଷ ନିମନ୍ତେ ଇପିଏଫ ସୁଧହାରକୁ ୪ ଦଶନ୍ଧୀର ସବୁଠୁ ନିମ୍ନ ସ୍ତର ୮.୧% ଧାର୍ଯ୍ୟ କରିଥିଲେ। ତେବେ ଏହା ପୂର୍ବରୁ ୨୦୨୦-୨୧ରେ ଏହି ହାର ୮.୫% ଥିଲା।



## ଆପଲ ପରେ ଏବେ ସାମସଙ୍ଗକୁ ଟ୍ରମ୍ପଙ୍କ ଧମକ

ୱାଶିଂଟନ ଡିସି, ୨୪।୫: ଆପଲ ପରେ ଏବେ ସାମସଙ୍ଗକୁ ଟ୍ରମ୍ପଙ୍କ ଧମକ। ଆମେରିକାରେ ଫୋନ ତିଆରି ନ କଲେ ଲଗାଇବୁ ୨୫ ପ୍ରତିଶତ ଶୁଳ୍କ। ସ୍ମାର୍ଟଫୋନ୍ ମାର୍କେଟ୍‌ରେ ଆପଲ ପ୍ରତିଦ୍ୱନ୍ଦ୍ୱୀ କୁହାଯାଉଥିବା ଦକ୍ଷିଣ କୋରିଆ କମ୍ପାନୀ ସାମସଙ୍ଗ ଏବେ ଟ୍ରମ୍ପଙ୍କ ଧମକର ଶିକାର ହୋଇଛି। ଏହା ପୂର୍ବରୁ ନିଜ ଦେଶର କମ୍ପାନୀ ଆପଲକୁ ମଧ୍ୟ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ଧମକ ଦେଇଥିଲେ ଟ୍ରମ୍ପ। ଯାହାର ଚର୍ଚ୍ଚା ଥମି ନଥିବା ବେଳେ ଏବେ ସାମସଙ୍ଗକୁ ମଧ୍ୟ ସମାନ ଧମକ ମିଳିଛି। କେବଳ ସାମସଙ୍ଗ କାହିଁକି ଆମରିକାରେ ସ୍ମାର୍ଟଫୋନ ବିକ୍ରି କରୁଥିବା ସମସ୍ତ କମ୍ପାନୀକୁ ଟାରିଫ ଧମକ ଦେଇଛନ୍ତି ଟ୍ୟାକ୍ସ କିଂ ଟ୍ରମ୍ପ। ଆମେରିକା ରାଷ୍ଟ୍ରପତି ଭବନ ହ୍ୱାଇଟ୍ ହାଉସ୍‌ରେ ସାମ୍ବାଦିକମାନଙ୍କୁ ପ୍ରତିକ୍ରିୟା ଦେଇ ଟ୍ରମ୍ପ କହିଛନ୍ତି ଆମେରିକାର ସ୍ମାର୍ଟ୍‌ଫୋନ୍ ବିକ୍ରି କରୁଥିବା ଯେ କୌଣସି କମ୍ପାନୀ ଉପରେ ଟ୍ୟାକ୍ସ ଲାଗୁ ହେବ। ସେ କହିଛନ୍ତି "ଟ୍ୟାକ୍ସର ପରିସର ବଢ଼ିବ। ସାମସଙ୍ଗ ସମେତ ସ୍ମାର୍ଟଫୋନ୍ ଉତ୍ପାଦନ କରୁଥିବା ସମସ୍ତ କମ୍ପାନୀ ଏହାର ସମ୍ମୁଖୀନ ହେବେ। ନହେଲେ ଏହା ନିରପେକ୍ଷ ନିଷ୍ପତ୍ତି ହେବ ନାହିଁ। ତେବେ ଯଦି ସେମାନେ ଏଠାରେ ସେମାନଙ୍କର କାରଖାନା ଖୋଲିବେ ତେବେ କୌଣସି ଶୁଳ୍କ ଲାଗିବ ନାହିଁ।" ପ୍ରକୃତରେ ଟ୍ରମ୍ପ ଆମେରିକାରେ ହିଁ ସବୁ ମ୍ୟାନୁଫେକ୍ଚରିଂ କରିବାକୁ ଚାହୁଁଛନ୍ତି। ଏଥିପାଇଁ ସେ ଘରୋଇ କମ୍ପାନୀ ସମେତ ବିଭିନ୍ନ କମ୍ପାନୀ ଉପରେ ଚାପ ପକାଇବାକୁ ଶୁଳ୍କର ସାହାରା ନେଇଛନ୍ତି। ଏହା ପୂର୍ବରୁ ଆପଲକୁ ମଧ୍ୟ ଟ୍ରମ୍ପ ନିଜ ଦେଶରେ କାରଖାନା ଖୋଲିବାକୁ ଚାପ ସୃଷ୍ଟି କରିଥିଲେ। ଏନେଇ ସେ ସିଇଓ ଟିମ୍ କୁକ୍‌ଙ୍କ ସହିତ ବି ଆଲୋଚନା କରିଥିଲେ। ହେଲେ ଆମେରିକାରେ ଲେବର କଷ୍ଟ ସାଂଗକୁ ଅନ୍ୟାନ୍ୟ ସାମଗ୍ରୀରେ ଖର୍ଚ୍ଚ ଅଧିକ ହେଉଥିବାରୁ କମ୍ପାନୀ ସ୍ମାର୍ଟଫୋନ୍ ନିର୍ମାଣ କରିବାକୁ ରାଜି ହେଉ ନାହାନ୍ତି। ଏନେଇ ଟ୍ରମ୍ପ ସୋସିଆଲ୍ ମିଡିଆ ଟ୍ରୁଥ୍‌ରେ ଲେଖିଛନ୍ତି "ମୁଁ ବହୁ ପୂର୍ବରୁ ଆପଲର ସିଇଓ ଟିମ୍ କୁକଙ୍କୁ ଜଣାଇଛି ଯେ ମୋର ଆଶା ଆମେରିକାରେ ବିକ୍ରି ହେଉଥିବା ଆଇଫୋନଗୁଡ଼ିକ ଭାରତ କିମ୍ବା ଅନ୍ୟ କୌଣସି ସ୍ଥାନରେ ନୁହେଁ, ବରଂ ଆମେରିକାରେ ନିର୍ମିତ ହେବ।

## ଓଲା ଆରମ୍ଭ କଲା ଇଲେକ୍ଟ୍ରିକ ବାଇକ ରୋଡଷ୍ଟର ଏକ୍ସର ଡେଲିଭରି

**ବେଙ୍ଗାଲୁରୁ, ୨୪।୫:** ଓଲା ଇଲେକ୍ଟ୍ରିକ ଆଜିଠାରୁ ଏହାର ପ୍ରଥମ ଇଲେକ୍ଟ୍ରିକ୍ ବାଇକ୍ ରୋଡଷ୍ଟର ଏକ୍ସର ଡେଲିଭରି ଆରମ୍ଭ କରିଛି। କମ୍ପାନୀ ଏହାର ସୂଚନା ଏହାର ସୋସିଆଲ ମିଡିଆ ପ୍ଲାଟଫର୍ମରେ ସେୟାର କରିଛି। ଏହି ଇ-ବାଇକର ଡେଲିଭରି ପର୍ଯ୍ୟାୟକ୍ରମେ ଆରମ୍ଭ ହେବ ବୋଲି ଆଶା କରାଯାଉଛି। ଅଧିକାଂଶ ବାଇକ୍ ର ଡେଲିଭରି ବେଙ୍ଗାଲୁରୁ ସହରରୁ ଆରମ୍ଭ ହୋଇପାରେ। କମ୍ପାନୀ ଏକ୍ସ ସିରିଜରେ ୨ଟି ମଡେଲ୍ ରୋଡଷ୍ଟର ଏକ୍ସ ଏବଂ ରୋଡଷ୍ଟର ଏକ୍ସ ପ୍ଲସ ଲଞ୍ଚ କରିଛି। ଏହି ବାଇକ୍ ଗୁଡ଼ିକ ଗୋଟିଏ ଚାର୍ଜରେ ୫୦୧ କିଲୋମିଟର ରେଞ୍ଜ ଦେବ। ରୋଡଷ୍ଟର ଏକ୍ସକୁ ୩ଟି ବ୍ୟାଟେରୀ ପ୍ୟାକରେ ଏବଂ ରୋଡଷ୍ଟର ଏକ୍ସ ପ୍ଲସକୁ ୨ଟି ବ୍ୟାଟେରୀ ପ୍ୟାକରେ ଲଞ୍ଚ କରାଯାଇଛି। କମ୍ପାନୀ ଏହାର ଏକ୍ସ-ଶୋରୁମ୍ ମୂଲ୍ୟ ୮୪୯୯୯ ଟଙ୍କା ରଖିଛି। ଓଲାର ଏହି ବାଇକ୍ ସ୍ପୋର୍ଟି ଡିଜାଇନରେ ଅଛି। ଏଥିରେ



ସିଙ୍ଗଲ୍-ପିସ୍ ସିଟ୍, ସିଙ୍ଗଲ୍-ପିସ୍ ଗ୍ରାବରେଲ୍, ଆଲୟ ଚକ, ଫ୍ରଣ୍ଟ ଡିସ୍କ ବ୍ରେକ୍, ସିଙ୍ଗଲ୍-ଚ୍ୟାନେଲ୍ ଏବିଏସ, କ୍ରୁଜ୍ କଣ୍ଟ୍ରୋଲ୍, ରିଭର୍ସ ମୋଡ୍, ବ୍ରେକ୍-ବାଇ-ୱାୟାର ଭଳି ବୈଶିଷ୍ଟ୍ୟ ରହିଛି। ଏହା ବ୍ୟତୀତ, ଏଥିରେ ଚେନ୍ ଡ୍ରାଇଭ୍ ସହିତ ଏକ ଅଧିକ ଶକ୍ତିଶାଳୀ ମିଡ୍-ମାଉଣ୍ଟେଡ୍ ମୋଟର ଅଛି। ବାଇକର ଉଭୟ ସସପେନସନ ଶକ୍ତିଶାଳୀ ବୋଲି କୁହାଯାଉଛି ଯାହା ଖରାପ ରାସ୍ତାରେ ଆରାମଦାୟକ ଯାତ୍ରା ପ୍ରଦାନ କରେ।

ରୋଡଷ୍ଟର ଏକ୍ସରେ ୨.୫ କିଲୋୱାଟରୁ ୪.୫ କିଲୋୱାଟ ପର୍ଯ୍ୟନ୍ତ ଏକ ବ୍ୟାଟେରୀ ପ୍ୟାକ୍ ମିଳିଥାଏ। ଏହି ବାଇକର ରେଞ୍ଜ ୧୧୭ କିଲୋମିଟରରୁ ୨୦୦ କିଲୋମିଟର ପର୍ଯ୍ୟନ୍ତ ରହିଛି। ସେହି ସମୟରେ, ରୋଡଷ୍ଟର ଏକ୍ସ+ ରେ ୪.୫କିଲୋୱାଟରୁ ୪.୫ କିଲୋୱାଟ ପର୍ଯ୍ୟନ୍ତ ଏକ ବଡ଼ ବ୍ୟାଟେରୀ ପ୍ୟାକ୍ ଅଛି। ଏହି ଭାରିଆଣ୍ଟର ରେଞ୍ଜ ୨୫୨ କିଲୋମିଟରରୁ ୫୦୧ କିଲୋମିଟର ପର୍ଯ୍ୟନ୍ତ ରହିଛି ।

## 'ତନିସ୍କ'ର ନୂଆ କଲେକ୍ସନ 'ସ୍ରୋତିକା'

ଭୁବନେଶ୍ୱର, ୨୪।୫: ତନିସ୍କ ଏହାର ନୂଆ କଲେକ୍ସନ 'ସ୍ରୋତିକା'କୁ ଉନ୍ମୋଚନ କରିଛି। ଜୀବନ ଧାରାରୁ ଅନୁପ୍ରାଣିତ ଏହି ଗହଣାଗୁଡ଼ିକୁ କମ୍ପାନିର ସର୍କଲ୍ ବିଜନେସ୍ ମ୍ୟାନେଜର ଅରିନ୍ଦମ ପ୍ରାମାଣିକ ଓ କ୍ଲଷ୍ଟର ମାର୍କେଟିଂ ମ୍ୟାନେଜର ଶର୍ମିଳା ସେନ୍ ରୟ ଉନ୍ମୋଚନ କରିଥିଲେ। ଏହି ଅବସରରେ କମ୍ପାନି ପକ୍ଷରୁ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ଗ୍ରାହକମାନେ ସୁନା




ଗହଣା ଗଢ଼ା ମଜୁରି ଉପରେ ଓ ହୀରା ଗହଣା ମୂଲ୍ୟ ଉପରେ ୨୦ ପ୍ରତିଶତ ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହା ସହିତ ସୁନା ଗହଣା କ୍ରୟ ଉପରେ ଗ୍ରାମ୍ ପିଛା ୧୦୧ ଟଙ୍କାର ରିହାତି ପାଇପାରିବେ। ଏହି ଅଫର ଚଳିତ ମାସ ୨୩ରୁ ୨୬ ପର୍ଯ୍ୟନ୍ତ ଉପଲବ୍ଧ ହେବ। ତନିସ୍କରେ ସ୍ରୋତିକା, ଇଲାନ୍, ଟେଲ୍ସ ଅଫ୍ ମିସ୍ଟିକ୍, ଗ୍ଲାମ୍‌ଡେଜ୍, ଷ୍ଟ୍ରିଙ୍ଗ୍ ଇଟ୍, ଡୋର, ଆଭୀର, ରିଭା ବାୟ ତନିସ୍କ, ରିବା ଓ ନବରାଣୀ ଭଳି ଅନେକ ଆକର୍ଷଣୀୟ ଗହଣା କଲେକ୍ସନ ରହିଛି। ଏହି ଅବସରରେ ଶ୍ରୀ ପ୍ରାମାଣିକ କହିଛନ୍ତି ଯେ ଓଡ଼ିଶାବାସୀଙ୍କ ପାଇଁ ସ୍ୱତନ୍ତ୍ର ଭାବେ ସ୍ରୋତିକା କଲେକ୍ସନ ଅଣାଯାଇଛି। ରାଜ୍ୟରେ ଥିବା ତନିସ୍କ ଷ୍ଟୋର୍‌ଗୁଡ଼ିକରେ ସୁନା, ହୀରା ଓ ଫେଷ୍ଟିଭ୍ ଗହଣାର ବ୍ୟାପକ ସମ୍ଭାର ରହିଥିବା ସେ କହିଛନ୍ତି।

## ଖିମ୍‌ଜୀ ଜୁଏଲର୍ସ କଟକ ଷ୍ଟୋର୍‌ର ୧୪ତମ ବାର୍ଷିକ ପୂର୍ତ୍ତି

ଭୁବନେଶ୍ୱର, ୨୪।୫: ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ କଟକ ଷ୍ଟୋର୍‌ର ୧୪ତମ ବାର୍ଷିକୀ ପାଳନ କରାଯାଉଥିବା ବେଳେ ସ୍ୱତନ୍ତ୍ର ଅଫର ଘୋଷଣା କରାଯାଇଛି ଯାହା ଚଳିତ ମାସ ୨୩ରୁ ଜୁନ୍ ୧ ପର୍ଯ୍ୟନ୍ତ ବୈଧ ରହିବ। ଗ୍ରାହକମାନେ ସୁନା ଅଳଙ୍କାର ଓ ହୀରା ଅଳଙ୍କାରର ଗଢ଼ା ମଜୁରି ଉପରେ ଫ୍ଲାଟ୍ ୪୦ ପ୍ରତିଶତ ରିହାତି ପାଇପାରିବେ। ଏହି ଅବସରରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି ଯେ କଟକ ଷ୍ଟୋର୍‌ର ବର୍ଷ ପୂର୍ତ୍ତି ଆମ ପାଇଁ ଏକ ଐତିହାସିକ ଅବସର। ଆମ ଗ୍ରାହକମାନେ ବର୍ଷ ବର୍ଷ ଧରି ଯେଉଁ ବିଶ୍ୱାସ ଓ ପ୍ରତିବଦ୍ଧତା ପ୍ରଦର୍ଶନ କରିଛନ୍ତି, ସେଥିପାଇଁ ଆମେ ସେମାନଙ୍କୁ ଆନ୍ତରିକତାର ସହ ପ୍ରଶଂସା କରୁଛୁ। ଏହି ସଫଳତାକୁ ପାଳନ କରିବା ନିମନ୍ତେ ଆମ କୃତଜ୍ଞତା ସ୍ୱରୂପ ଆମେ ସ୍ୱତନ୍ତ୍ର ରିହାତି ପ୍ରଦାନ କରୁଛୁ। ଖିମ୍‌ଜୀ ଜୁଏଲର୍ସରେ ଆମେ ଗ୍ରାହକମାନଙ୍କୁ ଅନନ୍ୟ ମୂଲ୍ୟ ଓ ଏକ ସ୍ମରଣୀୟ କ୍ରୟ ଅନୁଭୂତି ପ୍ରଦାନ କରିବାକୁ ଉତ୍ସର୍ଗୀକୃତ ରହିଛୁ ଏବଂ ଗ୍ରାହକଙ୍କ ଆବଶ୍ୟକତା ଓ ପସନ୍ଦକୁ ସର୍ବାଗ୍ରେ ରଖିବା ସୁନିଶ୍ଚିତ କରୁଛୁ ବୋଲି ସେ କହିଛନ୍ତି। ଦୀର୍ଘ ୮୯ ବର୍ଷର ସମୃଦ୍ଧ ଐତିହ୍ୟ ସହ ଆକର୍ଷଣୀୟ କାରିଗରୀ ଓ ଅତୁଳନୀୟ ଗୁଣବତ୍ତା ପାଇଁ ସର୍ବତ୍ର ପରିଚିତ। କଟକ ଷ୍ଟୋର୍ ଦୀର୍ଘ ଏକ ଦଶନ୍ଧିରୁ ଅଧିକ ସମୟ ଧରି ବିଶ୍ୱାସ ଓ ସୌନ୍ଦର୍ଯ୍ୟର ପ୍ରତୀକ ହୋଇଛି। ରାଜ୍ୟରେ ଖିମ୍‌ଜୀର ୯ଟି ଷ୍ଟୋର୍ ରହିଛି।




## ଗାନ୍ଧି ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଏକ୍ସେଲେନ୍ସ ଟେକ୍ନୋକ୍ରାଟ୍ସକୁ ପୁରସ୍କାର




ଭୁବନେଶ୍ୱର, ୨୪।୫: ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ସର୍ବଶ୍ରେଷ୍ଠ ଅନୁଷ୍ଠାନ ରୂପେ ଗାନ୍ଧୀ ଇନଷ୍ଟିଚ୍ୟୁଟ୍ ଅଫ୍ ଏକ୍ସେଲେନ୍ଷ ଟେକ୍ନୋକ୍ରାଟ୍‌ସ ପୁରସ୍କାର ପାଇଛି। ଜିଆଇଇଟି ଘଙ୍ଗାପାଟଣାକୁ ଚଳିତ ମାସ ୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ଶିକ୍ଷା ନେତୃତ୍ୱ ପୁରସ୍କାର ସମାରୋହରେ ମଧ୍ୟ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଉପଲବ୍ଧି ପାଇଁ ଅନୁଷ୍ଠାନର ସଭାପତି ଡ. ସତ୍ୟ ପ୍ରକାଶ ପଣ୍ଡା, ଉପସଭାପତି ରାମ ନାରାୟଣ ସାବତ ଅନୁଷ୍ଠାନର ସମସ୍ତ ଶିକ୍ଷକ, କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ଭାରତର ପଡ଼ୋଶୀ ଦେଶରେ ଲୁଣ ସଙ୍କଟ

**କଲମ୍ବୋ, ୨୪।୫:** ଭାରତ ମହାସାଗରରେ ଭାରତର ନିକଟ ପଡ଼ୋଶୀ ଶ୍ରୀଲଙ୍କାରେ ଏକ ଗମ୍ଭୀର ଲୁଣ ସଙ୍କଟ ଦେଖାଦେଇଛି। ପ୍ରବଳ ବର୍ଷା ଯୋଗୁ ଦେଶରେ ଲୁଣ ଉତ୍ପାଦନ ବନ୍ଦ ହୋଇଯାଇଛି। ଯାହା ଫଳରେ ପୂର୍ବରୁ ଉତ୍ପାଦିତ ଲୁଣ ପାଣିରେ ମିଶିଯାଇଛି। ଯାହା ଯୋଗୁ ଶ୍ରୀଲଙ୍କାରେ ବ୍ୟବହାର ପାଇଁ ଆବଶ୍ୟକ ପରିମାଣର ଲୁଣ ନାହିଁ।

ଏପରି ପରିସ୍ଥିତିରେ ଲୋକମାନଙ୍କୁ ଲୁଣ କିଣିବା ପାଇଁ ସଂଘର୍ଷ କରିବାକୁ ପଡୁଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ସମୟରେ ଶ୍ରୀଲଙ୍କାରେ ଲୁଣର ଦର ବୃଦ୍ଧି ପାଇଛି। ସଙ୍କଟର ସୁଯୋଗ ନେଇ ଅନେକ ଲୋକ ଲୁଣର କଳାବଜାରୀ କରିବା ଆରମ୍ଭ କରିଛନ୍ତି। ଦେଶରେ ଲୁଣର ଦର ସ୍ୱାଭାବିକ ଅପେକ୍ଷା ତିନିରୁ ଚାରି ଗୁଣା ଅଧିକ ହୋଇଯାଇଛି। ଶ୍ରୀଲଙ୍କା ଗଣମାଧ୍ୟମ ରିପୋର୍ଟ ଅନୁସାରେ, ବର୍ତ୍ତମାନର ସଙ୍କଟ ଯୋଗୁ ଦେଶରେ ଲୁଣର ମୂଲ୍ୟ କିଲୋଗ୍ରାମ ପ୍ରତି ୧୪୫ ଟଙ୍କାରେ ପହଞ୍ଚିଛି। ଶ୍ରୀଲଙ୍କା ଏହାର ପ୍ରକୃତ ଲୁଣ ଆବଶ୍ୟକତାର ମାତ୍ର ୨୩% ଉତ୍ପାଦନ କରିଥାଏ। ଅନେକ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଛି ଯେ ଭାରତ ୩,୦୫୦ ମେଟ୍ରିକ୍ ଟନ୍ ଲୁଣ ପଠାଇ ପଡ଼ୋଶୀକୁ ସାହାଯ୍ୟ କରିବାକୁ ଆଗେଇ ଆସିଛି।



ଗଣମାଧ୍ୟମ ରିପୋର୍ଟ ଅନୁସାରେ, ମୋଟ ପଠାଯାଇଥିବା ଲୁଣ ମଧ୍ୟରୁ ୨,୮୦୦ ମେଟ୍ରିକ୍ ଟନ୍ ଭାରତର ନ୍ୟାସନାଲ୍ ଲୁଣ କମ୍ପାନିର।ତେବେ ବାକି ୨୫୦ ମେଟ୍ରିକ୍ ଟନ୍ ଘରୋଇ କ୍ଷେତ୍ରର କମ୍ପାନିଗୁଡ଼ିକ ଦ୍ୱାରା ପଠାଯାଇଛି। ଲୁଣ ଉତ୍ପାଦକ ସଂଘ କହିଛି ଯେ, ସରକାରଙ୍କ ଦ୍ୱାରା ୩୦,୦୦୦ମେଟ୍ରିକ୍ ଟନ୍ ଅଣଆୟୋଡିନ୍ ଲୁଣ ଆମଦାନୀରେ ବିଳମ୍ବ ପରିସ୍ଥିତିକୁ ଆହୁରି ଖରାପ କରିଛି।

ଶ୍ରୀଲଙ୍କାର ଲୋକମାନେ ସୋସିଆଲ ମିଡିଆରେ ଖାଲି ଦୋକାନର ଫଟୋ ସେୟାର କରିଛନ୍ତି, ଯେତେବେଳେ ଅନେକ କହିଛନ୍ତି ଯେ, ସେମାନେ ବହୁତ ଖୋଜାଖୋଜି କରିବା ପରେ ମଧ ଦୋକାନରୁ ଲୁଣ ପାଉ ନାହାନ୍ତି। ଏହା ପୂର୍ବରୁ, ଶ୍ରୀଲଙ୍କା ଦୁଇ ବର୍ଷ ପୂର୍ବେ ଏକ ଗମ୍ଭୀର ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିଲା। ଯାହା ଦେଶକୁ ଖାଦ୍ୟ ସୁରକ୍ଷା ଆଡକୁ ଠେଲି ଦେଇଥିଲା ଏବଂ ଶ୍ରୀଲଙ୍କାରେ ଅତ୍ୟାବଶ୍ୟକୀୟ ସାମଗ୍ରୀର ଘୋର ଅଭାବ ଦେଖାଦେଇଥିଲା।

ଆର୍ଥିକ ସଙ୍କଟ ଯୋଗୁ, ୬୦ ଲକ୍ଷରୁ ଅଧିକ ଲୋକ ଏବେ ବି ଖାଦ୍ୟ ସୁରକ୍ଷାର ସମ୍ମୁଖୀନ ହେବାକୁ ବାଧ ହେଉଛନ୍ତି ଏବଂ ଦେଶର ୨୮% ରୁ ଅଧିକ ଜନସଂଖ୍ୟା ଏହି ପରିସ୍ଥିତି ଯୋଗୁ ପ୍ରଭାବିତ। ଏହି ସଙ୍କଟ ପଛରେ ଅନେକ କାରଣ ରହିଛି, ଯେପରିକି ବୈଦେଶିକ ମୁଦ୍ରା ଭଣ୍ଡାର ହ୍ରାସ, କୃଷି କ୍ଷେତ୍ରରେ ଭୁଲ୍ ନୀତି ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳାରେ ବାଧା। ଲୁଣ ସଙ୍କଟ ସମୟରେ ଭାରତ ଶ୍ରୀଲଙ୍କାକୁ ଲୁଣ ପଠାଇଛି। ତେବେ ଯେଉଁ ସମୟରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧ ପରିସ୍ଥିତି ଥିଲା, ସେହି ସମୟରେ ଶ୍ରୀଲଙ୍କା ପକ୍ଷରୁ ଏକ ବିବୃତି ଜାରି କରାଯାଇଥିଲା ଯେଉଁଥିରେ ସ୍ପଷ୍ଟ ଭାବରେ କୁହାଯାଇଥିଲା ଯେ, କୌଣସି ଦେଶକୁ ଭାରତ ବିରୁଦ୍ଧରେ ଶ୍ରୀଲଙ୍କାର ଭୂମି ଏବଂ ଜଳ ବ୍ୟବହାର କରିବାକୁ ଅନୁମତି ଦିଆଯିବ ନାହିଁ। ଏହା ଭାରତ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ଥିଲା, କାରଣ ଏହା ଭାରତ ମହାସାଗରରୁ ବିପଦକୁ ଦୂର କରିଥିଲା।

### ଆଜିର ସୁନା ଦର



ଉଭୟ ୨୨ ଓ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର ବଢ଼ିଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୮, ୦୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୮, ୦୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୯୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୮, ୦୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯, ୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୨୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୦,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୮, ୦୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯, ୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୮, ୦୮୦ ଓ ୮୯, ୯୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯,୯୦୦ ଟଙ୍କା ହୋଇଛି।

### ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ସ୍ଥିର ରହିଛି। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।

# ଗ୍ରାହକଙ୍କୁ ଉତ୍ତମ ବ୍ୟବହାର ଦେଉନାହାନ୍ତି ବ୍ୟାଙ୍କ କର୍ମଚାରୀ

**କଳାହାଣ୍ଡି,୨୪।୫ (ସଂଚାର ବ୍ୟୁରୋ):** ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆକୁ ପ୍ରତ୍ୟେକ ଭାରତୀୟ ମାନଙ୍କ ବ୍ୟାଙ୍କ ବୋଲି ମାନ୍ୟତା ରହିଛି ଏବଂ ଲୋକମାନେ ମଧ୍ୟ ଉକ୍ତ ବ୍ୟାଙ୍କକୁ ବହୁତ ପସନ୍ଦ କରୁଛନ୍ତି । କିନ୍ତୁ ଏବେ ଦିନକୁ ଦିନ ଏହି ବ୍ୟାଙ୍କର କିରାଣୀ ଠାରୁ ଆରମ୍ଭ କରି ସିକ୍ୟୁରୁଟିଙ୍କ ଆକ୍ରୋଶର ଶିକାର ହେବାକୁ ପଡୁଛି ଅନେକ ଗ୍ରାହକଙ୍କୁ । ତାଛଡା ଗ୍ରାହକ ମାନଙ୍କୁ ଉତ୍ତମ ବ୍ୟବହାର ଦେବାରେ କୁଣ୍ଠାବୋଧ କରୁଛନ୍ତି ବ୍ୟାଙ୍କ କର୍ମଚାରୀ। ଖାତାଧାରୀ ନିଜ ଖାତାର ଲେଣ ଦେଣର ବିବରଣୀ ଉପରେ ଯାହା ପଚାରିଲେ ରାଗି ଯାଉଛନ୍ତି ବ୍ୟାଙ୍କ୍ କର୍ମଚାରୀ । ବେଳେ ବେଳେ ବ୍ୟାଙ୍କର ସିକ୍ୟୁରୁଟିର ଆକ୍ରୋଶର ଶିକାର ମଧ୍ୟ ହେବାକୁ ପଡେ ଏଠିକାର ଗ୍ରାହକଙ୍କୁ। ବ୍ୟାଙ୍କକୁ ନିଜ କାମ ନେଇ ଗଲେ ବିଭିନ୍ନ ପ୍ରକାର କଥା କହି ତଡ଼ି ଦିଉଛନ୍ତି ସିକ୍ୟୁରୁଟି ବାବୁ । ଏଭଳି ଏକ ଖବର ସାମ୍ନାକୁ ଆସିଛି କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ୍ ମୁଖ୍ୟାଳୟ ସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କରୁ।




ମିଳିଥିବା ସୂଚନା ଅନୁଯାୟୀ ଉକ୍ତ ବ୍ୟାଙ୍କର ଜଣେ ଗ୍ରାହକ ନିଜ ଜମା ଖାତାର ଲେଣ ଦେଣ ବିବରଣୀ (ଷ୍ଟେଟମେଣ୍ଟ) ଏବଂ ଖାତାରୁ ଟଙ୍କା କଟିଥିବା କାରଣ ସହ ତାଙ୍କ ଏକ ସରକାରୀ ବୀମାର ଆବେଦନ କରି ପାଖାପାଖି ୧୫ରୁ ୨୦ ଦିନ ବିତିଯାଇଛି। ସେଥିପାଇଁ ସେ ଯାଇ କାହିଁକି ଆପଣ ବୀମା କରୁନାହାନ୍ତି ବୋଲି କାଉଣ୍ଟରରେ ବସିଥିବା କର୍ମଚାରୀଙ୍କୁ ପଚାରିବାରୁ ଗ୍ରାହକଙ୍କୁ ଇଆଡୁ ସେଆଡୁ ଓଲଟା ପାଲଟା ପ୍ରଶ୍ନ ପଚାରି ସିଧା ଗ୍ରାହକଙ୍କ ଉପରେ ରାଗିଯାଇ ନାଲି ଆଖି ଦେଖାଇବା ସହ ନିଜଦୋଷ ଗ୍ରାହକଙ୍କ ଉପରେ ଢାଳିବା ଭଳି କଥା କଟା କଟି ସ୍ଥିତ ଦେଖାଦେଇଥିବା ବେଳେ ଶେଷରେ ଗ୍ରାହକଙ୍କୁ ଦୁର୍ବ୍ୟବହାର କରିଛନ୍ତି ବ୍ୟାଙ୍କ୍ କର୍ମଚାରୀ । ଗ୍ରାହକ ପଚାରିଲେ କହୁଛନ୍ତି କି ଆମ ଇଚ୍ଛା ହେଲେ ଦେଖିବୁ ନହେଲେ ନାହିଁ ତମର କିଛି ଅଧିକାର ନାହିଁ, ଆମକୁ କିଛି କହିବ ନାହିଁ କିମ୍ବା ତମେ ଆମ ବ୍ୟାଙ୍କକୁ ଆସୁଛ କାହିଁକି ? ଆମେ କଣ ତମକୁ ଡାକିଲୁ କି ତମର ଟଙ୍କା କାହିଁକି କଟିଲା ତାହା ଆମେ କେମିତି ଜାଣିବୁ ବୋଲି କହିବା ସହ ଜୋର୍ ପାଟି ରେ ଗ୍ରାହକଙ୍କୁ ଥାର୍ଡ ଡିଗ୍ରୀ ଦେଲା ଭଳି ଶବ୍ଦ ବ୍ୟବହାର କରିଥିଲେ କିରାଣୀ । ପରେ ଏହି ଘଟଣାକୁ ନେଇ ବ୍ୟାଙ୍କ ମ୍ୟାନେଜର ଜୟ କୃଷ୍ଣ ମେହେରଙ୍କୁ ଅବଗତ କଲାପରେ ସଙ୍ଗେ ସଙ୍ଗେ ବ୍ୟାଙ୍କ୍ ଷ୍ଟେଟମେଣ୍ଟ କାଢିଦେଇ ଆସନ୍ତା ସପ୍ତାହ ମଧ୍ୟରେ ଆପଣଙ୍କ ବୀମା ନିଶ୍ଚିତ ଭାବରେ ଆମେ କରି ଦେଉଛୁ ବୋଲି କହିଥିଲେ ।

ଲୋକଙ୍କ କହିବା କଥା ଜିଲ୍ଲାର ଅନ୍ୟ ବ୍ଲକର ବ୍ୟାଙ୍କ ଭଳି ଆମ ବ୍ଲକରେ ନାହିଁ। ସେଠାରେ ଗ୍ରାହକଙ୍କ ସୁବିଧା ପାଇଁ ଅନେକ କିଛି ବ୍ୟବସ୍ଥା ଥାଏ ମାତ୍ର ଏହି ବ୍ୟାଙ୍କରେ ସେଭଳି କୌଣସି ବ୍ୟବସ୍ଥା ନାହିଁ, ଏପରିସ୍ଥଳେ ଗ୍ରାହକଙ୍କୁ ପାଇଁ ଏହି ଭୀଷଣ ଖରା ସମୟରେ ପାଣି ଟୋପାଏ ପାଇବା ଭଳି କୌଣସି ବ୍ୟବସ୍ଥା କରାଯାଇନାହିଁ। ଏଦିଗରେ ଷ୍ଟେଟ୍ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷ ଏହିଭଳି ସମ୍ବେଦନଶୀଳ ଘଟଣାର ନିରପେକ୍ଷତାର ସହ ତଦନ୍ତ କରି ଗ୍ରାହକ ମାନଙ୍କୁ କିଭଳି ଭାବରେ ଉତ୍ତମ ସେବା ଯୋଗାଇ ଦିଆଯାଇପାରିବ ସେ ଦିଗରେ ପଦକ୍ଷେପ ନେବା ନିହାତି ଭାବରେ ଆବଶ୍ୟକ ରହିଛି । ବ୍ୟାଙ୍କ୍ କର୍ମଚାରୀ ଗରିବ ନିରୀହ ଲୋକଙ୍କ ଉପରେ ଆଗାମୀ ଦିନରେ ଯେଭଳି ଆଉ ଅତ୍ୟାଚାର କରନ୍ତୁ ନାହିଁ ବୋଲି ଦାବୀ କରିବା ସହ ଏଭଳି ଗ୍ରାହକଙ୍କ ସହ ଭଲ ସମ୍ପର୍କ ରଖି ପାରୁନଥିବା କର୍ମଚାରୀଙ୍କ ବିରୋଧରେ ବ୍ୟାଙ୍କ୍ ଉଚ୍ଚ କର୍ତ୍ତୃପକ୍ଷ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ଦାବୀ ହେଉଛି ।



# ନଳକୂପ ମରାମତି ପାଇଁ ଗ୍ରାମବାସୀଙ୍କ ଦାବି

**ଗୋଛାପଡା,୨୪।୫ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାହିରାଜୁ ଗ୍ରାମପଞ୍ଚାୟତ ଅଧୀନରେ ଥିବା ବୃଡିଗୁଡ଼ା ୱାର୍ଡରେ ଥିବା ଗୋଟିଏ ନୁହେଁ ୫ଟି ନଳକୂପ ୪/୫ମାସ ହେବା ଅଚଳା ଅବସ୍ଥାରେ ପଡ଼ି ରହିଛି। ବୃଡିଗୁଡ଼ା ଛକ ନିକଟରେ ଥିବା ନଳକୂପ ୩ ମାସ ହେବ ଅଚଳ ହେଇପଡ଼ିଥିବା ବେଳେ ପୂର୍ବତନ ସରପଞ୍ଚଙ୍କ ଘର ସାମ୍ନାରେ ଥିବା ନଳକୂପଟି ମଧ ୧ମାସ ହେବ ଅଚଳ ହେଇଛି। ସେହିପରି ପୁରୁଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ନିକଟରେ ଥିବା ନଳକୂପ ମଧ ୧ ମାସ ହେବ ଅଚଳାବସ୍ଥାରେ ରହିଥିବା ବେଳେ ବୃଡିଗୁଡ଼ା ମଣ୍ଡପ ସାହିରେ ଥିବା ନଳକୂପ ପାଖାପାଖି ୪ ମାସ ହେବ ଅଚଳାବସ୍ଥାରେ ପଡ଼ିରହିଛି। ସାହି ଭିତରେ ଗୋଟିଏ ନଳ କୂପ ଅଛି ସେଇଟା ମଧ ଖରାପ ହେଇଛି। ଅଭିଯୋଗ ମୁତାବକ ବୃଡିଗୁଡ଼ା ୱାର୍ଡରେ ୫ଟି ନଳକୂପ ଖନନ କରାଯାଇଛି ହେଲେ ସେଥିମଧରୁ ଗୋଟିଏ ମଧ ନଳକୂପ ସଚଳ ନାହିଁ। ବୃଡିଗୁଡ଼ା ୱାର୍ଡବାସୀଙ୍କ ପାଇଁ ଦୁଃଖ ଏବଂ ପରିତାପର ବିଷୟ ୱାର୍ଡ ମେମ୍ବର ଠାରୁ ଆରମ୍ଭ କରି ସରପଞ୍ଚଙ୍କ ପର୍ଯ୍ୟନ୍ତ ନଳକୂପ ମରାମତି କରିବା ପାଇଁ ବାରମ୍ବାର ଦାବିକରି ଆସୁଥିଲେ ବି କେହି ଶୁଣୁନାହାନ୍ତି ବୋଲି ବୃଡିଗୁଡ଼ା ୱାର୍ଡବାସୀ ଅଭିଯୋଗ କରିଛନ୍ତି। ଲୋକେ ପାଣିପାଇଁ ତହଳ ବିକଳ ହେଉଥିବା ବେଳେ ବ୍ଲକ ପ୍ରଶାସନ କୁମ୍ଭ କର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ନଳକୂପ ଖରାପ ହେବାପରେ ବୃଡିଗୁଡ଼ା ୱାର୍ଡବାସୀ ଚୂଆପାଣି ଉପରେ ହିଁ ନିର୍ଭର କରି ଆସୁଛନ୍ତି।

# ଗରିବ ବ୍ରାହ୍ମଣପିଲାଙ୍କ ସାମୂହିକ ବ୍ରତୋପନୟନ କଲା ଗଡଜାତ ବ୍ରାହ୍ମଣ ସମାଜ



**ନୀଳଗିରି,୨୪।୫ (ସଂଚାର ବ୍ୟୁରୋ):** ନୀଳଗିରି ଗଡଜାତ ମାଟିର ଗଡ ବ୍ରାହ୍ମଣ ସମାଜ ଆଜି ପ୍ରଥମଥର ତିନିଜଣ ଗରୀବବ୍ରାହ୍ମଣ ପିଲାଙ୍କର ନିଶୁଳ୍କ ବ୍ରତୋପନୟନ କରି ଏକ ଉଦାହରଣ ସୃଷ୍ଟି କରିଛନ୍ତି। ସୂଚନା ଅନୁଯାୟୀ ଗତ ଶୁକ୍ରବାର ମଦ୍ଧାହ୍ନରେ ନୀଳଗିରି ଠାକୁରମାହାଲ୍ ଅନ୍ତର୍ଗତ ରାଧାକିଶୋର ଯାତ୍ରୀନିବାସ ପରିସରରେ ୧୯୬୪ମସିହାରେ ପ୍ରତିଷ୍ଠା ହୋଇଥିବା ଗଡଜାତ ବ୍ରାହ୍ମଣ (ଗଡବ୍ରାହ୍ମଣ) ତିନିଜଣ ଗରୀବ ବ୍ରାହ୍ମଣ ପିଲାଙ୍କର ସାମୁହିକ ବ୍ରତୋପନୟନ କରାଯାଇଥିଲା। ରେମୁଣା ପ୍ରଶାନ୍ତ ପଣ୍ଡାଙ୍କ ପୁଅ ରବୀନ୍ଦ୍ର ପଣ୍ଡା, ବାଲିଆ ଅଞ୍ଚଳର ପ୍ରଦୀପ୍ତ ମହାପାତ୍ରଙ୍କ ସୁପୁତ୍ର ଓମପ୍ରକାଶ ମହାପାତ୍ର, ଏବଂନୀଳଗିରିର ହୃଷୀକେଶ ପଣ୍ଡାଙ୍କ ପୁଅ ନିହାର ପଣ୍ଡାଙ୍କ ବ୍ରାହ୍ମଣ ସମାଜ ଦ୍ୱାରା ବ୍ରତୋପନୟନ କରାଯାଇଥିଲା। ଗଡ ବ୍ରାହ୍ମଣସମାଜ ସଭାପତି ରବୀନ୍ଦ୍ର ପଣ୍ଡା, ସମ୍ପାଦକ ଦେବେନ୍ଦ୍ର ନନ୍ଦ, ମୁଖ୍ୟପୂଜକ ରାମକୃଷ୍ଣ ପଣ୍ଡା, ବ୍ରହ୍ମା ସରୋଜ ନନ୍ଦ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶାନ୍ତନୁ ନନ୍ଦ, ବିନେଶ୍ ଶତପଥୀ, ପଞ୍ଚାନନ ପତି, ହେମନ୍ତ ମହାପାତ୍ର, ବିଷ୍ଣୁମୋହନ ଆଚାର୍ଯ୍ୟ, ପ୍ରହରାଜ ପ୍ରମୋଦ ମହାପାତ୍ର, ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ସହାୟତା କରିବା ସହିତ ପରିଚାଳନାରେ ସହଯୋଗ କରିଥିଲେ। ନୀଳଗିରି ପୋଲିସ ଅଧୀକ୍ଷକ ପ୍ରମୋଦ ମଲ୍ଲିକ, ଏନଏସି ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡା , ସମାଜସେବୀ ସୁରଞ୍ଜନ ମହାପାତ୍ର, ସଞ୍ଜନ ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ବ୍ରହ୍ମଚାରୀ ମାନଙ୍କୁ ଆଶୀର୍ବାଦ କରିଥିଲେ। ଚଳିତବର୍ଷ ଠାରୁ ଆରମ୍ଭ ହୋଇଥିବା ଏଭଳି କାର୍ଯ୍ୟ ଆଗାମୀ ବର୍ଷ ମାନଙ୍କରେ ଅନୁଷ୍ଠିତ ହେବବୋଲି ବ୍ରାହ୍ମଣସମାଜ ସୂଚନା ଦେଇଛନ୍ତି।

# ଅପରେସନ ସିନ୍ଦୂରର ସଫଳତା ପାଇଁ ତ୍ରିରଙ୍ଗା ଶୋଭାଯାତ୍ରା



**ଯାଜପୁର,୨୪।୫ (ସଂଚାର ବ୍ୟୁରୋ):** ପହେଲଗାଓଁ ଠାରେ ପର୍ଯ୍ୟଟକମାନଙ୍କ ଉପରେ ଆତଙ୍କବାଦୀଙ୍କ ଆକ୍ରମଣ ଓ ବର୍ବରୋଚିତ ହତ୍ୟାକାଣ୍ଡରେ ବହୁ ପର୍ଯ୍ୟଟକ ମୃତ୍ୟୁବରଣ କରିଥିଲେ। ଆତଙ୍କବାଦୀମାନେ ଧର୍ମ ପଚାରି ବିଶେଷକରି ପୁରୁଷ ଲୋକମାନଙ୍କୁ ହତ୍ୟା କରିଥିଲେ । ଫଳରେ ବହୁ ନାରୀ ସେମାନଙ୍କର ସିନ୍ଦୂର ହରାଇଥିଲେ। ଆତଙ୍କବାଦକୁ ଦମନ କରିବା ଆତଙ୍କିଙ୍କ ଆକ୍ରମଣରେ ଜୀବନ ହରାଇଥିବା ବ୍ୟକ୍ତିଙ୍କ ପରିବାରକୁ ଟିକିଏ ସାନ୍ତ୍ୱନା ଦେବାର ଲକ୍ଷ୍ୟ ନେଇ ଭାରତ ସରକାର ଅପରେସନ ସିନ୍ଦୂର ଜାରି କରିଥିଲେ । ଭାରତୀୟ ସୈନ୍ୟମାନେ ପାକିସ୍ତାନର ୯ ଗୋଟି ଆତଙ୍କି ଆଡ୍ଡାକୁ ନଷ୍ଟ କରିବା ସହ ବହୁ ଆତଙ୍କିଙ୍କୁ ନିପାତ କରିଥିଲେ । ଏହି ଅପରେସନ ସିନ୍ଦୂରରେ ନିଜ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବା ଭାରତମାତାର ବୀର ଜବାନ ଯେଉଁମାନେ ସହୀଦ ହେଲେ ସେମାନଙ୍କୁ ସମ୍ମାନ ଜଣାଇବା ଏବଂ ଅନ୍ୟ ଜବାନମାନଙ୍କୁ ଉତ୍ସାହିତ କରିବା ପାଇଁ ଯାଜପୁର ନଗର ତ୍ରିରଙ୍ଗା ପଦଯାତ୍ରା କମିଟି ସଭାପତି ତଥା ଯାଜପୁର ବିଜେପି ନଗର ସଭାପତି ଇଂ ତପନ କୁମାର ନାୟକଙ୍କ ନେତୃତ୍ୱରେ ଶୁକ୍ରବାର ଅପରାହ୍ନ ୫ ଘଟିକା ସମୟରେ ଯାଜପୁର ସହରର ଜଗନ୍ନାଥ ମନ୍ଦିର ନିକଟରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଗାନ୍ଧିଛକ ଠାରେ ଗାନ୍ଧି ମୂର୍ତିରେ ପୁଷ୍ପମାଲ୍ୟ ଦେଇ ଶୋଭାଯାତ୍ରା ସମାପ୍ତ ହୋଇଥିଲା ।

ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବରିଷ୍ଠ ବ୍ୟକ୍ତି, ଯୁବକ ଓ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତାମାନଙ୍କ ସହ ଯାଜପୁର ଭାରତୀୟ ଜନତା ପାର୍ଟିର ସଭାନେତ୍ରୀ ଦେବଜାନୀ ପ୍ରଧାନ, ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ଡ଼ା ଐଶ୍ୱର୍ଯ୍ୟା ବିଶ୍ୱାଳ, ଉପସଭାନେତ୍ରୀ ମନିଷା ବେହେରା, ରାଜ୍ୟ ଯୁବମୋର୍ଚ୍ଚା ଉପସଭାପତି ସଂଗ୍ରାମ କେଶରୀ ପାତ୍ର, ଜିଲ୍ଲା ଉପ ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ସଞ୍ଜୟ ନାୟକ, ଯୁବନେତା ଲକ୍ଷ୍ମୀନାରାୟଣ ମଲ୍ଲିକ ଯୋଗଦେଇଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଏହି ଅପରେସନ ସିନ୍ଦୂର ଓ ତିନି ସେନାର ସେନା ଅଧିକାରୀମାନଙ୍କୁ ବିଶେଷ କରି କର୍ଣ୍ଣେଲ ସୋଫିଆ କ୍ୟୁରୋସି ଓ ୱିଙ୍ଗ୍ କମାଣ୍ଡର ବ୍ୟୋମିକା ସିଂହଙ୍କ କାର୍ଯ୍ୟକୁ କାର୍ଯ୍ୟକ୍ରମରେ ଭାଗ ନେଇଥିବା ବ୍ୟକ୍ତିମାନେ ଭୂୟଶୀ ପ୍ରଶଂସା କରିଥିଲେ।

# ପ୍ରଶାସନ ଦ୍ୱାରା 'ଗାଁ ଆମ୍ବ ପସରା'ର ଶୁଭାରମ୍ଭ



**ସୁନ୍ଦରଗଡ଼,୨୪।୫ (ସଂଚାର ବ୍ୟୁରୋ):** ଆମ୍ବ ବିକ୍ରୟକୁ ପ୍ରୋତ୍ସାହନ ଯୋଗାଇବା ତଥା ମହିଳା ଚାଷୀ ମାନଙ୍କୁ ସହଯୋଗ କରିବା ଉଦ୍ଦେଶ୍ୟରେ ଶୁକ୍ରବାର "ଗାଁ ଆମ୍ବ ପସରା" ବା "ମେଙ୍ଗୋ ଅନ୍ ହ୍ୱିଲ୍ସ" କାର୍ଯ୍ୟକ୍ରମର ଆରମ୍ଭ କରାଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନ ବିକାଶ ଭବନ ପରିସରରୁ ପତାକା ଦେଖାଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଏଥିରେ ବିଭିନ୍ନ କିସମର ଆମ୍ବ, ସପୁରୀ , ଲିଚୁ ଆଦି ଉପଲବ୍ଧ ହେଉଅଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ମହାଜନ ଲେଫ୍ରିପଡ଼ା ଏବଂ ନୂଆଗାଁ ବ୍ଲକର କୃଷକ ଉତ୍ପାଦକ ସଂଘର ସଦସ୍ୟଙ୍କୁ ସେମାନଙ୍କର ଅମଳ କ୍ଷମତା ବୃଦ୍ଧି କରିବା ପାଇଁ ଆଧୁନିକ ଆମ୍ବ ତୋଳା ମେସିନ୍ ପ୍ରଦାନ କରିଥିଲେ। ଅନ୍ୟ ପକ୍ଷରେ ଲେଫ୍ରିପଡ଼ା ଏବଂ ନୂଆଗାଁ କୃଷକ ଉତ୍ପାଦକ ସଂଘ ମହିଳା ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଆମ୍ବ ଏବେ ସୁନ୍ଦରଗଡ଼ ଏବଂ ରାଉରକେଲାରେ ବିଭିନ୍ନ ପ୍ରଦର୍ଶନୀ ମାଧମରେ ବିକ୍ରି ହେଉଛି। ପ୍ରଶାସନର ଏହି ପଦକ୍ଷେପ ମହିଳା ଚାଷୀମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ସହ ସ୍ଥାନୀୟ ଉତ୍ପାଦକୁ ବଜାରକୁ ଆଣିବା କ୍ଷେତ୍ରରେ ବିଶେଷ ସହାୟକ ହେବ।

# ଏସ୍‌ପିଙ୍କୁ ଭେଟି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କଲେ ଏସି/ଏସ୍‌ଟି ସଂଖ୍ୟାଲଘୁ ସଙ୍ଗଠନ



**ସୋନପୁର,୨୪।୫ (ସଂଚାର ବ୍ୟୁରୋ):** ସୋନପୁରର ନୂତନ ଭାବେ ଏସପି ଭାବେ ଯୋଗଦାନ କରିଥିବା ନାରାୟଣ ନାୟକଙ୍କୁ ସୁବର୍ଣ୍ଣପୁର ଜିଲ୍ଲାର ଅନୁସୂଚିତ ଜାତି, ଅନୁସୁଚିତ ଜନଜାତି ଏବଂ ପଛୁଆବର୍ଗ ଓ ସଂଖ୍ୟାଲଘୁ ଏକତା ମଞ୍ଚ ତରଫରୁ ଭେଟି ସ୍ୱାଗତ କରିବା ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ସଙ୍ଗଠନ ତରଫରୁ ବରିଷ୍ଠ ଅବସରପ୍ରାପ୍ତ ଡୁଙ୍ଗୁରିପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଚ୍ୟୁତ ଛତର ଏବଂ ଯୁବ ସମାଜସେବୀ ରାକେଶ ନାଗ ଉପସ୍ଥିତ ଥିଲେ।

# ଶିକ୍ଷୟିତ୍ରୀ ଘରେ ନ ଥିବା ବେଳେ କଳାକନା ବୁଲାଇଲେ ଚୋର

**ଫୁଲବାଣୀ,୨୪।୫ (ସଂଚାର ବ୍ୟୁରୋ):** ଖଜୁରୀପଡ଼ା ପଞ୍ଚାୟତ ପାଖ ଏକ ଶିକ୍ଷୟତ୍ରୀଙ୍କ ଘରୁ ଚୋର କଳାକନା ବୁଲେଇଥିବା ଅଭିଯୋଗ ହୋଇଛି। ଖଜୁରୀପଡ଼ା ୟୁପି ଗ୍ରାଜ୍ଡ ସ୍କୁଲରେ ଶିକ୍ଷତ୍ରୀ ଭାବେ କାର୍ଯ୍ୟରତ କୁମକୁମ୍ ଆଚାର୍ଯ୍ୟ ଆଜି ଖଜୁରୀପଡ଼ା ଥାନରେ ତାଙ୍କ ଅନୁପସ୍ଥିତିରେ ଘରର ତାଲା ଭାଙ୍ଗି କେହି ଦୃର୍ବୃତ୍ତ ଲକ୍ଷାଧିକ ଟଙ୍କାର ସୁନା, ରୂପା ଗହଣା ନଗଦ ଟଙ୍କା ଚୋରି କରିଥବା ଅଭିଯୋଗ କରିଛନ୍ତି। ସୂଚନା ମୁତାବକ କୁମ୍ କୁମ୍ ଆଚାର୍ଯ୍ୟଙ୍କ ସ୍ୱାମୀ କିଛି ଦିନ ତଳେ ରାସ୍ତା ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ତାଙ୍କର ଏକ ମାତ୍ର ପୁତ୍ର ଭୁନେଶ୍ୱରରେ ରୁହନ୍ତି। ଏଣୁ ଶିକ୍ଷୟିତ୍ରୀ ଜଣକ ଘରେ ଏକୁଟିଆ ରୁହନ୍ତି। ଗତ ଦୁଇ ଦିନ ତଳେ ନିଜ ସମ୍ପର୍କୀୟ ଘରକୁ କୌଣସି କାମରେ ଆସି ରହି ଯାଇଥିଲେ। ଏହାର ସୁଯୋଗ ନେଇ ରାତିରେ ଚୋର ତାଙ୍କ ଘରେ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ରୂପା ଗହଣା ଟଙ୍କା ନେଇଯାଇଥିବା ଖଜୁରୀପଡ଼ା ଥାନରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗକୁ ଭିତିକରି ଫୁଲବାଣୀରୁ ଡଗ ସ୍କାଡ, ବୌଦ୍ଧରୁ ସାଇଣ୍ଟ ଫିଙ୍କ ଦଳ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଓ ଅତିଶିଘ୍ର ଚୋର ଗିରଫ କରାଯିବ ବୋଲ ଖଜୁରୀପଡ଼ା ଥାନା ଅଧିକାରୀ ଚାପଧାରି ପ୍ରଧାନ କରିଛନ୍ତି।

# ସାଉନ୍ତେଶ୍ୱରୀ ଦେବୀ ମନ୍ଦିରକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଓ ପୁନରୁଦ୍ଧାର ଦାବି

**ବଲାଙ୍ଗିର,୨୪।୫ (ସଂଚାର ବ୍ୟୁରୋ):** ବଲାଙ୍ଗିରର ଲୋଇସିଂହା ନିର୍ବାଚନ ମଣ୍ଡଳୀ ପୁଇଁନ୍ତଲା ବ୍ଲକ ଅଧିନ ସାଉନ୍ତପୁର ଗାଁ ସ୍ଥିତ ସାଉନ୍ତେଶ୍ୱରୀ ଦେବୀ ମନ୍ଦିର ଉନ୍ନତିକରଣ ପାଇଁ ଆଜି ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ରଙ୍କ ନେତୃତ୍ୱରେ ଆଲୋଚନା। ୭୨୩ ଖ୍ରୀଷ୍ଟାବ୍ଦରେ ମନ୍ଦିର ନିର୍ମାଣ ହୋଇଥିବା ବେଳେ ବହୁ ପୂର୍ବରୁ ସମ୍ପୂର୍ଣ୍ଣ ଭାଙ୍ଗିଯାଇଥିଲା। ସେ ସମୟରେ ଖପର ଘରେ ମାଁ ସାଉନ୍ତେଶ୍ୱରୀ ଦେବୀ ପୂଜା ପାଉଥିଲେ ତଥା ପାର୍ଶ୍ୱ ଦେବା ଦେବୀ ପୂଜା ପାଉଛନ୍ତି । ୧୯୪୪ ମସିହା ପୁଣି ନୂତନ ଭାବରେ ମନ୍ଦିର ନିର୍ମାଣ ହୋଇଥିଲା। ବଲାଙ୍ଗିର ଦେବୋତ୍ତର ବିଭାଗରେ ଏହାର ରକ୍ଷଣାବିକ୍ଷଣ ଦାୟିତ୍ୱ ଥିବା ବେଳେ କେବଳ ଦଶହରାରେ କିଛି ଅର୍ଥ ପ୍ରଦାନ କରି ସୁରକ୍ଷା ଭୁଲି ଯାଇଛି। ଗତ ବର୍ଷ ରାଜ୍ୟ ସରକାର ମନ୍ଦିର ଉନ୍ନତିକରଣ ପାଇଁ ବିଭିନ୍ନ ମନ୍ଦିରକୁ ଅନୁଦାନ ପ୍ରଦାନ କରିଥିବା ବେଳେ ଏହି ଗ୍ରାମର ମନ୍ଦିରକୁ ଟଙ୍କାଟିଏ ବି ନ ଆସିବାରୁ ଆଜି ଗ୍ରାମବାସୀ ଦେବାଳୟ ସୁରକ୍ଷା କମିଟି ସହ



ମନ୍ଦିର ସୁରକ୍ଷା ପାଇଁ ଆଲୋଚନା କରିଥିଲେ। ରୋଶେଇଶାଳ, ମନ୍ଦିର ସୌନ୍ଦର୍ଯ୍ୟକରଣ, ମାଁ ସାଉନ୍ତେଶ୍ୱରୀ ମନ୍ଦିର ଗର୍ଭଗୃହ ଫାଟ ତଥା ଚୂନ ଖସିଛି, ଯଜ୍ଞ ମଣ୍ଡପ, ମନ୍ଦିର ପରିସରରେ ଥିବା ପୁଷ୍କରିଣି ପୁର୍ନଉଦ୍ଧାର ସହ ଏହି ପୀଠ କୁ ସରକାର ଶୀଘ୍ର ପର୍ଯ୍ୟଟନ କ୍ଷେତ୍ର କରିବା ଦାବି କରି ୪ କୋଟି ଅନୁଦାନ ମଞ୍ଜୁର କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ଓଡିଶା ସରକାରଙ୍କୁ ଦାବି ଜଣାଇଛନ୍ତି ।

ଆସନ୍ତା ସପ୍ତାହ ମଧ୍ୟରେ ଜିଲ୍ଲାପାଳଙ୍କ ସହ ସାକ୍ଷାତ କରିବା ପାଇଁ ଆଜି ବୈଠକରେ ପ୍ରସ୍ତାବ ହୋଇଥିଲା । ଏହି ବୈଠକରେ ମନ୍ଦିରର ପୂଜକ ମାଣିକ୍ୟ ଥନାପତି, ସୁରେନ୍ଦ୍ର ଗଡୁଆ, ଫାଲଗୁନି ଭୋଇ, ଅକ୍ଷୟ ଚିରଗୁନ୍, ଶରତ ପଶାୟତ, ଗରିବ ସାହୁ, ସୁରେନ୍ଦ୍ର ପଧାନ, ହିରାଲାଲ ପଧାନ, ମଦନ ପ୍ରଧାନ, ଶୋଭାକର ଭୋଇ, ସୁବାଷ ପଧାନ, କ୍ଷମାନିଧି ବେହେରା, କାହ୍ନୁଚରଣ ପଧାନ ସମେତ ଦେବାଳୟ ସୁରକ୍ଷା କମିଟିର ଉପସଭାପତି ପ୍ରଶାନ୍ତ ମହାକୁର ଉପସ୍ଥିତ ଥିଲେ ।

# ସୁସ୍ଥ ଜୀବନ ଓ ସ୍ୱଚ୍ଛ ପରିବେଶ ପାଇଁ ଲେଫ୍ରିପଡା ବନାଞ୍ଚଳରେ ଯୋଗ ଓ ବୃକ୍ଷ ରୋପଣ ଅଭିଯାନ



**ସୁନ୍ଦରଗଡ,୨୪।୫ (ସଂଚାର ବ୍ୟୁରୋ):** ବିଶ୍ୱ ଯୋଗ ଦିବସର ୧୦ ବର୍ଷ ପୂର୍ତ୍ତି ଅବସରରେ ସୁନ୍ଦରଗଡ ବନଖଣ୍ଡର ଲେଫ୍ରିପଡା ବନାଞ୍ଚଳରେ ବିଭିନ୍ନ ବନ ସୁରକ୍ଷା ସମିତିର ସହଯୋଗ ରେ ଯୋଗ ଅଭ୍ୟାସ ସଙ୍ଗେ ସଙ୍ଗେ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆଡମ୍ବର ସହ ପାଳନ କରାଯାଇଛି । ଯୋଗ ମଣିଷର ଶାରୀରିକ, ମାନସିକ ତଥା ଆଧାତ୍ମିକ ବିକାଶ କରିଥାଏ । ଆମଦେଶ ବିଶ୍ୱ ଗୁରୁ ହୋଇ ସାରା ବିଶ୍ୱକୁ ଯୋଗ ଶିକ୍ଷା ଦେଇଥାଏ। ଆମ ଦେଶର ପ୍ରସ୍ତାବ ରେ ୨୦୧୫ ମସିହା ଠାରୁ ଜୁନ ୨୧ କୁ ବିଶ୍ୱଯୋଗ ଦିବସ ଭାବେ ଘୋଷଣା କରାଯାଇଥିଲା । ଚଳିତ ବର୍ଷ ଏହା ୧୦ ବର୍ଷ ପୂରଣ ଅବସରରେ ଆମ ଦେଶରେ ଆଡମ୍ବର ସହ ପାଳନ କରାଯିବ । ସୁନ୍ଦରଗଡ ବନ ଖଣ୍ଡ ଅଧିକାରୀ ପ୍ରଦୀପ ମିରାଶେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଲେଫ୍ରିପଡା ବନାଞ୍ଚଳର ପ୍ରତ୍ୟେକ ବନ ସୁରକ୍ଷା ସମିତିରେ ଯୋଗ ଅଭ୍ୟାସ କରାଯାଉଛି ଓ ଲୋକମାନଙ୍କୁ ଯୋଗ ଶିକ୍ଷା ସଙ୍ଗେ ସଙ୍ଗେ ବୃକ୍ଷ ରୋପଣ ପାଇଁ ପ୍ରେରଣା ଦିଆ ଯାଉଛି । ଲେଫ୍ରିପଡା ବନାଞ୍ଚଳ ଅଧିକାରୀ ଅଶ୍ୱିନୀ କୁମାର ପଟେଲଙ୍କ ପ୍ରଚେଷ୍ଟାରେ ହାଣ୍ଡିପାନି, ସାତଜୁରିଆ, ଠିଠେଇଟାଙ୍ଗର, ତିଳପଡା, ବୈରାଗୀବାହାଲ, ସାଲେଟିକ୍ରା, କାପୁଟିକ୍ରା ଆଦି ବନସୁରକ୍ଷା ସମିତିରେ ଧୁମଧାମରେ ଯୋଗ ଅଭ୍ୟାସ ପାଳନ କରଯାଇ ଥିବା ବେଳେ ଝୁଲେନଡ଼ିହି ବନସୁରକ୍ଷା ସମିତିରେ ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଜରିଆରେ ବନ ସୁରକ୍ଷା ସମିତି ଜାଳେଣୀ ଓ ଗୋଖାଦ୍ୟ ପାଇଁ କରିଥିବା ବୃକ୍ଷ ରୋପଣ ଯାହା ଆଜି ଏକ ଜଙ୍ଗଲରେ ପରିଣତ ହୋଇଛି। ସେହି ଜଙ୍ଗଲ ଭିତରେ ଶାନ୍ତ ପରିବେଶରେ ଯୋଗ ଅଭ୍ୟାସ କରାଯାଇଥିଲା।

# କାଣି ନଦୀବନ୍ଧରେ ପଥର ପ୍ୟାକିଂ ଓ ସମ୍ପ୍ରସାରଣ କାର୍ଯ୍ୟରେ ବ୍ୟାପକ ଅନିୟମିତତା

## ସବଲେଟଙ୍କ ଦ୍ୱାରା ହେଉଛି ନିର୍ମାଣ, ବର୍ଷା ପାଣିରେ ଧୋଇଯିବ ୨କୋଟିର କାର୍ଯ୍ୟ

**ବିଞ୍ଝାରପୁର,୨୪।୫ (ସଂଚାର ବ୍ୟୁରୋ):** ବିଞ୍ଝାରପୁର ବ୍ଲକ ସଂଲଗ୍ନ ତଥା ବିଞ୍ଝାରପୁର ଥାନା ଅର୍ନ୍ତଗତ ବରୀ ବ୍ଲକର ଅଙ୍ଗାଲୋ ପଂଚାୟତ ଅନ୍ତର୍ଗତ ଅରିଲୋ ଗ୍ରାମ ଦେଇ ପ୍ରବାହିତ ହେଉଥିବା କାଣୀ ନଦୀବନ୍ଧର ସୁରକ୍ଷା ପାଇଁ ଜଳ ସମ୍ପଦ ବିଭାଗ ଦ୍ୱାରା ଏକ ପ୍ରକଳ୍ପ କାର୍ଯ୍ୟ କରାଯାଉଛି । ହେଉଥିବା ନଦୀବନ୍ଧ ସମ୍ପ୍ରସାରଣ ଓ ପଥର ପ୍ୟାକିଂକୁ ନେଇ ଏକ ବଡଧରଣର ଅନୀୟମିତତା ସାମ୍ନାକୁ ଆସିବାରୁ ସମ୍ପୃକ୍ତ ଗ୍ରାମରେ ଅସନ୍ତୋଷ ସୃଷ୍ଟି ହୋଇଛି । ନାମକୁ ମାତ୍ର କାମ କରି ମଞ୍ଜୁର ଅର୍ଥରାଶିକୁ ହଡପ କରିବା ପାଇଁ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧରେ ଅଘୋଷିତ ଚୁକ୍ତନାମା ହୋଇଥିବା କଥା ଏହି କାମର ମାନକୁ ଦେଖିଲେ ସ୍ପଷ୍ଟ ହୋଇ ଯାଇଛି । ବିଞ୍ଝାରପୁର ବ୍ଲକର କଂଟିପୁର ଓ ବରୀ ବ୍ଲକର ଅଙ୍ଗାଲୋ ପଂଚାୟତ ଅର୍ନ୍ତଗତ ଅରିଲୋ ଗ୍ରାମ ସଂଲଗ୍ନ କାଣୀ ନଦୀ ନଦୀବନ୍ଧର ବିକାଶ ତଥା ସମ୍ପ୍ରସାରଣ ସହିତ ପଥର ପ୍ୟାକିଂ କାର୍ଯ୍ୟ କରାଯାଉଛି। ଏହି ପ୍ରକଳ୍ପଟିର ନାମ ରହିଛି 'ଅରିଲୋ କଂଟିପୁର ଟି.ଆର.ଇ ସମ୍ପ୍ରସାରଣ ଓ ସୁଦୃଢ଼ି କରଣ ଏବଂ ଯେନା ସାହି, ବଳସାହି, ବ୍ରାହ୍ମଣ ସାହି, ସାମଲ ସାହି ନିକଟରେ କାଣୀ ନଦୀ ଦକ୍ଷିଣ ପାର୍ଶ୍ୱର ତଟବନ୍ଧ ସୁରକ୍ଷା' ।

ପ୍ରକାଶ ଯେ ଆଜି ଜଳସମ୍ପଦ ଡିଭିଜନ ଅଧୀନ ମଧୁସୂଦନପୁର ଠାରେ ଥିବା ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ। ଏହି ପ୍ରକଳ୍ପଟିର କାର୍ଯ୍ୟ କରାଯାଉଛି । ଏହାର ଠିକାଦାର ଭାବରେ





ସମ୍ବିତ ତ୍ରିପାଠୀ ରହିଥିବା କଥା ଅଫିସିଆଲ କାଗଜପତ୍ରରେ ଜଣା ଯାଇଥିବା ବେଳେ ଏହାକୁ ଏକାଧିକ ଯୁବକ ସବ୍ଲେଟ ଭାବରେ ନେଇ କାମ କରୁଛନ୍ତି । କାର୍ଯ୍ୟଟିର ଚୁକ୍ତିନାମା ସଂଖ୍ୟା ୪୪ପି୧-୨୦୨୪-୨୪ ବୋଲି ଜଣା ଯାଇଛି । ପ୍ରକଳ୍ପଟିର ଅଟକଳ ମୂଲ୍ୟ ୧କୋଟି୯୮ଲକ୍ଷ ୫୬ହଜାର ୭୯୨ଟଙ୍କା ବୋଲି ଜଣା ଯାଇଛି । କାର୍ଯ୍ୟଟିର ଆରମ୍ଭ ତାରିଖ ୯.୧୨.୨୦୨୪ ଓ କାର୍ଯ୍ୟଶେଷର ଧାର୍ଯ୍ୟ ସମୟ ତା ୮.୬.୨୦୨୫ ବୋଲି ଦର୍ଶା ଯାଇଛି । ତେବେ ସୂଚନା ଫଳକରେ ନଦୀ ବନ୍ଧର ସମ୍ପ୍ରସାରଣ ଓ ନଦୀତଟର ସୁରକ୍ଷା ନିମନ୍ତେ ନିର୍ମାଣର ସ୍ତର (କନଷ୍ଟ୍ରକସନ ଡିଟେଲ୍ସ) ସମ୍ପର୍କରେ କୌଣସି ସୂଚନା ସର୍ବସାଧାରଣ କରାଯାଇନାହିଁ । କାଳେ ଲୋକମାନେ ଜାଣିଲେ ଠିକାଦାର ମନଇଚ୍ଛା କାମ କରିବାରେ ଅସୁବିଧା ହେବ ସେଥିପାଇଁ ସୂଚନା ଫଳକଟିକୁ ପ୍ରକଳ୍ପ ନିକଟରେ ନ ଲଗାଇ ଏହାକୁ ଲୁଚାଇ ରଖାଯାଇଥିବା ଅନୁସନ୍ଧାନ ବେଳେ ଜଣା ଯାଇଛି । ବିନା ଫଳକରେ କାର୍ଯ୍ୟ ହେଉଥିବା ନେଇ ବାରମ୍ବାର ଭାରପ୍ରାପ୍ତ ଜେଇଙ୍କୁ ସାମ୍ବାଦିକ ପ୍ରଶ୍ନ କରିବାରୁ ଆଜି ତରବରିଆ ଭାବରେ ଏହାକୁ ପୂର୍ବରୁ ପୋତାଯାଇଥିବା ସ୍ଥାନରୁ ଅପସାରିତ କରାଯାଇ ଅନ୍ୟ ଏକ ସ୍ଥାନରେ ଲଗାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା ।

ଏଷ୍ଟିମେଂଟକୁ ଆଖି ବୁଜି ଦେଇ ମନଇଚ୍ଛା କାମ କରାଯାଉଥିବା ଅଭିଯୋଗ ହେଉଛି । ଯେଉଁ କାର୍ଯ୍ୟ ସମ୍ପୃକ୍ତ ଠିକାଦାର ସବ୍ଲେଟ ମାଧମରେ କରାଇଛନ୍ତି ତାହା ନଈରେ ପାଣି ଆସିବା ପୂର୍ବରୁ ପ୍ୟାକିଂ ପଥର ନଦୀ ଭିତରକୁ ଖସି ପଡିବା ସହିତ ନଦୀବନ୍ଧ ସମ୍ପ୍ରସାରଣ କାର୍ଯ୍ୟଟି ବର୍ଷା ପାଣିରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଛି ବୋଲି ଅଭିଯୋଗ ହୋଇଛି । ସୂଚନା ଯୋଗ୍ୟ ଯେ ଅରିକୋ ତଥା ନିମ୍ନ କଂଟିପୁର ଅଂଚଳଟି ବନ୍ୟା ପ୍ରଭାବିତ ଅଂଚଳ ଅଟେ । ଏଠାରେ ଯେଉଁ କାର୍ଯ୍ୟ କରାଯିବ ତାହାର ସଠିକ୍ ଅନୁସନ୍ଧାନ ଭାରପ୍ରାପ୍ତ ଜେ.ଇ କରିବା କଥା। ଠିକାଦାରଙ୍କ ସବଲେଟ ଅନୀୟମିତ ଭାବରେ କାମ କରି ଚାଲିଥିବା ବେଳେ, କାର୍ଯ୍ୟ ସମୟରେ ଅନୁସରଣ କରିବାକୁ ଥିବା ସମସ୍ତ ନିୟମକୁ ଉଲ୍ଲଙ୍ଘନ କରିଚାଲିଛନ୍ତି ମାତ୍ର ସରକାରଙ୍କ ଦ୍ୱାରା ନିଯିକ୍ତ ଜେଇ ଏହାର ନିରାକରଣ ପରିବର୍ତେ ଠିକାଦାରଙ୍କୁ ସମର୍ଥନ କଲାଭଳି କାର୍ଯ୍ୟକଳାପ କରି ଚାଲିଛନ୍ତି । ନିଜକୁ ସଚ୍ଚୋଟ ବୋଲି ଆତ୍ମପ୍ରଚାର କରୁଥିବା ଏହି ସ୍ଥାନୀୟ ଜେଇଙ୍କ ଭୂମିକା ଓ ପ୍ରଚ୍ଛନ୍ନ ସହଯୋଗ ଏହି ଅନୀୟମିତତା ପଛରେ ରହିଛି ବୋଲି ବହୁ ବୁଦ୍ଧିଜୀବି ଓ ଜନସାଧାରଣଙ୍କ ଦ୍ୱାରା ଅଭିଯୋଗ କରାଯାଇଛି ।

SANCHAR
ସଂଚାର
ରବିବାର ୨୫ ମେ ୨୦୨୫



# ପରିବେଶ



# ଜଳରେ କମୁଛି ଅମ୍ଳଜାନ

ଭୂପୃଷ୍ଠସ୍ଥ ଜଳରେ ଦ୍ରବୀଭୂତ ହୋଇ ରହିଥିବା ଅମ୍ଳଜାନ ପରିମାଣରେ ହ୍ରାସ ଘଟୁଥିବାରୁ ବୈଜ୍ଞାନିକମାନେ ଚିନ୍ତା ପ୍ରକଟ କରିଛନ୍ତି। ପୃଥିବୀର ଜୀବଜଗତ ପ୍ରତି ଏହା ସଂକଟ ଆଣିବ ବୋଲି ଆମେରିକାର ରେନ୍‌ସିଲାର ପଲିଟେକ୍ନିକ୍ ଅନୁଷ୍ଠାନର ଗବେଷକମାନେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପୃଥିବୀର ସ୍ଥଳଭାଗରେ ବସବାସ କରୁଥିବା ମନୁଷ୍ୟ ସମେତ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ପାଇଁ ବାୟୁମଣ୍ଡଳୀୟ ଅମ୍ଳଜାନ ଯେତିକି ଗୁରୁତ୍ୱପୂର୍ଣ୍ଣ, ଲୁଣୀ ହେଉ ବା ମଧୁର ହେଉ, ଜଳଚର ପ୍ରାଣୀଙ୍କ ପାଇଁ ଜଳରେ ଦ୍ରବୀଭୂତ ଥିବା ଅମ୍ଳଜାନ ସେତିକି ଗୁରୁତ୍ୱ ବହନ କରେ ଏବଂ ତାହା ଜଳଚର ଜୈବପ୍ରଣାଳୀର ସନ୍ତୁଳନ ପାଇଁ ଏକାନ୍ତ ଆବଶ୍ୟକ। ଏଥି ସହିତ କୋଟି କୋଟି ଲୋକ ଜୀବନଜୀବିକା ପାଇଁ ସମୁଦ୍ର ଉପରେ ନିର୍ଭର କରୁଥିବାରୁ ଜଳରେ ଅମ୍ଳଜାନର ଏପରି ଦ୍ରୁତ ହ୍ରାସ ପ୍ରମୁଖ ଉଦ୍‌ବେଗର କାରଣ ହୋଇଛି। ଏହା ବିଶ୍ୱର ପରିବେଶଗତ ଓ ସାମାଜିକ ବ୍ୟବସ୍ଥାର ଅଖଣ୍ଡତା ପାଇଁ ଗୁରୁତ୍ୱପୂର୍ଣ୍ଣ। ଜଳରୁ ଏପରି ଅମ୍ଳଜାନ ହ୍ରାସ ପଛର କାରଣ ହେଲା, ଦ୍ରବୀଭୂତ ହେଉଥିବା ଅମ୍ଳଜାନକୁ ଉଷ୍ମ ଜଳ ଧରି ରଖିପାରେନାହିଁ। ସେହିପରି ସବୁଜଗୃହ ବାଷ୍ପ ନିର୍ଗମନ ଦ୍ୱାରା ବାୟୁ ଓ ଜଳର ତାପମାତ୍ରା ବଢ଼ିଥାଏ। ଫଳସ୍ୱରୂପ, ଭୂପୃଷ୍ଠସ୍ଥ ଜଳ ଆବଶ୍ୟକ ପରିମାଣର ଅମ୍ଳଜାନ ବହନ କରିପାରୁନାହିଁ। ଏଥି ସହିତ ଜଳରେ ବିଭିନ୍ନ ପ୍ରକାର ଶୈବାଳ ଓ ବୀଜ ବଢ଼ିବା ଯୋଗୁଁ ବିଭିନ୍ନ ପ୍ରକାରର ଜୈବ ପଦାର୍ଥର ବୃଦ୍ଧି ଘଟୁଛି। ସେହିପରି କଳକାରଖାନା ବର୍ଜ୍ୟ, କୃଷି କ୍ଷେତ୍ରରେ ବ୍ୟବହୃତ ସାର ଓ ରାସାୟନିକ ଆଦି ଜଳରେ ଦ୍ରବୀଭୂତ ଥିବା ଅମ୍ଳଜାନକୁ ଶୋଷି ନେଇଥା'ନ୍ତି। ସୁତରାଂ ପାଣିପାଗ ପରିବର୍ତ୍ତନ, ସାଗର ଅମ୍ଳୀକରଣ, ବାୟୁମଣ୍ଡଳର ଷ୍ଟ୍ରାଟୋସ୍ଫିଅର୍‌ରେ ଓଜୋନ୍ ସ୍ତରରେ ହ୍ରାସ, ପୃଥିବୀର ଫସ୍‌ଫରସ୍ ଓ ନାଇଟ୍ରୋଜେନ୍ ଚକ୍ରରେ ହସ୍ତକ୍ଷେପ, ଜୈବବିବିଧତାର ହ୍ରାସ ହାର, ପ୍ରଭୂତ ମଧୁରଜଳ ବ୍ୟବହାର, ସ୍ଥଳଭାଗ ଢାଞ୍ଚାରେ ପରିବର୍ତ୍ତନ, ବାୟୁମଣ୍ଡଳରେ ଭାସମାନ କଣିକାର ବୃଦ୍ଧି ଓ ରାସାୟନିକ ପ୍ରଦୂଷଣ ପରି ଜଳରୁ ଅମ୍ଳଜାନ ହରଣକୁ ମଧ୍ୟ 'ପ୍ଲାନେଟାରି ବାଉଣ୍ଡାରିଜ୍' ତାଲିକାରେ ସାମିଲ କରିବାକୁ ବୈଜ୍ଞାନିକମାନେ କହୁଛନ୍ତି।

> **ଜଳରୁ ଅମ୍ଳଜାନ ହ୍ରାସ ପଛର ପ୍ରମୁଖ କାରଣ ହେଲା, ଦ୍ରବୀଭୂତ ହେଉଥିବା ଅମ୍ଳଜାନକୁ ଉଷ୍ମ ଜଳ ଧରି ରଖିପାରେନାହିଁ। ସେହିପରି ସବୁଜଗୃହ ବାଷ୍ପ ନିର୍ଗମନ ଦ୍ୱାରା ବାୟୁ ଓ ଜଳର ତାପମାତ୍ରା ବଢ଼ିଥାଏ। ଫଳସ୍ୱରୂପ, ଭୂପୃଷ୍ଠସ୍ଥ ଜଳ ଆବଶ୍ୟକ ପରିମାଣର ଅମ୍ଳଜାନ ବହନ କରିପାରୁନାହିଁ।**

# ଶିକ୍ଷା ଉପରେ ଜଳବାୟୁ ପରିବର୍ତ୍ତନ ଛାଟ



ୟୁନେସ୍କୋର ବୈଶ୍ୱିକ ଶିକ୍ଷା ନିରୀକ୍ଷଣ (ଜିଇଏମ୍) ରିପୋର୍ଟ ଅନୁଯାୟୀ, ଉଷ୍ମତା, ବନାଗ୍ନି, ବନ୍ୟା, ମରୁଡ଼ି, ରୋଗ ଓ ସମୁଦ୍ର ପତନ ବୃଦ୍ଧି ଆଦି ଘଟଣା ଶିକ୍ଷା ଫଳାଫଳକୁ ପ୍ରଭାବିତ କରୁଛି ଏବଂ ଏହାଦ୍ୱାରା ଏ ଦଶନ୍ଧିରେ ହାସଲ ହୋଇଥିବା ଶିକ୍ଷାଗତ ଅଗ୍ରଗତି ବ୍ୟର୍ଥ ହୋଇଯିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ କାରଣରୁ ଅଧିକାଂଶ ନିମ୍ନ ଓ ମଧ୍ୟମ ଆୟବର୍ଗ ଦେଶରେ ପ୍ରତିବର୍ଷ ଅନେକ ଶିକ୍ଷାନୁଷ୍ଠାନ ବନ୍ଦ ହେବାରେ ଲାଗିଛି। ଫଳସ୍ୱରୂପ, ବର୍ଷକୁ ବର୍ଷ ଶିକ୍ଷଣ କ୍ଷତି ହେଉଛି ଏବଂ ବିଦ୍ୟାଳୟ ଛାଡୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଜଳବାୟୁ ପରିବର୍ତ୍ତନର ସିଧାସଳଖ ପ୍ରଭାବରେ ଶିକ୍ଷା ଭିତ୍ତିଭୂମି ନଷ୍ଟ ହେବା ସହିତ ଛାତ୍ର, ଅଭିଭାବକ ଓ ବିଦ୍ୟାଳୟର କର୍ମଚାରୀଙ୍କ ଜୀବନହାନି ଘଟୁଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ ଲୋକଙ୍କ ବିସ୍ଥାପନ ହେଉଛି ଏବଂ ପରୋକ୍ଷରେ ତାହା ଶିକ୍ଷା ଭିତ୍ତିଭୂମି ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ବିଗତ ୨୦ ବର୍ଷ ମଧ୍ୟରେ ଅତି କମ୍‌ରେ ୭୫ ପ୍ରତିଶତ ଚରମ ପାଣିପାଗ ଘଟଣାରେ ଅନେକ ବିଦ୍ୟାଳୟ ବନ୍ଦ ହୋଇଯାଇଛି, ଯାହା ଦ୍ୱାରା ୫୦ ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିଲେ। ବନ୍ୟା ଓ ଘୂର୍ଣ୍ଣିବଳୟ ସମେତ ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କର ମୃତ୍ୟୁ ଘଟାଇ ବିଦ୍ୟାଳୟଗୁଡ଼ିକୁ ନଷ୍ଟ କରିଦେଇଛି। ସେହିପରି ଉତ୍ତାପ ସଂସ୍ପର୍ଶରେ ଆସିବା ଦ୍ୱାରା ପିଲାମାନଙ୍କର ଶିକ୍ଷା ଫଳାଫଳ ଉପରେ କ୍ଷତିକାରକ ପ୍ରଭାବ ପଡ଼ିଥାଏ। ୧୯୬୯ରୁ ୨୦୧୨ ମଧ୍ୟରେ ୨୯ଟି ଦେଶର ଜନଗଣନା ଓ ଜଳବାୟୁ ତଥ୍ୟର ବିଶ୍ଲେଷଣରୁ ଏହା ସ୍ପଷ୍ଟ ହୋଇଛି ଯେ, ପ୍ରସବ ବେଳେ ଓ ପ୍ରାରମ୍ଭିକ ଜୀବନକାଳରେ ହାରାହାରି ତାପମାତ୍ରା ଠାରୁ ଅଧିକ ଉତ୍ତାପ ସଂସ୍ପର୍ଶରେ ଆସୁଥିବା ଦକ୍ଷିଣ ଏସିଆର ଶିଶୁମାନେ କମ୍ ସମୟ (ବର୍ଷ) ପାଇଁ ବିଦ୍ୟାଳୟ ଯାଆନ୍ତି। ଚୀନରେ ଉଚ୍ଚ ତାପମାତ୍ରା କାରଣରୁ ଉଭୟ ହାଇସ୍କୁଲ ଓ ସ୍ନାତକ ସ୍ତରୀୟ ପ୍ରବେଶିକା ପରୀକ୍ଷାରେ ଉପସ୍ଥାନ ହାର କମ୍ ରହୁଛି। ସେହିପରି ଆମେରିକାରେ ଶୀତତାପ ନିୟନ୍ତ୍ରଣ ବିନା ୧ ଡିଗ୍ରି ସେଲ୍‌ସିଅସ୍ ତାପମାତ୍ରା ଅଧିକ ଥିବା ଶିକ୍ଷା ବର୍ଷରେ ଫଳାଫଳ ୧ ପ୍ରତିଶତ କମ୍ ରହୁଛି।

> **ଜଳବାୟୁ ପରିବର୍ତ୍ତନର ସିଧାସଳଖ ପ୍ରଭାବରେ ଶିକ୍ଷା ଭିତ୍ତିଭୂମି ନଷ୍ଟ ହେବା ସହିତ ଛାତ୍ର, ଅଭିଭାବକ ଓ ବିଦ୍ୟାଳୟର କର୍ମଚାରୀଙ୍କ ଜୀବନହାନି ଘଟୁଛି।**

# ଚରମ ପାଣିପାଗ ଲାଗି ପ୍ରସ୍ତୁତି କରୁଛି ରିଜର୍ଭ ବ୍ୟାଙ୍କ






ତାପମାତ୍ରା ରେକର୍ଡ ରଖାଯିବା ପରଠାରୁ ଉତ୍ତର ଓ କେନ୍ଦ୍ରୀୟ ଭାରତର ଲୋକମାନେ ଏ ବର୍ଷ ଦୀର୍ଘତମ ଗ୍ରୀଷ୍ମଲହରି ସହ୍ୟ କରିଛନ୍ତି। ମାତ୍ରାଧିକ ମୌସୁମି ବର୍ଷା ମଧ୍ୟ ଦେଶର ଅନେକ ଭାଗକୁ କ୍ଷତିଗ୍ରସ୍ତ କରୁଛି। ଏଭଳି ଚରମ ପାଣିପାଗ ଚାଷୀଙ୍କର ଶସ୍ୟ, ପନିପରିବା, ଫଳମୂଳ ଓ କ୍ଷୀର ଆଦି ଅମଳରେ ହ୍ରାସ ଘଟାଇ ସେମାନଙ୍କର ଆୟ ଓ ଖାଉଟି ଦରଦାମ ଉପରେ ମାସ ମାସ ଧରି ପ୍ରଭାବ ପକାଇଥାଏ। ତେଣୁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପାଇଁ ଜଳବାୟୁ ପରିବର୍ତ୍ତନ ଏକ ଜରୁରି ପ୍ରାଥମିକତା ପାଲଟିଛି। ମୁଦ୍ରାସ୍ଫୀତି ପରିଚାଳନା ଆଦି ଉପରେ ଏହା ସ୍ପଷ୍ଟ ପ୍ରଭାବ ପକାଇବା କାରଣରୁ ପ୍ରଥମେ ଜଳବାୟୁ ବିପଦ ବାବଦରେ ଆର୍‌ବିଆଇ ବିଚାର କରିବା ଆରମ୍ଭ କରିଥିଲା। ତେବେ ଜଳବାୟୁ ସଂକଟ ପାଇଁ ଭାରତର ଆର୍ଥିକ ବ୍ୟବସ୍ଥା ପ୍ରସ୍ତୁତ କି? ପରିତାପର ବିଷୟ, କୌଣସି ଦେଶର ଆର୍ଥିକ ବ୍ୟବସ୍ଥା ଜଳବାୟୁ ପରିବର୍ତ୍ତନର କୁପରିଣାମ ସହ ମୁକାବିଲା ଲାଗି ପ୍ରସ୍ତୁତ ନାହିଁ। ତେବେ ଖୁସିର କଥା, ଭାରତୀୟ ରିଜର୍ଭ ବ୍ୟାଙ୍କ ଏଥି ପାଇଁ ଯଥେଷ୍ଟ ଆଗରୁ ପ୍ରସ୍ତୁତି ଆରମ୍ଭ କରିଛି। 'ଲିକ୍ୱିଡିଟି ମ୍ୟାନେଜ୍‌ମେଣ୍ଟ୍', ଗଭୀର ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ବିସ୍ତାରିତ ଋଣ ଉପଲବ୍ଧତା ଭଳି ବୈଶିଷ୍ଟ୍ୟ ସହ ଏହା ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବାକୁ ଲକ୍ଷ୍ୟ ରଖିଛି। ଏହା ୨୦୧୯ରେ ପ୍ରଥମେ ଜଳବାୟୁ ସମ୍ବନ୍ଧୀୟ ଆର୍ଥିକ ବିପଦକୁ ସ୍ୱୀକୃତି ଦେଇଥିଲା। ଏହା ପରଠାରୁ ଆର୍‌ବିଆଇ କର୍ମଚାରୀମାନେ ସେହି ବିପଦର ପ୍ରଭାବର ଅତ୍ୟାଧୁନିକ ବିଶ୍ଲେଷଣ କରି ଆସୁଛନ୍ତି। ଏହା ସମସ୍ତ ଭାରତୀୟ ଆର୍ଥିକ ପ୍ରତିଷ୍ଠାନ ଓ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନିଗୁଡ଼ିକ ପାଇଁ ଏକ ଜଳବାୟୁ ସମ୍ବନ୍ଧିତ ବିପଦ ଢାଞ୍ଚା ଚିଠା ପ୍ରକାଶ କରିସାରିଛି। ଜଳବାୟୁ ବିପଦ ଓ ସ୍ଥାୟୀ ଅର୍ଥନୀତି ଉପରେ ରିଜର୍ଭ ବ୍ୟାଙ୍କର କ୍ରମାଗତ ଘୋଷଣା ଏହି ପ୍ରସଙ୍ଗ ଉପରେ ବ୍ୟାଙ୍କଗୁଡ଼ିକର ଆଭିମୁଖ୍ୟରେ ଠୋସ ପରିବର୍ତ୍ତନ ଆଣିଛି। ଭାରତର ଆର୍ଥିକ କ୍ଷେତ୍ର ଯଦିଓ ଏକ ଉତ୍ତପ୍ତ ବିଶ୍ୱ ପାଇଁ ଅଦ୍ୟାବଧି ପ୍ରସ୍ତୁତ ନୁହେଁ, ତେବେ ରିଜର୍ଭ ବ୍ୟାଙ୍କର ଅଧିକ କଠୋର କାର୍ଯ୍ୟାନୁଷ୍ଠାନ ଅଧିକ ଜଳବାୟୁ-ସ୍ଥାୟୀ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ଭିତ୍ତି ସ୍ଥାପନ କରିଛି।




ପରିବେଶ ଯୋଦ୍ଧା

# ପ୍ରକୃତି ସଂରକ୍ଷଣରେ ଭାଇଭଉଣୀ

ଅକ୍ଷତ ନକ୍ଷତ୍ର ଓ ଆଦ୍ୟା ଆକାଂକ୍ଷା ଭାଇଭଉଣୀ। ପ୍ରକୃତି ସୁରକ୍ଷା ପାଇଁ ଆଜକୁ ୪ ବର୍ଷ ହେବ ମାସର ଗୋଟିଏ ରବିବାରରେ ଏକ ଘଣ୍ଟା ପାଇଁ ସମ୍ପୂର୍ଣ୍ଣ ନିଆରା କାର୍ଯ୍ୟ କରିଆସୁଛନ୍ତି। ଏଭଳି ଅଭିନବ ଉଦ୍ୟମ ପାଇଁ ଅକ୍ଷତ ନିକଟରେ ପରିବେଶରତ୍ନ ଛାତ୍ର ସମ୍ମାନ ଓ ଆଦ୍ୟା ପରିବେଶ ରତ୍ନ ଆଇନ ସମ୍ମାନ ଲାଭ କରିଛନ୍ତି।

ଅକ୍ଷତ ଓ ଆଦ୍ୟା କଟକର କାଠଯୋଡ଼ି କିମ୍ବା ମହାନଦୀ କୂଳରେ ଛିଡ଼ା ହୋଇ ବାଟୋଇମାନଙ୍କୁ ପରିବେଶ ସୁରକ୍ଷା ଓ ନଈକୁ ପ୍ରଦୂଷଣ ମୁକ୍ତ କରିବାର ମନ୍ତ୍ର ବାଣ୍ଟନ୍ତି। ସେମାନେ ମହାନଦୀ ଓ କାଠଯୋଡ଼ିର ପୋଲ ନିକଟରେ ଥିବା ଦୋକାନରୁ ଦୋକାନ ବୁଲି, ବାଟରେ ଯା'ଆସ କରୁଥିବା ଲୋକଙ୍କୁ ଅଟକାଇ ନଈନାଳକୁ ପୂଜାପାର୍ବଣ ଓ ଓଷା ବ୍ରତ ନାମରେ ଫୁଲ ତଥା ଅନ୍ୟାନ୍ୟ ସାମଗ୍ରୀ ନପକାଇବାକୁ ଅନୁରୋଧ କରିଆସୁଛନ୍ତି। ଏଥିସହ ସେମାନେ "ଏ ପ୍ଲାନ୍-ପ୍ଲାଣ୍ଟ ଫର ଦି ପ୍ଲାନେଟ୍" (ପୃଥିବୀ ପାଇଁ ଗଛଟିଏ ଲଗାଇବାର ଗୋଟିଏ ଯୋଜନା) ଶୀର୍ଷକ ଜନସଚେତନତା ସୃଷ୍ଟିକାରୀ ଏକ ଲେଖା ସମସ୍ତଙ୍କୁ ବାଣ୍ଟିଥାନ୍ତି।

ନଦୀ ଅବବାହିକା, ବାଡ଼ିବଗିଚା ଓ ଖୋଲା ସ୍ଥାନରେ ଔଷଧୀୟ ବୃକ୍ଷରୋପଣ ପାଇଁ ଅକ୍ଷତ ଓ ଆଦ୍ୟା ସମସ୍ତଙ୍କୁ ଅନୁରୋଧ କରନ୍ତି। ବିଭିନ୍ନ ସମୟରେ ସେମାନେ 'ନେଚର କେୟାର' ଅନୁଷ୍ଠାନର ଶ୍ରୀକାନ୍ତ ସାହୁ ଓ କଟକ ମାତାମଠର ବୃକ୍ଷରୋପଣ ଅଭିଯାନର ପ୍ରୋତ୍ସାହନକାରୀ ଅମିତ ଅଗ୍ରୱାଲଙ୍କ ଭଳି ବ୍ୟକ୍ତିଙ୍କଠାରୁ ନିମ, ପାତାଳ ଗରୁଡ଼, ରୁଦ୍ରାକ୍ଷ, ଅର୍ଜୁନ, କରଞ୍ଜ, ଚନ୍ଦନ ଚାରା ଆଣି ବାଣ୍ଟିଥାନ୍ତି। ଭୁବନେଶ୍ୱର ସାଇ ଇଣ୍ଟର୍‌ନ୍ୟାସନାଲ୍ ସ୍କୁଲର ଏକାଦଶ ଶ୍ରେଣୀରେ ଅକ୍ଷତ ପାଠ ପଢୁଥିବା ବେଳେ ଆଦ୍ୟା ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି।

ଏଭଳି ଅଭିନବ କାର୍ଯ୍ୟ ପ୍ରସଙ୍ଗରେ ଅକ୍ଷତ କହନ୍ତି, "ଜଳବାୟୁ ପରିବର୍ତ୍ତନ ଜନିତ ବିପଦର ମୁକାବିଲା ଲାଗି ଆମେ ସଚେତନ ହେଲେ ସୁରକ୍ଷିତ ରହିପାରିବା। ବିଶ୍ୱର ସବୁ ନଦୀର ଜଳ ଓ ଏହାର ଅବବାହିକା ଆଜି ବିପନ୍ନ। ଏହାର ସୁରକ୍ଷା ପାଇଁ ମୁଁ ଜଣେ ଛାତ୍ର ହିସାବରେ ଲୋକମାନଙ୍କୁ ସଚେତନ କରିବା ସହିତ ଔଷଧୀୟ ବୃକ୍ଷ ସଂଗ୍ରହ କରି ତାକୁ ଆଗ୍ରହୀ ଲୋକଙ୍କୁ ଲଗାଇବାକୁ ଦେଇଥାଏ।" ଆପଣ ନିଜେ କାହିଁକି ଗଛ ଲଗାନ୍ତି ନାହିଁ ପ୍ରଶ୍ନରେ ସେ କହନ୍ତି, "ମୁଁ ବର୍ତ୍ତମାନ ପାଠ ପଢୁଛି। ଗଛ ଲଗାଇ ତା'ର ଯତ୍ନ ନେଇ ତାକୁ ବଞ୍ଚାଇବା ରଖିବା ବହୁତ କଷ୍ଟକର କାର୍ଯ୍ୟ। ଏହା ବ୍ୟୟ ଓ ସମୟ ସାପେକ୍ଷ। ଜଣେ ଛାତ୍ର ପକ୍ଷରେ ଏହା ସମ୍ଭବ ନୁହେଁ। ସଦ୍‌ଗୁରୁଙ୍କ ନଦୀ ସୁରକ୍ଷା ଅଭିଯାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଦ୍ୱାରା ପ୍ରଭାବିତ ହୋଇ ମୁଁ ଓ ମୋ ଭଉଣୀ ଅନ୍ୟ ସାଙ୍ଗସାଥୀଙ୍କ ସହ ଏହି କାମ କରୁଛୁ।" ଆଦ୍ୟା ନିଜର ଭବିଷ୍ୟତର ଲକ୍ଷ୍ୟ ନେଇ କହନ୍ତି, "ଆମ ଘର କାଠଯୋଡ଼ି କୂଳରେ। ମୋ ପିଲାଦିନର କାଠଯୋଡ଼ି ନଈ ପ୍ରତି ବର୍ଷ ଶୁଖି ଶୁଖି ଯାଉଛି, ମଇଳା ପଡ଼ି ନର୍ଦ୍ଦମା ଓ ଆବର୍ଜନା କୁଣ୍ଡରେ ପରିଣତ ହେଉଛି। ଏହା ଦେଖି ମୁଁ ନଈ ସୁରକ୍ଷା ଲାଗି ଜନସଚେତନତା ସୃଷ୍ଟି କରିବାକୁ ମନ ବଳାଇଲି। ନଈନାଳର ସୁରକ୍ଷା ପାଇଁ ଆଇନ ପାଠ ପଢ଼ିଲି। ଭବିଷ୍ୟତରେ 'ରିପେରିଆନ୍ ୱାଟର୍ ରାଇଟ୍‌ସ' ଉପରେ କାର୍ଯ୍ୟ କରିବି ଏବଂ ଓଡ଼ିଶାର ଅଳକା ଓ ବିଲୁଆଖାଇ ଭଳି ମୃତ ନଈର ପୁନରୁଦ୍ଧାର କରିବାକୁ ଉଦ୍ୟମ କରିବି ବୋଲି ଆଶା ବାନ୍ଧିଛି।"

# ଚଢ଼େଇ ପାଇଁ ଚଳଚଞ୍ଚଳ

ଚଢ଼େଇର କିଚିରିମିଚିରି ତାଙ୍କର ଭାରି ପ୍ରିୟ। ଘରଚଟିଆର 'ଚିଁ ଚିଁ' ଶବ୍ଦ ହେଉ କି ପାରାର 'ଘୁଁ ଘୁଁ ଘୁମୁରେ' ସ୍ୱର, ଏହା ତାଙ୍କ ପାଇଁ କେଉଁ ସଙ୍ଗୀତର ଶ୍ରେଷ୍ଠ ରାଗିଣୀଠାରୁ କମ୍ ନୁହେଁ। ଏଣୁ ୩୬ ବର୍ଷ ହେଲା ଚଢ଼େଇଙ୍କ ପ୍ରେମରେ ପାଗଳ ଗହର ଆବେଦିନ। ଅର୍ଥନୀତିରେ ସ୍ନାତକୋତ୍ତର ଓ ପିଏଚ୍‌ଡି କରିଥିଲେ ବି ସେ ଜୀବମଣ୍ଡଳର ଟିକି ଚଢ଼େଇଙ୍କ ପାଇଁ ଉତ୍ସର୍ଗୀକୃତ ଭାବେ କାମ କରୁଛନ୍ତି।

ଗହର ଆବେଦିନ କହନ୍ତି, 'ପିଲାଟି ଦିନୁ ଚଢ଼େଇ ଦେଖିଲେ ମୋତେ ଭାରି ଶାନ୍ତି ଲାଗେ। ସେମାନଙ୍କ ପାଇଁ ଘର ବାହାରେ ପାଣି ଥୋଇବା, ଖାଦ୍ୟ ରଖିବା ଆଦି ମୋ ପାଇଁ ନିତିଦିନିଆ କାମ। ଯେତେବେଳେ ମୁଁ ମୋ ସ୍ନାତକ ପଢ଼ାସାରି ଅର୍ଥନୀତିରେ ସ୍ନାତକୋତ୍ତର କରିବାକୁ ଭୁବନେଶ୍ୱର ଆସିଥିଲି, ସେବେଠାରୁ ଅର୍ଥାତ୍ ୧୯୮୭ ମସିହାରୁ ମୁଁ ଡକ୍ଟର ଉଦୟନାରାୟଣ ଦେବଙ୍କ ସହ ମିଶି ଚଢ଼େଇଙ୍କ ଉପରେ କାମ କରିବା ଆରମ୍ଭ କରିଥିଲି। ସେବେଠାରୁ ଚିଲିକା, ଭିତରକନିକା ଆଦି ସ୍ଥାନରେ କାମ କରୁଛି।' ସେ ପୁରୀ ଜିଲ୍ଲା ବନମାଳିପୁରରେ ଦୁଇଟି ଜଙ୍ଗଲ ସୃଷ୍ଟି କରି ଚଢ଼େଇମାନଙ୍କ ପାଇଁ ବାସସ୍ଥାନ ସୃଷ୍ଟି କରିଛନ୍ତି। ୨୦ ବର୍ଷ ତଳେ ପାଖାପାଖି ଏକ ଏକର ଜମିରେ ବରକୋଳି, ନରକୋଳି, କ୍ଷୀରକୋଳି, ବଉଳକୋଳି, ବେତକୋଳି, ଡିମିରି ଆଦି କୋଳି ଗଛ ଲଗାଇ ପକ୍ଷୀମାନଙ୍କ ପାଇଁ ସେ ଜଙ୍ଗଲଟିଏ ସୃଷ୍ଟି କରିଥିଲେ। ପରେ ୨୦୧୦ ମସିହା ଆଡ଼କୁ ସେ ଅଢ଼େଇ ଏକର ଜମିରେ ଆଉ ଗୋଟିଏ ଜଙ୍ଗଲ ସୃଷ୍ଟି କରି ପକ୍ଷୀମାନଙ୍କ ରହିବା ବ୍ୟବସ୍ଥା କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ କୋଳି ଗଛ ବଢ଼ି ଫଳ ଦେବାକୁ ମାତ୍ର ୨ରୁ ୩ ବର୍ଷ ଲାଗେ ଏବଂ ପକ୍ଷୀମାନଙ୍କୁ ଖାଦ୍ୟ ଓ ବାସସ୍ଥାନ ଯୋଗାଇଦିଏ। ୩୮ ପ୍ରଜାତିର ପକ୍ଷୀ ଏଠାକୁ ଆସି ବସା ତିଆରି କରି ଛୁଆ ଦେଇସାରିଲେଣି। ବୁଲ୍‌ବୁଲ୍, ବଣିଚଢ଼େଇ, ରବିନ୍, ବାବ୍‌ଲର୍, ଇଗ୍ରେଟ୍, ଟେଲର୍ ବର୍ଡ ଓ ହେରନ୍ ଭଳି ବହୁ ପ୍ରଜାତିର ପକ୍ଷୀ ଏଠାରେ ଆଶ୍ରୟ ନେଇଥା'ନ୍ତି। ଗହର ଆବେଦିନ ଭୁବନେଶ୍ୱରରେ ରହୁଥିବା ବେଳେ ପ୍ରତିଦିନ ବନମାଳିପୁର ଯାଇ ନିଜ ଜଙ୍ଗଲ ଦେଖିଆସନ୍ତି ଓ ଚଢ଼େଇମାନଙ୍କ ପାଇଁ ଆବଶ୍ୟକ ସୁବିଧା କରନ୍ତି।

ଗହରଙ୍କ କହିବା କଥା, ପଶୁପକ୍ଷୀ ଓ ଚଢ଼େଇମାନେ ଭୋଟ୍ ଦେଉନଥିବାରୁ ସେମାନଙ୍କ ପ୍ରତି ଧ୍ୟାନ ଦେବାକୁ କେହି ଉଚିତ ମଣନ୍ତିନାହିଁ। ଆମେ ନିଜ ବିଷୟରେ ସବୁବେଳେ ଭାବୁଛେ। ଯଦି ଆମେ ୧ ପ୍ରତିଶତ ସମୟ ଓ ସମ୍ବଳ ଚଢ଼େଇମାନଙ୍କ ପାଇଁ ଦେବା ତେବେ ସେମାନଙ୍କ ସଂରକ୍ଷଣରେ ଏହା ବହୁତ ସହାୟକ ହେବ। ଯେମିତିକି ଆମେ ଘର ବାହାରେ ଗୋଟିଏ ସ୍ଥାନରେ ସଫା ପାଣି, ଗୋଟିଏ ସ୍ଥାନରେ ବାଲି ଓ ଅନ୍ୟ ସ୍ଥାନରେ ନିଜ ଘରର ବଳିଯାଇଥିବା ଖାଦ୍ୟ ରଖିଦେଲେ ପକ୍ଷୀମାନଙ୍କୁ ଖାଦ୍ୟ, ପାନୀୟ ଓ ବାସସ୍ଥାନ ମିଳିପାରିବ। ଏଥିପାଇଁ ବିଶେଷ ପରିଶ୍ରମ ବା ସମୟ ଦରକାର ନାହିଁ।



# ଖାଦ୍ୟ ଓ ଜଳ ଅପଚୟର ସରଳ ପ୍ରତିକାର



ସମଗ୍ର ବିଶ୍ୱରେ ମଣିଷ ଅନେକ କିଛି ଅପଚୟ ବା ନଷ୍ଟ କରେ। ସେଥିରୁ ଅତି ହେୟ ମନେ ହେଉଥିବା ଦୁଇଟି ମୂଲ୍ୟବାନ୍ ପଦାର୍ଥ ହେଉଛି ଖାଦ୍ୟ ଓ ଜଳ। ଜାଣତରେ ଅଥବା ଅଜାଣତରେ ଲୋକେ ଘରେ ଓ କାର୍ଯ୍ୟକ୍ଷେତ୍ରରେ ଗୁଡ଼ାଏ ଖାଦ୍ୟ ଆଉ ପାଣି ଅପଚୟ କରନ୍ତି। ସାମାନ୍ୟ ଚେଷ୍ଟା ବଳରେ ସଭିଏଁ ନିଜ ନିଜର ବଦଭ୍ୟାସ ବଦଳାଇ ଖାଦ୍ୟ ଓ ପାଣି ଅପଚୟ ଏଡ଼ାଇ ପାରିଲେ ଆଗାମୀ ପିଢ଼ି ପାଇଁ ବହୁ ପରିମାଣର ସମ୍ବଳ ସଞ୍ଚୟ କରାଯାଇ ପାରନ୍ତା। ସେଥିଲାଗି ମାତ୍ର କେତୋଟି ଛୋଟ ଛୋଟ କଥା ଉପରେ ଧ୍ୟାନ ଦେବାକୁ ପଡ଼ିବ।

**ଖାଦ୍ୟ ନଷ୍ଟ କମିବ କେମିତି**

କେବଳ ଆବଶ୍ୟକ ଥିବା ଖାଦ୍ୟ ସାମଗ୍ରୀ ଖରିଦ କରନ୍ତୁ। ଖାଦ୍ୟ ସାମଗ୍ରୀ କିଣିଲା ବେଳେ ଜୈବ-ଅନୁକୂଳ ସାମଗ୍ରୀ କଥା ବିଚାର କରନ୍ତୁ।

- ଯେତିକି ଦରକାର ସେତିକି ଖାଦ୍ୟ ରାନ୍ଧନ୍ତୁ, ଅଧିକ ରାନ୍ଧନ୍ତୁ ନାହିଁ।
- କିଣାକିଣି ପାଇଁ ଯିବା ଆଗରୁ ଘରେ କ'ଣ ସବୁ ଖାଦ୍ୟପଦାର୍ଥ ଅଛି ଦେଖି ଯାଆନ୍ତୁ।
- ଅଳ୍ପ ପରିମାଣ ଭୋଜନ ବାଢ଼ନ୍ତୁ। ଅଧିକ ବାଢ଼ି ନ ଖାଇଲେ ଖାଦ୍ୟ ନଷ୍ଟ ହେବ।

**ପାଣି କାରବାର କମିବ କେମିତି**

- ଯେତିକି ଦରକାର ସେତିକି ପାଣିରେ ଫଳମୂଳ ଓ ପନିପରିବା ଧୁଅନ୍ତୁ।
- ପୂର୍ଣ୍ଣ ପରିମାଣର ଲୁଗାପଟା ଓ ବାସନକୁସନ ବୋଝେଇ କରି ୱାସିଙ୍ଗ୍ ମେସିନ୍ ଓ ଡିସ୍ ୱାସର୍ ଚଳାନ୍ତୁ।
- ଗାଧୋଇଲା ବେଳେ ମାତ୍ର ୫ ମିନିଟ୍ ସାୱାର୍ ଚଳାନ୍ତୁ।
- ପାଣି ରିସାଇକ୍ଲ ବା ପୁନର୍ବିନିଯୋଗ କରାଯାଉଥିବା କାର୍‌ୱାସ୍‌କୁ କାର୍ ଧୋଇବାକୁ ନିଅନ୍ତୁ।
- ଦୁଇଟା ଫ୍ଲସ୍ ଥିବା ଟଏଲେଟ୍ ବସାନ୍ତୁ।

ସଞ୍ଚାର SANCHAR

## ମୌସୁମୀ ବର୍ଷା ଆଣିଦେଲା ଚାଷୀଙ୍କ ମୁହଁରେ ହସ

# ଚାଷ ପାଇଁ ଚଳଚଞ୍ଚଳ ଚଷାପୁଅ

**କାକଟପୁର /ଅସ୍ତରଙ୍ଗ,୨୪ା୫ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଗତ ବର୍ଷ ଖରିଫ ଧାନ ଫସଲ ଅମଳ ସମୟରେ ଡିସେମ୍ବର ମାସରେ ୫ଦିନିଆଁ ଲଗାଣ ଅଦିନିଆ ବର୍ଷା ଜମିରେ ଏବଂ ଗଦାରେ ଥିବା ଧାନ ଫସଲକୁ ନଷ୍ଟ କରିଥିଲା। ପରେ ଜାନୁୟାରୀ ମାସରେ ଲଗାତାର ଘନ କୁହୁଡି ଯୋଗୁଁ ବ୍ଲକ ଅଞ୍ଚଳରେ ପନିପରିବା ଓ ରବି ଫସଲ ଚାଷ ବ୍ୟାପକ ଭାବେ ପ୍ରଭାବିତ ହୋଇଥିଲା। ଚଳିତ ବର୍ଷ ମୌସୁମୀ ବର୍ଷା ଶୀଘ୍ର ଆସିଥିବାରୁ ଚାଷୀ ମନ ଆନନ୍ଦିତ। କ୍ଷେତ ମୁହାଁ ଚଷା ପୁଅ। ମୌସୁମୀ ବର୍ଷା ଆଣିଦେଲା ଚାଷୀଙ୍କ ମୁହଁରେ ହସ । ବର୍ଷାକୁ ଦେଖି ଚଳଚଞ୍ଚଳ ହୋଇଛି ଚଷା ପୁଅ।

ପୁରୀ ଜିଲ୍ଲା ଉପକୂଳ କାକଟପୁର, ଅସ୍ତରଙ୍ଗ ଅଞ୍ଚଳରେ ଆରମ୍ଭ ହୋଇଯାଇଛି ଚାଷ କାମ। ମୌସୁମୀ ବର୍ଷାର ପ୍ରଥମ ଛୁଆଁରେ ହସୁଛି ଧରା । ପ୍ରଫୁଲିତ ଚଷା ପୁଅ । ଚାଷ କାର୍ଯ୍ୟ ପାଇଁ ଅଣ୍ଟା ଭିଡିଛନ୍ତି ଚାଷୀ । ବର୍ଷକର ଧାନ ଫସଲ ଅମଳ ପାଇଁ ଆରମ୍ଭ କରିଦେଇଛନ୍ତି ଜୋରଦାର ପ୍ରସ୍ତୁତି। ପୁରୀ ଜିଲ୍ଲା ଉପକୂଳ କାକଟପୁର , ଅସ୍ତରଙ୍ଗ ଅଞ୍ଚଳରେ ଆରମ୍ଭ ହୋଇଯାଇଛି ଚାଷ କାର୍ଯ୍ୟ । କାକଟପୁର ଅସ୍ତରଙ୍ଗ ଅଞ୍ଚଳର ୭୦ ପ୍ରତିଶତ ଲୋକେ ଚାଷ ଉପରେ ନିର୍ଭର କରିଥାନ୍ତି । ଧାନ ଚାଷ ଏମାନଙ୍କ ମୁଖ୍ଯ ଫସଲ । ଅସ୍ତରଙ୍ଗ ବ୍ଲକରେ ୯ ହଜାର୮୧୫ ହେକ୍ଟର ଚାଷ ଜମି ଥିବାବେଳେ ୮ ହଜାର ୭୮୦ ହେକ୍ଟର ଜମିରେ ଧାନ ଚାଷ ହୋଇଛି। ଚଳିତ ଥର ମୌସୁମୀ ଶୀଘ୍ର ଆସିବା ହେତୁ ଚାଷ କାର୍ଯ୍ୟ ପାଇଁ ମୃତ୍ତିକା ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଲଗାତାର ୨ ଦିନ ବର୍ଷା ହେବା ପରେ ହେକ୍ଟର ହେକ୍ଟର ଜମିରେ ହଳ କରିବା ସହିତ ବିହନ ବୁଣା ବୁଣି ଆରମ୍ଭ କରିଦେଇଛନ୍ତି ଚାଷୀ । ମୁଣ୍ଡ ଝାଳ ତୁଣ୍ଡରେ ମାରି ଶୀଘ୍ର ଚାଷ କାମ ସାରିବାକୁ ଲାଗି ପଡିଛନ୍ତି । ଆଗକୁ ମୌସୁମୀ ବର୍ଷା ଭଲ ରହିଲେ ଚାଷ କାର୍ଯ୍ଯ ଭଲ ହେବ ବୋଲି ଆଶା ରଖିଛନ୍ତି ଚାଷୀକୁଳ ।



## ଚିକିଟି ବିଧାୟକଙ୍କ ମହାନତା

# ନିଜ ଗାଡିରେ ଆହତଙ୍କୁ ମେଡ଼ିକାଲ ପଠାଇଲେ



**ବ୍ରହ୍ମପୁର,୨୪ା୫ (ସଂଚାର ବ୍ୟୁରୋ):** ପୁଣି ମହାନତା ଦେଖାଇଛନ୍ତି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ୍ ସାମନ୍ତରା। ରାସ୍ତାରେ ଗସ୍ତ କରୁଥିବା ବେଳେ ଜଣେ ଆହତଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ମେଡ଼ିକାଲ ପଠାଇଥିଲେ ବିଧାୟକ। ସୂଚନା ଅନୁଯାୟୀ, ଆଜି ପଦ୍ମନାଭପୁରରୁ ଚିକିଟିକୁ ଫେରୁଥିବା ବେଳେ ଏକ ଦୁର୍ଘଟଣା ଦେଖି ନିଜ ଗାଡି ଅଟକାଇଥିଲେ ଚିକିଟି ବିଧାୟକ। ଜଣେ ଭାଇ, ତାଙ୍କ ଭଉଣୀଙ୍କୁ ସାବିତ୍ରୀ ଭାର ଦେବା ପାଇଁ ଯାଉଥିବା ବେଳେ ରାସ୍ତାରେ ହଠାତ୍ ପଡିଯିବା ଫଳରେ ଆଘାତ ପ୍ରାପ୍ତ ହୋଇଥିଲେ । ଏହି ଘଟଣା ଦେଖି ସଙ୍ଗେ ସଙ୍ଗେ ସ୍ଥାନୀୟ ବିଧାୟକ ନିଜ ଗାଡିରେ ବସେଇ ତାଙ୍କୁ ଡାକ୍ତରଖାନାରେ ପହଞ୍ଚାଇବାରେ ସହଯୋଗ କରିଥିଲେ।

ବିଧାୟକ କହିଛନ୍ତି, ଏଭଳି ଘଟଣା ଆମକୁ ମାନବିକତା ଓ ଦାୟିତ୍ୱବୋଧତା ଯେ ସବୁଠୁ ବଡ ଧର୍ମ, ତାହା ସ୍ମରଣ କରାଇଥାଏ । ଜନସେବା କେବଳ ନୀତିମାନ୍ୟରେ ନୁହେଁ, କାର୍ଯ୍ୟ ଓ ବ୍ୟବହାରରେ ଦିଖାଯିବା ଉଚିତ। ଜନସେବା କରିବା ମୋର ପରମ ସୌଭାଗ୍ୟ। ଆପଣମାନଙ୍କର ସେବା କରିବା ପାଇଁ ମୁଁ ସର୍ବଦା ପ୍ରସ୍ତୁତ। ଆପଣ ସମସ୍ତଙ୍କୁ ଅନୁରୋଧ ରାସ୍ତାରେ ଏପରି ଘଟଣା ଦେଖିଲେ ସାହାଯ୍ୟ ପାଇଁ ଆଗକୁ ଆସନ୍ତୁ। ଆମ ସମାଜ ଏବଂ ମାନବତାକୁ ଏହିପରି କାର୍ଯ୍ୟ ପ୍ରେରଣା ଯୋଗାଇଥାଏ । ଚିକିଟି ନିର୍ବାଚନ ମଣ୍ଡଳୀର ବିକାଶ ଓ ଜନସାଧାରଣଙ୍କ ସେବା କରିବା ମୋର ଲକ୍ଷ୍ୟ। ଦୁଃଖ ଓ ଆପଦରେ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଖରେ ପହଞ୍ଚିବା ପାଇଁ ମୁଁ ସଦା ପ୍ରୟାସରତ। ଆପଣମାନଙ୍କର ଆଶୀର୍ବାଦ ଓ ସହଯୋଗରେ ଏହି ସେବା କାର୍ଯ୍ୟ ଆଗକୁ ଜାରି ରଖିବି।

# ବ୍ଲକ ପ୍ରଶାସନର ଅବହେଳା ଯୋଗୁଁ ପିଏମ୍ ବିଶ୍ୱକର୍ମା ଯୋଜନାରୁ ହିତାଧିକାରୀ ବଞ୍ଚିତ

**ଖପ୍ରାଖୋଲ,୨୪ା୫ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ ତଥା ଖପ୍ରାଖୋଲ ପଞ୍ଚାୟତ ଅନ୍ତର୍ଗତ ମହୁରୁଣ୍ଡି ଗ୍ରାମର ମଦନ ମୁଣ୍ଡା ଆଜକୁ ୮ ମାସ ହେଲା ପିଏମ୍ ବିଶ୍ୱକର୍ମା ଯୋଜନା ରେ ଅନ୍ତର୍ଭୁକ୍ତ ହେବା ପାଇଁ ଅନଲାଇନ ଆବେଦନ କରିଛନ୍ତି ହେଲେ ଆଜି ପର୍ଯ୍ୟନ୍ତ ଯୋଜନାରେ ସାମିଲ କରାଯାଇ ନାହିଁ ଯାଫଳରେ ହିତାଧିକାରୀ ଅଭିଯାଗ ଆଣିଛନ୍ତି । ଏହି କଥାକୁ ନେଇ କେତେକ ପତ୍ରିକାରେ ଖବର ପ୍ରକାଶିତ ହୋଇଥିଲା । ଏହି ଖବର ବିଷୟରେ ସରକାରଙ୍କ ପ୍ରତକ୍ଷ୍ୟ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମାଜ ସେବୀ ରୁପେନ୍ଦ୍ର ମୁଣ୍ଡା କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଉଚ୍ଚ ପଦସ୍ଥ ଅଧିକାରୀ, ମନ୍ତ୍ରୀ, ସଚିବ, ଜିଲାପାଳଙ୍କୁ ଟୁଇଟ ମାଧମରେ ଅନୁରୋଧ କରିଥିଲେ ହେଁ ୧ ବର୍ଷ ହେଲା କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଦ୍ୱାରା ସରକାରଙ୍କ ପ୍ରଚଳିତ ପିଏମ୍ ବିଶ୍ୱକର୍ମା ଯୋଜନା କାର୍ଯତାକାରୀତ ଉପରେ ପ୍ରଶ୍ନବାଚି ସୃଷ୍ଟି କରୁଛି। ତେଣୁକରି ଏହା ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ହିତାଧିକାରୀ ମଦନ ମୁଣ୍ଡା ଙ୍କୁ ପିଏମ୍ ବିଶ୍ୱକର୍ମା ଯୋଜନାରେ ସାମିଲ କରି ଯୋଜନାରେ ଯାହା ସୁବିଧା ସୁଯୋଗ ଅଛି ଯୋଗାଇ ଦେବାକୁ ଦାବି ହେଉଛି । ଏବିଷୟରେ ଖପ୍ରାଖୋଲ ବିଡିଓ ଙ୍କୁ ପଚାରିଲେ କୁହନ୍ତି ଯିଏ ଏହି ବିଭାଗର ଅଧିକାରୀ ସେଯାଣିବେ ଏହା ଉପରେ ମୁକିଛି କହିପାରିବି ନାହିଁ । ଜିପିଡିଓ ଙ୍କୁ ପଚାରିଲେ ୧ ବର୍ଷ ହେବ ହେଇଯିବ ହେଇଯିବ କହୁଛନ୍ତି । ଜଣା ଯାଏ ଏବେ ସରକାର ବଢ଼େଇ ଓ କାଠ ମିସ୍ତ୍ରୀ ମାନଙ୍କୁ ଟ୍ରେନିଂ ଦେବାର ଯୋଜନା ରଖୁଛନ୍ତି ଅନ୍ୟ ପଞ୍ଚାୟତ ମାନଙ୍କରେ ସରପଞ୍ଚ ମାନେ ପଦକ୍ଷେପ ନେଉଛନ୍ତି ହେଲେ ଖପ୍ରାଖୋଲ ବ୍ଲକ ର କଥା କିଛି ଜଣା ପଡୁନାହିଁ । ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ରହିଯିବା ଭଳି ମନେ ହେଉଛି ।

# ପିମ୍ପଲ ଓ ଗୋପୀନାଥପୁର ଗ୍ରାମବାସୀଙ୍କ ଲାଗି ଭଲ ରାସ୍ତା କରିବେ ବିଧାୟକ ଆକାଶ

**ଯାଜପୁର ରୋଡ଼,୨୪ା୫ (ସଂଚାର ବ୍ୟୁରୋ):** କୋରେଇ ନିର୍ବାଚନ ମଣ୍ଡଳୀର ବିଧାୟକ ଶ୍ରୀ ଆକାଶ ଦାସନାୟକ କୋରେଇ ବ୍ଲକ୍ ଅନ୍ତର୍ଗତ ତୁଳତୀ ଗ୍ରାମପଂଚାୟତ ପିମ୍ପଲ ଛକ ଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ନହକା-ଖଇରା ପୂର୍ତ୍ତ ବିଭାଗ ରାସ୍ତା ଠାରୁ ଗୋପୀନାଥପୁର ଭାୟା ପିମ୍ପଲ ରାସ୍ତା ନିର୍ମାଣର ଶୁଭ ଭିତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ପ୍ରକଳ୍ପର ଅଟକଳ ପରିମାଣ ୨ କୋଟି ୨୨ ଲକ୍ଷ ରହିଛି । ତୁଳତୀ ଗ୍ରାମପଂଚାୟତ କୋଗାଁ ଛକ ଠାରେ ଶହ ଶହ କର୍ମୀ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ସେହିଠାରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ପିମ୍ପଲ ଛକ ପର୍ଯ୍ୟନ୍ତ ବିଧାୟକଙ୍କୁ ପାଛୋଟି ନେଇଥିଲେ । ଜନସାଧାରଣଙ୍କ ମୌଳିକ ସମସ୍ୟା ଦୂର କରିବା ଦିଗରେ ସଦାସର୍ବଦା ଅଗ୍ରସର ଆମ କୋରେଇ ବିଧାୟକ । କୋରେଇ ଗମନାଗମନ କ୍ଷେତ୍ରରେ ଆଉ ଏକ ପାଦ ଆଗକୁ ଗଲା । ଏହି ପ୍ରକଳ୍ପ ଦ୍ୱାରା ତୁଳତୀ ଗ୍ରାମପଂଚାୟତ ଓ ତଳଗଡ ଗ୍ରାମପଂଚାୟତର ଗମନାଗମନ କ୍ଷେତ୍ରରେ ଯୋଗସୂତ୍ର ସ୍ଥାପନ ହେଲା । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ଦିପ୍ତିମୟୀ କୁଅଁର, ଶୀତାକାନ୍ତ କୁଅଁର, ବ୍ରାହ୍ମଣୀଦେବୀ ମଣ୍ଡଳ ସଭାପତି ରାକେଶ ଜେନା, ଧନେଶ୍ୱର ବାରିକ, ବିଜେପିର ଟାଣୁଆ ନେତା ପ୍ରକାଶ ଧଳ, ବିଷ୍ଣୁ ରଥ, ଉଦୟ ପରିଡା, ସେକ୍ ଜହର ଅଲ୍ଲୀ, ଗୌରପୁର ସରପଂଚ ସତ୍ୟାନନ୍ଦ ମହାପାତ୍ର, ବରୁଣ୍ଡେଇ ସମିତି ସଭ୍ୟ ରଶ୍ମିରଞ୍ଜନ ପରିଡା, କନ୍ତର ଗ୍ରାମପଂଚାୟତର ନେତା ଅଶୋକ ବାରିକ, ରମେଶ ଭୂୟାଁ, ସୁଜିତ୍ ପ୍ରଶାନ୍ତ ମଲ୍ଲିକ ପ୍ରମୁଖଙ୍କ ସମେତ ପାଖାପାଖି ହଜାର କାର୍ଯ୍ୟ କର୍ତାମାନେ ଉପସ୍ଥିତ ଥିଲେ ।





# ବଙ୍ଗାଳିଡାହି ଅଞ୍ଚଳରେ ବ୍ୟାପୁଛି ଅଜଣା ଗୋ-ରୋଗ

● ଦୁଇଦିନରେ ଦୁଇ ଗୋରୁ ମୃତ, ଅନେକ ଆକ୍ରାନ୍ତ

**ବୈଶିଙ୍ଗା,୨୪ା୫ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ଗ୍ରାମ ପଞ୍ଚାୟତର ବଙ୍ଗାଳିଡାହି ଅଞ୍ଚଳରେ ଅଜଣା ଗୋ ରୋଗର ଆତଙ୍କ ଦେଖାଦେଇଛି। ଦୁଇଦିନ ମଧ୍ୟରେ ୨ଟି ଗୋରୁ ମୃତ୍ୟବରଣ କରିଥିବାବେଳେ ଅନେକ ଏହି ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଲୋକମାନଙ୍କର କହିବା ଅନୁସାରେ ଆକ୍ରାନ୍ତ ଗୋରୁ ଗୁଡ଼ିକ ପ୍ରଥମେ ଛଟେଇ ଛଟେଇ ଚାଲିବା ସହିତ ଖାଦ୍ୟ ଖାଉନାହାଁନ୍ତି। ଏହା ପରେ ପରେ ମରିଯାଉଛନ୍ତି। ଯେଉଁମାନେ ଚିକିତ୍ସା ଆରମ୍ଭରେ ବିଳମ୍ବ କରୁଛନ୍ତି ସେମାନଙ୍କର ଗୋରୁର ଜୀବନ ରକ୍ଷା କରିବା ସମ୍ଭବ ହେଉନାହିଁ। ଲୋକମାନେ ସଚେତନ ନଥିବାରୁ ଲକ୍ଷଣ ଦେଖାଯିବା ପରେ ମଧ ଚିକିତ୍ସା କରୁନାହାଁନ୍ତି। ବଙ୍ଗାଳିଡାହି, ଅଙ୍ଗାରଗଡିଆ ଓ ସିଆଳପଦା ଅଞ୍ଚଳରେ ବିଶେଷ କରି ଏହି ରୋଗ ଦେଖିବାକୁ ମିଳୁଛି। ପ୍ରାଣୀ ଚିକିତ୍ସା ବିଭାଗ ତରଫରୁ ତୁରନ୍ତ ଟିକାକରଣ ଓ ଚିକିତ୍ସା ଆରମ୍ଭ କରାନଗଲେ ଅନେକ ଆକ୍ରାନ୍ତ ଗୋରୁ ଗୁଡିକ ମରିଯିବାର ସମ୍ଭାବନା ରହିଥିବାବେଳେ ପଡୋଶୀ ଗ୍ରାମ ଗୁଡିକୁ ଏହି ରୋଗ ବ୍ୟାପିବାର ଯଥେଷ୍ଟ ସମ୍ଭାବନା ରହିଛି।

## କଙ୍ଗାରୁ କୋର୍ଟରେ ବିଚାର

# ପୁଅ ପକ୍ଷକୁ ନିଆଁ, ପାଣି, ବିଦ୍ୟୁତ ବାସନ୍ଦ

**କଣାସ,୨୪ା୫ (ସଂଚାର ବ୍ୟୁରୋ):** କଣାସ ବ୍ଲକ ବଡାଲ ପଞ୍ଚାୟତ ଓଗାଳପୁର ଗ୍ରାମରେ ପ୍ରେମ ଜନିତ ବ୍ୟାପର ନେଇ ଅଦାଲତରେ ମକଦମା ଚାଲିଥିବା ବେଳେ ପୁଅ ପକ୍ଷକୁ କଙ୍ଗାରୁ କୋର୍ଟ ନିଷ୍ପତି ଅନୁଯାୟୀ ନିଆଁ, ପାଣି ବିଦ୍ୟୁତ ଦୋକାନ ସୌଦା ମନ୍ଦିର ବାଛନ୍ଦ କରାଯାଇଥିବା ପୁଅର ପିତା ଲକ୍ଷ୍ମୀଧର ପଲାଇ ଗଡ଼ିଶାଗୋଦା ଥାନାରେ ଅଭି ଯୋଗ କରିବା ସହିତ ପୂର୍ବରୁ ଏ ସମ୍ପର୍କରେ ଏସଡିପିଅ ପୁରୀଙ୍କୁ ଲକ୍ଷ୍ମୀଧର ଝିଅ ସାକ୍ଷାତ କରି ବାସନ୍ଦ ସମ୍ପର୍କରେ ଜଣାଇଥିଲେ। ଏତଲାରୁ ପ୍ରକାଶ ଯେ ଓଗାଳପୁର ଗ୍ରାମର ଦୀପା ମହାପାତ୍ର ଏହି ଗ୍ରାମର ମନୋଜ ପଲାଇଙ୍କୁ ୫ ବର୍ଷ ଧରି ଭଲ ପାଇ ଆସୁଥିଲେ ଓ ମନୋଜ ଦୀପାଙ୍କୁ ବିବାହ ପାଇଁ ପ୍ରତିସୃତି ଦେଇଥିଲେ ଶେଷରେ ବିବାହ ହେବା ପାଇଁ ମନା କରିବାରୁ ମନୋଜଙ୍କ ଦୁଆରେ ଦୀପା ବସି ରହିଥିଲେ। ଏତଲା ପାଇବା ପରେ ଗଡ଼ିଶାଗୋଦା ପୂର୍ବତନ ଆଇଆଇସି ଏକ ମକଦମା ରୁଜ କରି ମନୋଜ ପଲାଇ ପିତା ଲକ୍ଷ୍ମୀଧର ପଲାଇ ମାତା ଖୁଳଣା ପଲାଇ ନାମରେ ମକଦମା କରିଥିଲେ। ପିତା ଓ ମାତା ଓଡ଼ିଶା ଉଚ୍ଚ ନ୍ୟାୟଳୟକୁ ଜାମିନ ପାଇଁ ଆବେଦନ କରି ଜାମିନରେ ଆସିଥିବାବେଳେ ପୁତ୍ର ମନୋଜ କୁ ପୁଲିସ ଗିରଫ କରି କୋର୍ଟକୁ ଚାଲଣ କରିଥିଲେ। ମନୋଜ ୨୨ ଦିନ ଧରି ଜେଲରେ ରହିବା ପରେ ଜିମିନିରେ ଆସିଥିବା ବେଳେ ଅଦାଲତରେ ମକଦମା ଚାଲୁ ରହିଛି। ଗ୍ରାମବାସୀମାନେ ତା୨୨/୪/୨୦୨୫ ରିଖରେ ଆଖପାଖ ଅଞ୍ଚଳର କେତେକ ଭଦ୍ରବ୍ୟକ୍ତିଙ୍କୁ ଡକାଇ ଏକ ଆପୋସ ସମାଧାନ କରିବା ପାଇଁ ହାଡି ବନ୍ଧୁଙ୍କ ସଭାପତିତ୍ୱରେ ଗଡ଼ିଶାଗୋଦା ଥାନା ନିକଟରେ ଏକ ବୈଠକ ବସିଥିଲା। ମନୋଜ ଦିପା ସହିତ କୌଣସି ସମ୍ପର୍କ ନଥିବା ଦର୍ଶାଇ ବିବାହ କରିବ ନାହିଁ ବୋଲି ମନାକରିଦେଇଥିଲା। ଦୀପା ତା୯/୬/୨୪ ରିଖରେ ଏତଲା ଦେଇଥିବାବେଳେ ସେହିଦିନଠାରୁ ମନୋଜ ପଲାଇ ପରିବାରଙ୍କୁ ନିଆଁ, ପାଣି, ମନ୍ଦିର .ଦୋକାନରୁ ସୌଦା କିଣିବା ଗ୍ରାମବାସୀମାନେ ବାରଣ କରିଦେଇଛନ୍ତି। ମଝିରେ ମଧ ବିଦ୍ୟୁତ କାଟି ଦେଇଥିଲେ। ଆଜି ବିଦ୍ୟୁତ କାଟି ଦେବା ପରେ ଅବସରପ୍ରାପ୍ତ ସୈନ୍ୟ ବିଭାଗ ଲକ୍ଷ୍ମୀଧର ପଲାଇ ଗଡ଼ିଶାଗୋଦା ଥାନାରେ ଏକ ଅଭି ଯୋଗ କରିବା ପରେ ଗଡ଼ିଶାଗୋଦା ଥାନା ଅଧିକାରୀ ଏକ ମକଦମା ରୁଜ କରିଛନ୍ତି। ବିଦ୍ୟୁତ ସରବରାହ ଯୋଗାଇବା ପାଇଁ କଣାସ ବିଦ୍ୟୁତ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ପାଖକୁ ଲକ୍ଷୀଧରଙ୍କୁ ପଠାଇଛନ୍ତି। ଖବର ପାଇ କନିଷ୍ଠ ଯନ୍ତ୍ରୀ ବିଦ୍ୟୁତ ସରବାରାହ ଚାଲୁ କରିଥିଲେ। ଦୀର୍ଘ ୧୧ ମାସ ହେଲା ମକଦମା ଚାଲୁଥିବାବେଳେ ପୁଅର ପରିବାରକୁ ସମସ୍ତ ବାସନ୍ଦ କରାଯାଇଥିବାରୁ ଲକ୍ଷ୍ମୀଧରଙ୍କ ପରିବାର ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

## ଅପହଞ୍ଚ ଇଲାକାରେ ପହଞ୍ଚିଲେ ସରପଞ୍ଚ

# ରାସ୍ତା ଘାଟ,ପାଣି ସମସ୍ୟା ପଚାରି ବୁଝିଲେ



**ଫୁଲବାଣୀ,୨୪ା୫ (ସଂଚାର ବ୍ୟୁରୋ):** ଖଜୁରୀପଡ଼ା ବ୍ଲକ ଅନ୍ତର୍ଗତ ଦଳ ପଡା ପଞ୍ଚାୟତର ୧୨ ନଂ ୱାର୍ଡରେ ରହିଛି ମ୍ଲାସୁ ଓ ଲଣ୍ଡୁ ବିଡ଼ା ଗାଁ। ଯେଉଁ ଗାଁରେ ଆଜି ପର୍ଯ୍ୟନ୍ତ ସରକାରୀ ଯୋଜନା ପହଞ୍ଚି ପାରି ନାହିଁ । ବିଜୁଳି ସାତ ସପନ ହୋଇ ରହିଛି । ସ୍ୱାଧୀନତାର ଦୀର୍ଘ ବର୍ଷ ବିତି ଯାଇଥିଲେ ସୁଦ୍ଧା ଶିକ୍ଷା,ସ୍ୱାସ୍ଥ୍ୟ ଏବଂ ଗମନାଗମନ ଏବଂ ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଞ୍ଚିତ ହୋଇ ରହିଛନ୍ତି ଗ୍ରାମବାସୀ । ଗାଁକୁ ଯିବାକୁ ରାସ୍ତା ନାହିଁ। ପାଦ ଚଲା ରାସ୍ତାରେ ଉଠାଣିଆ ପାହାଡିଆ ଅଙ୍କା ବଙ୍କା ଖସଡ଼ା ରାସ୍ତା ଦେଇ ନୀତି ଦିନ ଗ୍ରାମବାସୀ ଯାତାୟାତ କରନ୍ତି। ଗାଁ ଭିତରକୁ ଯିବାକୁ ହେଲେ, ଗୋଟିଏ କି ଦୁଇଟି ନୁହେଁ ବାଟରେ ପଡେ ୩ଟି ଜଙ୍ଗଲ ଏବଂ ନାଳ। ପାହାଡ଼ ଚଢି ଚାଲି ଚାଲି ଯିବାକୁ ହୁଏ । ନାଁ ଅଛି ରାସ୍ତା, ନାଁ ପିଇବା ପାଇଁ ଶୁଦ୍ଧ ପାଣିର ବ୍ୟବସ୍ଥା। ସ୍କୁଲ ଅଙ୍ଗନୱାଡ଼ି ଗାଁରେ ନାହିଁ ।

ବଣ ଜଙ୍ଗଲର ଘାଟି ପାହାଡ ମୁଖ୍ୟ ପ୍ରତିବନ୍ଧକ ସାଜିଛି ଗାଁର ବିକାଶରେ। ଏ ନେଇ ଦୈନିକ ଖବର କାଗଜ "ପ୍ରମେୟ"ରେ ଖବର ପ୍ରକାଶ ପରେ ଗାଁରେ ପହଞ୍ଚିଛନ୍ତି ସରପଞ୍ଚ ପଦ୍ମିନୀ ମଲ୍ଲିକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁପ୍ରଭା ଦାସ, ବି,ଏଫ୍ .ଟି ପ୍ରଭାତ ସେଠୀ,ୱାର୍ଡ ମେମ୍ବର କୁବେର ମଲ୍ଲିକ ଗାଁରେ ପହଞ୍ଚି ସମସ୍ୟା ପଚାରି ବୁଝି ଛନ୍ତି । ଏ ନେଇ ସରପଞ୍ଚ ପଦ୍ମିନୀ ମଲ୍ଲିକ ଙ୍କୁ ପଚାରିବାରୁ ବୁଝିବାରୁ ସେ କହିଛନ୍ତି ଯେ ଗାଁ ର ବିକାଶ ହେବ ,ପ୍ରଥମେ ରାସ୍ତା ନିର୍ମାଣ ହେଲେ ଗାଁ ର ବିକାଶ ହେବ । କିନ୍ତୁ ଗାଁର ବିକାଶରେ ସଂରକ୍ଷଣ ଜଙ୍ଗଲ ବାଧକ ସାଜୁଛି ।ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବିତ ଗଲେ ମଧ ବନ ବିଭାଗ ଅନୁମତି ଆବଶ୍ୟକ ରହୁଛି । ତେଣୁ ବନ ବିଭାଗ ମଧ ରାସ୍ତା ନିର୍ମାଣ ପାଇଁ ସହଯୋଗ କରିବା ଆବଶ୍ୟକ । ଏ ନେଇ ମୁଁ ବିଡ଼ିଓ ଓ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବି ବୋଲି କହିଛନ୍ତି।

# ଭାରତୀୟ ସେନାର ପରାକ୍ରମକୁ ତ୍ରିରଙ୍ଗା ଶୋଭାଯାତ୍ରାରେ ସାଲ୍ୟୁଟ ଜଣାଇଲେ ନୀଳଗିରିବାସୀ




**ନୀଳଗିରି,୨୪ା୫ (ସଂଚାର ବ୍ୟୁରୋ):** ପେହେଲଗାମ ଠାରେ ପାକିସ୍ଥାନ ପ୍ରାୟୋଜିତ ଆତଙ୍କବାଦୀଙ୍କ ବର୍ବରୋଚିତ ନରସଂହାରରକୁ ଭାରତୀୟସେନା "ଅପରେସନ ସିନ୍ଦୁର"ମାଧମରେ ଘରେପଶି ଆତଙ୍କବାଦିଙ୍କ ଆଡ୍ଡାକୁ ବିଧ୍ୱଂସ କରିବା ସହିତ ପାକିସ୍ଥାନସେନାକୁ ମୁହଁତୋଡ ଜବାବ ଦେଇଛନ୍ତି ଭାରତୀୟ ବୀର ଯବାନ।ସେନାର ପରାକ୍ରମକୁ ସମ୍ମାନ ଜଣାଇ ସମଗ୍ର ଦେଶରେ ତ୍ରିରଙ୍ଗା ଶୋଭାଯାତ୍ରା କରାଯାଉଥିବା ବେଳେ ଭାରତୀୟ ଜନତାପାର୍ଟି ନୀଳଗିରି ତରଫରୁ ଏକ ତ୍ରିରଙ୍ଗା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ସୁକ୍ରବାର ଅପରାହ୍ନ ୪ଟା ସମୟରେ ନୀଳଗିରି ଥାନାପଡିଆ ଠାରୁ ବିଜେପିର ବହୁ କର୍ମକର୍ତ୍ତା, ସାଧାରଣନାଗରିକ, ବିଭିନ୍ନ କଲେଜର ଶହଶହ ଛାତ୍ରଛାତ୍ରୀ ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇ ନୀଳଗିରି ଜଗନ୍ନାଥମନ୍ଦିର ପର୍ଯ୍ୟନ୍ତ ଆସିଥିଲେ। ଭାରତ ମାତାକି ଜୟ, ପାକିସ୍ଥାନ ମୁର୍ଦାବାଦ୍ , ଭାରତୀୟ ସେନା ଜିନ୍ଦାବାଦ, ନାରାରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା। ଏହି ଶୋଭାଯାତ୍ରାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବିଧାୟକ ସନ୍ତୋଷ କୁମାର ଖଟୁଆ, ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ପୂର୍ବତନ ନାଏବ ସୁବେଦାର ହରିଶ ଚନ୍ଦ୍ର ବେହେରା, ଜିଲ୍ଲା ବିଜେପି ଉପସଭାପତି କରୁଣାକର ପଣ୍ଡା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ୧୨ନଂ ଜିଲ୍ଲାପରିଷଦ ରଞ୍ଜିତା ସିଂ, ୨ନଂ ଜିଲ୍ଲାପରିଷଦ ଉଷାରାଣୀ ରାଉଳ, ୧ନଂ ଜିଲ୍ଲାପରିଷଦ ମୁନି ସିଂ,ଯୁବନେତା ଚନ୍ଦ୍ରଶେଖର ନନ୍ଦ, ସମରଶଙ୍କର କାନୁନଗୋ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଦେବାଶିଷ ଆଚାର୍ଯ୍ୟ, କୃତିବାସ ବେହେରା ପ୍ରମୁଖ ଉପସ୍ଥିତ ରହି ଭାରତୀୟ ସେନାର ଧୈର୍ଯ୍ୟ, ପରାକ୍ରମର ଅବଧାରଣା ଦେବାସହିତ ମାତୃଭୂମି ପ୍ରତି ଉତ୍ସର୍ଗୀକୃତ ବୀରଯବାନଙ୍କୁ ସ୍ୟାଲୁଟ ଜଣାଇଥିଲେ।

# କଣାସ ଅଞ୍ଚଳରେ ଶହ ଶହ ବିଦେଶୀ ପକ୍ଷୀ ଶିକାର

**ବନ ବିଭାଗ ନିରବ**

**କଣାସ,୨୪ା୫ (ସଂଚାର ବ୍ୟୁରୋ):** ଶୀତ ଋତୁ ଆଗମନରେ ଚିଲିକା ହ୍ରଦକୁ ବିଭିନ୍ନ ଦେଶରୁ ଲକ୍ଷ ଲକ୍ଷ ବିଭିନ୍ନ ଜାତିର ବିଦେଶୀ ପକ୍ଷୀ ଆଜି ପୁନଶ୍ଚ ଗ୍ରୀଷ୍ମ ରୁତିର ଆଗମନ ସମୟରେ ଫେରିଯାଆନ୍ତି ଚଳିତ ବର୍ଷ ହଜାର ହଜାର ବିଦେଶୀ ପକ୍ଷୀ କଣାସ ବ୍ଲକର ଚିଲିକା ଉପକୂଳ ପାଇକମରା, ଗୋପୀନାଥପୁର, କଳାପଦର, ଜାଗୁଳାଇପଦର, ମାଳିଶାହି, କଉଡଖଣି, ସାହସପୁର, ବଡଓରା, ସାନଓରା, ଓଗାଳପୁର ସରସ୍ୱତୀନଗର, ଗଙ୍ଗାଧରପୁର ଦୋଛିଆଁ, ଆଳିପଡ଼ା, ନୂଆଗାଁ, ଯାମଳଗୋଦା ଅଞ୍ଚଳ ଧାନ ଜମିରେ ଖାଦ୍ୟ ଅନ୍ୱେଷଣରେ ଘୁରି ବୁଲୁଛନ୍ତି। ସପ୍ତାହ ତଳେ ବିଭିନ୍ନ ଖବର କାଗଜରେ ବିଦେଶୀ ପକ୍ଷୀ ଶିକାର ଖବର ପ୍ରକାଶ ପାଇବା ପରେ ଟାଙ୍ଗୀ ବନ ବିଭାଗ କର୍ମଚାରୀମାନେ ଦୁଇ ଦିନ ପ୍ରଭାତରୁ ଆସି ଜଗିଥିବାବେଳେ ଶିକାରୀମାନେ ଖବର ସେହିଦିନ ପକ୍ଷୀ ଶୀକର କରିନଥିଲେ। ଏବେ ତିନିଦିନ ହେଲା କୌଣସି ପକ୍ଷୀ ସୁରକ୍ଷାକର୍ମଚାରୀମାନେ ଆସୁନଥିବାରୁ ଶହ ଶହ ପକ୍ଷୀଙ୍କୁ ବିଷ ଦେଇ ଓ ଫାଶୀ ଜାଲ ବସାଇ ପ୍ରଭାତରୁ ଧରି ନେଉଛନ୍ତି। ଏ ସମ୍ପର୍କରେ ଆମ ପ୍ରତିନିଧି ବନବିଭାଗ ଖୋର୍ଦ୍ଧା ରେଞ୍ଜର ଜୟକୃଷ୍ଣ ପଣ୍ଡାଙ୍କୁ ଜଣାଇବାରୁ ସେ କହିଲେବ ଆପଣମାନେ ଯେଉଁ ମାନେ ଧରୁଛନ୍ତି ତାସଙ୍କ ନାମ ଲେଖନ୍ତୁ ଆମକୁ ଜଣାଇଲେ ଜିଲ୍ଲାପାଳଙ୍କୁ ଓ ମନ୍ତ୍ରୀଙ୍କୁ ଜଣାଇଲେ ମଧ କେହି କିଛି କରିପାରିବେ ନାହିଁ।

# ଶ୍ରୀ ଶଙ୍କରଲାଲ ଅଗ୍ରୱାଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର

**ସୁନ୍ଦରଗଡ,୨୪ା୫ (ସଂଚାର ବ୍ୟୁରୋ):** ସୁନ୍ଦରଗଡ ସହରର ବିଶିଷ୍ଟ ବ୍ୟବସାୟୀ ସ୍ୱର୍ଗତ ଶଙ୍କରଲାଲ ଅଗ୍ରୱାଲଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶନିବାର ଶଙ୍କର ମେରେଜ ହଲ ପରିସରରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇ ଯାଇଛି। ଛତିଶଗଡର ରାଜଧାନୀ ରାୟପୁରର କାଶି ସ୍ପାଇନ ହସ୍ପିଟାଲ ର ମେରୁଦଣ୍ଡ ଓ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର ବିମଳ ଅଗ୍ରୱାଲ ଓ ତାଙ୍କର ଟିମ ଅଭିଜ୍ଞ ଡାକ୍ତର ମାନଙ୍କ ଉପସ୍ଥିତିରେ ଏହି ଶିବିରରେ ବିଭିନ୍ନ ଅସ୍ଥି ସମ୍ପର୍କିତ ରୋଗ ଅଣ୍ଟା, ପିଠି, ବେକ, ହାତ, ଗୋଡ ତଥା ବିଭିନ୍ନ ବାତ ରୋଗର ଚିକିତ୍ସା କରିବା ସହିତ ଅତ୍ୟାଧୁନିକ ଅସ୍ଥି ରୋଗ ନିରୂପଣ ଯନ୍ତ୍ର ଦ୍ୱାରା ବିଭିନ୍ନ ପ୍ରକାର ନିଃଶୁଳ୍କ ପରିକ୍ଷା କରିବା ସହିତ ରକ୍ତ ପରୀକ୍ଷା, ଶର୍କରା ସ୍ତର, ରକ୍ତଚାପ ମାପିବା ସହିତ ସମସ୍ତ ରୋଗର ନିଃଶୁଳ୍କ ଔଷଧ ଯୋଗାଇ ଦେଇ ଥିଲେ । ଏହି ଶିବିରକୁ ସୁନ୍ଦରଗଡ ଉପଖଣ୍ଡ ପୋଲିସ ଅଧିକାରୀ ନିର୍ମଳ ମହାପାତ୍ର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବା ସହିତ ଅଗ୍ରୱାଲ ପରିବାର ର ଏହି ମହତ ଉଦ୍ୟମକୁ ପ୍ରଶଂସା କରିଥିଲେ। ଶ୍ମଶାନ ବନ୍ଧୁ ସିଦ୍ଧାନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଅଗ୍ରୱାଲ ପରିବାର ତରଫରୁ ସର୍ବଦା ବିଭିନ୍ନ ପ୍ରକାର ଜନହିତକର କାର୍ଯ୍ଯକ୍ରମରେ ତାଙ୍କର ସହଭାଗିତା ରହି ଆସିଛି। ଏହି ଶିବିରରେ ସହର ତଥା ବିଭିନ୍ନ ଗ୍ରାମାଞ୍ଚଳରୁ ଆସିଥିବା ରୋଗୀ ମାନେ ଉପକୃତ ହୋଇ ଥିବାରୁ ଡାକ୍ତର ବିମଳ ଅଗ୍ରୱାଲ ଓ ତାଙ୍କର ଟିମକୁ ତଥା ଅଗ୍ରୱାଲ ପରିବାରକୁ ଧନ୍ୟବାଦ ଅର୍ପଣ କରିଥିଲେ। ଡାକ୍ତର ବିମଳ ଅଗ୍ରୱାଲ ଯେଉଁ ରୋଗୀ ମାନେ ଏହି ଶିବିରରେ ପଞ୍ଜିକରଣ କରିଛନ୍ତି ଓ ଜଟିଳ ରୋଗୀ ମାନଙ୍କ ଚିକିତ୍ସା କ୍ଷେତ୍ରରେ ସମ୍ପୁର୍ଣ ସହଯୋଗ କରାଯିବ ବୋଲି କହିଥିଲେ। ସ୍ୱର୍ଗତ ଶଙ୍କରଲାଲ ଅଗ୍ରୱାଲଙ୍କ ସହଧର୍ମିଣୀ ଶ୍ରୀମତୀ ସରୋଜଦେବୀ ଅଗ୍ରୱାଲ ଉପସ୍ଥିତ ଥିଲେ।

# ଚର୍ଚ୍ଚାରେ ପୁରୀ, ହେଉନି ପୌର ନିର୍ବାଚନ

**ଭୁବନେଶ୍ୱର,୨୪ା୫:** କିଛି ବର୍ଷ ହେବ ଗଣମାଧ୍ୟମରେ ପ୍ରାୟ ସବୁଦିନ ଶ୍ରୀକ୍ଷେତ୍ର ପୁରୀ ସମ୍ପର୍କରେ ଉଭୟ ସକାରାତ୍ମକ ଓ ନକରାତ୍ମକ ଚର୍ଚ୍ଚା ଚାଲିଛି । ତେବେ ପବିତ୍ର ପୁରୀ ଧାମର ପରିଚ୍ଛନ୍ନତା ସହିତ ବିକାଶର ଦାୟିତ୍ୱ ମୁଣ୍ଡାଇଥିବା ପୁରାତନ ପୁରୀ ପୌରପାଳିକା ଲାଗି ନିର୍ବାଚନ କେବେ ହେବ ସେଥିଘେନି ତିନିବର୍ଷ ହେବ କେହି କିଛି କହିପାରୁ ନାହାନ୍ତି ।

ଏଠାରେ ଉଲ୍ଲେଖନୀୟ ଯେ ଏବେ ସ୍ଥାନ ସଂରକ୍ଷଣ ପ୍ରସଙ୍ଗ ନେଇ ଉଭୟ ସରକାରୀ ଓ ବିରୋଧିଦଳ ରାଜନୈତିକ ଖେଳ ଖେଳିବାରେ ବ୍ୟସ୍ତ ଥିବାବେଳେ ଅନୁରୂପ ପ୍ରସଙ୍ଗକୁ କେନ୍ଦ୍ରକରି ପୁରୀ ପୌରପାଳିକା ନିର୍ବାଚନ ପ୍ରସଙ୍ଗ ଅଦାଲତର କାଠଗଡାକୁ ଯାଇଛି । ଆଇନ୍ ଅଦାଲତରେ ଏହା ବିଚାରାଧୀନ ଥିବା ଦର୍ଶାଇ ଏଠାରେ ନିର୍ବାଚନ ନକରି ଅଫିସରମାନଙ୍କ ମାଧ୍ୟମରେ ପୌରସଂସ୍ଥା କାମ ଚାଲିଛି। ନିର୍ବାଚିତ ଲୋକପ୍ରତିନିଧି ନଥିବାରୁ ଶ୍ରୀକ୍ଷେତ୍ରବାସୀ ସେମାନଙ୍କ ସମସ୍ୟା ସଂକ୍ରାନ୍ତରେ ସହଜରେ ଆପତ୍ତି କରିପାରୁ ନାହାନ୍ତି। ଅଫିସରମାନଙ୍କ ଦୟା ଅନୁଗ୍ରହରେ ସହରର ପରିମଳ ବ୍ୟବସ୍ଥା ଚାଲୁଛି। ପୁରୀ ସହରରେ ପ୍ରବେଶପଥରେ ଏଭଳି ଆବର୍ଜନା ଜମୁଛି ଓ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି ଯେ ନାକରେ ରୁମାଲ ନ ବାନ୍ଧିଲେ ରାସ୍ତାରେ ଯିବା ମୁସ୍କିଲ। ତେବେ ପବିତ୍ର ଶ୍ରୀକ୍ଷେତ୍ରକୁ ଆସୁଥିବା ଭିଭିଆଇପି ଓ ଅନ୍ୟ ବାବୁମାନେ ଶୀତତାପ ନିୟନ୍ତ୍ରିତ ଗାଡି ବ୍ୟବହାର କରୁଥିବାରୁ ସେମାନେ ଏହି ଦୁର୍ଗନ୍ଧ ବାରିପାରୁ ନାହାନ୍ତି ।




୨୦୨୨ରେ ରାଜ୍ୟର ଅନ୍ୟ ସ୍ଥାନଗୁଡିକରେ ନିର୍ବାଚନ ହୋଇଥିବାବଳେ ଆଇନ୍‌ଗତ ବିବାଦ ଯୋଗୁଁ ପୁରୀ ପୌରପାଳିକାରେ ନିର୍ବାଚନ ହୋଇପାରିନଥିଲା। ଏହା ପୂର୍ବରୁ ପାଖାପାଖି ୮ବର୍ଷ ହେବ ସମ୍ବଲପୁର ଓ ରାଉରକେଲା ମହାନଗର ନିଗମ ଗଢାଯାଇଥିଲେ ବି ଜନ୍ମରୁ ଏ ଦୁଇଟି ସଂସ୍ଥା ଏକ ପ୍ରକାର ପକ୍ଷାଘାତଗ୍ରସ୍ତ ହୋଇ ରହିଛନ୍ତି। ସମ୍ବଲପୁର, ରାଉରକେଲା ଓ ପୁରୀ ପାଇଁ ବିଭିନ୍ନ ଦଳର ଟାଣୁଆ ଲୋକପ୍ରତିନିଧିମାନେ ଥିବା ସତ୍ତ୍ୱେ ବି ଏଠାରେ ନିର୍ବାଚନ ହୋଇପାରୁ ନାହିଁ ।

ଏହି ତିନିଟି ପୌରସଂସ୍ଥାରେ ନିର୍ବାଚନ ପାଇଁ ଯେଉଁ ଆଇନ୍‌ଗତ ପ୍ରତିବନ୍ଧକ ରହିଛି ତାହାକୁ ଅପସାରଣ କରିବା ଦିଗରେ ଶାସନକଳ ମଧ୍ୟ ଗୁରୁତ୍ୱ ଦେଉନାହିଁ । ଫଳରେ ଏହି ତିନିଟି ସଂସ୍ଥାର ସେବା କାର୍ଯ୍ୟ ବିନା ଲୋକପ୍ରତିନିଧିରେ ହେଉଛି। ସମ୍ବଲପୁରର ବିଧାୟକ ବିଜେପିର ଟାଣୁଆ ନେତା ଜୟନାରାୟଣ ମିଶ୍ର ଥିବାବେଳେ ଏଠାକାର ସାଂସଦ ଅଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସେହିଭଳି ରାଉରକେଲାର ବିଧାୟକ ପୂର୍ବତନ ନଗର ଉନ୍ନୟନମନ୍ତ୍ରୀ ସାରଦା ପ୍ରସାଦ ନାୟକ ଥିବାବେଳେ ଏଠିକାର ସାଂସଦ ଅଛନ୍ତି ଖୋଦ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ। ସେହିଭଳି ପୁରୀର ବିଧାୟକ ଏବେ ବିଜେଡିର ସୁନୀଲ ମହାନ୍ତି ଥିବାବେଳେ ଏଠାକାର ସାଂସଦ ହେଉଛନ୍ତି ବିଜେପିର ଜାତୀୟ ମୁଖପାତ୍ର ତଥା ହେଭିୱେଟ ନେତା ଡାକ୍ତର ସମ୍ବିତ ପାତ୍ର । ଏହି ନେତାମାନଙ୍କର ଶାସନକଳ ଉପରେ ଭଲ ପ୍ରଭାବ ଅଛି ବୋଲି ଲୋକ ବିଶ୍ୱାସ କରନ୍ତି । ଏମାନଙ୍କ ଦ୍ୱାରା ବି ଅନେକ ଜନ କଲ୍ୟାଣକାରୀ କାର୍ଯ୍ୟକ୍ରମ ହେଉଛି । ତେବେ ଏଭଳି ହେଭିୱେଟ ନେତାମାନଙ୍କ ନିର୍ବାଚନମଣ୍ଡଳୀରେ ଥିବା ମହାନଗର ନିଗମ ଓ ପୌର ନିଗମର କାହିଁକି ଯେ ନିର୍ବାଚନ କରାଯାଇ ପାରୁନାହିଁ ସେ ପ୍ରସଙ୍ଗର କେହି କିଛି କହିବାରୁ ପ୍ରସ୍ତୁତ ନୁହନ୍ତି। ତେବେ ବିବାଦର ଅବସାନ ଘଟିବାପରେ ଠିକଣା ସମୟରେ କର୍ତ୍ତୃପକ୍ଷ ଠିକଣା ନିଷ୍ପତ୍ତି ନେଇ ପୁରୀ ସମେତ ରାଉରକେଲା ଓ ସମ୍ବଲପୁର ପୌରସଂସ୍ଥାର ନିର୍ବାଚନ ସଂକ୍ରାନ୍ତରେ ଘୋଷଣା କରିବେ ବୋଲି କୁହାଯାଉଛି। (ତଥ୍ୟ)